# ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ଜୁନ୍ ୨୦/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Sambalpur, Sunday, June 20/2021 | ★★

୧୭ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






Presenting the all-new Sonet and Seltos. Recrafted with advanced new features and cutting-edge technology, the dynamic duo is all set to enthrall you. So, take your pick and begin your journey to innumerable inspiring experiences.

## Sonet | Wild by Design

A thrilling experience awaits you in the wilder and more aggressive 2021 Kia Sonet.

**Exciting new features**

**Sporty Paddle Shifters**



Experience the thrill of quick gear shift with just the touch of fingers.

**Voice Controlled Smart Sunroof**



Conveniently operate the smart sunroof while driving.

**Rear Door Sunshade Curtain**




Protection from direct sunlight for a soothing journey.

**Sonet class-leading features:** 1.5 *l* CRDi Diesel Engine with 6-speed Advance AT | iMT – New-age Intelligent Manual Transmission | 26.03 cm (10.25") Advanced HD Touchscreen Navigation | Bose Premium 7-speaker Sound System with LED Sound Mood Lights | Ventilated Driver and Passenger Seat | Drive Modes and Traction Control | Six Airbags with ESC, HAC, ESS, ACN & VSM | 10.7 cm (4.2") Advanced Color Instrument Cluster | Smart Pure Air Purifier with Virus and Bacteria Protection | Wireless Smartphone Charger

## Seltos | Badass by Design

Dominate every road with the more badass and bolder 2021 Kia Seltos.

**Exciting new features**

**iMT – New-age Intelligent Manual Transmission**




Ease of driving with clutch-less⁺ manual transmission.

**Sporty Paddle Shifters**



Allow to shift gears quickly for an immersive driving experience.

**Smart Pure Air Purifier with Virus and Bacteria Protection**




Offers protection from dangerous viruses and bacteria inside the car.

**Other new features:** Voice Controlled Smart Sunroof and Driver Window | Quick OTA Map Updates | Advanced UVO Connect with 58 Smart Features

**Seltos class-leading features:** Smartstream 1.4 *l* Turbo GDi Engine with 7DCT & 6MT | Smart 20.32 cm (8.0") Head-up Display | 26.03 cm (10.25") HD Touchscreen Navigation | Bose Premium Sound System with 8 Speakers & LED Sound Mood Lights | UVO Connected Car | 360° Camera with Blind View Monitor

**UVO** The Most Advanced Connected Car Experience | 58 Smart Features for Advanced Connectivity | Advanced AI Voice Commands | Emergency Assistance – Dedicated 24x7 Customer Care Service | Smart Watch Connectivity on Android/ iOS/ Tizen

**Close to you, no matter where you are.**
Our ever growing nationwide network ensures that when you move in a Kia, you have complete peace of mind.

**200** City Coverage | **350** Consumer Touchpoints | **24x7 | 3 Years** Nationwide RSA^

INNOCEAN-102/21

**KIA Service**
Connected • Adaptive • Responsive • Engage

- Nationwide Kia Care network with easy availability of Genuine Spare Parts • 3 Years Warranty for Unlimited Kms & up to 5th Year optional Extended Warranty*
- 3 Years 24x7 Roadside Assistance • Kia Link service support app & IoT based workshops with Live Vehicle Tracking for digital experience
- My Convenience, the most unique customised maintenance program*

**For more information contact: 1800 108 5000 | Visit www.kia.com/in** | Kia India | Look for "Kia India" @

Scan to know more

*T&C Apply. The product shown is for representation purpose only, actual features, colors and specifications as shown may not be part of standard fitment and may vary. Visit your nearest Kia dealership for more details. ⁺Clutch-less means without Clutch pedal. Vehicle operates with sensor based electric-clutch system instead of mechanically wired-clutch system. ^RSA Coverage across India except Andaman & Nicobar Islands and Lakshadweep. UVO functionality is dependent on mobile network strength. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads.

**FOR INFORMATION CONTACT: SAMBALPUR: CONSORTIUM MOTORS PRIVATE LIMITED,** PH: 7440003032 **BHUBANESWAR: CONSORTIUM MOTORS PRIVATE LIMITED,** PH: 7440002919 **ANGUL: CONSORTIUM MOTORS PRIVATE LIMITED,** PH: 7440002965 **ROURKELA : SEETA AUTOCARE LLP.** PH : 7852941115

**ବିମାନ ଦୁର୍ଘଟଣାରେ ୭ ମୃତ**

ରୁଷିଆର ସାଇବେରିଆ ଅନ୍ତର୍ଗତ କେମେରୋଭୋ ଓବ୍ଲାଷ୍ଟଠାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୧୭ ଜଣ ଆହତ ହୋଇଛନ୍ତି। ବିମାନଟି ଦିନର ଚତୁର୍ଥ ଉଡ଼ାଣରେ ବାହାରିଥିଲା। ଏହା ଟାନାଇ ଏୟାରଫିଲ୍ଡରୁ ଉଡ଼ାଣ ଭରିବା ପରେ ଏକ ଜଙ୍ଗଲରେ ଖସିପଡ଼ିଥିଲା। ବିମାନର ଗୋଟିଏ ଇଞ୍ଜିନ୍ କାମ ନ କରିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି।

## ସଂକ୍ଷେପରେ

### ନେପାଳ ବନ୍ୟାରେ ୧୧ ମୃତ, ୨୫ ନିଖୋଜ

**କାଠମାଣ୍ଡୁ, ୧୯।୬:** ନେପାଳରେ ପ୍ରବଳ ବର୍ଷାଜନିତ ବନ୍ୟା ଏବଂ ଭୂସ୍ଖଳନରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ ଜଣ ନିଖୋଜ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଭାରତୀୟ ଓ ୨ ଜଣ ଚାଇନା କର୍ମଚାରୀ ଥିବା ଜଣାପଡ଼ିଛି। ସେମାନେ ଏକ ବିକାଶମୂଳକ ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ। କାଠମାଣ୍ଡୁର ଉତ୍ତରପୂର୍ବରେ ଥିବା ସିନ୍ଧୁପାଲଚୌକ ଜିଲାର ମେଲାମ୍ଚି ସହର ନିକଟରୁ ସେମାନଙ୍କ ମୃତଦେହ ମିଳିଛି। ବନ୍ୟାଯୋଗୁ ତଳିଆ ଅଞ୍ଚଳର ଅନେକ ଲୋକ ଘରଦ୍ୱାର ଛାଡ଼ି ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ନେପାଳ ବନ୍ୟାଜଳ ଛାଡ଼ିଦେବାରୁ ବିହାରର କେତେଜ ଜିଲାରେ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି।

### ଟିଏମ୍‌ସିକୁ ଫେରିଲେ ୩୦୦ ଭାଜପା ସମର୍ଥକ

**ବୀରଭୂମ୍, ୧୯।୬:** ପଶ୍ଚିମବଙ୍ଗ ବୀରଭୂମ୍ ଜିଲାର ୩୦୦ ଭାଜପା ସମର୍ଥକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଫେରିଛନ୍ତି। ଦଳକୁ ଫେରାଇନେବା ଦାବିରେ ସେମାନେ ବୀରଭୂମ୍‌ସ୍ଥିତ ଟିଏମ୍‌ସି କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ଶୁକ୍ରବାର ସେମାନଙ୍କ ଉପରେ ଗଙ୍ଗାଜଳ ଛିଞ୍ଚି ଦୂଷିତ ମନକୁ ପବିତ୍ର କରାଇବା ପରେ ଟିଏମ୍‌ସିରେ ସାମିଲ କରାଯାଇଛି।

### ମୋଦିଙ୍କ ସହଯୋଗୀ ହେଲେ ୟୁପି ଭାଜପା ଉପାଧ୍ୟକ୍ଷ


ଏ.କେ. ଶର୍ମା

**ନୂଆଦିଲ୍ଲୀ, ୧୯।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ପୂର୍ବତନ ପ୍ରଶାସନିକ ଅଧିକାରୀ ଏ.କେ. ଶର୍ମାଙ୍କୁ ଶନିବାର ଭାଜପାର ଉତ୍ତରପ୍ରଦେଶ ରାଜ୍ୟ ଶାଖା ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଆସନ୍ତା ବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ରାଜ୍ୟ ଭାଜପାରେ ମତଭେଦ ଦେଖାଦେଇଥିବା ନେଇ ଚର୍ଚ୍ଚା ହେଉଥିଲା। ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶର୍ମା ନିଜ ପଦରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିଲେ। ସେ ରାଜ୍ୟ ବିଧାନ ପରିଷଦ ନିର୍ବାଚନରେ ପ୍ରାର୍ଥୀ ହୋଇପାରନ୍ତି ବୋଲି ସେତେବେଳେ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ବେଳେ ଶର୍ମା ୨୦୦୧ ଅକ୍ଟୋବରରେ ତାଙ୍କ ସଚିବ ନିଯୁକ୍ତ ହୋଇଥିଲେ। ୨୦୧୪ରୁ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ୬ ବର୍ଷ କାର୍ଯ୍ୟ କରିଥିଲେ। ୨୦୨୦ ଏପ୍ରିଲରେ ସେ ଏମ୍‌ଏସ୍‌ଏମ୍‌ଇ ସଚିବ ନିଯୁକ୍ତ ହୋଇଥିଲେ।

### ପରିବାରର ୪ ଜଣଙ୍କୁ ହତ୍ୟା: ନାବାଳକ ଗିରଫ

**କୋଲକାତା, ୧୯।୬:** ପଶ୍ଚିମବଙ୍ଗର ମାଲଦା ଜିଲାରେ ପରିବାରର ୪ ଜଣଙ୍କୁ ହତ୍ୟା କରିଥିବା ଜଣେ ନାବାଳକଙ୍କୁ ଶନିବାର ପୋଲିସ ଗିରଫ କରିଛି। ଗତ ଫେବୃୟାରୀ ୨୮ରେ ନାବାଳକ ଜଣକ ତାଙ୍କ ମାଆବାପା, ଜେଜେମା' ଏବଂ ସାନ ଭଉଣୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ଅସିଫ୍ ମହମ୍ମଦଙ୍କ ବଡ଼ଭାଇ ଅରିଫ ଶୁକ୍ରବାର ଥାନାରେ ଏତଲା ଦାଏର କରିଥିଲେ। ଅସିଫ୍ ୪ ଜଣଙ୍କୁ ହତ୍ୟା କରିବା ପରେ ଘର ପାଖରେ ଥିବା ଏକ ଗୋଦାମରେ ମୃତଦେହଗୁଡ଼ିକୁ ପୋତିଦେଇଥିଲେ। ବଡ଼ଭାଇ ଅରିଫଙ୍କୁ ହତ୍ୟା ଉଦ୍ୟମ କରି ସେ ବିଫଳ ହୋଇଥିଲେ।

### ୩ ପଞ୍ଜାବୀ ଓଣ୍ଟାରିଓରେ ମନ୍ତ୍ରୀ

**ଟରଣ୍ଟୋ, ୧୯।୬(ଆଇଏଏନ୍‌ଏସ୍):** କାନାଡାର ଓଣ୍ଟାରିଓ ପ୍ରଦେଶରେ ୩ ଜଣ ପଞ୍ଜାବୀ ମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି। ମୋଗାରେ ଜନ୍ମିତ ପରମ ଗିଲ୍ ଶୁକ୍ରବାର ନାଗରିକତ୍ୱ ଓ ବହୁସଂସ୍କୃତିବାଦ ବଭାଗ ମନ୍ତ୍ରୀ ହୋଇଥିବାବେଳେ ପରବମିତ୍ ସାକାରିଆ ଟ୍ରେଜେରି ବୋର୍ଡର ଅଧ୍ୟକ୍ଷ ହୋଇଛନ୍ତି, ଯାହାକି ସମ୍ପୂର୍ଣ୍ଣ କ୍ୟାବିନେଟ ର୍‍ୟାଙ୍କ। ୨୦୧୯ରେ ସାକାରିଆ ଓଣ୍ଟାରିଓର ପ୍ରଥମ ପଗଡ଼ି ପିନ୍ଧା ମନ୍ତ୍ରୀ ହୋଇଥିଲେ। ସେହିପରି ନିନା ତାଙ୍ଗରିଙ୍କୁ କ୍ଷୁଦ୍ର ବ୍ୟବସାୟ ବିଭାଗର ସହଯୋଗୀ ମନ୍ତ୍ରୀ କରାଯାଇଛି। ନିନାଙ୍କ ଘର ଜଳନ୍ଧର ନିକଟ ବିଲ୍‌ଗାରେ। ସେ ପୂର୍ବରୁ ଆର୍ଥିକ ବିକାଶ ମନ୍ତ୍ରୀଙ୍କ ସଂସଦୀୟ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ।

# ୬-୮ ସପ୍ତାହରେ ତୃତୀୟ ଲହର

**ନୂଆଦିଲ୍ଲୀ, ୧୯।୬(ପି.ଟି.)**



- ସତର୍କ କରାଇଲେ ଏମ୍ସ ମୁଖ୍ୟ
- ସାବଧାନତାର ସହ ଅନ୍‌ଲକ କରିବା ଲାଗି ରାଜ୍ୟକୁ କେନ୍ଦ୍ରର ପରାମର୍ଶ

ଦେଶରେ କରୋନା ସଂକ୍ରମଣ କମିଥିବାରୁ ବିଭିନ୍ନ ରାଜ୍ୟ ସରକାର ଲକ୍‌ଡାଉନ କଟକଣା କୋହଳ କରିବା ସହ ଲୋକମାନେ ବେପରୁଆ ମନୋଭାବ ପ୍ରଦର୍ଶନ କଲେଣି। ଅନେକେ ଠିକ୍ ଭାବେ ମାସ୍କ ପିନ୍ଧୁ ନ ଥିବା ଏବଂ ସାମାଜିକ ଦୂରତ୍ୱ ଭୁଲିଯାଇଥିବା ଦେଖିବାକୁ ମିଳିଲାଣି। କିଛିଦିନର ବ୍ୟବଧାନ ପରେ ବଜାର ଖୋଲିଥିବାରୁ ବହୁତ ଗହଳି ଲାଗି ରହୁଛି। ଏଭଳି ଅସାବଧାନତା ଖୁବ୍‌ଶୀଘ୍ର ସଂକ୍ରମଣର ଆଉ ଏକ ଲହରକୁ ଡାକିଆଣିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଲେଣି। କୋଭିଡ୍‌ରୁ ବର୍ତ୍ତିବା ଲାଗି ଉପଯୁକ୍ତ ଆଚରଣ ପାଳନ ନ ହେଲେ ଏବଂ ଗହଳି ରୋକା ନ ଗଲେ, ଆଗାମୀ ୬ରୁ ୮ ସପ୍ତାହ ମଧ୍ୟରେ ତୃତୀୟ ଲହର ଦେଖାଦେବ ବୋଲି ଏମ୍ସ ନିର୍ଦ୍ଦେଶକ ରଣଦୀପ୍ ଗୁଲେରିଆ ଶନିବାର ସତର୍କ କରାଇ ଦେଇଛନ୍ତି। ଜନସଂଖ୍ୟାର ଏକ ବଡ଼ ଭାଗ ଟିକା ନ ନେବା ପର୍ଯ୍ୟନ୍ତ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଭଳି ଆଚରଣ ପାଳନ କରିବାକୁ ହେବ। ଏଥିସହିତ ଲୋକମାନଙ୍କ ଉପରେ କଡ଼ା ନଜର ରଖିବା ଏବଂ ସଂକ୍ରମଣ ବଢୁଥିବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲକ୍‌ଡାଉନ ଜାରି ରଖିବା ପାଇଁ ଗୁଲେରିଆ ପରାମର୍ଶ ଦେଇଛନ୍ତି। ତୃତୀୟ ଲହରରେ ପିଲାମାନେ ଅଧିକ ସଂକ୍ରମିତ ହେବା ନେଇ କୌଣସି ପ୍ରମାଣ ନ ଥିବା ସେ ପୁଣିଥରେ ଦୋହରାଇଛନ୍ତି।

କୋଭିଡ୍-୧୯ର ତୃତୀୟ ଲହର ଅବଶ୍ୟମ୍ଭାବୀ ଏବଂ ଏହା ସେପ୍ଟେମ୍ବର-ଅକ୍ଟୋବରରେ ଆରମ୍ଭ ହୋଇପାରେ ବୋଲି ପୂର୍ବରୁ ମହାମାରୀ ବିଶେଷଜ୍ଞମାନେ ସୂଚନା ଦେଇଥିଲେ। ଦ୍ୱିତୀୟ ଲହରରେ ଭାରତ ଅତ୍ୟଧିକ ପ୍ରଭାବିତ ହୋଇଛି। ଗତ ଏପ୍ରିଲ ଓ ମେ'ରେ କରୋନା ଅନେକ ଜୀବନ ନେଇଛି। ବିଭିନ୍ନ ହସ୍ପିଟାଲରେ ଅକ୍ସିଜେନ ଅଭାବ ସମସ୍ୟାକୁ ଆହୁରି ବଢ଼ାଇ ଦେଇଥିଲା। ଗତ କିଛିଦିନ ହେଲା ସଂକ୍ରମଣ ଯଥେଷ୍ଟ କମିଥିବାବେଳେ ପଜିଟିଭିଟି ହାର ମଧ୍ୟ କମ୍ ରହିଛି। ଦୈନିକ ସଂକ୍ରମଣ ୬୦ ହଜାର ନିକଟତର ହୋଇଛି।

ସଂକ୍ରମଣ ଅତ୍ୟଧିକ ବଢ଼ିବାରୁ ଅନେକ ରାଜ୍ୟ ଲକ୍‌ଡାଉନ ଘୋଷଣା କରିଥିଲେ। ଏବେ ସଂକ୍ରମଣ କମିବା ସହିତ ବିଭିନ୍ନ ରାଜ୍ୟ ଲକ୍‌ଡାଉନ କଟକଣା କୋହଳ କରିଦେଲେଣି। ଫଳରେ ବଜାର ଓ ଅନ୍ୟ ସ୍ଥାନଗୁଡ଼ିକରେ ଗହଳି ଦେଖାଦେଇଛି। ତେଣୁ ଲକ୍‌ଡାଉନ କୋହଳ କଲାବେଳେ ସାବଧାନତା ଅବଲମ୍ବନ କରିବାକୁ କେନ୍ଦ୍ର ସରକାର ଶନିବାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସଂକ୍ରମଣ ରୋକିବା ଲାଗି କୋଭିଡ୍‌ର ଉପଯୁକ୍ତ ଆଚରଣ, ଟେଷ୍ଟିଂ-ଟ୍ରାକିଂ-ଚିକିତ୍ସା ସମେତ ଟିକାକରଣ ବଢ଼ାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ୫ଟି ଷ୍ଟ୍ରାଟେଜିକୁ ନିଶ୍ଚୟ ପାଳନ କରିବା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ପରାମର୍ଶ ଦେଇଛି। ବର୍ତ୍ତମାନ ସ୍ଥିତିରେ ଯେତିକି ଟିକାକରଣ ହୋଇଛି, ତାହା ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବାକୁ ଯଥେଷ୍ଟ ନୁହେଁ ବୋଲି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜଣାଇଛନ୍ତି। ଏଥିପାଇଁ ଟିକାକରଣ ଅଭିଯାନକୁ ବ୍ୟାପକ କରିବା ଓ ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି।

ସକ୍ରିୟ ମାମଲା କମିବା ସହିତ ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ କଟକଣା କୋହଳ କରିବା ଆରମ୍ଭ କରିଛନ୍ତି। ତୃଣମୂଳ ସ୍ତରର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରି ଏଭଳି ନିଷ୍ପତ୍ତି ନେବା ପାଇଁ ଭାଲ୍ଲା ରାଜ୍ୟଗୁଡ଼ିକୁ କହିଛନ୍ତି। ସଂକ୍ରମଣ କମିବା ପରେ ବିଭିନ୍ନ କାର୍ଯ୍ୟକଳାପ ଆରମ୍ଭ କରିବା ଜରୁରୀ। ତେବେ ଏହି ପ୍ରକ୍ରିୟା ସାବଧାନତାର ସହ ହେବା ଆବଶ୍ୟକ ବୋଲି ସ୍ୱରାଷ୍ଟ୍ର ସଚିବ କହିଛନ୍ତି। କୋଭିଡ୍‌ର ଉପଯୁକ୍ତ ଆଚରଣ, ଟେଷ୍ଟିଂ, ଟ୍ରାକିଂ, ଚିକିତ୍ସା ଓ ଟିକାକରଣ ଏହି ୫ ଥାକିଆ କୌଶଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାସ୍କ ପିନ୍ଧିବା, ଉପଯୁକ୍ତ ଭାବେ ହାତ ଧୋଇବା, ସାମାଜିକ ଦୂରତ୍ୱ ଏବଂ ଘରେ ଉପଯୁକ୍ତ ବାୟୁ ଚଳାଚଳ ବ୍ୟବସ୍ଥା ଉପରେ ଭାଲ୍ଲା ଗୁରୁତ୍ୱାରୋପ କରିଛନ୍ତି।

## ଦିନକରେ ୬୦,୭୫୩ ସଂକ୍ରମିତ

**ନୂଆଦିଲ୍ଲୀ, ୧୯।୬(ପି.ଟି.)**



ଭାରତରେ ଗୋଟିଏ ଦିନରେ ୬୦,୭୫୩ ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ୧,୬୪୭ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୮,୨୩,୫୪୬ରେ ପହଞ୍ଚିଥିବା ବେଳେ ୩,୮୫,୧୩୭ ଜଣଙ୍କ ମୃତ୍ୟୁ ଘଟିଲାଣି। ଆରୋଗ୍ୟ ହାର ବଢ଼ିଥିବାରୁ ସକ୍ରିୟ ମାମଲା ସଂଖ୍ୟା ୭,୬୦,୦୧୯କୁ ଖସିଆସିଛି, ଯାହା କି ଗତ ୭୪ ଦିନ ମଧ୍ୟରେ ସର୍ବନିମ୍ନ। ସକ୍ରିୟ ମାମଲା ମୋଟ ସଂକ୍ରମଣର ୨.୫୫ ପ୍ରତିଶତ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଆରୋଗ୍ୟ ହାର ୯୬.୧୬ ପ୍ରତିଶତକୁ ବୃଦ୍ଧି ପାଇଛି।

ଶୁକ୍ରବାର ଦେଶରେ ମୋଟ ୧୯,୦୨,୦୦୯ ଜଣ କୋଭିଡ୍ ପରୀକ୍ଷା କରାଇଥିଲେ। ଦୈନିକ ପଜିଟିଭିଟି ହାର ୨.୯୮ ପ୍ରତିଶତକୁ ଖସିଆସିଛି। କ୍ରମାଗତ ୧୨ ଦିନ ହେଲା ଏହି ହାର ୫ ପ୍ରତିଶତ ତଳେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶବ୍ୟାପୀ ଟିକାକରଣ ଅଭିଯାନରେ ବର୍ତ୍ତମାନ ସୁଦ୍ଧା ୨୭,୨୩,୮୮,୭୮୩ ଡୋଜ୍ ଟିକା ଦିଆଗଲାଣି।

## ତେଲଙ୍ଗାନାରୁ ହଟିଲା ଲକ୍‌ଡାଉନ

**ହାଇଦ୍ରାବାଦ, ୧୯।୬**

### ଜୁଲାଇରୁ ସ୍କୁଲ, କଲେଜ ଖୋଲିବ

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଇଥିବାରୁ ତେଲଙ୍ଗାନା ସରକାର ଲକ୍‌ଡାଉନ ସମ୍ପୂର୍ଣ୍ଣ ଉଠାଇଦେବାକୁ ଶନିବାର ନିଷ୍ପତ୍ତି ନେଇଛନ୍ତି। ଜୁଲାଇ ୧ରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବ ବୋଲି କେ. ଚନ୍ଦ୍ରଶେଖର ରାଓ ସରକାର ଘୋଷଣା କରିଛନ୍ତି। ପୂର୍ଣ୍ଣ ପ୍ରସ୍ତୁତିର ସହିତ ସମସ୍ତ ସ୍କୁଲ୍ କଲେଜ ଖୋଲିବା ପାଇଁ ରାଜ୍ୟ କ୍ୟାବିନେଟ ଶିକ୍ଷା ବିଭାଗକୁ ପରାମର୍ଶ ଦେଇଛି। ପିଲାମାନେ ଶିକ୍ଷାନୁଷ୍ଠାନକୁ ଯାଇ ପାଠ ପଢ଼ିବାକୁ ଅନୁମତି ଦିଆଯାଇଛି।

ମହାମାରୀ ଯୋଗୁ ଦେଶରେ ସ୍କୁଲ୍ କଲେଜ ଗତବର୍ଷ ମାର୍ଚ୍ଚରୁ ବନ୍ଦ ରହିଛି। ଯେଉଁମାନଙ୍କର ଇଣ୍ଟରନେଟ ସଂଯୋଗ ଏବଂ କମ୍ପ୍ୟୁଟର, ଲାପ୍‌ଟପ୍, ସ୍ମାର୍ଟଫୋନ ରହିଛି, ସେମାନେ ଅନ୍‌ଲାଇନ ପାଠ ପଢ଼ିବାର ସୁଯୋଗ ପାଉଛନ୍ତି। ତେବେ ଦେଶରେ ପ୍ରଥମ ଥର ପାଇଁ ତେଲଙ୍ଗାନା ସରକାର ସମସ୍ତ ଶିକ୍ଷାନୁଷ୍ଠାନ ଖୋଲିବାକୁ ଯାଉଛନ୍ତି। ଏଥିସହିତ ଲକ୍‌ଡାଉନ ସମୟର ସମସ୍ତ କଟକଣା ହଟାଇଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସଂକ୍ରମଣ ଏବଂ ପଜିଟିଭିଟି ହାର ଯଥେଷ୍ଟ ହ୍ରାସ ପାଇବା ପରେ ରାଜ୍ୟ କ୍ୟାବିନେଟ ଏଭଳି ନିଷ୍ପତ୍ତି ନେଇଛି। ଶୁକ୍ରବାର ସେଠାରେ ପଜିଟିଭିଟି ହାର ମାତ୍ର ୧.୧୪ ରହିଥିବାବେଳେ ଗତ ୨୪ ଘଣ୍ଟାରେ ୧,୪୦୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୯ ତାରିଖରେ କେସିଆର୍ ସରକାର ଲକ୍‌ଡାଉନ୍‌କୁ ୧୦ ଦିନ ପାଇଁ ବଢ଼ାଇଥିଲେ ମଧ୍ୟ ଅନେକ କଟକଣାକୁ କୋହଳ କରିଦେଇଥିଲେ।

## କୋଭିଡ୍‌ରେ ବିପର୍ଯ୍ୟସ୍ତ ଭାରତକୁ କ୍ଷତିପୂରଣ ଦେଉ ଚାଇନା: ଟ୍ରମ୍ପ୍

**ୱାଶିଂଟନ, ୧୯।୬**



କରୋନା ମହାମାରୀ ଯୋଗୁ ଭାରତ ବିପର୍ଯ୍ୟସ୍ତ ହୋଇଛି। ସେଥିପାଇଁ ଚାଇନା ଭାରତକୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ବିଶ୍ୱରେ କୋଭିଡ୍ ସଂକ୍ରମଣ ପାଇଁ ଚାଇନା ଦାୟୀ। ସେଥିପାଇଁ କ୍ଷତିପୂରଣ ବାବଦରେ ବେଜିଂ ୧୦ ଟ୍ରିଲିୟନ ଡଲାର ପୈଠ କରିବାକୁ ଟ୍ରମ୍ପ୍ ଏକ ସାକ୍ଷାତ୍କାରରେ କହିଛନ୍ତି। ବିଶ୍ୱକୁ ଚାଇନା ଏହାଠାରୁ ଅଧିକ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି ଫକ୍ସ ନ୍ୟୁଜ୍‌କୁ ଟ୍ରମ୍ପ୍ କହିଛନ୍ତି।

## ଶୈଳଜାଙ୍କୁ ସିଇୟୁ ଓପନ ସୋସାଇଟି ପୁରସ୍କାର

**ଥିରୁଭାନନ୍ଥପୁରମ୍, ୧୯।୬**



କେରଳର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜାଙ୍କୁ ମର୍ଯ୍ୟାଦାଜନକ ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି (ସିଇୟୁ) ଓପନ ସୋସିଇଟି ପ୍ରାଇଜ୍ ପାଇଁ ମନୋନୀତ କରାଯାଇଛି। ସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ତାଙ୍କ ଅଙ୍ଗୀକାରବଦ୍ଧତାର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ଦିଆଯିବ। ମୁକ୍ତ ସମାଜ ଚିନ୍ତାଧାରାକୁ ନେଇ କାର୍ଯ୍ୟ କରୁଥିବା ଅସାଧାରଣ ବ୍ୟକ୍ତିତ୍ୱଙ୍କୁ ପ୍ରତିବର୍ଷ ଏହି ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରାଯାଇଥାଏ। ପୂର୍ବରୁ ବିଜ୍ଞାନ ଦାର୍ଶନିକ କାର୍ଲ ପୋପର, ଜାତିସଂଘର ପୂର୍ବତନ ମହାସଚିବ କୋଫି ଆନ୍ନାନ, ଚେକ୍ ରାଷ୍ଟ୍ରପତି ଭାକ୍ଲାଭ ହୋଭ୍ଲୋଲ, ଅର୍ଥନୀତିଜ୍ଞ ଜୋସେଫ୍ ଷ୍ଟିଗ୍‌ଲିଜ୍ ଏବଂ ନୋବେଲ ବିଜେତା ସ୍ୱେତ୍‌ଲାନା ଆଲେକ୍ସେଭିଚ୍ ଓପନ ସୋସାଇଟି ପୁରସ୍କାର ଗ୍ରହଣ କରିଥିଲେ।

## ମୋଦିଙ୍କ ସହ କଶ୍ମୀର ନେତାଙ୍କ ବୈଠକ ୨୪ରେ

**ଶ୍ରୀନଗର, ୧୯।୬(ପି.ଟି.)**

ଆସନ୍ତା ୨୪ ତାରିଖରେ ଜମ୍ମୁ-କଶ୍ମୀରର ସମସ୍ତ ରାଜନୈତିକ ଦଳର ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ବୈଠକ କରିବେ। ଏଥିପାଇଁ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ୪ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୪ ଜଣ ନେତାଙ୍କୁ ନିମନ୍ତ୍ରଣ କରିଛନ୍ତି। ପିଡିପି ନେତ୍ରୀ ମେହବୁବା ମୁଫ୍ତି ନିମନ୍ତ୍ରଣ ପାଇଥିବା ସୂଚନା ଦେଇଥିବାବେଳେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଏପର୍ଯ୍ୟନ୍ତ ନିମନ୍ତ୍ରଣ ପାଇ ନ ଥିବା ଜଣାପଡ଼ିଛି। ତେବେ ମେହବୁବା ବୈଠକରେ ଯୋଗଦେବେ କି ନାହିଁ, ଏ ସମ୍ପର୍କରେ ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି। ନିମନ୍ତ୍ରିତ ହୋଇଥିବା ସମସ୍ତ ନେତା ପ୍ରଧାନମନ୍ତ୍ରୀଙ୍କ ସହ ନିଶ୍ଚୟ ବୈଠକରେ ଯୋଗଦେଇ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ବିକାଶ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିବେ ବୋଲି ଭାଜପା କହିଛି। ଏଭଳି ଏକ ବୈଠକ ପାଇଁ ବିଭିନ୍ନ ଦଳ ପକ୍ଷରୁ ଦୀର୍ଘଦିନ ହେଲା ଦାବି ହେଉଥିଲା ବୋଲି ଭାଜପା ଜମ୍ମୁ-କଶ୍ମୀର ସଭାପତି ରବିନ୍ଦର ରାଇନା କହିଛନ୍ତି।


ଶନିବାର ନଭି ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ସିଓନ-ପାନ୍‌ଭେଲ ରାଜପଥରେ ଟ୍ରାଫିକ୍ ଜାମ।

## ଡାକ୍ତରଙ୍କୁ ଆକ୍ରମଣ ହେଲେ ମାମଲା କର

**ନୂଆଦିଲ୍ଲୀ, ୧୯।୬(ପି.ଟି.)**

### ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ

ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ପେସାଦାରଙ୍କୁ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ମହାମାରୀ ରୋଗ (ସଂଶୋଧନ) ଆଇନ, ୨୦୨୦ ବଳରେ ମାମଲା ରୁଜୁ କରିବାକୁ କେନ୍ଦ୍ର ସରକାର ଶନିବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମହାମାରୀ ବେଳେ ଦେଶର ବିଭିନ୍ନ ଭାଗରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ଆକ୍ରମଣ ହେଉଥିବା ଖବର ପ୍ରକାଶ ପାଇବା ପରେ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପତ୍ର ଲେଖି ଏ ସମ୍ପର୍କରେ ଜଣାଇଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟସେବା ପେସାଦାରଙ୍କୁ ଧମକ କିମ୍ବା ଆକ୍ରମଣ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିପାରେ ବୋଲି ଭାଲ୍ଲା କହିଛନ୍ତି। ସେଥିପାଇଁ ଡାକ୍ତରଙ୍କ ଉପରେ ଆକ୍ରମଣ କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦେଇଛନ୍ତି। ମହାମାରୀ ରୋଗ (ସଂଶୋଧନ) ଆଇନ ଅନୁଯାୟୀ ଡାକ୍ତରଙ୍କୁ ଆକ୍ରମଣରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଏହି ହିଂସାକାଣ୍ଡରେ ଯଦି ଡାକ୍ତର ଗୁରୁତର କ୍ଷତିଗ୍ରସ୍ତ ହୋଇଥାନ୍ତି ତେବେ ୭ ବର୍ଷ ଜେଲ୍ ଏବଂ ୫ ଲକ୍ଷ ପର୍ଯ୍ୟନ୍ତ ଜରିମାନା ହୋଇପାରେ।

# କଫି ୭ ହଜାର, କଦଳୀ ୩ ହଜାର

**ଉତ୍ତର କୋରିଆରେ ଦେଖାଦେଇଛି ଉତ୍କଟ ଖାଦ୍ୟ ସଙ୍କଟ। କରୋନାଜନିତ କଟକଣା ଯୋଗୁ ସୀମା ବନ୍ଦ କରିଥିବା ଏହି ଦେଶରେ ବାହାରୁ ଖାଦ୍ୟ ଆମଦାନୀ ହୋଇପାରୁନାହିଁ। ସେପଟେ ଏକଚ୍ଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍-ଉନ୍‌ଙ୍କ ପରମାଣୁ ଅସ୍ତ୍ର ପ୍ରସ୍ତୁତି ନୀତି ଯୋଗୁ ଦେଶ ଉପରେ ଅନ୍ତର୍ଜାତୀୟସ୍ତରରେ ପ୍ରତିବନ୍ଧକ ସମସ୍ୟାକୁ ଆହୁରି ବଢ଼ାଇଦେଇଛି। ପୂର୍ବରୁ ଉତ୍ତର କୋରିଆରେ ଯଥେଷ୍ଟ ଖାଦ୍ୟ ଉତ୍ପାଦନ ହୋଇପାରୁ ନ ଥିବାବେଳେ ଏବେ ଫସଲ ଅମଳ ନ ହେବାପାଇଁ ବାତ୍ୟା, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସେଠାକାର ସରକାର ଦାୟୀ କରିଛନ୍ତି। ତୁରନ୍ତ ଏହି ଦେଶକୁ ପର୍ଯ୍ୟାପ୍ତ ଖାଦ୍ୟ ଯୋଗାଣ ନ ହେଲେ ଲକ୍ଷ ଲକ୍ଷ ଲୋକ ଭୋକରେ ମରିଯିବା ଆଶଙ୍କା ସୃଷ୍ଟି ହୋଇଛି।**

**ପୋଙ୍ଗ୍‌ୟାଙ୍ଗ୍, ୧୯।୬**

### ଉତ୍ତର କୋରିଆରେ ଉତ୍କଟ ଖାଦ୍ୟ ସଙ୍କଟ


କିମ୍ ଜୋଙ୍ଗ୍-ଉନ୍

### ଭୋକରେ ଲକ୍ଷାଧିକଙ୍କ ମୃତ୍ୟୁ ଆଶଙ୍କା

ଖାଦ୍ୟାଭାବ ସମସ୍ୟାରେ ଯୁଝି ହେଉଛନ୍ତି ଉତ୍ତର କୋରିଆ ବାସିନ୍ଦା। ଦେଶର ସର୍ବୋଚ୍ଚ ନେତା କିମ୍ ଜୋଙ୍ଗ୍-ଉନ୍ ଏହି ସୂଚନା ଦେଇ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି କହିବା ସହ ଏଥିପାଇଁ ବାତ୍ୟା ଓ ବନ୍ୟାକୁ ଦାୟୀ କରିଛନ୍ତି। ଶାସକ ୱାର୍କର୍ସ ପାର୍ଟିର କେନ୍ଦ୍ରୀୟ କମିଟି ବୈଠକରେ ଯୋଗଦେଇ କିମ୍ ଏହି ବିଷୟ ଉଠାଇ ଦଳୀୟ ନେତୃବୃନ୍ଦଙ୍କୁ ତୁରନ୍ତ ଖାଦ୍ୟ ସଙ୍କଟ ଦୂର କରିବା ଦିଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଦାମ୍ ଆକାଶ ଛୁଆଁ ହୋଇଛି। ଗୋଟିଏ କେଜି କଦଳୀ ୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥିବାବେଳେ ଏକ ପ୍ୟାକେଟ କଫିର ଦାମ୍ ୭,୩୦୦ ଟଙ୍କା ଉପରେ ବିକ୍ରି ହେଉଛି। ଏଥିଯୋଗୁ ନିମ୍ନ ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକେ ଖାଇବାକୁ ପାଉ ନ ଥିବା ଭଳି ଖବରକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ଉତ୍ତର କୋରିଆର ଜନସଂଖ୍ୟା ପାଖାପାଖି ୩ କୋଟି। ଏକ ରିପୋର୍ଟ ଅନୁସାରେ ଏହି ଦେଶରେ ପ୍ରତିବର୍ଷ ପ୍ରାୟ ୫.୫ ମିଲିୟନ ଟନ୍ ଖାଦ୍ୟଶସ୍ୟ ଆବଶ୍ୟକ ଥିବାବେଳେ ଗତ କିଛି ବର୍ଷ ହେଲା ଶସ୍ୟ ଉତ୍ପାଦନ ହ୍ରାସ ପାଇଛି। ୨୦୨୦ରେ ଦେଶରେ ୨୦ ପ୍ରତିଶତ କମ୍ ଫସଲ ଉତ୍ପାଦନ ହୋଇଥିବାରୁ ୨୦୨୧ରେ ଖାଦ୍ୟ ସଙ୍କଟ ଘନେଇପାରେ ବୋଲି ଆଶଙ୍କା କରାଯାଇଥିଲା। ୧୯୯୦ ଦଶକରେ ଉତ୍ତର କୋରିଆରେ ସମାନ ସମସ୍ୟା ଉପୁଜିଥିଲା। ଏକ ଆକଳନ ଅନୁସାରେ ଭୋକରେ ସେତେବେଳେ ପ୍ରାୟ ୩୦ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା। ପରିସ୍ଥିତିରେ ସୁଧାର ନ ଆସିଲେ ଖାଦ୍ୟ ଅଭାବରୁ ଦେଶର ପ୍ରାୟ ୨୦ ପ୍ରତିଶତ ଲୋକ ମୃତ୍ୟୁମୁଖରେ ପଡ଼ିପାରନ୍ତି ବୋଲି ଆଶଙ୍କା ଉପୁଜିଛି।

ଚଳିତ ବର୍ଷ କରୋନା ଯୋଗୁ ଉତ୍ତର କୋରିଆ ଏହାର ସୀମା ବନ୍ଦ କରିଥିବାରୁ ବାହାର ଦେଶରୁ ପ୍ରାୟ ସମସ୍ତ ଆମଦାନୀ ବନ୍ଦ ରହିଛି। ଏହି ଦେଶ ଖାଦ୍ୟ ସାମଗ୍ରୀ ପାଇଁ ବିଶେଷ କରି ଚାଇନା ଉପରେ ନିର୍ଭର କରିଥାଏ। ଚାଇନିଜ୍ କଷ୍ଟମ୍ ଡାଟା ଅନୁସାରେ ଏହି ଆମଦାନୀ ୨.୫ ବିଲିୟନ ଡଲାରରୁ ଏବେ ୫ ଶହ ମିଲିୟନ ଡଲାରକୁ ହ୍ରାସ ପାଇଛି। ସେହିପରି ପରମାଣୁ ଅସ୍ତ୍ର ନିର୍ମାଣକୁ ବିରୋଧ କରି ଅନ୍ତର୍ଜାତୀୟ ସମୁଦାୟ ଏହି ଦେଶ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ବନ୍ୟା ଯୋଗୁ ମଧ୍ୟ ଦେଶରେ ଚାଷ ଓ ଫସଲ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଚାଷୀଙ୍କ ଉପରେ ସରକାର ଚାପ ପକାଉଥିଲେ ହେଁ ସାର ଅଭାବ ଆଉ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ସାର ପ୍ରସ୍ତୁତ ପାଇଁ ସେଠାକାର ଚାଷୀ ଦିନକୁ ୨ ଲିଟର ମୂତ୍ର ଦାନ କରିବାକୁ ସରକାରୀ ନିର୍ଦ୍ଦେଶନାମା ରହିଛି।

ଧରିତ୍ରୀ
DHARITRI
ରବିବାର, ଜୁନ୍ ୨୦/୨୦୨୧ | Sunday, June 20/2021 | ପୃଷ୍ଠା-୧



## ରୋଡ୍ରିଗ୍ରେଜଙ୍କ ଗୋଲରେ ଆର୍ଜେଣ୍ଟିନା ବିଜୟୀ

ମିଡ୍‌ଫିଲ୍ଡର ଗୁଇଡୋ ରୋଡ୍ରିଗ୍ରେଜଙ୍କ ଗୋଲ ବଳରେ ଆର୍ଜେଣ୍ଟିନା କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଉରୁଗୁଏକୁ ପରାସ୍ତ କରିଛି।

୧୦ | ୦୮

## ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଥିଲେ କାଜଲ

ସଫଳ ଅଭିନେତ୍ରୀ ହେବା ପୂର୍ବରୁ ଫିଲ୍ମରେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଥିଲେ କାଜଲ ଅଗ୍ରୱାଲ।



# ଭୁବନେଶ୍ୱର ଦେଶର ଚତୁର୍ଥ ବାସୋପଯୋଗୀ ରାଜଧାନୀ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ସ୍ମାର୍ଟ ସିଟି ଭୁବନେଶ୍ୱର ଉତ୍ତମ ବାସୋପଯୋଗୀ ସହର ତାଲିକାରେ ସ୍ଥାନ ପାଇଛି । ଦେଶର ପ୍ରମୁଖ ୧୦ଟି ସହର ମଧ୍ୟରୁ ଏହା ୪ର୍ଥ ସ୍ଥାନ ହାସଲ କରିଛି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ(ସିଏସ୍‌ଇ) ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସ ରିପୋର୍ଟ ଅନୁଯାୟୀ ଦେଶରେ ବେଙ୍ଗାଲୁରୁ ସର୍ବୋତ୍ତମ ରହଣି ରାଜଧାନୀର ମାନ୍ୟତା ହାସଲ କରି ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟରେ ଚେନ୍ନାଇ, ତୃତୀୟରେ ଶିମ୍‌ଲା ଏବଂ ଚତୁର୍ଥରେ ଭୁବନେଶ୍ୱର ରହିଛି।

ଏହି ମାନ୍ୟତା ହାସଲ ପାଇଁ ୪ ପ୍ରକାର ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲା। ଗୁଣବତ୍ତାସମ୍ପନ୍ନ ଜୀବନଧାରଣ, ଅର୍ଥନୈତିକ ସାମର୍ଥ୍ୟ, ସହନଶୀଳତା ଓ ନାଗରିକଙ୍କୁ ମିଳୁଥିବା ସୁବିଧା ।

ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସରେ ବେଙ୍ଗାଲୁରୁ ୬୬.୭ ସ୍କୋର କରିଥିବା ବେଳେ ଚେନ୍ନାଇ ୬୨.୬୧, ଶିମ୍‌ଲା ୬୦.୯ ଏବଂ ଭୁବନେଶ୍ୱର ୫୯.୮୫ ସ୍କୋର କରିଛି। ଆର୍ଥିକ ଦକ୍ଷତା ସର୍ଭେରେ ଭୁବନେଶ୍ୱର ୧୦୦ରୁ ୧୧.୫୭ ସ୍କୋର କରିଛି। ସିଏସ୍‌ଇ ପକ୍ଷରୁ କରାଯାଇଥିବା ସର୍ଭେରେ ମୁମ୍ବାଇ ୫ମ, ଦିଲ୍ଲୀ ୬ଷ୍ଠ, ଭୋପାଳ ୭ମ, ରାୟପୁର ୮ମ, ଗାନ୍ଧୀନଗର ୯ମ ଓ ଜୟପୁର ୧୦ମରେ ରହିଛି ।

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ରାଜଧାନୀ ଭୁବନେଶ୍ୱର ସିଏସ୍‌ଇ ସର୍ଭେର ଚତୁର୍ଥ ସ୍ଥାନରେ ରହିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ପ୍ରକଟ କରିଛନ୍ତି । ସମଗ୍ର ଦେଶରେ ଭୁବନେଶ୍ୱର ଅନୁକୂଳ ପରିବେଶ ଭାବରେ ଚତୁର୍ଥ ସ୍ଥାନରେ ରହିଛି । ଭୁବନେଶ୍ୱର ପଛରେ ଦିଲ୍ଲୀ। ଇଜ୍ ଅଫ୍ ଲିଭିଂ ଇଣ୍ଡେକ୍ସରେ ଭୁବନେଶ୍ୱର ସ୍ଥାନ ପାଇବା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଛି । ନାଗରିକ ମତାମତ ସର୍ଭେ ଆଧାରରେ ଭୁବନେଶ୍ୱରକୁ ୧୦୦ରୁ ୯୪.୮ ପ୍ରତିଶତ ମାର୍କ ମିଳିଥିବାବେଳେ ବେଙ୍ଗାଲୁରୁକୁ ୭୮ ପ୍ରତିଶତ, ଚେନ୍ନାଇକୁ ୮୨.୬ ପ୍ରତିଶତ, ଶିମ୍‌ଲାକୁ ୮୩.୩୯ ପ୍ରତିଶତ ମାର୍କ ମିଳିଛି । ସେହିଭଳି ଦେଶର ରାଜଧାନୀ ଦିଲ୍ଲୀକୁ ୬୯. ୪ ପ୍ରତିଶତ ମାର୍କ ମିଳିଛି ।

ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ☞ପୃଷ୍ଠା-୨

# ଆଇଟି ନିୟମ ପ୍ରତ୍ୟାହାର କର

## ଭାରତକୁ ଜାତିସଂଘର ପରାମର୍ଶ

**ନୂଆଦିଲ୍ଲୀ,୧୯।୬**

ନୂଆ ଆଇଟି ନିୟମ ଆଣି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ନାଲିଆଖି ଦେଖାଉଥିବା କେନ୍ଦ୍ର ସରକାରଙ୍କୁ ଶନିବାର ଜାତିସଂଘରୁ ଶକ୍ତ ଝଟ୍‌କା ଲାଗିଛି। ଭାରତର ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ, ୨୦୨୧ ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ ଅନ୍ତର୍ଜାତୀୟ ନିୟମର ଅନୁକୂଳ ନୁହେଁ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ଓଭର ଦି ଟପ୍ (ଓଟିଟି) ପ୍ଲାଟଫର୍ମ ଏବଂ ଡିଜିଟାଲ ମିଡିଆ ୱେବ୍‌ସାଇଟ୍‌ଗୁଡ଼ିକ ପାଇଁ ଜାରି କରାଯାଇଥିବା ନୂଆ ଗାଇଡ୍‌ଲାଇନ୍‌କୁ ପ୍ରତ୍ୟାହାର କରି ମାନବାଧିକାର ଉପରେ ହସ୍ତକ୍ଷେପ ନ କରିବାକୁ କେନ୍ଦ୍ର ସରକାରଙ୍କୁ ଜାତିସଂଘ ମାନବାଧିକାର କମିଶନ୍‌ର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ମତ ବ୍ୟକ୍ତ କରିବା ଓ ଅଭିବ୍ୟକ୍ତି ସ୍ୱାଧୀନତାର ପ୍ରୋତ୍ସାହନ ଏବଂ ସୁରକ୍ଷା ସମ୍ପର୍କିତ ଜାତିସଂଘ ସ୍ପେଶାଲ ରାପୋଟିୟରରେ ଭାରତର ନୂଆ ଆଇଟି ନିୟମକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏହାକୁ ସ୍ପେଶିଆଲ ରିପୋଟିୟର୍ ଆଇରେନେ ଖାନ୍, ନ୍ୟାଲେସୋସି ଭୋଲ୍ଯୁ ଏବଂ ଜୋସେଫ କନ୍ନାଟାସି ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ବର୍ତ୍ତମାନ ମହାମାରୀରେ ହଜାର ହଜାର ଲୋକ ମରୁଛନ୍ତି। ଭାରତରେ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦୀର୍ଘଦିନ ଧରି କୃଷକମାନେ ଆନ୍ଦୋଳନ କରୁଛନ୍ତି। ଏଭଳି ସମୟରେ ମତାମତ ଦେବା ଓ ଅଭିବ୍ୟକ୍ତି ସ୍ୱାଧୀନତା, ସୂଚନା ଅଧିକାର, ପ୍ରିଭେସି ଅଧିକ ଗୁରୁତ୍ୱପୂର୍ଣ୍ଣ। ଅନେକ ନାଗରିକ, ସାଂସ୍କୃତିକ, ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ଅଧିକାର କ୍ଷୁଣ୍ଣ ହେବାରେ ଲାଗିଛି। ଭାରତ ସରକାର ସେସବୁ ଉପରେ ଦୃଷ୍ଟି ନ ଦେଇ ନୂଆ ଆଇଟି ନିୟମ ଗଢ଼ିଛନ୍ତି, ଯାହାକି ଉପରୋକ୍ତ ସମସ୍ତ ପ୍ରକାର ଅଧିକାରକୁ ଉଲ୍ଲଂଘନ କରୁଛି। ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଜାତିସଂଘ ପକ୍ଷରୁ ଭାରତ ସରକାରଙ୍କୁ ପରାମର୍ଶ ଦିଆଯାଇଛି।



**▪ ଭାରତର ନୂଆ ଆଇଟି ନିୟମ ଅନ୍ତର୍ଜାତୀୟ ଆଇନକୁ ଉଲ୍ଲଂଘନ କରୁଛି: ଜାତିସଂଘ ବିଶେଷଜ୍ଞ**

ଟେକ୍ନୋଲୋଜି ଇନୋଭେଶନରେ ବିଶ୍ୱ ନେତା ରୂପେ ଭାରତ ଡିଜିଟାଲ ଅଧିକାରଗୁଡ଼ିକର ସୁରକ୍ଷା ପାଇଁ ଆଇନ ଆଣିବାରେ ସକ୍ଷମ। ତେବେ ସରକାର ଆଣିଥିବା ବର୍ତ୍ତମାନର ନିୟମ ଏହାର ବିପରୀତ। ସରକାର ନାଗରିକ ସମାଜ ସମେତ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରି ଏହି ନିୟମର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରନ୍ତୁ। ନୂଆ ନିୟମ ଆଇଟି ଆଇନ, ୨୦୦୦ ଅଧୀନରେ ଅଣାଯାଇଛି। ତେଣୁ ଏହାକୁ ପାର୍ଲାମେଣ୍ଟକୁ ସମୀକ୍ଷା ପାଇଁ ପଠାଯାଇ ନାହିଁ କି କୌଣସି ପକ୍ଷଙ୍କ ସହ ଏନେଇ ଆଲୋଚନା କରାଯାଇନାହିଁ ବୋଲି ଆମେ ବୁଝିପାରୁଛୁ। କିନ୍ତୁ ଆଇସିସିପିଆର୍ ଅନୁଚ୍ଛେଦ ୧୭ ଓ ୧୯ ଅନୁସାରେ ଭାରତର ଅନ୍ତର୍ଜାତୀୟ ଆଇନଗତ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ଏଭଳି ପ୍ରସଙ୍ଗରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଜରୁରୀ। ଏସଂକ୍ରାନ୍ତରେ ଜାତିସଂଘ ପକ୍ଷରୁ ଦିଆଯାଇଥିବା ଟିପ୍ପଣୀ ଓ ଭାରତର ମନ୍ତବ୍ୟକୁ ମାନବାଧିକାର ପରିଷଦରେ ଉପସ୍ଥାପନ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ଗୁରୁପ୍ରସାଦ ମହାପାତ୍ରଙ୍କ ପରଲୋକ



**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ (ଡିପିଆଇଆଇଟି) ମନ୍ତ୍ରଣାଳୟର ସଚିବ ତଥା ଗୁଜରାଟ କ୍ୟାଡରର ୧୯୮୬ ବ୍ୟାଚ୍ ଓଡ଼ିଆ ଆଇଏଏସ୍ ଅଫିସର ଗୁରୁପ୍ରସାଦ ମହାପାତ୍ରଙ୍କ କୋଭିଡ୍‌ରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଗଭୀର ଶୋକପ୍ରକାଶ କରିଛନ୍ତି । ☞ପୃଷ୍ଠା-୨

# ଦେବାଶିଷଙ୍କୁ ମିଳିଲାନି ଗାର୍ଡ ଅଫ୍ ଅନର

**ଓଁକାର ମିଶ୍ର**
**ଭୁବନେଶ୍ୱର,୧୯।୬**

ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ଶେଷକୃତ୍ୟ ଶନିବାର କଟକ ଖାନ୍‌ନଗରସ୍ଥିତ ଶ୍ମଶାନରେ ସମ୍ପନ୍ନ ହୋଇଛି। ପୁଅ ପ୍ରତ୍ୟୟ ମୁଖାଗ୍ନି ଦେଇଥିବାବେଳେ ବରିଷ୍ଠ ଆଇପିଏସ୍ ଅଧିକାରୀ ଅରୁଣ ଷଡ଼ଙ୍ଗୀ, ସୁଧାଂଶୁ ଷଡ଼ଙ୍ଗୀ, ସୌମେନ୍ଦ୍ର ପ୍ରିୟଦର୍ଶୀ, ପ୍ରତୀକ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇ ନ ଥିଲା। ଦେବାଶିଷଙ୍କ ଭଳି ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ ମରଶରୀରକୁ ସମ୍ମାନ ଦୃଷ୍ଟିରୁ ପୋଲିସ ମୁଖ୍ୟାଳୟ କିମ୍ବା ଭିଜିଲାନ୍ସ ମୁଖ୍ୟାଳୟକୁ ନିଆଯାଇ ପାରିଥାନ୍ତା। ମାତ୍ର ତାହା କରାଯାଇ ନ ଥିଲା। କେବଳ ଔପଚାରିକ ଭାବେ ପୋଲିସ ମହାନିର୍ଦ୍ଦେଶକ ଓ କେତେଜଣ ବରିଷ୍ଠ ପୋଲିସ ଅଧିକାରୀ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଶୋକ ପ୍ରକାଶ କରିଥିଲେ।

ନିକଟରେ ସ୍ୱର୍ଗତ ବିଜୟ ମହାନ୍ତି, ଅଜିତ ଦାସ, ରାଜୁ ମିଶ୍ର, ରଘୁନାଥ ମହାପାତ୍ର, କବି ରବି ସିଂହ, ମନୋଜ ଦାସ, ଶିକ୍ଷାବିତ୍ ବିଜୟ ସାହୁଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିବା ବେଳେ ଦେବାଶିଷଙ୍କୁ ଏଭଳି ଅସମ୍ମାନ ବୁଦ୍ଧିଜୀବୀ ଏବଂ ପୋଲିସ ମହଲରେ ସହଜରେ ଗ୍ରହଣ କରିଯାଇ ପାରୁନାହିଁ। ତାଙ୍କୁ ଗାର୍ଡ ଅଫ୍ ଅନର ଦିଆ ନ ଯିବା ରାଜ୍ୟ ପୋଲିସ ବିଭାଗରେ ଓଡ଼ିଆ ଓ ଅଣ-ଓଡ଼ିଆଙ୍କୁ ନେଇ ଚାଲିଥିବା ଶୀତଳଯୁଦ୍ଧ ପଦାକୁ ଆସିଛି ବୋଲି କୁହାଯାଉଛି। ଗାର୍ଡ ଅଫ ଅନର୍ ଦିଆ ନ ଯିବା ଘଟଣା ଅନେକ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ବ୍ୟଥିତ କରିଥିଲେ ମଧ୍ୟ କେହି ମୁହଁ ଖୋଲି କିଛି କହିବାକୁ ସାହସ ☞ପୃଷ୍ଠା-୨



ଦେବାଶିଷ ପାଣିଗ୍ରାହୀ



ଉତ୍ତରପ୍ରଦେଶର କାନପୁରସ୍ଥିତ ଗଙ୍ଗା ବ୍ୟାରେଜ୍‌ରେ ଶନିବାର ବିନା ମାସ୍କରେ ଲୋକଙ୍କ ଭିଡ଼।

**ଆଜିର ସମ୍ପାଦକୀୟ**

ଭଲ ଖବର ପାଉନାହୁଁ




# ଡେଥ୍ କମିଶନରୁ ରାଷ୍ଟ୍ରନେତା

**ତେହେରାନ,୧୯।୬**

ଇବ୍ରାହିମ୍ ରଇସିଙ୍କୁ ଇରାନ ନୂଆ ରାଷ୍ଟ୍ରପତି ବାଛିଛି। ନ୍ୟୁଜ୍ ଏଜେନ୍ସି ଏଫ୍‌ପି ଅନୁଯାୟୀ ଇରାନର ଆଭ୍ୟନ୍ତରୀଣ ମନ୍ତ୍ରୀ ଅବଦୁଲରଜା ରହମାନୀ ଫଜଲି ଶନିବାର ତ୍ରୟୋଦଶ ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଘୋଷଣା କରିଛନ୍ତି। ଏଥିରେ କଠୋରପନ୍ଥୀ ଛବିର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଇବ୍ରାହିମଙ୍କୁ ରାଷ୍ଟ୍ରପତି ଭାବେ ବିଜେତା ଘୋଷିତ କରାଯାଇଛି। ଏଥିପାଇଁ ଶୁକ୍ରବାର ଭୋଟ ଗ୍ରହଣ କରାଯାଇଥିଲା। ପ୍ରାୟ ୬୦ ନିୟୁତ ଯୋଗ୍ୟ ଭୋଟର ଥିବାବେଳେ ଚଳିତ ଥର କମ୍ ମତଦାନ ହୋଇଛି। ନିର୍ବାଚନ ପରିଚାଳନା କରୁଥିବା ୧୨ ସଦସ୍ୟ ବିଶିଷ୍ଟ ପ୍ୟାନେଲ ଗାର୍ଡିଅନ କାଉନସିଲ ଜନସମର୍ଥନ ଥିବା କେତେଜଣ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରିବାରୁ ଅଧିକାଂଶ ଜନତା ଭୋଟ ଦେବାରୁ ଦୂରେଇ ରହିଥିବା କୁହାଯାଉଛି।

ଡେପୁଟି ଇଣ୍ଟେରିଅର ମନ୍ତ୍ରୀ ଜମାଲ ଓରଫ୍ କହିଛନ୍ତି, ନିର୍ବାଚନରେ ୨ କୋଟି ୮୬ ଲକ୍ଷ ଭୋଟର ମତଦାନ କରିଥିବାବେଳେ ୯୦ ପ୍ରତିଶତ ଭୋଟ୍ ଗଣତି ଶେଷ ହୋଇଛି। ରଇସି ୬୨ ପ୍ରତିଶତ ଭୋଟ୍ ପାଇଛନ୍ତି। ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍‌ସର ବରିଷ୍ଠ ଅଧିକାରୀ ମୋହସେନ୍ ରେଜାଇ ୧୧.୮ ପ୍ରତିଶତ ଭୋଟ୍ ପାଇ ଦ୍ୱିତୀୟରେ ରହିଛନ୍ତି। ସେଣ୍ଟ୍ରାଲ ବ୍ୟାଙ୍କ ଗଭର୍ନର ପଦରୁ ଗତମାସରେ ଅବସର ନେଇଥିବା ଟେକ୍ନୋକ୍ରାଟ ଅବ୍‌ଦୋଲନାସେର ହେମ୍ମାତି ଇବ୍ରାହିମ୍‌ଙ୍କ ବିରୋଧରେ ମଇଦାନକୁ ଓହ୍ଲାଇଥିଲେ ହେଁ ବିପୁଳ ଜନମତ ହାସଲ କରିବାରେ ସମର୍ଥ ହୋଇନାହାନ୍ତି। ତାଙ୍କୁ ମାତ୍ର ୮.୪ ପ୍ରତିଶତ ଭୋଟ୍ ମିଳିଛି। ସେହିପରି ୩.୫ ପ୍ରତିଶତ ଭୋଟ ପାଇ ଆମୀର ହୋସେନ୍ ଗାଜିଜାଦେହ-ହାସେମି ଚତୁର୍ଥ ସ୍ଥାନରେ ରହିଛନ୍ତି। ବିଦାୟୀ ରାଷ୍ଟ୍ରପତି ହାସନ ରୁହାନି ରଇସିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଇସ୍‌ଲାମିକ୍ ରାଷ୍ଟ୍ର ଇରାନରେ ପ୍ରତି ୪ ବର୍ଷରେ ଥରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ହାସନ ରୁହାନି ୨ ଥର ରାଷ୍ଟ୍ରପତି ହୋଇସାରିଥିବାରୁ ଦେଶର ସମ୍ବିଧାନ ତାଙ୍କୁ ପୁନଃ ପ୍ରତିଦ୍ୱନ୍ଦ୍ୱିତା ସୁଯୋଗ ଦେଇ ନ ଥିଲା। ୨୦୧୭ ରାଷ୍ଟ୍ରପତି ନିର୍ବାଚନରେ ରୁହାନିଙ୍କଠାରୁ ଇବ୍ରାହିମ୍ ରଇସି ପରାଜିତ ହୋଇଥିଲେ। ଚଳିତ ଥର ରାଷ୍ଟ୍ରପତି ପଦ ପାଇଁ ୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ଇରାନର ଅର୍ଥନୀତି ସଜାଡ଼ିବା ଏବଂ ଦୁର୍ନୀତି ଦୂର କରିବାକୁ ସେ ହିଁ ଏକମାତ୍ର ବିକଳ୍ପ ବୋଲି ରଇସି ନିର୍ବାଚନବେଳେ କହିଥିଲେ।

ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କୁ ଏବେ ୮୨ ବର୍ଷ ହୋଇଯାଇଥିବାରୁ ତାଙ୍କ ଉତ୍ତରାଧିକାରୀ ଖୋଜିବା ସବୁଠାରୁ ବଡ଼ ପ୍ରାଥମିକତା। ରାଷ୍ଟ୍ରପତି ହେବା ପରେ ଇବ୍ରାହିମ୍ ରଇସି ସୁପ୍ରିମ ଲିଡର ହେବାର ରାସ୍ତା ☞ପୃଷ୍ଠା-୨



**ଇବ୍ରାହିମ୍ ରଇସି ଇରାନ ରାଷ୍ଟ୍ରପତି**

**ଆଜିର ମନ୍ତବ୍ୟ**
ଉତ୍ତରପ୍ରଦେଶରେ ଭାଜପା ସରକାର ତଦନ୍ତର ମକ୍‌ଡ୍ରିଲ କରି ଆଗ୍ରା ହସ୍ପିଟାଲକୁ କ୍ଲିନଚିଟ୍ ଦେଇଛି।
–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ

**ଜନ୍ମଦିନର ଶୁଭେଚ୍ଛା**
ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଯୁବକଙ୍କୁ ନିର୍ମମ ହତ୍ୟା

ଢେଙ୍କାନାଳ ଅଫିସ, ୧୯।୬–ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ବଳଦିଆବନ୍ଧସ୍ଥିତ ଏକ ଚକ୍ଷୁ ଚିକିତ୍ସାଳୟ ବାରଣ୍ଡାରୁ ଶନିବାର ରାତି ସାଢ଼େ ୯ଟାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ମିଥୁନ ଜେନା (୩୨)। ତାଙ୍କ ବେକକୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ସୂଚନା ପାଇ ସଦର ଥାନାଧିକାରୀ ଅଭିନବ ଡାଲୁଆ ଫାଣ୍ଡି ପୋଲିସ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମିଥୁନ୍ ଚିକିତ୍ସାଳୟ ବାରଣ୍ଡରେ ମୋବାଇଲ ଧରି ଖେଳୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି।

# କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୧୯।୬ (ବ୍ୟୁରୋ)



ଲୋକପ୍ରିୟ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶନିବାର ପରଲୋକ ଘଟିଛି। ତାଙ୍କୁ ୩୬ ବର୍ଷ ବୟସ ହୋଇଥିଲା। ନିକଟରେ ସେ କରୋନାରୁ ସୁସ୍ଥ ହୋଇଥିଲେ। ହେଲେ କୋଭିଡ୍ ପରବର୍ତ୍ତୀ ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଦେବାରୁ ତାଙ୍କୁ ପୁଣି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଥିଲା। ଶରୀରରେ ଅକ୍ସିଜେନ୍ ସ୍ତର ହ୍ରାସ ପାଉଥିବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ କୋଲକାତା କିମ୍ବା ଚେନ୍ନାଇ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଶନିବାର ରାତି ପ୍ରାୟ ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି।

ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସେ ବହୁ ସୁପରହିଟ୍ ଗୀତ ଦେଇ ଲୋକଙ୍କ ହୃଦୟକୁ ଛୁଇଁଥିଲେ। ‘କୁଳନନ୍ଦନ’ ଚଳଚ୍ଚିତ୍ରରୁ ସେ ଓଲିଉଡ୍ ଜଗତରେ ପ୍ରବେଶ କରିଥିଲେ। ‘ଆଇ ଲଭ୍ ୟୁ’, ‘ଚକୋଲେଟ’ ଆଦି ବିଭିନ୍ନ ଚଳଚ୍ଚିତ୍ରରେ ଗୀତଗାଇ ସ୍ୱତନ୍ତ୍ର ପରିଚୟ ପାଇଥିଲେ। ତାଙ୍କ ପରଲୋକରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସହ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।

# ଭୟରେ ତଣ୍ଟି ଚିପିଦେଲି

## ଶିଶୁକନ୍ୟା ବଳାତ୍କାର, ହତ୍ୟା ଘଟଣା

ନୟାଗଡ଼ ଅଫିସ, ୧୯।୬

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନୂଆଗାଁ ପଞ୍ଚାୟତ ଧୁନ୍ଦୁଗାଡିଆ ଅଞ୍ଚଳର ଜଣେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଅଭିଯୁକ୍ତ ସାଗର ଦଳେଇ(୨୨)ଙ୍କୁ ବାଣିଗୋଛା ଥାନା ପୋଲିସ ୩ ଦିନିଆ ରିମାଣ୍ଡରେ ନେବା ପରେ ଶନିବାରଠାରୁ ତାଙ୍କୁ ପଚରାଉଚୁରା ଆରମ୍ଭ ହୋଇଛି। ରିମାଣ୍ଡ ସମୟରେ ସାଗର ହତ୍ୟାର ଗୁମର ଖୋଲି ପଶ୍ଚାତାପ କରିଛନ୍ତି। ସାଗର ପୋଲିସକୁ କହିଥିବା ସୂଚନା ଅନୁଯାୟୀ, ଗାଁ ଦାଣ୍ଡରେ ଖେଳୁଥିବା ଶିଶୁକନ୍ୟା ମୋ ସହ ପାଖ ଜଙ୍ଗଲକୁ ଯିବା ପରେ ବଳାତ୍କାର କରିଥିଲି। ସେ ଅଚେତ ହୋଇଯିବାରୁ ଭୟ ବଢ଼ିଥିଲା। ସେଥିପାଇଁ ତାର ବେକରେ ଦଉଡି ଲଗାଇ ଶଙ୍ଖି ଚିପି ହତ୍ୟା କରିଥିଲି। ଦଉଡ଼ିରେ ଜୋରରେ ଭିଡି ଦେବାରୁ ବେକ କଟି କିଛି ଅଂଶ ଲାଗି ରହିଥିଲା। ପରେ ମୃତଦେହ ଫୋପାଡି ଚାଲି ଆସିଥିଲି। ଏ କଥା ମୁଁ ମୋ ଭାଇଙ୍କୁ ଜଣାଇବାକୁ ଚାହିଁଥିଲି। ହେଲେ ସାହସ କରି ପାରି ନ ଥିଲି। ତାଙ୍କ ପରିବାର ଲୋକେ ଖୋଜିବା ସମୟରେ କହି ଦେବି ବୋଲି ଭାବିଥିଲି, ସାହାସ ହେଲାନାହିଁ। ପୋଲିସକୁ ମଧ୍ୟ କହି ପାରି ନ ଥିଲି। ହତ୍ୟା ପରେ କି ଭୁଲ କଲି ଅନେକ ଥର ଭାବିଛି। ହେଲେ ସେତେବେଳକୁ ଆଉ କିଛି ନ ଥିଲା। ଭୁଲ ଲୁଚାଇବାକୁ ବାରମ୍ବାର ଚେଷ୍ଟା କରି ବିଫଳ ହେବାରୁ ସତ କହିବାକୁ ବାଧ ହେଲି ବୋଲି ସାଗର କହିଛନ୍ତି।


ସାଗର ଦଳେଇ

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଧୁନ୍ଦୁଗାଡିଆ ଗାଁ ଦାଣ୍ଡରେ ଖେଳୁଥିବା ଜଣେ ୫ବର୍ଷର ଶିଶୁ କନ୍ୟା ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ପୋଲିସ ବି ଟେର ପାଇ ନ ଥିଲା। ସନ୍ଦେହରେ ସାଗର ଦଳେଇଙ୍କୁ ପୋଲିସ ପଚରାଉଚୁରା କରିବା ପରେ ସେ ସତ ମାନିଥିଲେ। ଏହାପରେ ଗତ ୧୭ରେ ସାଗରଙ୍କୁ ପୋଲିସ ଗିରଫ କରି ୧୮ରେ କୋର୍ଟ ଚାଲାଣ କରିଥିଲା।

# ମକ୍ ଡ୍ରିଲ୍‌ରୁ ମୃତ୍ୟୁ ହେବାର ପ୍ରମାଣ ନାହିଁ

## ଆଗ୍ରା ହସ୍ପିଟାଲରେ ରୋଗୀ ମୃତ୍ୟୁ

ଆଗ୍ରା, ୧୯।୬: ଆଗ୍ରାର ଏକ ଘରୋଇ ହସ୍ପିଟାଲରେ ୨୨ ରୋଗୀଙ୍କ ମୃତ୍ୟୁ ଘଟିବା ପାଇଁ ମକ୍ ଡ୍ରିଲ୍‌କୁ ଦାୟୀ କରାଯାଉଥିବାବେଳେ ସେପରି କୌଣସି ପ୍ରମାଣ ନ ଥିବା ତଦନ୍ତରୁ ଜଣାପଡ଼ିଛି। ମାମଲାର ତଦନ୍ତ କରୁଥିବା ଡାକ୍ତରମାନଙ୍କ ଏକ ଟିମ୍ ହସ୍ପିଟାଲକୁ କ୍ଲିନ୍‌ଚିଟ୍ ଦେଇଛି। ଅକ୍ସିଜେନ ଯୋଗାଣ ବନ୍ଦ କରିଦେବାରୁ ୨୨ ରୋଗୀଙ୍କ ମୃତ୍ୟୁ ଘଟିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଅକ୍ସିଜେନ ସଂଯୋଗ କଟାଯିବାର କୌଣସି ପ୍ରମାଣ ମିଳିନାହିଁ।

ଆଗ୍ରାର ଶ୍ରୀ ପାରସ ହସ୍ପିଟାଲର ମାଲିକ ମକ୍ ଡ୍ରିଲ୍ ସ୍ୱରୂପ କୋଭିଡ୍ ରୋଗୀଙ୍କ ଅକ୍ସିଜେନ ସଂଯୋଗ ୫ ମିନିଟ ପାଇଁ କାଟିଦେବାକୁ କହୁଥିବାର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିଲା। ଏହି ରିପୋର୍ଟ ପରେ ଆଗ୍ରା ପ୍ରଶାସନ ଏହାର ତଦନ୍ତ ପାଇଁ ଗତ ସପ୍ତାହରେ ନିର୍ଦ୍ଦେଶ ଦେଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଳମ ଶାଗର ନଟି**
**ବାପା ବାହା କଲେ ଖାଳେଇ ପେଟୀଲୋ**
**ହାଣ୍ଡି ଖାଏ ଚାଟିଚୁଟି।**

କେତେଜଣ ବ୍ୟକ୍ତି ଅତ୍ୟନ୍ତ ଖାଦ୍ୟ ଲୋଭୀ ହୋଇଥାନ୍ତି। ଯେତେ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ପାଇଁ ମନ ବଳେଇଥାନ୍ତି। ଯାଉଣୁ ଆସୁଣୁ ପାଟିରେ ପକେଇବା ତାଙ୍କର ଏକ ବଦଗୁଣ ହୋଇଥିବା ବେଳେ ଦୁର୍ଯୋଗକୁ ଏପରି ଖାଦ୍ୟଲୋଭୀ ନାରୀ ପାଇ ନିଜ ଭାଗ୍ୟକୁ ଧିକାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଟିକା ନେବା ସତ୍ତ୍ୱେ ସଂକ୍ରମଣ: କାରଣ ଖୋଜିବ ୮ଜଣିଆ କମିଟି

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

କରୋନା ଲଢ଼େଇରେ ସବୁଠାରୁ ବଡ଼ ଅସ୍ତ୍ର ହେଉଛି ଟିକା। ବାରମ୍ବାର ପରୀକ୍ଷଣ ପରେ ଏବେ ଦେଶରେ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଦିଆଯାଉଛି। ଅନୁମତି ପାଇଥିବା ଆଉ କେତେକ ଟିକାର ମାନବୀୟ ପରୀକ୍ଷଣ ଚାଲିଛି। ତେବେ ଟିକାର ଦୁଇ ଡୋଜ୍ ନେବା ପରେ ବି ଲୋକେ ସଂକ୍ରମିତ ହେଉଛନ୍ତି। ଜୀବନ ବି ଯାଉଛି। ଏହାର କାରଣ ଜାଣିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ପ୍ରକ୍ରିୟା। ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ନିର୍ଦ୍ଦେଶକ ଡା. ଅଜୟ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ୮ଜଣିଆ କମିଟି ଗଠିତ ହୋଇଛି। ଏହି କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଡୋଜ୍ କିମ୍ବା ଦ୍ୱିତୀୟ ଡୋଜ୍ ଟିକା ନେବାର କେତେ ଦିନ ପରେ ସଂକ୍ରମଣ ହେଉଛନ୍ତି ଓ କେତେ ଦିନ ପରେ ମୃତ୍ୟୁ ହେଉଛି ସେସବୁର ତର୍ଜମା କରିବ କମିଟି। ଓଡ଼ିଶାରେ ଟିକା ନେବାପରେ କେତେ ଲୋକଙ୍କର ମୃତ୍ୟୁ ହୋଇଛି ତାହାର ତର୍ଜମା ଚାଲିଛି। ଆବଶ୍ୟକ ପଡ଼ିଲେ ଅନ୍ୟ ବୈଷୟିକ କମିଟିର ସହାୟତା ନେବୁ ବୋଲି ଆଇଏଲ୍ଏସ୍ ନିର୍ଦ୍ଦେଶକ ଡା. ପରିଡ଼ା କହିଛନ୍ତି। ତେବେ ସମସ୍ତେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନକୁ ଠିକ୍ ଭାବେ ଅନୁପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ପରିବେଶରେ ସଂକ୍ରମଣ ରହିଥିବାରୁ ଲୋକେ ସଂକ୍ରମିତ ହେଉଛନ୍ତି। କିନ୍ତୁ ଟିକା ନେବା ପରେ ସିଭିୟରିଟି କମୁଛି। ଟିକା ନେଲେ କୋଭିଡ୍ ହେବ ନାହିଁ ବୋଲି ଏପରି କିଛି ନାହିଁ। ବିଭିନ୍ନ ଟିକା ୭୦ ରୁ ୯୦% ଭିତରେ କାର୍ଯ୍ୟ କରୁଛି। ଟିକା ନେବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥାଏ। ଓଡ଼ିଶାରେ ଟିକାର ଦୁଇଟି ଡୋଜ୍ ନେବା ପରେ କେତେଜଣ ସଂକ୍ରମିତ ହେଉଛନ୍ତି, ତାହା ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରିବା ପାଇଁ ଗଠିତ ବୈଷୟିକ କମିଟି ବିଶେଷ କରି ୪ଟି ଦିଗ ଉପରେ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

### ଡେଲ୍‌ଟା ପ୍ଲସ୍: ଆଇଏଲ୍ଏସ୍‌ରେ ୪ ରାଜ୍ୟର ଜିନୋମ ସିକ୍ୱେନ୍ସିଂ

ସମଗ୍ର ଦେଶରେ ୬ଟି ଡେଲଟା ପ୍ଲସ ଭୂତାଣୁ ଚିହ୍ନଟ ହୋଇଛି। ଏଥିମଧ୍ୟରୁ ପଡୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଦୁଇଟି ରହିଥିବା ଜଣାପଡ଼ିଛି। ସାରା ଦେଶରେ ଏବେ ୨୮ ଲାବରାଟୋରୀରେ ପାଖାପାଖି ୪୦ହଜାର ନମୁନାର ଜିନୋମ ସିକ୍ୱେନ୍ସିଂ କରାଯାଉଛି। ଯେଉଁଥିରେ ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ୪ ରାଜ୍ୟ ବିହାର, ଛତିଶଗଡ଼, ଓଡ଼ିଶା ଓ ଝାଡ଼ଖଣ୍ଡରୁ ଆସୁଥିବା ନମୁନାକୁ ନେଇ ଜିନମ ସିକ୍ୱେନ୍ସିଂ ପରୀକ୍ଷା କରୁଥିବା ଆଇଏଲ୍ଏସ୍ ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା କହିଛନ୍ତି। ତେବେ ଅଧିକ ସାମ୍ପୁଲର ଜିନମ ସିକ୍ୱେନ୍ସିଂ କରାଗଲେ ଡେଲ୍‌ଟା ପ୍ଲସ ଭାଇରସର ସ୍ଥିତି କ’ଣ ରହିଛି ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଭୁବନେଶ୍ୱର ଦେଶର...

ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରହିବା ଲାଗି ସବୁଠାରୁ ଅନୁକୂଳ ରାଜଧାନୀ ତାଲିକାରେ ଭୁବନେଶ୍ୱର ସ୍ଥାନ ପାଇଛି। ଗତ ମାର୍ଚ୍ଚରେ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱାରା ପ୍ରକାଶିତ ଇଜ୍ ଅଫ୍ ଲିଭିଂ ସିଟି ତାଲିକାରେ ଭୁବନେଶ୍ୱର ଦ୍ୱିତୀୟ ସ୍ଥାନ ହାସଲ କରିଥିଲା।

## ଦେବାଶିଷଙ୍କୁ ମିଳିଲାନି...

କରୁ ନାହାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଦେବାଶିଷ ଜଣେ ସୁଗାଳ୍ପିକ ଏବଂ ଖ୍ୟାତିସମ୍ପନ୍ନ ଲେଖକ ଥିଲେ। ସେ ନିଜ କ୍ଷୁଦ୍ର ଗଳ୍ପ ସଂକଳନ ‘ତଥାକଥିତ’ ୨୦୦୨ରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ଲିଖିତ କେତେକ ଗଳ୍ପର ଇଂଲିଶ ଅନୁବାଦ କରାଯାଇ ବେଜିଂ ଓ ଲଣ୍ଡନ ପୁସ୍ତକ ମେଳାରେ ପ୍ରଦର୍ଶିତ ହୋଇଛି।

## ଡେଥ୍ କମିଶନରୁ...

ଫିଟିଯିବ ବୋଲି ଚର୍ଚ୍ଚା ହେଉଛି। ଇରାନରେ ସର୍ବୋଚ୍ଚ ନେତାଙ୍କ ପରେ ରାଷ୍ଟ୍ରପତି ହେଉଛନ୍ତି ଦ୍ୱିତୀୟ ସର୍ବୋଚ୍ଚ ଶାସନ କର୍ତ୍ତା। ଇବ୍ରାହିମ୍ ରଇସି ନ୍ୟାୟପାଳିକାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ଦେଶରେ ସୁପ୍ରିମ ଲିଡରଙ୍କୁ ନିର୍ବାଚିତ କରାଉଥିବା କାଉନ୍‌ସିଲ୍ ଅଫ୍ ଏକ୍ସପର୍ଟର ସଦସ୍ୟ ଓ ଚେୟାରମ୍ୟାନ ମଧ୍ୟ ରହିଛନ୍ତି। ୧୯୮୮ରେ ତେହରାନ ଇସ୍‌ଲାମିକ ରିଭୋଲ୍ୟୁଶନ କୋର୍ଟରେ ଡେପୁଟି ଅଭିଯୋଜକ ଥିବାବେଳେ ଅନେକ ବାମପନ୍ଥୀ ନେତା, ରାଜନୈତିକ କଏଦୀ ଓ ଅସନ୍ତୁଷ୍ଟ ଗୋଷ୍ଠୀକୁ ସାମୂହିକ ଭାବେ ମୃତ୍ୟୁଦଣ୍ଡାଦେଶ ଦେଇଥିବା ସ୍ପେଶାଲ କମିଶନର ୪ ସଦସ୍ୟଙ୍କ ମଧ୍ୟରେ ରଇସି ଅନ୍ୟତମ ଥିଲେ। ଏହି କମିଶନକୁ ଆମେରିକା ସେତେବେଳେ ଡେଥ୍ କମିଶନ ନାମ ଦେଇଥିଲା। ଏହି ଘଟଣା ପରେ ରଇସିଙ୍କ ଲୋକପ୍ରିୟତା ଦେଶରେ କମିଯାଇଥିଲା। ଏହା ପରେ ୨୦୧୭ରେ ହସନ ରୁହାନୀଙ୍କ ବିପକ୍ଷରେ ରାଷ୍ଟ୍ରପତି ପଦ ପାଇଁ ରଇସି ନିର୍ବାଚନ ଲଢ଼ିଥିଲେ। ସେତେବେଳେ ରଇସିଙ୍କୁ ମାତ୍ର ୩୮.୫ ପ୍ରତିଶତ ଭୋଟ ମିଳିଥିଲା। ୨୦୧୯ରେ ଆମେରିକା ବିଦେଶ ବିଭାଗ ରଇସିଙ୍କ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ସେ ଆୟାତୋଲ୍ଲା ଅଲି ଖାମେନେଇଙ୍କ ସହ ଅତି ନିକଟତର ଥିବା ଏବଂ ମାନବିକ ଅଧିକାର ଉଲ୍ଲଂଘନ ସହ ଜଡିତ ବୋଲି ଆମେରିକା କହିଥିଲା। ଇରାନ ରିଭୋଲ୍ୟୁଶନାରୀ ଗାର୍ଡ କର୍ପସ (ଆଇଆରଜିସି)କୁ ଆମେରିକା ଆତଙ୍କବାଦୀ ସଂଗଠନ ଘୋଷିତ କରିବା ସହ ସଙ୍ଗଠନର ଅଧିକାରୀଙ୍କ ସମେତ ରଇସିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ମଧ୍ୟ ରଦ୍ଦ କରିଥିଲା। ତେବେ ଆଇଆରଜିସିର ସଦସ୍ୟ ନ ଥିବାରୁ ରଇସିଙ୍କ ଆକାଉଣ୍ଟକୁ ଆମେରିକା ପୁନଃ ଚାଲୁ କରିଥିଲା।

## ଗୁରୁପ୍ରସାଦ ମହାପାତ୍ରଙ୍କ...

ଗୁରୁପ୍ରସାଦ ମଧ୍ୟ ବିମାନବନ୍ଦର ପ୍ରାଧିକରଣର ଚେୟାରମ୍ୟାନ୍ ଥିଲେ। ୧ ଅଗଷ୍ଟ ୨୦୧୯ରେ ସେ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ସଚିବ ଭାବରେ ନିଯୁକ୍ତ ହୋଇଥିଲେ। ମୋଦି ଟୁଇଟ୍ କରି ଲେଖିଛନ୍ତି ଯେ ‘ମୁଁ ତାଙ୍କ ସହ ଗୁଜରାଟ ଏବଂ କେନ୍ଦ୍ରରେ କାମ କରିଥିଲି। ପ୍ରଶାସନିକ ସମସ୍ୟାଗୁଡ଼ିକ ବିଷୟରେ ସେ ଭଲ ଭାବରେ ବୁଝିପାରୁଥିଲେ ଏବଂ ତାଙ୍କର ଅଭିନବ ଉତ୍ସାହ ପାଇଁ ସେ ବେଶ୍ ଜଣାଶୁଣା। ତାଙ୍କ ପରିବାର ଏବଂ ବନ୍ଧୁମାନଙ୍କୁ ଏହି ଦୁଃଖଦ ସମୟରେ ସମବେଦନା ଜଣାଉଛି’। ସେ ଲୋକପ୍ରିୟ ସାହିତ୍ୟିକ ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁଙ୍କ ସାନପୁଅ ଥିଲେ। ଗୁରୁପ୍ରସାଦ ମଧ୍ୟ ବାଣିଜ୍ୟ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବରେ କାର୍ଯ୍ୟ କରିଥିଲେ। ଯେଉଁଥିରେ ସେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ। ସେ ଗୁଜରାଟର ସୁରଟ ଓ ଅହମ୍ମଦାବାଦ ସହର ମ୍ୟୁନିସିପାଲ କମିଶନର ଭାବେ କାର୍ଯ୍ୟ କରିଥିଲେ। ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ଥିବା ବେଳେ ଗୁରୁପ୍ରସାଦ ଭୁବନେଶ୍ୱରରେ ଟାଉନ ପ୍ଲାନିଂ ସ୍କିମ୍ କାର୍ଯ୍ୟକାରୀ କରିବା ନେଇ ଏଠାକୁ ଆସିଥିଲେ। ୨୦୧୩ ଅଗଷ୍ଟ ୭ରେ ଲୋକସେବା ଭବନଠାରେ ବିଡିଏ ଏବଂ ଅହମ୍ମଦାବାଦ ମହାନଗର ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ବଳହୀନ ରାଶ୍ୟାଧିପ ଯୋଗୁ ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଫାଇଦା ହାସଲ ମାନସରେ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିବେ।

**ବୃଷ** ଶନି ଓ ଶୁକ୍ରଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଅଯଥାରେ ଅନ୍ୟ ଉପରେ ବିରକ୍ତ ହେଲେ ଶତ୍ରୁତା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ୍ ହେବେ। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନାରେ ଅନୁକୂଳ ବାତାବରଣ ଯୋଗୁ ଖୁସି ହେବେ। ଛୋଟ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକଙ୍କ ଶୁଭକାମନାରୁ ଖୁସି ରହିବେ। କର୍ମକ୍ଷେତ୍ରରେ ସଫଳତା ପାଇବେ।

**କର୍କଟ** ହସ୍ତା ନକ୍ଷତ୍ରରେ ରାଶ୍ୟାଧିପ ରହିଥିବାରୁ କର୍ମ କ୍ଷେତ୍ରରେ ଟେନ୍‌ସନ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ବର୍ଗର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। ସଭା ସମିତିରେ ତର୍କ ବୃଦ୍ଧି ପାଇବା କାରଣରୁ ଆଲୋଚନା ଅମୀମାଂସିତ ରହିବ। ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ମନ ଖୁସି ରହିବ।

**ସିଂହ** ଏକାଦଶସ୍ଥ ରବି ହେତୁ ସମସ୍ୟାର ସରଳ ସମାଧାନ କରିବାରେ ସାହାଯ୍ୟ ପାଇବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବାରେ ସହାୟକ ହେବ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି।

**କନ୍ୟା** ବୁଧ ଓ ବୃହସ୍ପତି ପରସ୍ପର କେନ୍ଦ୍ରସ୍ଥ ହେତୁ ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ପାଇ ଦୁଃଖର ମାତ୍ରାକୁ ବଢ଼ାଇ ଦେଇପାରେ। ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** ମଙ୍ଗଳ ନିଜର ଉଚ୍ଚ ସ୍ଥାନକୁ ଦେଖୁଥିବାରୁ ହଠାତ୍ ବନ୍ଧୁତ୍ୱ ସ୍ଥାପନ ହୋଇପାରେ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣର ପରିବର୍ତ୍ତନ କାରଣରୁ ବିରକ୍ତ ଅନୁଭବ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଯଥା ଆକ୍ରୋଶର ଶିକାର ହେବାକୁ ପଡ଼ିପାରେ।

**ବିଛା** ଭାଗ୍ୟାଧିପ ଏକାଦଶ ସ୍ଥାନରେ ଥିବାରୁ କାମ ସମ୍ପନ୍ନ ହେବାରୁ ମନ ଖୁସି ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ** ବଳବାନ୍ ଶନିଙ୍କ ଯୋଗୁ ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଗତକାଲିଠାରୁ ଆପଣ ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ବନ୍ଧୁଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର** କେତୁଙ୍କ କୁପ୍ରଭାବରୁ ଆଜି କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଘରର ଅସଜଡ଼ା ପରିସ୍ଥିତି କଥା ଚିନ୍ତା କରି ରକ୍ତଚାପ ବଢ଼ିଯାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାରକରି କାମ ତୁଲାଇବାକୁ ବାଧ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ପରିବାରର ନିର୍ଦ୍ଦେଶ କ୍ରମେ କୌଣସି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇ ଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ହରାଇବାକୁ ପଡ଼ିପାରେ। ପୂର୍ବଭାଦ୍ର ନକ୍ଷତ୍ର ପୁରାତନ ରୋଗପୀଡାରୁ ବିଶେଷ କଷ୍ଟ ପାଇବେ।

**ମୀନ** ଆଜି ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। ଅର୍ଥ ଆଦାୟରେ ସକ୍ଷମ ହେବେ, ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଦଶହରା ଦଶମୀ ରବିବାର, ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ, ଜୁନ୍ ୨୦ ତାରିଖ, ବିଶ୍ୱ ଶରଣାର୍ଥୀ ଦିବସ,ବିଶ୍ୱ ପିତୃଦିବସ, (ଜୁନ୍ ୩ୟ ରବିବାର), ମକ୍କାରେ ହଜ୍ ଆରମ୍ଭ, ରାଶିନକ୍ଷତ୍ର–ଚିତ୍ରା/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଚିତ୍ରା ନକ୍ଷତ୍ରେ ବ୍ରତୋପନୟନ, ବିଦ୍ୟାରମ୍ଭାଦି ପାଇଁ ଶୁଭ। ଦିବା ଘ.୦୬।୫୭ ଗତେ ଘ.୦୯।୩୬ ମଧ୍ୟେ, ଘ.୧୨।୧୪ ଗତେ ଘ.୦୨।୫୩ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୪।୩୮ ଗତେ ଘ.୦୫।୩୧ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୪୫ ଗତେ ଘ. ୦୬।୨୬ ମଧ୍ୟେ ରାହୁକାଳ।

**classifieds Everyday** 0674-2580101, 2549302


MATRIMONIAL

**BRIDE WANTED**

Kaibarta (Odia), BrideGroom (IAS Faculty in Delhi), Searching Very Fair, Suitable Bride. Mob: 9990161440. D-20893

**GROOM WANTED**

54 ବୟସ୍କା ତେଲୀ caste, widow ଏକାକୀ ରହି Govt. Lecturer ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7606947424. D-67600




**SALE**

**3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101.** D-70852

**1/2/3BHK ready to move apartment for sale at DHPL Enclave-2, Kalarahanga. Contact: 9937059891.** D-20803

**Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner-9090963952.** D-70849

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-20844




2BHK 1st Floor close to Hotel VITS, Cuttack road, Bhubaneswar. Rent-Rs.10,000/-. Contact: 9937961430. D-20910

2BHK room garage chhaka near Kali Temple BBSR-2. Contact: 6371903795. D-20890

3BHK apartment with Two Toilets, Two Balconies at Baishnav Vihar, Bomikhal, Bhubaneswar. 9238574993. D-20902

Rent 1BHK Hall, Dining, Kitchen fully furnished with interior A/C inverter & bed at Patia near Big Bazar. Contact: 7008671282, 9437636236. D-20913




**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଅସହାୟଙ୍କୁ ସାଇକେଲ ଦେଲେ ବିଧାୟିକା**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଶାନ୍ତିନଗରରେ ଖୋଲିଥିବା ହେଲ୍ପଡେସ୍କରେ ସହାୟତା ପାଇଁ ଅନୁରୋଧ କରିଥିବା ଜଣେ ଅସହାୟଙ୍କୁ ସହାୟତା ପ୍ରଦାନ କରିଛନ୍ତି। ବୁର୍ଲାର ତଳି ଅଞ୍ଚଳରେ ରହୁଥିବା ଅସହାୟ ଅଭିମନ୍ୟୁ ସାହୁଙ୍କୁ ସେ ଏକ ସାଇକେଲ ପ୍ରଦାନ କରିଛନ୍ତି। ଏହି ଅବସରରେ ଦେବାଶିଷ ନନ୍ଦ, ରମାକାନ୍ତ ସାହୁ, ନିଶିକାନ୍ତ ବିଶ୍ୱାଳ, ଜିତୁ ପଟ୍ଟନାୟକ, ଅଲିମ କାମଦର, ନିରଞ୍ଜନ ଦାସ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଅଭିମନ୍ୟୁ ସାଇକେଲରେ ବୁଲି ମୁଢ଼ି, କୁରକୁରେ ଆଦି ଖାଦ୍ୟ ସାମଗ୍ରୀ ବିକ୍ରୟ କରି ପରିବାର ଚଳାଉଥିଲେ। ଏପରିସ୍ଥିତିରେ ହଠାତ୍ ତାଙ୍କ ସାଇକେଲ ଖରାପ ହୋଇଯାଇଥିଲା । ଏ ନେଇ ଅଭିମନ୍ୟୁ ବିଧାୟିକା ପାଣିଗ୍ରାହୀ ଖୋଲିଥିବା ହେଲ୍ପଡେସ୍କରେ ନିଜ ସମସ୍ୟା ଜଣାଇଥିଲେ।

# ସହରବାସୀଙ୍କ ଚିନ୍ତା ବଢ଼ାଇଛି ସ୍ୱରେଜ ପ୍ରକଳ୍ପ

ସମ୍ବଲପୁର,୧୯।୬(ବ୍ୟୁରୋ)

ସମ୍ବଲପୁର ସହବାସୀଙ୍କ ଚିନ୍ତା ବଢାଇଛି ସ୍ୱରେଜ ପ୍ରକଳ୍ପ। ଲୋକାଭିମୁଖି ଏହି ଯୋଜନା ଲୋକଙ୍କ ପାଇଁ ଅଭିଶପ୍ତ ହୋଇଛି। ଦୀର୍ଘ ୫ବର୍ଷ ହେଲା କାମ ଚାଲିଥିଲେ ମଧ୍ୟ ଶେଷ ହେଉନାହିଁ। ସହର ମୁଖ୍ୟ ରାସ୍ତା ଖୋଳାଯାଉଥିବାବେଳେ ମରାମତି ନାହିଁ। ଫଳରେ ଖରା, ବର୍ଷା, ଶୀତ ସବୁ ସମୟରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଅନେକ ସମୟରେ ରାସ୍ତା ଖୋଳାଯିବାରୁ ପାଣି ପାଇପ୍ ଫାଟିଯାଇ ସମସ୍ୟା ଦେଖାଦେଉଛି। ଏ ନେଇ ଲୋକେ ଅଭିଯୋଗ କଲେ ମଧ୍ୟ ବିକାଶ ଆଳ ଦେଖାଇ ପ୍ରଶାସନ ଚୁପ ରହୁଛି। ରାଜନେତାମାନେ ମଧ୍ୟ ଲୋକଙ୍କ ସମସ୍ୟା ଓ ପ୍ରକଳ୍ପ ଅଧିକାରୀଙ୍କ ଖାମଖିଆଲି କାମକୁ ନେଇ ମୁହଁ ଖୋଲୁ ନାହାନ୍ତି। କାମ ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସ୍ୱରେଜ ପ୍ରକଳ୍ପ ପାଇଁ ପୂର୍ବରୁ ଜମି ଅଧିଗ୍ରହଣ ହୋଇ ନ ଥିବାରୁ ଏବେ ସମସ୍ୟା ଦେଖାଦେଇଛି। ଧନୁପାଲି, ଜେଲଛକ, ସାକ୍ଷୀପଡା, ଦୁର୍ଗାପାଲି, ସୁନାପାଲି ଆଦି ଅଞ୍ଚଳରେ ସମସ୍ୟା ଲାଗିରହିଛି। ଧନୁପାଲି–ଖଣ୍ଡୁଆଳ ରାସ୍ତା ଦୀର୍ଘ ୪ବର୍ଷ ହେଲା ଖୋଳାଯାଉଛି ଓ ପୁଣି ପୋତାଯାଉଛି। ରାଜ୍ୟ ରାଜପଥ ହୋଇଥିଲେ ମଧ୍ୟ ଖଲଖମା, କାଦୁଅ ପଚପଚ। ଲୋକମାନେ ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଠିକାଦାରଙ୍କୁ ତାଗିଦ କରାଯାଉ ନାହିଁ। ଫଳରେ ସେମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।


ସମ୍ବଲପୁର ସହରରେ ସ୍ୱରେଜ ପାଇଁ ରାସ୍ତା ଖୋଳାଯାଇଛି।

ସୂଚନାଯୋଗ୍ୟ, ୨୦୧୫ରେ ସମ୍ବଲପୁର ସହରକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱରେଜ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଥିଲା। ମହାନଗର ନିଗମ ଭତରାଠାରେ ଏକ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସହ ୨୭୪ କି.ମି. ପାଇପ୍ ବିଛାଇବା, ବିଭିନ୍ନ ସ୍ଥାନରେ ୮ ପମ୍ପହାଉସକୁ ନିର୍ମାଣ ପାଇଁ ମୋଟ ୩୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପୁନେର ଏକ ଠିକା କମ୍ପାନୀ

**■୫ବର୍ଷ ହେଲା ଚାଲିଛି କାମ**
**■ରାସ୍ତା ଖୋଳାହେଉଛି, ମରାମତି ନାହିଁ**

ଟେଣ୍ଡର ପାଇ କାମ କରୁଛି। ସ୍ୱରେଜ ପ୍ଲାଣ୍ଟ ପାଇଁ ୨୪ ଏକର ରୟତି ଜମି ଅଧିଗ୍ରହଣ ହୋଇଥିବା ବେଳେ ୨ ଏକର ୮୯ ଡେସିମିଲ ସରକାରୀ ଜମି ହସ୍ତାନ୍ତର ହୋଇଛି। ଠିକା କମ୍ପାନୀ ମନ୍ଥର ଗତିରେ କାମ କରୁଥିବାରୁ ଧାର୍ଯ୍ୟ ସମୟ ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏପର୍ଯ୍ୟନ୍ତ ୬୦ ପ୍ରତିଶତ କାମ ହୋଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ୱରେଜ ପ୍ରକଳ୍ପ ଅଧିକାରୀ ଏଲ୍.ଏନ୍. ଖଣ୍ଡୁଆଳ କହିଛନ୍ତି ଯେ, ପାଇପ୍ ବିଛା କାମ ପ୍ରାୟ ୮୦ ପ୍ରତିଶତ ଶେଷ ହୋଇଛି। ପମ୍ପହାଉସ ୪ଟି ସମ୍ପୂର୍ଣ୍ଣ ହୋଇଯାଇଛି। ସ୍ୱରେଜ କାମରେ ବିଳମ୍ବ ହେଉଛି। ଅନେକ ସ୍ଥାନରେ ପଥର ଚଟାଣ ଓ ଅନ୍ୟାନ୍ୟ ସମସ୍ୟା ଥିବାରୁ କାମ ଧିମେଇ ଯାଇଛି। ଠିକାଦାରଙ୍କୁ କାମ ଶୀଘ୍ର ସାରିବାକୁ ବାରମ୍ବାର ତାଗିଦ କରାଯାଉଛି ବୋଲି ସେ କହିଥିଲେ।

# ଶେଷ ବଦଳି

ଡ. ବିଶ୍ୱଭାରତୀ

ନନା (ଆମେ ବାପାଙ୍କୁ ନନା ଡାକୁ) ଚାକିରି କରିବାର ପ୍ରାୟ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଆମଘରେ ଟିଭି, ଫ୍ରିଜ୍ ବା କୌଣସି ଆସବାବପତ୍ର ନ ଥିଲା। ଏସବୁ କିଣିବା ପାଇଁ ଇଚ୍ଛା ବା ଟଙ୍କା ପଇସାର ଅଭାବ ତ ଥିଲା। କାରଣ ଅଧିକାଂଶ ସମୟରେ ଦରମାର ଏକ ବଡ଼ ଭାଗ ଗାଁର ଗରିବପିଲାଙ୍କ ପାଠପଢ଼ା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବା କୌଣସି ରୋଗୀର ଡାକ୍ତରଖାନା ଖର୍ଚ୍ଚ ବାବଦରେ ବ୍ୟୟ କରିବାକୁ ନନା ବେଶି ଭଲ ପାଉଥିଲେ। କିନ୍ତୁ ଏସବୁ ସହିତ ଅନ୍ୟ ଏକ ବଡ଼ କାରଣ ଥିଲା ଯେ, ବଦଳି ଅର୍ଡର ବାହାରିବାର ଚବିଶଘଣ୍ଟା ଭିତରେ ନନା ସେ ସ୍ଥାନ ପରିତ୍ୟାଗ କରୁଥିଲେ। ଖୁବ୍ କମ୍ ସମୟ ଭିତରେ ଦୁଇଟି ବାକ୍ସରେ ଲୁଗାପଟା, ବାସନକୁସନ ଓ ବହିପତ୍ର ରଖି ଦିଆଯାଉଥିଲା ଏବଂ ଦୁଇଟି ସଅପରେ କନ୍ଥା ତକିଆ ବନ୍ଧା ହେଉଥିଲା। ଏସବୁ ବସ୍‌ରେ ଲଦି ଆମମାନଙ୍କୁ ନେଇ ନନା ନୂତନ କର୍ମସ୍ଥଳୀକୁ ଚାଲି ଯାଉଥିଲେ। ଏ ଘଟଣା ଏତେ ଅପ୍ରତ୍ୟାଶିତ ଭାବେ ଘଟୁଥିଲା ଯେ ସ୍ଥାନୀୟ ଲୋକେ ତଥା କର୍ମସଙ୍ଗୀମାନେ ବିଶ୍ୱାସ କରିପାରୁ ନ ଥିଲେ। ଯେ କୌଣସି ଜାଗାରେ ଯୋଉ କାମ ବି କରୁଥିଲେ, ଏତେ ନିଷ୍ଠାର ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ଉତ୍ସାହ ଉଦ୍ଦୀପନାର ସହିତ କରୁଥିଲେ ଯେ ଖୁବ୍ କମ୍ ଦିନ ଭିତରେ ଅନେକ କାଳର ଅସଜଡ଼ା କାମ ନୂଆରୂପରେ ନିଖୁଣ ଭାବରେ ହୋଇଯାଉଥିଲା। ତେଣୁ ଯେତେବେଳେ ତାଙ୍କର ବଦଳି ଅର୍ଡର ବାହାରୁ ଥିଲା ଲୋକେ ସ୍ତବ୍ଧ ହୋଇଯାଉଥିଲେ। ବ୍ୟାକୁଳ ହୋଇ କହୁଥିଲେ, ଏତେ ଶୃଙ୍ଖଳିତ ଭାବରେ ସଜାଡ଼ି ଦେଇଥିବା କାମ ସବୁ ଆପଣ ଏଠୁ ଚାଲିଗଲେ କେମିତି ହେବ? ଦୟାକରି ଆପଣ ଏଠୁ ଯାଆନ୍ତୁ ନାହିଁ। ଏ ବଦଳି ଅର୍ଡରକୁ ଗ୍ରହଣ କରନ୍ତୁ ନାହିଁ। ଅନେକ ସମୟରେ ଏମିତି ବି ହେଇଛି ଯେ, ସ୍ଥାନୀୟ ଲୋକେ ବା କାର୍ଯ୍ୟାଳୟର କର୍ମଚାରୀମାନେ ନିଜ ତରଫରୁ ଉପରିସ୍ଥ ଅଧିକାରୀମାନଙ୍କୁ ନନାଙ୍କ ବଦଳି ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ପ୍ରତ୍ୟେକ ଥର ବିନମ୍ରତାର ସହିତ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ନୂତନ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି ଏହା କହି ଦେଇ ଯେ 'ବାକି ଥିବା କାର୍ଯ୍ୟ ଆପଣମାନେ ଆଗେଇ ନେବେ।'

ଥରେ ପଚାରିଲି 'ନନା ଲୋକେ ତ ଏତେ ଚାହୁଁଛନ୍ତି, ତୁମେ ଏଠି ଆଉ କିଛି ଦିନ ରହିଯାଉନ?' ନନା ହସି ହସି ଉତ୍ତର ଦେଲେ, ମା'ରେ ! ସବୁବେଳେ ମନେରଖିବୁ ପ୍ରଥମ କଥା ତ ବଦଳି ଡାକରା ଆସିଲା ମାତ୍ରେ ତାକୁ ସମ୍ମାନ ଦେଇ ତୁରନ୍ତ ଚାଲିଯିବା ଉଚିତ। ଦ୍ୱିତୀୟ କଥା ହେଲା, ଯେତେବେଳେ କୌଣସି ସ୍ଥାନରେ ଲୋକେ ତୁମର ଉପସ୍ଥିତି ଚାହୁଁଥିବେ, ସେହି ସମୟରେ ହିଁ ସେ ସ୍ଥାନ ପରିତ୍ୟାଗ କରିବାର ପ୍ରକୃଷ୍ଟ ସମୟ। ତା' ଠାରୁ ଅଧିକ ସମୟ ସେଠି ରହିଲେ, ନିଜର ଲୋକପ୍ରିୟତା କମିଯାଏ ଓ ଯୋଉ ଲୋକ ତୁମର ଉପସ୍ଥିତି ଆଜି ଚାହୁଁଛନ୍ତି, ସେହିମାନେ ହିଁ କହିବେ, ଏ ଲୋକଟା ଯାଉନି କାହିଁକି? କେତେଦିନ ଆଉ ଏଠି ରହିବ? ତେଣୁ, ଚାକିରିରେ କେବେ ବି ଏକ୍ସଟେନଶନ ନେବ ନାହିଁ। ଏକଥା ସେ ତାଙ୍କ ସମସ୍ତ ଚାକିରି କାଳରେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। କିନ୍ତୁ ଆମେ ଭାବି ନ ଥିଲୁ ଯେ ଚାକିରି କ୍ଷେତ୍ରରେ ପାଳନ କରୁଥିବା ନିୟମଟା ସେ ଜୀବନକ୍ଷେତ୍ରରେ ମଧ୍ୟ ଲାଗୁ କରିଦେବେ। ଏଇ ମହାମାରୀ ସମୟରେ ଆମେ ସମସ୍ତେ ଯେତେବେଳେ ଏକାଠି ଘରେ ଥିଲୁ ଏବଂ ତାଙ୍କର ଉପସ୍ଥିତି ବହୁତ ଚାହୁଁଥିଲୁ, ସେହି ସମୟରେ ହିଁ ସେ ହଠାତ୍ ଚାଲିଗଲେ। ସମାଜରେ ଯେତେବେଳେ ତାଙ୍କର ଲୋକପ୍ରିୟତା ଥିଲା, ସେଇ ସମୟକୁ ହିଁ ସେ ଯିବା ପାଇଁ ବାଛିଲେ। ବୋଧହୁଏ ଭାବିଲେ, ଯଦି ଆଉ ଅଧିକ ଦିନ ଏଠି ରହିବି, ତେବେ ହୁଏତ ଜରା, ରୋଗ କବଳିତ ହେବି ଓ ମୋ ଚାରିପଟର ଲୋକେ ମତେ କହିବେ, ଏ ଲୋକଟା ଯାଉନି କାହିଁକି? କେତେ ଦିନ ଆଉ ଏଠି ରହିବ? ତେଣୁ ସମ୍ପୂର୍ଣ୍ଣ ସୁସ୍ଥସବଳ ଥିବା ଅବସ୍ଥାରେ, ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ଥିବା ବେଳେ ଶେଷ ପର୍ଯ୍ୟନ୍ତ କର୍ମତତ୍ପର ରହି ଶେଷ ବଦଳି ଅର୍ଡର ଆସିବା କ୍ଷଣି ତୁରନ୍ତ ଚାଲିଗଲେ ; ଆଉ ଏକ୍ସଟେନଶନ ନେଲେ ନାହିଁ। ସମାଜ ଓ ପ୍ରକୃତିର ସୁଧାର ପାଇଁ ଚିନ୍ତା କରିଥିବା ଅସୁମାରୀ ସ୍ୱପ୍ନକୁ ସାକାର କରିବାର ଉତ୍ତରଦାୟିତ୍ୱ ଆମ ସମସ୍ତଙ୍କୁ ହସ୍ତାନ୍ତର କରିଦେଇ ଶାନ୍ତିରେ ଶେଷ ବଦଳି ଗ୍ରହଣ କଲେ।


(ଦଶାହ ଉପଲକ୍ଷେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କୁ ଶ୍ରଦ୍ଧାଞ୍ଜଳି)

# ୭ କୁଇଣ୍ଟାଲ ୭୨ କେଜି କେନ୍ଦୁପତ୍ର ଜବତ

ସମ୍ବଲପୁର,୧୯।୬ (ବ୍ୟୁରୋ)

ସମ୍ବଲପୁର ବଡରମା ବନ୍ୟପ୍ରାଣୀ ବିଭାଗ ପାଟ୍ରୋଲିଂ ଟିମ୍ ଶନିବାର ଏକ ମିନିଟ୍ରକ୍‌ରେ ଚୋରା ଚାଲାଣ ହେଉଥିବା ୭ କୁଇଣ୍ଟାଲ ୭୨ କେଜି କେନ୍ଦୁପତ୍ର ଜବତ କରିଥିବା ବନ ବିଭାଗ ସୂଚନା ଦେଇଛି। ମିନି ଟ୍ରକ୍ (ଓଆର୍ ୧୫ଏନ୍–୮୦୮୬) ଜବତ ହୋଇଥିବାବେଳେ ଚାଳକ ଫେରାର ହୋଇଯାଇଛନ୍ତି । ମିଳିଥିବା ସୂଚନା ଅନୁସାରେ ରଞ୍ଜନ କୁମାର ଜିତ, ସୌରଭ କୁମାର ଚୌଧୁରୀଙ୍କ ସମେତ ବନ ସୁରକ୍ଷା ସ୍କ୍ୱାଡ୍ ଆଲୋକ କୁମାର ପ୍ରଧାନ, ଅଶୋକ ଜିତ, ସୁଶାନ୍ତ କୁମାର ସାହୁ, ସରୋଜ କୁମାର ମହାକୁଡ ପାଟ୍ରୋଲିଂ କରୁଥିଲେ। ଡୁମେରମୁଣ୍ଡା ଗ୍ରାମ ନିକଟରେ କେନ୍ଦୁପତ୍ର ବୋଝେଇ ମିନିଟ୍ରକ୍ ଦ୍ରୁତ ଗତିରେ ଯାଉଥିବା ଦେଖି ସେମାନେ ଅଟକାଇଥିଲେ। ହେଲେ ଡ୍ରାଇଭର ଗାଡିକୁ କିଛି ଦୂରରେ ଛାଡି ଫେରାର ହୋଇଯାଇଥିଲେ। କର୍ମଚାରୀମାନେ ଯାଞ୍ଚ କରିବାରୁ କେନ୍ଦୁପତ୍ର ଥିବା ଦେଖିଥିଲେ।




# ବର୍ଷା ପାଣିରେ ବୁଡ଼ି ଅମଳ ଧାନ ନଷ୍ଟ

ପଡିଆବାହାଲ,୧୯।୬(ଡି.ଏନ.ଏ.)

ସମ୍ପ୍ରତି ମୌସୁମୀ ବର୍ଷା ଲାଗିରହିଥିବାରୁ ସମ୍ବଲପୁର ଜିଲା ପଡିଆବାହାଲ ଅଞ୍ଚଳର ଚାଷୀମାନଙ୍କ ଅମଳ ହୋଇଥିବା ଓ ଅମଳ ହେବାକୁ ଥିବା ଧାନ ନଷ୍ଟ ହେବାକୁ ବସିଛି। ଖେତରେ ପାଚିଲା ଧାନ ବୁଡି ରହି ଗଜା ଧରିଥିଲା ବେଳେ ବହୁ ଚାଷୀଙ୍କ ଗଚ୍ଛିତ ଧାନ ବର୍ଷା ପାଣିରେ ଭିଜିଯାଇଛି। ପକ୍କା ଖଳା ନ ଥିବାରୁ ଅନେକ ଚାଷୀ ପିଚୁ ସଡକ ଉପରେ ଧାନ ଶୁଖାଇଥିଲେ। ତାହା ମଧ୍ୟ ବର୍ଷାରୁ ବାଦ୍ ପଡିନାହିଁ। ଏପରି ସମସ୍ୟା ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅପରପକ୍ଷେ ଟୋକନ୍ ଥାଇ ବି ବିଭିନ୍ନ କାରଣରୁ ଅଧିକାଂଶ ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି। ବିଶେଷକରି ବଡଚୁରାଙ୍ଗ ଓ ପଧାନପାଲି ଗ୍ରାମର ଚାଷୀଙ୍କ ବ୍ୟାପକ କ୍ଷତି ହୋଇଛି। ପନିପରିବା ଚାଷୀମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କରୋନା କଟକଣା ହେତୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ସହ ବଜାର ସୁବିଧା ନ ପାଇ କ୍ଷତି ସହିବାକୁ ବାଧ୍ୟ ହୋଇଛନ୍ତି।

# ମଝି ପୋଲରେ ଟ୍ରକ୍ ଅଟକି ରାସ୍ତା ଜାମ୍

ପଡିଆବାହାଲ,୧୯।୬(ଡି.ଏନ.ଏ.)

ଶନିବାର ସକାଳେ ସମ୍ବଲପୁର ଜିଲା ପଡିଆବାହାଲ ନିକଟ ଗୌଡପାଲି ମାଲତି ପୋଲଠାରେ ଏକ ମାଲ ବୋଝେଇ ଟ୍ରକ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକି ରହିଥିଲା। ଫଳରେ ଦୀର୍ଘ ୩ରୁ ୪ ଘଣ୍ଟା ଧରି ଉକ୍ତ ରାସ୍ତା ଜାମ୍ ରହିଥିଲା। ସଦର ପୋଲିସ ପହଞ୍ଚି ଟ୍ରକ୍‌କୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଡାକ୍ତରଙ୍କ ସୁରକ୍ଷା ଲାଗି ଆଇନ ହେଉ

ସମ୍ବଲପୁର,୧୯।୬ (ବ୍ୟୁରୋ)

ଡାକ୍ତରମାନଙ୍କ ସୁରକ୍ଷା ଲାଗି ଆଇନ କରାଯାଉ। ଶୁକ୍ରବାର ସନ୍ଧ୍ୟାରେ ସମ୍ବଲପୁର ହସ୍ପିଟାଲ ରୋଡ୍‌ସ୍ଥିତ ଆଇଏମ୍ଏ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ କର୍ମକର୍ତ୍ତା ଏହା କହିଛନ୍ତି। ଏହାସହ ପେସାଦାର ସୁରକ୍ଷା ଆଇନ ପ୍ରଚଳନ, ଡାକ୍ତରଖାନା ସୁରକ୍ଷା ବ୍ୟବସ୍ଥା ମାନ ନିର୍ଦ୍ଧାରଣ, ଡାକ୍ତରଖାନାଗୁଡିକୁ ସୁରକ୍ଷିତ ଜୋନ ଘୋଷଣା, ଫାଷ୍ଟଟ୍ରାକ୍ ମୋଡ୍‌ରେ ବିଚାର କରି ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମାନେ ଦର୍ଶାଇଥିଲେ, ୨୦୨୦ରେ ୭୫୦ ଏବଂ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୭୦୦ ଆଇଏମ୍ଏ ସଦସ୍ୟ ତଥା ଡାକ୍ତର ରୋଗୀସେବା କରି ପ୍ରାଣବଳୀ ଦେଇଛନ୍ତି। ସେମାନଙ୍କୁ ବର୍ବରୋଚିତ ଆକ୍ରମଣ ଲଜ୍ଜାଜନକ। ଆଇଏମ୍ଏ ସମ୍ବଲପୁର ଶାଖା ସଭାପତି ଡା. କୋଦଣ୍ଡ ରାଓ, ସମ୍ପାଦକ ଡା. ସୁନୀଲ ଶର୍ମା, ରାଜ୍ୟ ଉପସଭାପତି ଡା. ପ୍ରଦୀପ୍ତ କୁମାର ପଣ୍ଡା ଓ ମୁଖପାତ୍ର ଡା. ରାଜକୁମାର ବଡପଣ୍ଡା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ସମ୍ବଲପୁର ଆଇଏମ୍ଏ ହାଉସଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଦୁର୍ଘଟଣାରେ ଦମ୍ପତି ଗୁରୁତର, ରାସ୍ତାରୋକୋ

**କିର୍ମିରା,୧୯।୬ (ଡି.ଏନ.ଏ.):** ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ରେଲୱେ ଫାଟକ ସମ୍ମୁଖ ରାସ୍ତା ଶୋଚନୀୟ ହୋଇପଡିଛି। ଏଥିଯୋଗୁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ଶନିବାର ଏକ ବାଇକ୍‌ରେ ଏକ ଦମ୍ପତି ଓ ତାଙ୍କର ଗୋଟିଏ ପିଲା ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୋପାଳ କଳାର ଓ ନନ୍ଦକିଶୋର କେଶରୀ ଏହାର ନେତୃତ୍ୱ ନେଇଥିଲେ। ସେମାନେ ଦର୍ଶାଇଥିଲେ, ରାସ୍ତା ଦୁରବସ୍ଥା ଯୋଗୁ ଯାତ୍ରୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। କାରଖାନାର ଭାରିଯାନ ଚଳାଚଳ ଯୋଗୁ ଉକ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଆନ୍ଦୋଳନ ଖବର ପାଇ କାରଖାନା କର୍ତ୍ତୃପକ୍ଷ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ରାସ୍ତା ମରାମତି ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।


ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଦମ୍ପତିଙ୍କୁ ଲୋକେ ଉଦ୍ଧାର କରୁଛନ୍ତି।

# ଯୁବ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜୟନ୍ତୀ



ସମ୍ବଲପୁର,୧୯।୬(ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ଯୁବ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମକର୍ତ୍ତାମାନେ ସମ୍ବଲପୁର ବିଧାନସଭା ଅଧୀନ ହୀରାକୁଦ ଅଞ୍ଚଳରେ କରୋନା ସଚେତନତା, ବୃକ୍ଷରୋପଣ, ଶୁଖିଲା ଖାଦ୍ୟ ବଣ୍ଟନ ଆଦି କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଶେଖ ହାସିମ, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ଯୁବ କଂଗ୍ରେସ ଜିଲା ସଭାପତି ପ୍ଲାବନ ବହିଦାର, ଉପସଭାପତି ପର୍ୱିନ ସୁମିତ ଷଡଙ୍ଗୀ, ସାଧାରଣ ସମ୍ପାଦକ ନେହା ଖାନ, ପିଙ୍କୁ ସିଂ, ଅନୱର ଖାନ, ନୀଳକଣ୍ଠ ମେସୁଆ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ରେଢାଖୋଲ ନିର୍ବାଚନ ମଣ୍ଡଳୀ ଯୁଯୁମୁରା ବ୍ଲକ କଂଗ୍ରେସ ପକ୍ଷରୁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ କଂଗ୍ରେସ ସଭାପତି ଦୀପକ ପ୍ରଧାନ, ସୀରାଜ ଅହମ୍ମଦ, ସୁରେଶ ପ୍ରଧାନ, ଆଲୋକ ପ୍ରଧାନ, ନାଗରାଜ ପ୍ରଧାନ, କିଟୁ ବିଶ୍ୱାଳ, ଲକି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା କୃଷକ ସଂଘର ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା ଅଫିସ,୧୯।୬

**ରବିଧାନ ବିକ୍ରିରୁ ବଞ୍ଚିତ ଚାଷୀ**

ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ଝାରସୁଗୁଡା ଜିଲାର କେତେକ ଚାଷୀ ରବିଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଜିଲା କୃଷକ ସଂଘ ଆନ୍ଦୋଳନ ଚେତାବନୀ ଦେଇଛି।

ଚଳିତବର୍ଷ ରବିଋତୁରେ ଜିଲାରେ ସମୁଦାୟ ୩୨ ପ୍ୟାକ୍ସରେ ୧୩୨୪ଜଣ ଚାଷୀ ନାମ ପଞ୍ଜୀକୃତ ପାଇଁ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୯୩୯ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି। ପଞ୍ଜୀକୃତ ତାଲିକାରେ କେତେକ ଚାଷୀଙ୍କ ନାମ ରହିଥିବାବେଳେ ସେମାନଙ୍କ ଟୋକନ୍ ଓ ଟାର୍ଗେଟ୍ ଆସିନାହିଁ। କେତେକ ଚାଷୀଙ୍କ ଟୋକନ୍ ଆସିଥିବାବେଳେ ଟାର୍ଗେଟ୍ ଆସି ନ ଥିବାରୁ ସେମାନଙ୍କ ଟୋକନ୍ ସମୟସୀମା ଅତିବାହିତ ହୋଇଯାଇଛି। ଫଳରେ ସେମାନେ ଧାନବିକ୍ରିରୁ ବଞ୍ଚିତ ହେଉଛନ୍ତି। ଲଖନପୁର ବ୍ଲକ୍ ସମରବଗା ପ୍ୟାକ୍ସରେ ୭୧ ଚାଷୀ ଧାନବିକ୍ରି ପାଇଁ ଆବେଦନ କରିଥିଲେ। ଏଥିମଧ୍ୟରୁ ୫୧ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି । ଚାଷୀ ଜୟରାମ ବାରିକ, ଗୋପରଞ୍ଜନ ବିଶ୍ୱାଳ ଓ ନବ କିଶୋର ବିଶ୍ୱାଳଙ୍କ ନାମ ପଞ୍ଜୀକରଣ ତାଲିକାରେ ରହିଥିବାବେଳେ ଏମାନଙ୍କୁ ଟୋକନ୍ ମିଳିନାହିଁ। ଫଳରେ ସେମାନେ ଧାନ ବିକ୍ରିରୁ ବଞ୍ଚିତ ଅଛନ୍ତି। ସେହିପରି ରାଧେଶ୍ୟାମ ସିଂହ ଓ ନିଳମଣି ବିଶ୍ୱାଳଙ୍କ ଟୋକନ୍ ଆସିଥିବାବେଳେ ଟାର୍ଗେଟ୍ ଆସି ନ ଥିଲା। ଟୋକନ୍ ସମୟସୀମା ଗତ ୧୨ତାରିଖ ପର୍ଯ୍ୟନ୍ତ ରହିଥିବାବେଳେ ସେହିଦିନ ସନ୍ଧ୍ୟାରେ ସିଏସ୍‌ଓ ଅଫିସ୍‌ରୁ ଉଭୟ ଚାଷୀଙ୍କ ୪୧ କୁଇଣ୍ଟାଲ୍ ଧାନବିକ୍ରି ପାଇଁ ଟାର୍ଗେଟ୍ ଆସିଥିଲା । ଏହି ସମୟରେ ନେଟ୍ କାମ କରୁ ନ ଥିବାରୁ ଚାଷୀଙ୍କ ଟାର୍ଗେଟ୍ କମ୍ପ୍ୟୁଟରରେ ଲୋଡ୍ ହୋଇପାରି ନ ଥିଲା। ଫଳରେ ଚାଷୀଙ୍କ ନିକଟରୁ ଧାନ କିଣାଯାଇପାରି ନ ଥିଲାବୋଲି ପ୍ୟାକ୍ସର ସମ୍ପାଦକ ପ୍ରମୋଦ ପ୍ରଧାନ କହିଛନ୍ତି। ଏ ନେଇ ଏସିଏସ୍‌ଓ ରଘୁନାଥ ପାତ୍ର କହିଛନ୍ତି, ପରେ ଯେଉଁ ଟାର୍ଗେଟ୍ ଆସିଥିଲା ସେସବୁକୁ ସମସ୍ତ ପ୍ୟାକ୍ସକୁ ବାଣ୍ଟିଦିଆଯାଇଛି। ଟୋକନ୍ ପାଇଥିବା କୌଣସି ଚାଷୀ ଟାର୍ଗେଟରୁ ବଞ୍ଚିତ ହୋଇନାହାନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ଜିଲା କୃଷକ ସଂଘ ପ୍ରବକ୍ତା ବିରଞ୍ଚି ସାହୁ ନିନ୍ଦା କରିବା ସହ ଏ ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।


ଧାନବିକ୍ରିରୁ ବଞ୍ଚିତ ଚାଷୀ ସମରବଗା ପ୍ୟାକ୍ସରେ ପହଞ୍ଚିଛନ୍ତି।

|| Sradhanjali ||



26. 07. 1945 - 17. 06. 2021

With fathomless grief and a heavy heart, we convey the heartbreaking message of sudden demise of our mother Smt. Nirmala Dhir (spouse of Sri Nrusingha Charan Dhir), who left for her heavenly abode, on Thursday, 17 June 2021 (Time : 7.36PM).

Aggrieved
Satyabrata Dhir, Debabrata Dhir, Priyabrata Dhir,
Nibedita Dhir & Madhusmita Dhir & Family

ଯଦି କୌଣସି ସମସ୍ୟା ଆସେ– ତେବେ ତା' ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# ଭଲ ଖବର ପାଉନାହୁଁ



ଆକାର ପଟେଲ

ଭାରତରେ ଭଲ ଖବର ପାଇବା ସହଜ ନୁହେଁ ଏବଂ ଅନେକ ଦିନରୁ ଏହା ପାଇବା ବି ସହଜ ହୋଇନାହିଁ। ନିକଟରେ ଭାରତର ଅର୍ଥ ବ୍ୟବସ୍ଥା ଚଳିତ ତ୍ରୈମାସିକ(ଏପ୍ରିଲରୁ ଜୁନ୍)ରେ ଦୁଇଅଙ୍କରୁ ଅଧିକ ତଳକୁ ଖସୁଛି ବୋଲି ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ଏକ ଏଜେନ୍ସିର ରିପୋର୍ଟ ହେଲେ ମଧ୍ୟ ଏହାକୁ ଅନେକ ମିଡିଆ ସଂସ୍ଥା ପ୍ରକାଶ କରିଥିଲେ। ଏହାକୁ ଅନ୍ୟମାନେ ଏପରି କି ସରକାର ମଧ୍ୟ ଖଣ୍ଡନ କରି ନ ଥିଲେ କି ଏହା ଉପରେ କୌଣସି ଟିପ୍ପଣୀ ରଖି ନ ଥିଲେ। ଅର୍ଥାତ୍ ଏହାକୁ ସମସ୍ତେ ସତ ମାନି ନେଇଥିଲେ। ମହାମାରୀ ପୂର୍ବରୁ ଜାନୁୟାରୀ ୨୦୧୮ରୁ ୨୪ ମାସ ଧରି ଅର୍ଥବ୍ୟବସ୍ଥା ମାନ୍ଦା ରହିଥିଲା। ପରେ ଜାନୁୟାରୀ ୨୦୨୦ରୁ ୧୮ ମାସ ହେବ ଏହା ପୂରା ଧ୍ୱଂସ ହୋଇଯାଇଛି। ଏବେ ଆମ ଅର୍ଥ ବ୍ୟବସ୍ଥା ବିଶ୍ୱର ସବୁଠୁ ଖରାପ। ଭାରତର ଆର୍ଥିକ ଅଭିବୃଦ୍ଧି ୪୨ ମାସ ଧରି ତଳକୁ ଖସିଆସିଛି, କିନ୍ତୁ କାହିଁକି ଏଭଳି ଘଟୁଛି ତାହା ସରକାର କହି ନାହାନ୍ତି। ଏଥିରେ କ'ଣ ତ୍ରୁଟି ରହିଛି ଓ ତାହାକୁ ସୁଧାରିବା ଲାଗି କେଉଁ ଯୋଜନା କରିଛନ୍ତି ତାହା ମଧ୍ୟ ଜଣାଉନାହାନ୍ତି। ମାନ୍ଦା ଅର୍ଥ ବ୍ୟବସ୍ଥା ସୁଧାରିବା ପାଇଁ ଗତ ବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୫ଟି କଥା ଉପସ୍ଥାପନ କରିଥିଲେ। କିନ୍ତୁ ସମସ୍ୟା ରହିଥିବା ଜଣେ ସ୍ୱୀକାର କଲେ ହିଁ ଏହି ସଙ୍କଟଜନକ ସ୍ଥିତିକୁ ସୁଧାରିବା ସମ୍ଭବ ବୋଲି ସେ କହିଥିଲେ। ଏଣୁ ଯାହା ଘଟିଆସୁଛି ତାହାକୁ ଭୁଲ୍ ବୋଲି ଗ୍ରହଣ କରୁ ନ ଥିବାରୁ ଆମେ ଏଭଳି ଅବସ୍ଥାରେ ଆଗକୁ ବି ରହିବା। ନିୟମିତ ରୋଜଗାର ସମ୍ପର୍କିତ ତଥ୍ୟ ପ୍ରଦାନ କରୁଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆ ଇକୋନୋମୀ(ସିଏମ୍‌ଆଇଇ) କହିଛି ଯେ, ଭାରତରେ ବେରୋଜଗାର ଏବେ ୧୧% ରହିଛି, ଏହା ପାକିସ୍ତାନ ଏବଂ ବାଂଲାଦେଶଠାରୁ ଅଧିକ। ମୁଦ୍ରାସ୍ଫୀତି ଏବେ ଉଚ୍ଚରେ ; ଯଦିଓ ଚାହିଦା କମ୍ ରହିଛି ଏବଂ ହୋଲ୍‌ସେଲ ପ୍ରାଇସ୍ ସବୁ ସର୍ବାଧିକରେ ପହଞ୍ଚିଛି। ୧୯୯୨ ପରଠାରୁ ଏହା ସବୁଠୁ ବେଶି। ପେଟ୍ରୋଲ ମୂଲ୍ୟ ଲିଟର ପ୍ରତି ୧୦୦ଟଙ୍କା ଏବଂ ଡିଜେଲ ତା'ପାଖାପାଖି ହୋଇଛି। ବର୍ଷ ଶେଷ ସୁଦ୍ଧା ଅଶୋଧିତ ତୈଳ ଦର ପୁଣି ୨୦% ବୃଦ୍ଧି ପାଇବାର ସମ୍ଭାବନା ଅଛି। ୨୦୧୪ରେ ରପ୍ତାନି ଯେଉଁ ସ୍ତରରେ ରହିଥିଲା ଏବେ ସେଇଠି ଅଛି। ମୋଦିଙ୍କ ନେତୃତ୍ୱରେ ୭ ବର୍ଷ ମଧ୍ୟରେ ଭାରତର କୌଣସି ଅଭିବୃଦ୍ଧି ଘଟିନାହିଁ, ବରଂ ଏହି ସମୟ ମଧ୍ୟରେ ବାଂଲାଦେଶ, ଭିଏତ୍‌ନାମର ଅଭିବୃଦ୍ଧି ହୋଇଛି ଏବଂ ଚାଇନା ବିଶ୍ୱରେ ତା' ଅଂଶ କବ୍‌ଜା କରି ରଖିଛି।

ମେ'ରୁ ନଭେମ୍ବର ଯାଏ ୮୦ କୋଟି ଭାରତୀୟଙ୍କୁ ମାଗଣାରେ ମାସକୁ ଜଣଙ୍କ ପିଛା ୫ କେ.ଜି.ଗହମ କିମ୍ବା ଚାଉଳ ଓ ୧ କେ.ଜି.ଡାଲି ଯୋଗାଇ ଦିଆଯାଉଛି। ମେ'ରେ ୧୬ ଲକ୍ଷ ଟନ୍ ଗହମ ଏବଂ ୧୫ ଲକ୍ଷ ଟନ୍ ଚାଉଳ ବଣ୍ଟାଗଲା। ଏହା ଏବେ ଭାରତର ଦାରିଦ୍ର୍ୟ ଅବସ୍ଥା ସମ୍ପର୍କରେ ନିଶ୍ଚିତ ଭାବେ ବହୁତ କିଛି ଜଣାଇଦେବ। ମୋଦି ୨୦୧୪ରେ କ୍ଷମତାକୁ ଆସିଲା ବେଳେ କହିଥିଲେ ଯେ ଏମ୍‌ଜିଏନ୍‌ଆର୍‌ଇଜିଏ ମନମୋହନ ସରକାରଙ୍କ ବିଫଳତାର ଏକ ସ୍ମାରକୀ। ସେ ଲୋକଙ୍କୁ ପ୍ରକୃତ କାମ ଯୋଗାଇଦେବେ, କିନ୍ତୁ ଏମ୍‌ଜିଏନ୍‌ଆର୍‌ଇଜିଏ କାମ ନୁହେଁ। ହେଲେ ଗତ ବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏ ଆକାର ୩ଗୁଣ ରହିଥିଲା। କାରଣ କୋଟି କୋଟି ଲୋକ ରୋଜଗାର ହରାଇ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଏମାନେ ଏବେ ଏମ୍‌ଜିଏନ୍‌ଆର୍‌ଇଜିଏ ଓ ମାଗଣା ଖାଦ୍ୟଶସ୍ୟ ଉପରେ ନିର୍ଭରଶୀଳ। ଯେଉଁଥିପାଇଁ ଗତ ସପ୍ତାହରେ ଗୁଜରାଟ ସରକାର କହିଥିଲେ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏ ହିଁ ବାସ୍ତବରେ ଜୀବନରକ୍ଷକ। ଲଦାଖରେ ଭାରତ ଚାଇନା ମୁହାଁମୁହିଁ ହେବା ବର୍ଷେ ହୋଇଗଲାଣି। ଭାରତ ସେଠାରେ ସ୍ଥାୟୀ ଭାବେ ହଜାର ହଜାର ସୈନ୍ୟଙ୍କୁ ମୁତୟନ କରିଛି। ଏଭଳି ସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ତଳ ସ୍ତରକୁ ଯାଉଛି ଏବଂ ଏବେ ସାମୂହିକ ମତଭେଦ ବଦଳରେ ଏକ ନିର୍ଦ୍ଦିଷ୍ଟ ସମସ୍ୟା ଉପରେ କେବଳ ଏରିୟା କମାଣ୍ଡରମାନେ ଆଲୋଚନା କରିବେ ବୋଲି ଚାଇନା ଆମକୁ କହିଛି। ଦୀପସଙ୍ଗ୍‌ରେ ଏଯାବତ ଆମ ସୈନ୍ୟମାନେ ପାଟ୍ରୋଲିଂ କରିପାରୁନାହାନ୍ତି। ପରିସ୍ଥିତିକୁ ସରକାର ସ୍ୱୀକାର କରିନାହାନ୍ତି କି ଲଦାଖରେ ସଙ୍କଟ ଉପୁଜିବା ପରଠାରୁ ଗୋଟିଏ ହେଲେ ବି ପ୍ରେସ୍ ବିବୃତି ରଖିନାହାନ୍ତି। ମନେକରାଯାଉଥିଲା ଭାରତ ବିଶ୍ୱର ଟିକା ଗୁରୁ ଓ ଟିକା ଫ୍ୟାକ୍ଟ୍ରି ହେବ, କିନ୍ତୁ ଏହା ପରିବର୍ତ୍ତେ ଅଗ୍ରିମ ଦେୟ ପଇଠ କରିଥିବା ଦେଶଗୁଡ଼ିକୁ ଏହାର ଉତ୍ପାଦିତ ଟିକା ଯୋଗାଣକୁ ବନ୍ଦ କରି ବିଶ୍ୱ ଟିକାକରଣ କାର୍ଯ୍ୟକ୍ରମକୁ ଧ୍ୱଂସ କରିଦେଇଛି। ଭାରତ ଜନସଂଖ୍ୟାର ମାତ୍ର ୩%ଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କରିପାରିଥିବା ବେଳେ ବିଶ୍ୱରେ ଏହା ହାରାହାରି ୯%। କାହିଁକି ଏପରି ହୋଇଛି ସରକାର ପ୍ରକାଶ କରୁନାହାନ୍ତି। ରାଜ୍ୟଗୁଡ଼ିକର ପ୍ରଦତ୍ତ କୋଭିଡ୍ ମୃତକଙ୍କ ସଂଖ୍ୟାଠାରୁ ପ୍ରତିଦିନ ଅଧିକ ୪ରୁ ୧୦ ଗୁଣ ମଧ୍ୟରେ ମୃତ୍ୟୁ ସଂଖ୍ୟାର ରିପୋର୍ଟ ସାମ୍ନାକୁ ଆସୁଛି। ସଂକ୍ରମିତ ଏବଂ ମୃତ୍ୟୁର ବାସ୍ତବ ସଂଖ୍ୟା ପାଇବା ଲାଗି ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି।

ଚଳିତ ମାସରେ ଇଂଲଣ୍ଡରେ ଅନୁଷ୍ଠିତ ଜି୭ ବୈଠକରେ ପ୍ରଧାନମନ୍ତ୍ରୀ ଓପନ ସୋସାଇଟିଜ୍ ଷ୍ଟେଟ୍‌ମେଣ୍ଟରେ ସ୍ୱାକ୍ଷର କରି ଭାରତ ମାନବାଧିକାର ଏବଂ ନାଗରିକ ସ୍ୱତନ୍ତ୍ରତା ସୁରକ୍ଷା ଉପରେ କାର୍ଯ୍ୟ କରିବା ସହ ଏହାକୁ ପ୍ରୋତ୍ସାହିତ କରିବାକୁ ସଂକଳ୍ପ ନେଇଥିଲେ। କିନ୍ତୁ ଏହା ଉପରେ ଏଠି ଯିଏ ସ୍ୱର ଉଠାଇଛି ସେ ଅନ୍‌ଲ'ଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ସନ ଆକ୍ଟ(ୟୁଏପିଏ)ରେ ଗିରଫ ହୋଇ ଜେଲରେ ରହିଛି। ଦିଲ୍ଲୀ ସୀମାରେ ଜାତୀୟ ରାଜପଥ କଡ଼ରେ ହଜାର ହଜାର କୃଷକ ଆନ୍ଦୋଳନ ଜାରି ରଖିଛନ୍ତି। କୃଷି ଆଇନଗୁଡ଼ିକୁ ସ୍ଥଗିତ ରଖାଯାଇଛି, କିନ୍ତୁ ପ୍ରତ୍ୟାହାର କରାଯାଇନାହିଁ। କାହିଁକି ? ସୁପ୍ରିମ୍‌କୋର୍ଟ ଉକ୍ତ ଆଇନଗୁଡ଼ିକୁ ସ୍ଥଗିତ ରଖିବାର ୬ ମାସ ପରେ ବି ମୋଦି ଏହି ଆଇନଗୁଡ଼ିକ ସମ୍ପର୍କରେ କିଛି କହିନାହାନ୍ତି। ଆପଣ ମୋଦିଙ୍କ ସମର୍ଥକ କିମ୍ବା ବିରୋଧୀ ଅବା ନିରପେକ୍ଷ ବ୍ୟକ୍ତି ହୋଇଥାଆନ୍ତୁ, ଦେଶର ସ୍ଥିତିକୁ ଦେଖିଲେ ଜାଣିପାରିବେ ଯେ ସରକାର ଭଲ ଖବର ସାମ୍ନାକୁ ଆଣୁନାହାନ୍ତି। ଏଥିପାଇଁ ଆଶାବାଦୀ ହେବା ବି ଜଟିଳ ହୋଇପଡ଼ିଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 9 | 3 | | | 1 | | |
| | | | | 6 | | 2 | | |
| | 7 | 1 | | | 2 | | 8 | |
| | | | | | | | | |
| 7 | 5 | | | 9 | | | | |
| 1 | | | 6 | | | | 5 | |
| | | | | | | 3 | | |
| | | | 7 | | 1 | 5 | | 2 |
| | 3 | | 4 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 5 | 7 | 2 | 8 | 9 | 1 |
| 9 | 7 | 1 | 6 | 8 | 3 | 4 | 5 | 2 |
| 2 | 5 | 8 | 4 | 1 | 9 | 7 | 6 | 3 |
| 8 | 9 | 2 | 3 | 5 | 4 | 6 | 1 | 7 |
| 7 | 4 | 5 | 1 | 2 | 6 | 3 | 8 | 9 |
| 1 | 6 | 3 | 8 | 9 | 7 | 2 | 4 | 5 |
| 5 | 8 | 7 | 2 | 6 | 1 | 9 | 3 | 4 |
| 6 | 2 | 4 | 9 | 3 | 5 | 1 | 7 | 8 |
| 3 | 1 | 9 | 7 | 4 | 8 | 5 | 2 | 6 |

ଗତକାଲିର ଉତ୍ତର

# ଅନ୍ନଚିନ୍ତା ଚମତ୍କାର

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

କିଏ ଜଣେ କହିଥିଲେ ପରା, 'ପେଟରେ ଯଦି ଭୋକ ନ ଥାଆନ୍ତା, ତେବେ ସଜୀବ ଓ ନିର୍ଜୀବ ମଧ୍ୟରେ କିଛି ପ୍ରଭେଦ ନ ଥାଆନ୍ତା'। ସଜୀବ ବଞ୍ଚେ, ବଢ଼େ ଓ ପୁଣି କାଳକ୍ରମେ ନିଃଶେଷ ହୋଇଯାଏ। ମାତ୍ର ନିର୍ଜୀବ ବଞ୍ଚିବା ଓ ବଢ଼ିବା ଭଳି ଜୈବିକ ପ୍ରକ୍ରିୟାଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ। ଜୀବନର ସଂବେଦ୍ୟ ସଙ୍କେତ ଭାବେ କ୍ରିୟା, ପ୍ରକ୍ରିୟା ଓ ପ୍ରତିକ୍ରିୟା ପ୍ରତିନିୟତ ଅନୁଭୂତ ହେଉଥିବା ବେଳେ ନିର୍ଜୀବମାନେ ଚିରକାଳ ନିଥର, ନିଶ୍ଚଳ। ମଣିଷ ହେଉ କି ପଶୁପକ୍ଷୀ ଅବା ବୃକ୍ଷଲତା, ଯେଉଁମାନେ ଜୀବନର ଅଧିକାରୀ, ସେମାନଙ୍କର ପ୍ରାଥମିକ ଆବଶ୍ୟକତା ହେଉଛି ପେଟ ପାଇଁ ଖାଦ୍ୟ। ପୁଣି ମଣିଷମାନଙ୍କ ମଧ୍ୟରେ ସେ ଜ୍ଞାନୀ, ବିଜ୍ଞାନୀ, ଧନୀ, ମାନୀ ବା ସଭ୍ୟ, ଶିକ୍ଷିତ ହୁଅନ୍ତୁ କି ମୂର୍ଖ, ଦରିଦ୍ର, ଅସଭ୍ୟ, ଅଶିକ୍ଷିତ ; ସମସ୍ତଙ୍କ ପାଇଁ ସମାନ ଭାବେ ଯେଉଁ ଉକ୍ତିଟି ପ୍ରଯୁଜ୍ୟ, ତାହା ହେଉଛି 'ଅନ୍ନଚିନ୍ତା ଚମତ୍କାର'! ଆଉ ଟିକେ ମେଳାଇ କହିଲେ ଏ ସଂସାରରେ ସବୁ ନାଟର ମୂଳରେ ପେଟ!

ମନେପଡୁଛି ଲକ୍ଷ୍ମୀଛଡ଼ା ଦୁଇଭାଇ ବଡ଼ଦେଉଳର ଜଗନ୍ନାଥ ଓ ବଳଭଦ୍ରଙ୍କ କଥା। କ'ଣ ନ ଥିଲା ସେ ଦୁହିଁଙ୍କର! ଜଗତର କର୍ତ୍ତା ଜଗନ୍ନାଥ, ଚିରମାନ୍ୟ ଅଗ୍ରଜ ବଳରାମ। 'ଆ' କହିଲେ ଅଜାଡ଼ି ପଡ଼ିଥା'ନ୍ତା ଜଗତଯାକର ଐଶ୍ୱର୍ଯ୍ୟ। 'ଯା' କହିଲେ ଚାଲି ଯାଇଥା'ନ୍ତା ଯେତେ ଯାହା ଦୁଃଖ ଯାତନା। ଅଥଚ ଉତ୍କଟ ଦୁର୍ଭାଗ୍ୟ ମଧ୍ୟରେ ପରିସ୍ଥିତି ଏମିତି ହୋଇଥିଲା ଯେ, ଷାଠିଏ ପଉଟି ସୁସ୍ୱାଦୁ ବ୍ୟଞ୍ଜନ ଦୂରେ ଥାଉ, ଦୁଇ ମୁଠା ସାଧାରଣ ଅନ୍ନ ବି ସେମାନଙ୍କ ପାଇଁ ଦୁର୍ଲଭ ହୋଇଥିଲା। ସଂସାରର ସବୁଠାରୁ ସ୍ୱଚ୍ଛଳ ଦେବତା ଦୁହିଁଙ୍କ ପାଇଁ ଅସହ୍ୟ ଭୋକର ଅଭିଶପ୍ତ ଅନୁଭବ ମଧ୍ୟରୁ ଗୁଞ୍ଜରିତ ହେଉଥିଲା ଏକ ସର୍ବକାଳୀନ ସତ୍ୟ– 'ଅନ୍ନଚିନ୍ତା ଚମତ୍କାର'।

କିମ୍ବଦନ୍ତୀର ଏହି କାହାଣୀକୁ କଳ୍ପନାପ୍ରସୂତ କହି ଏଡ଼ାଇ ଦିଆଯାଇପାରେ। ମାତ୍ର ଆଦୌ ଏଡ଼ାଇ ହେବନାହିଁ ବର୍ଷକ ତଳେ କରୋନାର ପ୍ରଥମ ଲହର କାଳରେ ସଂଘଟିତ ହୋଇଥିବା ଗଣଦୁର୍ଭାଗ୍ୟର ସେହି ଆଖିଦେଖା କଥା। ସମଗ୍ର ଦେଶରେ ଜୀବନକୁ ପ୍ରାଧାନ୍ୟ ଦେଇ ଜୀବିକାକୁ ଯେତେବେଳେ ତାଲାବନ୍ଦ ନାମରେ ନିର୍ବାସନରେ ପଠା ଯାଇଥିଲା, ସେତେବେଳେ ଖୋଲା ଆକାଶ ତଳେ ଖାଲି ପେଟରେ ନିଜ ନିଜର ଜୀବିକା ହରାଇ ପିଲା ପରିବାର ଧରି ନିଜ ଭିଟାମାଟିକୁ ଫେରୁଥିବା ଲମ୍ୱା ପଟୁଆର ମୂଳରେ ଥିଲା ସେଇ ଗୋଟିଏ କଥା– 'ଅନ୍ନଚିନ୍ତା ଚମତ୍କାର'। ପରିବହନ ବ୍ୟବସ୍ଥା ବନ୍ଦ ଥିବା ସତ୍ତ୍ୱେ ପାଦରେ ଚାଲିଚାଲି ଶହଶହ ମାଇଲ ଅତିକ୍ରମ କରୁଥିବା ପ୍ରବାସୀ ଶ୍ରମିକଙ୍କ ପଟୁଆରର ସେହି ହୃଦୟବିଦାରକ ଦୃଶ୍ୟ ଯିଏ ଦେଖିଛନ୍ତି, ସିଏ ହିଁ ଜାଣିଛନ୍ତି ଅନ୍ନଚିନ୍ତା କେତେ ଚମତ୍କାର। ପ୍ରକୃତରେ ନିଜ କର୍ମସ୍ଥଳରେ ମୁଠାଏ ଯଦି ଖାଇବାର ବ୍ୟବସ୍ଥା ହୋଇଥା'ନ୍ତା, ତେବେ ପ୍ରଚଣ୍ଡ ରୌଦ୍ରତାପରେ ଶିଝି ପଥଚାରୀ ସେହି ପଥ ଉପରେ ଟଳିପଡ଼ି ନ ଥା'ନ୍ତେ କି ଅବିରତ ଚାଲିର କ୍ଳାନ୍ତି ମେଣ୍ଟାଇବା ପାଇଁ ରେଳଧାରଣା ଉପରେ ଶୋଇ ଯାଇଥିବା ହତଭାଗ୍ୟ ପ୍ରବାସୀଙ୍କ ଉପରେ ଟ୍ରେନ ମାଡ଼ିଯାଇ ନ ଥା'ନ୍ତା!

ପେଟର ଭୋକ ମଣିଷକୁ କେମିତି ପଶୁର ପ୍ରତିଦ୍ୱନ୍ଦ୍ୱୀ ଭୂମିକାରେ ଅବତୀର୍ଣ୍ଣ କରିପାରେ, ତାହାର ଏକ ସ୍ୱଚ୍ଛ ଚିତ୍ର ଏଇ କେଇଦିନ ତଳେ ଘୂରି ବୁଲୁଥିଲା ସାମାଜିକ ଗଣମାଧ୍ୟମରେ। ବଡ଼ ମର୍ମଭେଦୀ ସେଇ ଦୃଶ୍ୟ ଆଖିରେ ପଡ଼ିଗଲାମାତ୍ରେ ମାନବ ସଭ୍ୟତାର ସମୃଦ୍ଧିକୁ ନେଇ ମନରେ ଯେମିତି ପ୍ରଶ୍ନ ଉଠେ, ସେମିତି କେବଳ ସ୍ଲୋଗାନ ମଧ୍ୟରେ ତିଷ୍ଠି ରହିଥିବା ଆମ ବିଧି ବ୍ୟବସ୍ଥାର ତଥାକଥିତ ଲୋକ କଲ୍ୟାଣ ପ୍ରକଳ୍ପକୁ ନେଇ ସନ୍ଦେହ ସୃଷ୍ଟି ହୁଏ। ଗୋଟିଏ ଡଷ୍ଟବିନ୍‌ରେ ଫିଙ୍ଗା ଯାଇଥିବା କିଛି ବଳକା ଅଇଁଠା ଖାଦ୍ୟକୁ ଖାଇବା ପାଇଁ ପ୍ରତିଯୋଗିତାରେ ଲାଗି ପଡ଼ିଥା'ନ୍ତି ଗୋଟିଏ ପଟେ ଏକ ବୁଲା କୁକୁର ତ ଅନ୍ୟ ପଟେ ଦଶ ବାର ବର୍ଷର ଜଣେ ଭୋକିଲା ବାଳକ। ଦାରିଦ୍ର୍ୟର ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟକୁ ଟିକେ ଗମ୍ଭୀର ଭାବେ ଅବଲୋକନ କଲେ ମାନବୀୟ ସଂସ୍କୃତିରେ ବିଶ୍ୱାସ ରଖୁଥିବା ଯେକୌଣସି ଲୋକ ମାନବତାର ପ୍ରକୃତ ପରିଭାଷାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯିବେ।

କେଇଦିନ ତଳେ ଲକ୍‌ଡାଉନ୍ କଟକଣାକୁ ଅମାନ୍ୟ କରି ଶତାଧିକ ଲୋକଙ୍କୁ ଖାଇବାକୁ ଦେଉଥିଲେ ଜଣେ ଗୃହସ୍ୱାମୀ। ନିଜ ମାଆଙ୍କ ଏକାଦଶାହ ଶୁଦ୍ଧି ପାଇଁ ଥିଲା ଏହି ଗଣଭୋଜିର ଆୟୋଜନ। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଅଚାନକ ଚଢ଼ାଉ କରି ଏହା କୋଭିଡ୍ ଆଇନର ଉଲ୍ଲଂଘନ କହି ଶତାଧିକ ଲୋକଙ୍କ ପାଇଁ ପ୍ରସ୍ତୁତ ସମସ୍ତ ଖାଦ୍ୟକୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଖାଦ୍ୟଶାଳା ସଂଲଗ୍ନ ଭୂମି ଉପରେ ଢାଳି ଦେଉଥିଲା ବେଳେ ମନେପଡୁଥିଲା ସେଇ ବାରବର୍ଷର ଭୋକିଲା କିଶୋରଟିର ବିକଳ ମୁହଁ, ଯିଏ ନିଜ ଭୋକ ମେଣ୍ଟାଇବା ପାଇଁ କୁକୁର ମୁହଁରୁ ଅଇଁଠା ଖାଦ୍ୟ ଛଡ଼ାଇ ଆଣିବାର ପ୍ରୟାସ କରୁଥିଲା। କୋଭିଡ୍ ଆଇନ ଉଲ୍ଲଂଘନ ଭଳି ଅପରାଧ ପାଇଁ ଶହ ଶହ ଲୋକଙ୍କର ଖାଦ୍ୟ ନଷ୍ଟ କରୁଥିବା ପ୍ରଶାସନିକ ଅଧିକାରୀ ସେଇ ଭୋକିଲା ବାଳକର ବିକଳ ମୁହଁଟିକୁ ଦେଖିଥା'ନ୍ତେ ସିନା ; ଜାଣିଥା'ନ୍ତେ ଅନ୍ନଚିନ୍ତା କେତେ ଚମତ୍କାର!

ଏଇ ପେଟ ଚାଖଣ୍ଡକ ମଧ୍ୟରେ ରାଜୁତି କରୁଥିବା ଭୋକ ରାକ୍ଷସର ଆବଶ୍ୟକତାକୁ ପୂରଣ କରିବା ପାଇଁ ସମାଜର ସବୁ ବର୍ଗର ଲୋକ ଯିଏ ଯାହା ବାଟରେ ଉଦ୍ୟମରତ। କିଏ ଉଚିତ ମାର୍ଗରେ ଯାଇ ନିଜ ପେଟ ପୂରାଇବା ପାଇଁ ଉଦ୍ୟମ କରନ୍ତି ତ ଅନ୍ୟ କେହି ଅସାଧୁ ଓ ଅନୁଚିତ ବାଟରେ ପେଟ ପାଇଁ ଖାଦ୍ୟ ଅର୍ଜନ କରନ୍ତି। ଅବଶ୍ୟ ଏ କଥା ଭିନ୍ନ ଯେ, ଭୋକ ରାକ୍ଷସଠାରୁ ଆହୁରି ଭୟଙ୍କର ଲୋଭ ରାକ୍ଷସର କବଳରେ ଥରେ ପଡ଼ିଗଲେ ଭୋକର ଜ୍ୱାଳା ଅନନ୍ତ କାଳଯାଏ ପ୍ରଶମିତ ହୋଇପାରେନା। ପୂର୍ବରୁ ମଣିଷ ସଭ୍ୟତା ବିକଶିତ ହୋଇ ନ ଥିବାବେଳେ ନିଜ ପେଟ ପୂରାଇବା ପାଇଁ ଅନ୍ୟ ମୁହଁରୁ ବଳ ପ୍ରୟୋଗ କରି ଖାଦ୍ୟ ଛଡ଼ାଇ ଆଣୁଥିଲା ମଣିଷ। ମାତ୍ର ଏବେ ତ ଏକ ସମୃଦ୍ଧ ସଭ୍ୟତା ମଧ୍ୟରେ ବି ନିଜ ପେଟ ଭରିବା ପରେ ବି ନିଜ ବୁଦ୍ଧି ଓ ଶକ୍ତି ପ୍ରୟୋଗ କରି ଅନ୍ୟମାନଙ୍କ ଭାଗର ଆହାର ନିଜ ପଟକୁ ଟାଣି ଆଣୁଛି ସଭ୍ୟ ବୋଲାଉଥିବା ବୁଦ୍ଧିମାନ୍, କ୍ଷମତାବାନ୍ ମଣିଷ!

ଲକ୍ଷ୍ୟ କରିବାର କଥା, ଅନ୍ନଚିନ୍ତା କେବଳ ଦରିଦ୍ର ଜନଙ୍କ ପାଇଁ ନୁହେଁ, ଅତ୍ୟନ୍ତ ସ୍ୱଚ୍ଛଳ ଜୀବନ ଜିଉଁଥିବା ସଂଭ୍ରାନ୍ତ ବର୍ଗୀୟ ଲୋକଙ୍କ ପାଇଁ ମଧ୍ୟ ସମାନ ଭାବେ ଚମତ୍କାର ପ୍ରଦର୍ଶନ କରିଥାଏ। ପାଖରେ ପୁଳାଏ ଟଙ୍କା ଥିବ, ଥିବ ବି ମୋଟା ଅଙ୍କର ବ୍ୟାଙ୍କ ବାଲାନ୍ସ, ରହିବା ପାଇଁ ଥିବ ସୁରମ୍ୟ ପ୍ରାସାଦ, ନିଜର ସେବା ପାଇଁ ନିୟୋଜିତ ଥିବେ ବିଭିନ୍ନ ବର୍ଗର ସେବିକା ସେବକ, ପୋର୍ଟିକୋରେ ଥିବ ନାମୀ ଦାମୀ ଗାଡ଼ି। ଏକ ସୁନ୍ଦର, ସୁଖମୟ ବିଘ୍ନବିହୀନ ଜୀବନ ବଞ୍ଚିବା ପାଇଁ ପାଖରେ ଥିବ ଯେତେ ଯାହା ଆବଶ୍ୟକ ଉପାଦାନ। ଅଥଚ ସମୟ ଏମିତି ଆସିବ, ସବୁ ଥାଇ ବି ଦୁଇ ଓଳି ଦୁଇ ମୁଠା ଖାଇବାକୁ ପେଟ ପାଇଁ ଦାନା ନ ଥିବ! ବଡ଼ ବିଚିତ୍ର ଯେ ଅବସ୍ଥା। କୋଟିଏ ଟଙ୍କାର ଶେଯ ଥିବ, ମାତ୍ର ଆଖିରେ ବିନା ମୂଲ୍ୟରେ ଉପଲବ୍ଧ ହେଉଥିବା ନିଦ ଟିକିଏ ନ ଥିବ!

କରୋନା ସଂକଟର ଏହି ବିଷମ କାଳ ମଣିଷର ଜୀବନକୁ ବହୁ ଭାବେ ଦୋହଲାଇ ଦେଇଛି। ବଦଳାଇ ଦେଇଛି ସଂସାରର ସଂଜ୍ଞା, ସମ୍ପର୍କର ପରିଭାଷା। ଥରେ କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲ ଗଲେ ତେଣିକି ହରି ଭରସା। ଭାଗ୍ୟ ସଲଖ ଥିଲେ, ସୁସ୍ଥ ହୋଇ ହସ୍ପିଟାଲରୁ ଫେରିଆସିଲେ କଥା ଅଲଗା। ମାତ୍ର ଯଦି ମୃତ୍ୟୁ ଘଟିଲା, ତେବେ ଜୀବନକାଳର ସବୁ ସମ୍ପର୍କ ଅଚିରେ ଉଭାନ୍ ହୋଇଯାଏ। କାନ୍ଧରେ ନେବାକୁ ପଡ଼ିଶା ଅସ୍ୱୀକାର କରନ୍ତି, ପୁତ୍ର କନ୍ୟାମାନେ ମୁଖାଗ୍ନି ଦେବାର ସୁଯୋଗ ପାଆନ୍ତି ନାହିଁ ବା ସୁଯୋଗ ପାଇଲେ ବି କରୋନା ଭୟରେ ରାଜି ହୁଅନ୍ତି ନାହିଁ। ସିଧା ହସ୍ପିଟାଲରୁ ଶେଷଯାତ୍ରା ଆରମ୍ଭ ହୁଏ ଶ୍ମଶାନକୁ। କେଉଁଠି କିଟ୍‌ପିନ୍ଧା କର୍ମଚାରୀମାନେ ଗୋଟିଏ ଜୁଇରେ ତିନୋଟି ଶବ ରଖି ଦାହ କରନ୍ତି ତ ଅନ୍ୟ କେଉଁଠି ଅପରିଚିତ ମଶାଣି ବନ୍ଧୁମାନେ ସମ୍ମାନର ସହ ଦାହସଂସ୍କାର କରନ୍ତି ସିନା, ଶବର ସମ୍ପର୍କୀୟମାନେ ନ ଆସିବାରୁ ଅସ୍ଥିକଳସର ବିସର୍ଜନକୁ ନେଇ ଅଡୁଆରେ ପଡ଼ନ୍ତି।

ଯେ ତ ଗଲା କରୋନାରେ ଚାଲିଯାଉଥିବା ହତଭାଗ୍ୟ ବରିଷ୍ଠ ନାଗରିକମାନଙ୍କ ଶବର କଥା। ମାତ୍ର ଯେଉଁମାନେ ଭାଗ୍ୟବଳରୁ କରୋନାର ପଞ୍ଝାଠାରୁ ଦୂରରେ ରହିଯାଉଛନ୍ତି, ସେମାନଙ୍କ ଯନ୍ତ୍ରଣା କେହି କେବେ ତଉଲିବାକୁ ଚେଷ୍ଟା କରୁନାହାନ୍ତି। ମୃତ୍ୟୁ ଚିନ୍ତାଠୁଁ ବଳି ଯାଉଛି ପେଟ ଭରିବାକୁ ଦୁଇମୁଠା ଅନ୍ନର ଚିନ୍ତା। ରାଜଧାନୀ ଭୁବନେଶ୍ୱରର ସଂଖ୍ୟାଧିକ ବରିଷ୍ଠ ନାଗରିକମାନଙ୍କ ଦୁର୍ଭାଗ୍ୟ ପ୍ରାୟତଃ ଏକା ପରି। ସମୟଚକ୍ରରେ ଆଧୁନିକତାର ଆବାହନ ମଧ୍ୟରେ ବଦଳି ଯାଉଥିବା ଜୀବନଧାରାରେ ପରିଣତ ବୟସ୍କ ସ୍ୱାମୀ ସ୍ତ୍ରୀ ଦୁହେଁ ଏକା ରହୁଛନ୍ତି। ପିଲାମାନେ ବୃତ୍ତିଦାୟରେ ରାଜ୍ୟ ବାହାରେ ବା ଦେଶ ବାହାରେ। ବାର୍ଦ୍ଧକ୍ୟର ରୋଗ ସମୂହର ପ୍ରତିବିଧାନ ପାଇଁ ପୁଳାପୁଳା ଔଷଧ ମଧ୍ୟରେ ଜୀବନ ବିତୁଛି। କରୋନା ଲଦି ଦେଇଥିବା ସାମାଜିକ ଦୂରତା ପାଇଁ ନିୟୋଜିତ ସେବିକାସେବକମାନଙ୍କୁ ସାମୟିକ ଭାବେ କାର୍ଯ୍ୟଚ୍ୟୁତ କରାଯାଇଛି। ସୁତରାଂ, ଉଭୟଙ୍କ ପାଇଁ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ସଂଗ୍ରହ କରିବା ବା ନିଜେ ରୋଷେଇ କରି ଖାଇବା ଏକ ଆହ୍ୱାନରେ ପରିଣତ ହୋଇଛି। ବାଧ୍ୟ ହୋଇ କେତେବେଳେ ଶୁଖିଲା ଚୁଡ଼ା, ମୁଢ଼ି, ଛତୁଆ ତ ଅନ୍ୟବେଳେ ପାଉଁରୁଟି ଖାଇ ବଞ୍ଚିବାକୁ ବିବଶ ହେଉଛନ୍ତି ଅଭିଶପ୍ତ ବାର୍ଦ୍ଧକ୍ୟ ଭୋଗୁଥିବା ବୁଢ଼ାବୁଢ଼ୀମାନେ।

ଧୀରେ ଧୀରେ ସେଇ ବୟସକୁ ଛୁଇଁବାକୁ ଯାଉଥିବା ଜଣେ ସମାଜମନସ୍କ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରମୋଦ ପଟ୍ଟନାୟକ ବୟସ୍କମାନଙ୍କ ଏହି 'ଅନ୍ନଚିନ୍ତା ଚମତ୍କାର' ଭଳି ଦୁର୍ଭାଗ୍ୟକୁ ଲକ୍ଷ୍ୟ କରି ସେମାନଙ୍କ ପାଇଁ ଦୁଇ ଓଳି ରନ୍ଧାଖାଦ୍ୟ ସମୁଚିତ ମୂଲ୍ୟରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ତଥା ସାମାଜିକ କଲ୍ୟାଣ ଓ ମିଶନ ଶକ୍ତି ବିଭାଗକୁ ଅନୁରୋଧ କରିଛନ୍ତି। ବମ୍ବେ, ପୁଣେ, ବାଙ୍ଗାଲୋର ଓ ଦିଲ୍ଲୀ ଭଳି ମହାନଗରୀଗୁଡ଼ିକରେ ସରକାରୀ ନିୟନ୍ତ୍ରଣ ମଧ୍ୟରେ ବୁଢ଼ାବୁଢ଼ୀମାନଙ୍କ ପାଖରେ ରନ୍ଧାଖାଦ୍ୟ ପହଞ୍ଚାଇ ଦିଆଯାଇ ପାରୁଥିବା ବେଳେ ପ୍ରଶାସନିକ ସ୍ତରରେ କେବଳ ଏକ ଦୃଢ଼ ଇଚ୍ଛାଶକ୍ତି ବଳରେ ଆମ ଭୁବନେଶ୍ୱର ବା ଅନ୍ୟ ସହରମାନଙ୍କରେ ରହୁଥିବା ବୟୋବୃଦ୍ଧମାନଙ୍କ ପାଇଁ ମଧ୍ୟ ଏହା ସମ୍ଭବ ହୋଇପାରନ୍ତା। ପ୍ରକୃତରେ ରାସ୍ତାର ବୁଲା ଗାଈଗୋରୁ କୁକୁର ମାଙ୍କଡ଼ଙ୍କ ପେଟ ଚିହ୍ନି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଆମ ଲୋକପ୍ରିୟ ସରକାର ଏକା ଏକା ରହୁଥିବା ବୟସ୍କଙ୍କ ପେଟକଥା ବୁଝନ୍ତେ ସିନା!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ– ୮୮୯୫୬୨୪୧୦୫

# ପେନ୍ ପିଣ୍ଟରର ବିଜେତା

ବ୍ୟକ୍ତିତ୍ୱ



ସିଟ୍‌ସି ଡଙ୍ଗରେମ୍ବୋଗା

ବିଶ୍ୱରେ କଳା ଲୋକଙ୍କୁ ଘୃଣା କରିବାର ଇତିହାସ ବହୁ ପୁରୁଣା। କିନ୍ତୁ ସମୟ ପ୍ରମାଣ ଦେଇଛି ସେହି କୃଷ୍ଣକାୟମାନେ ପରିଶ୍ରମ ଓ ଧୀଶକ୍ତି ବଳରେ ଗୋରା ଲୋକଙ୍କୁ ଅନେକ କ୍ଷେତ୍ରରେ ପଛରେ ପକାଇ ଦେଇଛନ୍ତି। 'ବର୍ଣ୍ଣବୈଷମ୍ୟ' ଅତୀତ ପୃଷ୍ଠାରୁ ଅଦ୍ୟାବଧି ଏକ ବଡ଼ ଅଂଶ ମାଡ଼ି ବସିଛି। ପିଢ଼ି ପରେ ପିଢ଼ି ତାହାକୁ ପଢ଼ି ଚାଲିଛନ୍ତି। ମାତ୍ର ଯେତେବେଳେ ସେହି କଳା ଲୋକ କାହାଣୀରେ ନିର୍ଯାତିତ ହେଉଥିବାର ଚରିତ୍ରରେ ନ ରହି ପୁସ୍ତକ ରଚନା କରି ସମସ୍ତଙ୍କ ନଜରକୁ ଆସନ୍ତି, ସେତେବେଳେ ଅସହାୟ ଗୋରା ଲୋକ ଲଜ୍ଜିତ ହେବା ସ୍ୱାଭାବିକ। ଜିମ୍ବାୱେର ଲେଖିକା ସିଟ୍‌ସି ଡଙ୍ଗରେମ୍ବୋଗା 'ପେନ୍ ପିଣ୍ଟର ପୁରସ୍କାର ୨୦୨୧' ବିଜେତା ହୋଇ ପ୍ରମାଣ କରିଦେଇଛନ୍ତି ଯେ, ସୃଜନଶୀଳତା କଳା ଗୋରା ଭେଦଭାବ ରଖେ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ନୋବେଲ ପୁରସ୍କାର ବିଜେତା ବ୍ରିଟିଶ ନାଟ୍ୟକାର ହାରୋଲ୍‌ଡ ପିଣ୍ଟରଙ୍କ ସ୍ମୃତିରେ ବାକ୍ ସ୍ୱାଧୀନତା ଅଭିଯାନ ଦିଗରେ କାର୍ଯ୍ୟରତ ବିଶ୍ୱର ସର୍ବପୁରାତନ ମାନବ ଅଧିକାର ସଙ୍ଗଠନ 'ଇଂଲିଶ୍ ପେନ୍' ୨୦୦୯ରେ 'ପେନ୍ ପିଣ୍ଟର ପ୍ରାଇଜ୍' ପ୍ରତିଷ୍ଠା କରିଥିଲା। ଏହାର ବିଜେତା ଆୟର୍ଲାଣ୍ଡ, ବ୍ରିଟେନ, ରାଜ୍ୟଗୋଷ୍ଠୀ ମଧ୍ୟରେ ଆସୁଥିବା ରାଷ୍ଟ୍ରର ଇଂଲିଶ ଭାଷାରେ ଲେଖୁଥିବା ଲେଖକଙ୍କୁ ପ୍ରଦାନ କରାଯାଇ ଆସୁଛି।

ସିଟ୍‌ସି ୪ ଫେବୃୟାରୀ ୧୯୫୯ରେ ଦକ୍ଷିଣ ରୋଡେସିଆର ମୁଟୋକୋ (ବର୍ତ୍ତମାନ ଜିମ୍ବାୱେ)ଠାରେ ଜନ୍ମଗ୍ରହଣ କରିଥିଲେ। ସ୍ଥାନୀୟ ସ୍କୁଲରେ ମାତାପିତା ଉଭୟ ଶିକ୍ଷକତା କରୁଥିଲେ। ମାତା ସୁସାନ୍ ଦକ୍ଷିଣ ରେଡେସିଆର ପ୍ରଥମ କୃଷ୍ଣକାୟ ମହିଳା ଭାବେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପିତା ଅମୋନ ଉଚ୍ଚଶିକ୍ଷିତ ଥିଲେ। ଅଧିକ ପଢ଼ିବା ଲାଗି ମାତାପିତା ଇଂଲଣ୍ଡ ପଳାଇଯାଇଥିଲେ। ସେହି ସମୟରେ ମାତାପିତା ଚାହୁଁଥିଲେ ସେମାନଙ୍କ ପୁଅ ଓ ଝିଅ ଇଂଲିଶ ପଢ଼ନ୍ତୁ। ସେଠାରେ ଥିବା ବେଳେ ଭାଇ ଭଉଣୀ ଇଂଲିଶରେ କଥା ହେଉଥିଲେ। ସେମାନେ ଇଂଲିଶ ସହ ଏଭଳି ଅଭ୍ୟସ୍ତ ହୋଇଯାଇଥିଲେ ଯେ ମାତୃଭାଷା 'ଶୋନା'କୁ ଭୁଲି ଯାଇଥିଲେ। ମାତ୍ର ଛ' ବର୍ଷ ରହଣିରେ ତାଙ୍କ ପଢ଼ା ସେହିଠାରେ ଶେଷ ହୋଇଥିଲା। ମାତାପିତା ୧୯୬୫ରେ ରୋଡେସିଆ ଫେରି ଆସିଥିଲେ। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ପିଲାମାନେ ଶୋନା ଭାଷାକୁ ପୁନଃ କରାୟତ୍ତ କରିଥିଲେ ହେଁ ପଢ଼ାର ମାଧ୍ୟମ ଇଂଲିଶ ରଖି ମିସନାରୀ ସ୍କୁଲରେ ପଢ଼ିଥିଲେ। ସ୍କୁଲ ବେଳେ ସିଟ୍‌ସି ଅତି ମେଧାବୀ ଛାତ୍ରୀ ଥିଲେ। ସାଲିବୁରୀ (ବର୍ତ୍ତମାନର ହାରାରେ)ରୁ ପଢ଼ା ଶେଷ କରିବା ପରେ ସେ ୧୯୭୭ରେ ଡାକ୍ତରୀ ପଢ଼ିବାକୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଯାଇଥିଲେ। ହେଲେ ସେ ବର୍ଣ୍ଣବୈଷମ୍ୟର ଶିକାର ହୋଇଥିଲେ। ଏପରିକି ୩ ବର୍ଷ ପଢ଼ିବା ପରେ ନିର୍ଯାତନା ସହି ନ ପାରି ସେଠାରୁ ଫେରି ଆସିଥିଲେ ନିଜ ଦେଶ ଜିମ୍ବାୱେ। ଡାକ୍ତରୀ ବୃତ୍ତିକୁ ପଛରେ ପକାଇ କିଛି ବର୍ଷ ପାଠ ମଧ୍ୟ ପଢ଼ାଇଥିଲେ। ତା' ପରେ ଜିମ୍ବାୱେ ବିଶ୍ୱବିଦ୍ୟାଳୟରେ ମନସ୍ତତ୍ତ୍ୱ ବିଷୟ ରଖି ପାଠ ପଢ଼ିଥିଲେ। ଏହା ପରେ ଦୁଇ ବର୍ଷ ଏକ ମାର୍କେଟିଂ ଏଜେନ୍ସିରେ କପିରାଇଟର ଭାବେ କାର୍ଯ୍ୟ କରିଥିଲେ। କେବଳ ସେତିକି ନୁହେଁ, ଏକ ଥିଏଟର ଗ୍ରୁପ୍‌ରେ ସାମିଲ ହୋଇଥିଲେ। କିନ୍ତୁ ମହିଳାଙ୍କୁ ଅଭିନୟ କରିବାର ସୁଯୋଗ ମିଳୁ ନ ଥିଲା। କେବଳ ନାଟ୍ୟ ପ୍ରଯୋଜନା ଦାୟିତ୍ୱ ମିଳିଥିଲା। ମହିଳାଙ୍କୁ ଅଣଦେଖା କରାଯାଉଥିବାରୁ ସିଟ୍‌ସିଙ୍କ ମନରେ ଦୁଃଖ ଆସିଥିଲା। ସେ ନୂଆ ଭୂମିକାରେ ଅବତୀର୍ଣ୍ଣ ହୋଇ ପୁରୁଷପ୍ରାଧାନ୍ୟ ଲେଖକ ସମାଜରେ ବ୍ୟତିକ୍ରମ ଆଣି ଲେଖିକା ହେବାକୁ ଆଗ୍ରହ ଦେଖାଇ ଥିଲେ। ସେହି ପ୍ରତିଜ୍ଞା ତାଙ୍କୁ ୧୯୮୩ରେ 'ଲଷ୍ଟ ଅଫ୍ ଦି ସଏଲ୍' ନାଟକ ଲେଖାଇ ସଫଳତା ଦେଇଥିଲା। ପରେ ସେ 'ସି ନୋ ଲଙ୍ଗର ଉଇପ୍ସ' ଓ 'ଦି ଥାର୍ଡ ୱାନ୍' ଲେଖି ଚହଳ ପକାଇଥିଲେ। ସେହି ସମୟ ମଧ୍ୟ ତାଙ୍କୁ ଆମେରିକୀୟ ଲେଖିକା ଓ ଆଫ୍ରିକୀୟ ସାହିତ୍ୟ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ କରିବାକୁ ସୁଯୋଗ ଦେଇଥିଲା। ଫଳସ୍ୱରୂପ ତାଙ୍କ ଇଂଲିଶ ଲେଖା ଅତ୍ୟନ୍ତ ପ୍ରଭାବଶାଳୀ ହେଲା। ୧୯୮୫ରେ ତାଙ୍କ କ୍ଷୁଦ୍ରଗଳ୍ପ 'ଦି ଲେଟର' ସ୍ୱେଡିଶ୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ କର୍ପୋରେଶନ ଏଜେନ୍ସି ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାରୁ ଇଂଲିଶ ସାହିତ୍ୟିକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଥିଲେ। ଏହା ପରେ ତାଙ୍କ ପ୍ରଥମ ଉପନ୍ୟାସ 'ନର୍ଭସ କଣ୍ଡିସନ୍' ୧୯୮୮ରେ ଲଣ୍ଡନରେ ପ୍ରକାଶ ପାଇଥିଲା। ଏହାର ଗୋଟିଏ ବର୍ଷ ପରେ ଆମେରିକାରେ ଏହା ପ୍ରକାଶିତ ହେବାରୁ ତାଙ୍କ ଖ୍ୟାତି ଦିଗବିଦିଗ ହୋଇଥିଲା। ଜଣେ କୃଷ୍ଣକାୟ ମହିଳାଙ୍କ ଦ୍ୱାରା ଇଂଲିଶରେ ଲିଖିତ ପ୍ରଥମ ଉପନ୍ୟାସ 'ନର୍ଭସ କଣ୍ଡିସନ'ରେ ସିଟ୍‌ସି ଡଙ୍ଗରେମ୍ବୋଗାଙ୍କ ଆତ୍ମଜୀବନୀର ଆଭାସ ମିଳିଛି। ଏହି ଉପନ୍ୟାସ ୨୦୧୮ରେ ବିବିସି ତାଲିକାର ଶୀର୍ଷରେ ରହି ଦୁନିଆକୁ ଏକ ସୂକ୍ଷ୍ମ ବାର୍ତ୍ତା ଦେଇଛି ଯେ, ଇଚ୍ଛା ଥିଲେ ସୁଯୋଗ ଆସିଥାଏ।

'ନର୍ଭସ କଣ୍ଡିସନ' ପରେ ସିଟ୍‌ସି ଆହୁରି କେତେକ ଉପନ୍ୟାସ ଲେଖିଛନ୍ତି। ତାଙ୍କର ପ୍ରତ୍ୟେକ ଲେଖାରେ ସେ ମାନବବାଦ ଓ ମଣିଷ ପ୍ରତି ଭଲ ପାଇବାର ଗୁଣକୁ ଗୁନ୍ଥି ଦେଇଥିବାରୁ ତାହା ଲୋକପ୍ରିୟତା ଅର୍ଜନ କରିଚାଲିଛି। ଅନ୍ୟପକ୍ଷରେ ଯେଉଁ ଗୋରାମାନେ ଦିନେ ତାଙ୍କୁ ଉପହାସ କରୁଥିଲେ ସେ ଆଜି ସେମାନଙ୍କଠାରୁ ଇଂଲିଶ ସାହିତ୍ୟ ପାଇଁ ଦିଆଯାଉଥିବା ପୁରସ୍କାରକୁ ଛଡ଼ାଇ ନେବାରେ ସକ୍ଷମ ହୋଇଛନ୍ତି। ଏହି ଜିଦିରେ ରହି ଜିତିବା କ'ଣ କମ୍ କଷ୍ଟକର।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କଳା ଓ ସଂସ୍କୃତି ସୁରକ୍ଷା ପାଇଁ ଜଣେ ଫଟୋଗ୍ରାଫରଙ୍କ ପ୍ରୟାସ ବାସ୍ତବରେ ପ୍ରଶଂସନୀୟ। ମୁମ୍ବାଇର ଏହି ଫଟୋଗ୍ରାଫର ହେଉଛନ୍ତି ୫୩ ବର୍ଷୀୟ ହେମନ୍ତ ଚତୁର୍ବେଦୀ। ସେ ଲୋପ ପାଇଯାଉଥିବା ସିଙ୍ଗଲ ସ୍କ୍ରିନ ସିନେମାର ଧାରା ଓ ହଲ୍‌କୁ ବଞ୍ଚାଇ ରଖିବା ଲାଗି ଏବେ ସୁଦ୍ଧା ଦେଶର ୧୧ଟି ରାଜ୍ୟରେ ୫୦୦ ସହରକୁ ଯାଇଛନ୍ତି। ମୋଟରେ ଏଥିପାଇଁ ତାଙ୍କୁ ଟ୍ରାଭେଲିଂ କରି ୩୨,୦୦୦ କି.ମି. ଯିବାକୁ ପଡ଼ିଛି। ୧୭ ବର୍ଷ ହେବ ସେ ଏହି ଅଭିଯାନ ଚଳାଇଛନ୍ତି। ସେ ତାଙ୍କ ଜିପ୍‌ରେ ହିଁ ଏହିସବୁ ସହରକୁ ଯାଉଛନ୍ତି। କେବଳ ଏତିକି ନୁହେଁ ସେ ଦେଶର ବହୁ ଦୁର୍ଗମ ଅଞ୍ଚଳରୁ ସିନେମା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାରେ ମଧ୍ୟ ଲାଗିପଡ଼ିଛନ୍ତି। ଦେଶରେ ସିଙ୍ଗଲ୍ ସ୍କ୍ରିନ ସିନେମା ଥିଏଟରଗୁଡ଼ିକର ଅବସ୍ଥା ଏଭଳି ରହିଛି ଯେ ତାହାକୁ ସୁଧାରିବା ଅତ୍ୟନ୍ତ କଷ୍ଟକର ବୋଲି କହନ୍ତି ହେମନ୍ତ। କେବଳ ୨୦୦୦ରୁ ୨୦୧୯ ମଧ୍ୟରେ ଦେଶରେ ୧୨,୦୦୦ ସିଙ୍ଗଲ ସ୍କ୍ରିନ ସିନେମା ବନ୍ଦ ହୋଇଛି ଓ ସିନେମା ଘରକୁ ଧ୍ୱଂସ କରାଯାଇଛି। ଏସବୁକୁ ଉଦ୍ଧାର କରିବା ଲାଗି ସେ ୨୦୧୯ରେ ସିଙ୍ଗଲ ସ୍କ୍ରିନ ସିନେମା ପ୍ରୋଜେକ୍ଟ ମଧ୍ୟ ଆରମ୍ଭ କରିଛନ୍ତି। ଧ୍ୱଂସ ପଥରେ ଏବେ ୬୫୦ ସିନେମା ହଲ ରହିଥିବା ସେ କହିଛନ୍ତି। ହେମନ୍ତ ମଧ୍ୟ ରଙ୍ଗମଞ୍ଚ ସୁରକ୍ଷାରେ ସମୟ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁନ୍ ୧୯୯୬

- ଇସ୍ରାଏଲର ସବୁଠୁଁ କ୍ଷମତାଶାଳୀ ପ୍ରଧାନମନ୍ତ୍ରୀ ଭାବେ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଶପଥ ଗ୍ରହଣ।
- ୪୬ବର୍ଷୀୟ ଆମେରିକୀୟ ବକ୍ସର ଲାରୀ ହୋମ୍‌ସ ୨୩ ବର୍ଷର ପ୍ରଫେଶନାଲ ବକ୍ସିଂ ଜୀବନକୁ ତ୍ୟାଗକରି ଏଥିରୁ ସବୁଦିନ ପାଇଁ ଅବସର ନେବାକୁ ଘୋଷଣା କରିଛନ୍ତି।

## ଚିରନ୍ତନୀ

ତେସନ ଉଦୟ ହୋଇ ବିରାଟ ମାନବ-ପାରାବାରେ
ବୁଦ୍‌ବୁଦ୍ ସମାନ କାହିଁ ଯାଏ ସେ ମିଳାଇ ଅନ୍ଧକାରେ,
ଜୀବନର ସୂକ୍ଷ୍ମତମ ଏକ ଗୋଟି କଣା!
ନୂତନ ସତେଜ ସରଜନା।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟିକାକରଣ ପ୍ରକ୍ରିୟା ଦ୍ରୁତତର ହେଉ

ମହାଶୟ,

କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୋଭିଡ୍ ଟିକା ସୁରକ୍ଷା କବଚ। କିନ୍ତୁ ଭାରତରେ ଟିକାକରଣ ଆରମ୍ଭ ହେବାର କିଛି ଦିନ ପରେ ଏହା ମନ୍ଥର ହୋଇଯାଇଛି। ଟିକା ଅଭାବ ଏଥିରେ ବାଧକ ହୋଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ବୈଜ୍ଞାନିକମାନଙ୍କ ମତରେ ଭାରତର ୭୦ରୁ ୮୦ ପ୍ରତିଶତ ଲୋକଙ୍କୁ ଟିକାକରଣ କରାଯାଇପାରିଲେ କରୋନା ସଂକ୍ରମଣକୁ ପ୍ରତିହତ କରାଯାଇପାରିବ। ଏବେ ସୁଦ୍ଧା ୩ କୋଟି ୩୫ ଲକ୍ଷ ଲୋକଙ୍କୁ ୨ୟ ଡୋଜ ଦିଆଯାଇଛି। ୧୦୦ କୋଟି ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦେବା ପାଇଁ ବହୁ ବର୍ଷ ଲାଗିଯିବ। ଏଣୁ କରୋନାର ୩ୟ ଲହର ଆସିବା ପୂର୍ବରୁ ଏହି ଲକ୍ଷ୍ୟ ପୂରଣ କରିବାକୁ ହେଲେ ଟିକାକରଣ ପ୍ରକ୍ରିୟାକୁ ଦ୍ରୁତତର କରିବାକୁ ହେବ। କେନ୍ଦ୍ର ଓ ରାଜ୍ୟ ସରକାର ମିଶନ ମୁଡ୍‌ରେ ଏହି ପ୍ରକ୍ରିୟା ଜାରି ରଖିବାକୁ ହେବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୮୭,୬୧,୮୦୭ | ୩୮,୬୯,୯୨୧ | ୧୬,୩୨,୯୪,୦୫୪ |
| ଭାରତ | ୨,୯୮,୫୩,୮୭୦ | ୩,୮୫,୮୧୫ | ୨,୮୭,୨୫,୦୩୦ |
| ଓଡ଼ିଶା | ୮,୭୩,୯୨୫ | ୩୫୫୦(+୫୩) | ୮,୩୫,୧୩୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଟିକା ନେଇନାହାନ୍ତି ପ୍ରାୟ ୨ଲକ୍ଷ କୋଭିଡ୍ ଯୋଦ୍ଧା

**ଭୁବନେଶ୍ୱର, ୧୯।୬(ବ୍ୟୁରୋ):** ରାଜ୍ୟ ସରକାର କୋଭିଡ୍ ଯୋଦ୍ଧାଙ୍କ ଟିକାକରଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ନାମ ପଞ୍ଜୀକରଣ କରି ମଧ୍ୟ ରାଜ୍ୟରେ ଏଯାଏ ୧,୯୭,୨୧୭ଜଣ କୋଭିଡ୍ ଯୋଦ୍ଧା ଟିକା ନେଇନାହାନ୍ତି। ଏମାନଙ୍କ ମଧ୍ୟରେ ୧,୩୬,୧୭୦ ଜଣ ସ୍ୱାସ୍ଥ୍ୟକର୍ମୀ ଥିବାବେଳେ ୬୧,୦୪୭ ଜଣ ସମ୍ମୁଖ ଯୋଦ୍ଧା ରହିଛନ୍ତି। ଭୁବନେଶ୍ୱରରେ ସର୍ବାଧିକ ୧୭,୪୦୭ଜଣ କୋଭିଡ୍ ଯୋଦ୍ଧା ଟିକା ନେଇ ନ ଥିବା ଜଣାପଡିଛି। ସେହିଭଳି ସୁନ୍ଦରଗଡ଼ରେ ୧୪,୮୫୬, ଗଞ୍ଜାମ ୧୩,୬୧୩, ଭଦ୍ରକ ୧୧,୮୯୨, ଖୋର୍ଦ୍ଧା ୧୧,୮୫୮, ମୟୂରଭଞ୍ଜ ୧୦,୫୧୯, କଟକ ୧୦,୩୪୭ ଓ ବାଲେଶ୍ୱରରେ ୧୦,୩୧୬ଜଣ କୋଭିଡ୍ ଯୋଦ୍ଧା ଟିକା ନେଇନାହାନ୍ତି। ତେବେ ଗଞ୍ଜାମରେ ସର୍ବାଧିକ ୧୧,୭୭୪ ଏବଂ ଭୁବନେଶ୍ୱରରେ ୯,୯୩୨ ଜଣ ସ୍ୱାସ୍ଥ୍ୟକର୍ମୀ ଟିକା ନେଇନାହାନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏଥିସହ ଏମାନଙ୍କୁ ତୁରନ୍ତ ଟିକାକରଣ ବାବଦରେ ୨୦ ତାରିଖ ସୁଦ୍ଧା ପଦକ୍ଷେପ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

### ଇଏସ୍ଆଇସି କୋଭିଡ୍-୧୯ ରିଲିଫ ଯୋଜନା
### ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ନିର୍ଦ୍ଦେଶ

**ଭୁବନେଶ୍ୱର,୧୯।୬(ବ୍ୟୁରୋ):** କର୍ମଚାରୀ ରାଜ୍ୟ ବୀମା ନିଗମ(ଇଏସ୍ଆଇସି)ରେ କୋଭିଡ୍-୧୯ ରିଲିଫ୍ ଯୋଜନାର ପ୍ରଗତି ସମ୍ପର୍କରେ ଭାରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ପାର୍ଥସାରଥି ପଣ୍ଡା ଶୁକ୍ରବାର ଶାଖା ପରିଚାଳକଙ୍କ ସହିତ ଭିଡିଓ କନ୍ଫରେନ୍ସ ଜରିଆରେ ସମୀକ୍ଷା କରିଛନ୍ତି। ଏଥିସହିତ ଏହି ଯୋଜନାରେ ଆସିଥିବା ସମସ୍ତ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ସେ ଶାଖା ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍‌ରେ ମୃତ୍ୟୁ ଘଟୁଥିବା ହିତାଧିକାରୀଙ୍କ ପାଇଁ ଇଏସ୍ଆଇସି ରିଲିଫ୍ ଯୋଜନା ଘୋଷଣା କରାଯାଇଛି। ଏହି ଯୋଜନା ୨୦୨୦ମାର୍ଚ୍ଚ ୨୪ରୁ ପିଛିଲା ଭାବେ ଲାଗୁ ହୋଇ ପରବର୍ତ୍ତୀ ଦୁଇବର୍ଷ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଯୋଜନା ଅନୁଯାୟୀ ବୀମାଭୁକ୍ତ ବ୍ୟକ୍ତିଙ୍କ ମୃତ୍ୟୁ କୋଭିଡ୍ କାରଣରୁ ହେଲେ ପରିବାରର ଯୋଗ୍ୟ ସଦସ୍ୟମାନେ ନିୟମିତ ଆର୍ଥିକ ସୁବିଧା(ଅତି କମ୍‌ରେ ମାସକୁ ୧୮୦୦ ଟଙ୍କା) ପାଇପାରିବେ। ଏପରି କି ମୃତ ଶ୍ରମିକଙ୍କ ହାରାହାରି ୯୦ପ୍ରତିଶତ ବେତନ ପ୍ରତି ମାସ ମୃତ ଶ୍ରମିକଙ୍କ ଯୋଗ୍ୟ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯିବ। ମୃତ ଶ୍ରମିକଙ୍କ ସ୍ତ୍ରୀ କିମ୍ବା ସ୍ୱାମୀ ବାର୍ଷିକ ୧୨୦ଟଙ୍କା ସ୍ୱଳ୍ପ ଅଂଶଦାନରେ ଚିକିତ୍ସାଳୟରେ ସେବା ପାଇ ପାରିବେ। ଏପରି କି କୋଭିଡ୍-୧୯ ରୁ ଆରୋଗ୍ୟ ଲାଭ ପରେ ୩୦ଦିନ ମଧ୍ୟରେ ଘଟୁଥିବା ମୃତ୍ୟୁକୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। କୋଭିଡ୍- ୧୯ ପଜିଟିଭ୍ ରିପୋର୍ଟ ଏବଂ ଶ୍ରମିକଙ୍କ ମୃତ୍ୟୁ ପ୍ରମାଣପତ୍ର ସହିତ ଯେ କୌଣସି ନିକଟସ୍ଥ ନିଗମର ଶାଖା କାର୍ଯ୍ୟାଳୟର ଶାଖା ପ୍ରବନ୍ଧକଙ୍କ ନିକଟରେ ଏହି ଯୋଜନାରେ ସହାୟତା ନିମନ୍ତେ ଆବେଦନ କରାଯାଇପାରିବ। ଆବେଦନ କରିବାର ୧୫ ଦିନ ମଧ୍ୟରେ ଦାବିର ସମାଧାନ କରାଯିବ।

# ବେଦାନ୍ତର ପାଉଁଶ ଡମ୍ପିଂ ବନ୍ଦକଲା ବନବିଭାଗ

## କାଗଜପତ୍ର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ

ଝାରସୁଗୁଡ଼ା ଅଫିସ,୧୯।୬

ଝାରସୁଗୁଡ଼ା ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପରୁ ନିର୍ଗତ ହେଉଥିବା ପାଉଁଶକୁ କମ୍ପାନୀ ପକ୍ଷରୁ ଦଲ୍‌କି ପଞ୍ଚାୟତ କୁମୁଡାପାଲି ଓ କୁରେବଗା ଗ୍ରାମ ମଝିରେ ଡମ୍ପିଂ କରାଯାଉଛି। ଏହି ପାଉଁଶ ବର୍ଷାପାଣିରେ ଭାସି ଗ୍ରାମ ପୋଖରୀରେ ପ୍ରବେଶକରି ପାଣିକୁ ପ୍ରଦୂଷିତ କରୁଛି। କୁରେବଗା ଗ୍ରାମର ଶତାଧିକ ମହିଳା ଗତ ମଙ୍ଗଳବାର ଏହାକୁ ବିରୋଧ କରିବାରୁ ପାଉଁଶ ଡମ୍ପିଂ ବନ୍ଦ ହୋଇଥିଲା। ହେଲେ ୨ଦିନ ପରେ ପୁଣି ଆରମ୍ଭ ହୋଇଥିଲା । ପାଉଁଶ ଡମ୍ପିଂ ସ୍ଥାନରୁ ମାଟି ଖୋଳାଯିବା ସହ କେତେକ ଗଛ କଟାଯାଇଥିବା ଜାଣିବାପରେ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ସଭାପତି ସତ୍ୟ ନାରାୟଣ ରାଓ ଓ ଦେବାନନ୍ଦ ବାରିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏ ନେଇ ସଂଘ ତରଫରୁ ଝାରସୁଗୁଡ଼ା



ପାଉଁଶ ଡମ୍ପିଂ ସ୍ଥଳରେ ବନବିଭାଗ ଅଧିକାରୀ ତଦନ୍ତ କରୁଛନ୍ତି।

ରେଞ୍ଜରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ରେଞ୍ଜର ପ୍ରଦୀପ୍ତ ମହାନ୍ତି, ଫରେଷ୍ଟର ଉଦନ୍ତ ସାହୁ, ଫରେଷ୍ଟଗାର୍ଡ ରଞ୍ଜନା ସରାଫ ଓ ହରିହର ପ୍ରଧାନ ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ପାଉଁଶ ଡମ୍ପିଂ କରୁଥିବା ବ୍ୟକ୍ତିଙ୍କୁ ଡମ୍ପିଂ ସମ୍ପର୍କିତ କାଗଜପତ୍ର ମାଗିଥିଲେ। ହେଲେ ସେମାନେ କାଗଜପତ୍ର ରହିଛି ପରେ ଦେଖାଇବୁ ବୋଲି କହିଥିଲେ। ସେ ପର୍ଯ୍ୟନ୍ତ କାମ ବନ୍ଦ କରିବା ପାଇଁ ବନ ବିଭାଗ ନିର୍ଦ୍ଦେଶ ଦେଇଥିଲା। କାଗଜପତ୍ର ନ ଦେଖାଇବା ପର୍ଯ୍ୟନ୍ତ ପାଉଁଶ ଡମ୍ପିଂ କରିବେ ନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତିମାନେ ବନବିଭାଗ ନିକଟରେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ରେଞ୍ଜର ମହାନ୍ତି କହିଛନ୍ତି, ପାଉଁଶ ଡମ୍ପିଂ ସ୍ଥାନରୁ ମାଟି ଖୋଳାଯିବା ସହ କେତେକ ଗଛ କଟାଯାଇଛି। ଏ ନେଇ ସେମାନଙ୍କ ନିକଟରେ କି କାଗଜପତ୍ର ରହିଛି ସେସବୁ ଯାଞ୍ଚ କରାଯିବ। ତହସିଲଦାରଙ୍କୁ ମଧ୍ୟ ଲିଖିତ ଅବଗତ କରାଯିବ। ରାଜସ୍ୱ ବିଭାଗ ଓ ବନ ବିଭାଗ ମିଳିତଭାବେ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ବେଆଇନ ପାଉଁଶ ଡମ୍ପିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ମତାମତ ପାଇଁ କମ୍ପାନୀର ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଶୁଭନାରାୟଣ ସାହୁଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରି ନ ଥିଲେ।

# କରୋନା ମୃତ୍ୟୁ ୩,୫୫୦କୁ ବୃଦ୍ଧି

## ଆଉ ୩,୪୨୭ ସଂକ୍ରମିତ, ୪୨ ମୃତ

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହର ସଂକ୍ରମଣ କମିବାରେ ଲାଗିଛି। ଇତିମଧ୍ୟରେ ଏବେ ଦୈନିକ ସଂକ୍ରମଣ ୩ ହଜାରକୁ ଖସି ଆସିଥିବାବେଳେ ମୃତ୍ୟୁ ସଂଖ୍ୟା ପୁଣି ୪୦ ଉପରକୁ ଚାଲିଯାଇଛି। ଶୁକ୍ରବାର ରାଜ୍ୟରୁ ୩୭ଜଣ ଆକ୍ରାନ୍ତ ଆଖି ବୁଜିଥିଲେ। ହେଲେ ଗତ ୨୪ ଘଣ୍ଟାରେ ପୁଣି ୪୨ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬ଜଣ ଥିବାବେଳେ କଟକ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ପୁରୀରୁ ୪ଜଣ ଲେଖାଏ ରହିଛନ୍ତି। ସେହିପରି କେନ୍ଦ୍ରାପଡ଼ା, କୋରାପୁଟ ଓ ବାଲେଶ୍ୱରରୁ ୩ଜଣ ଲେଖାଏ, ନୂଆପଡ଼ା, ମୟୂରଭଞ୍ଜ, ମାଲକାନଗିରି ଓ ଅନୁଗୋଳରୁ ୨ଜଣ ଲେଖାଏ ଏବଂ କଳାହାଣ୍ଡି, ରାୟଗଡ଼ା ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁସଂଖ୍ୟା ୩,୫୫୦କୁ ବୃଦ୍ଧି ପାଇଥିବାବେଳେ ଏଥିମଧ୍ୟରୁ କେବଳ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୫୬୫ଜଣଙ୍କ ଜୀବନ ନେଇଛି ମହାମାରୀ। ଅନ୍ୟପକ୍ଷରେ ରାଜ୍ୟରୁ ଆଉ ୩,୪୨୭ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୫୫୩ଜଣ ଥିବାବେଳେ କଟକରୁ ୩୯୬, ଯାଜପୁର ୨୮୫, ବାଲେଶ୍ୱର ୨୬୧ ଓ ପୁରୀରୁ ୨୧୭ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତ ସଂଖ୍ୟା ୮,୭୩,୯୨୫ରେ ପହଞ୍ଚିଛି।

## ଅନ୍‌ଲାଇନ୍ କ୍ଲାସ୍ ପରେ ଫାଟିଲା ମୋବାଇଲ

ଫୁଲବାଣୀ ଅଫିସ,୧୯।୬

ଫୁଲବାଣୀ ସହରର ଜଣେ ଛାତ୍ର ଶନିବାର ଅନ୍‌ଲାଇନ କ୍ଲାସ୍ କରିବା ପରେ ତାଙ୍କ ମୋବାଇଲ ଫୋନ୍ ଫାଟିଯାଇଛି। ଏଥିରେ ଛାତ୍ରଙ୍କର କିଛି କ୍ଷତି ହୋଇନାହିଁ। ସେ ହେଲେ ପବ୍ଲିକ ସ୍କୁଲର ନବମ ଶ୍ରେଣୀ ଛାତ୍ର ସ୍ୱାତିକ୍ ପଟ୍ଟନାୟକ। ସବୁଦିନ ପରି ସେ ସକାଳେ ଅନ୍‌ଲାଇନ କ୍ଲାସ୍ କରୁଥିଲେ। କ୍ଲାସ୍ ସରିବା ପରେ ହୋମ୍‌ୱାର୍କ କରୁଥିବା ସମୟରେ ମୋବାଇଲ ଫୋନ୍ ବିସ୍ଫୋରଣ ହୋଇଥିଲା। ଶବ୍ଦ ଶୁଣି ଘରଲୋକେ ଦୌଡ଼ି ଆସିଥିଲେ। ସ୍ୱାତିକ୍‌ଙ୍କୁ କୌଣସି ଆଘାତ ଲାଗି ନ ଥିବା ଦେଖି ଆଶ୍ୱସ୍ତ ହୋଇଥିଲେ।

# ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀକୁ ୨୬ଟ୍ରେନ୍ ବାତିଲ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ପୁରୀରେ ଆସନ୍ତା ମାସରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ସମୟରେ ଯାତ୍ରୀଙ୍କ ସମ୍ଭାବ୍ୟ ଆଗମନକୁ ରୋକିବା ଏବଂ କୋଭିଡ୍-୧୯ ସଂକ୍ରମଣର ଶୃଙ୍ଖଳ ଭାଙ୍ଗିବା ଉଦ୍ଦେଶ୍ୟରେ ରେଳପଥ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ସମନ୍ୱୟରେ ପୁରୀକୁ କିଛି ଟ୍ରେନ୍ ବାତିଲ କରାଯାଇଛି। ସେଗୁଡ଼ିକ ମଧ୍ୟରୁ ପୁରୀକୁ ଆସୁଥିବା ୨୬ଟି ଦୂରଗାମୀ ଟ୍ରେନ୍ ଖୋର୍ଦ୍ଧାରୋଡ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ଖୋର୍ଦ୍ଧାରୋଡରୁ ଯାତ୍ରା ଆରମ୍ଭ କରିବ। ଉଭୟ ଦିଗରୁ ଖୋର୍ଦ୍ଧାରୋଡ ଏବଂ ପୁରୀ ମଧ୍ୟରେ ଚଳାଚଳ ବାତିଲ ରହିବ। ୨୧ଟି ଦୂରଗାମୀ ବିଶେଷ ଟ୍ରେନ ଜୁଲାଇ ମାସ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ପୁରୀ ପରିବର୍ତ୍ତେ ଖୋର୍ଦ୍ଧାରୋଡ ଷ୍ଟେଶନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସେଠାରୁ ଯାତ୍ରା ଆରମ୍ଭ କରିବ। ସେହିପରି ୫ଟି ସାପ୍ତାହିକ ବିଶେଷ ଟ୍ରେନ୍ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ପୁରୀ ପରିବର୍ତ୍ତେ ଖୋର୍ଦ୍ଧାରୋଡ୍ ଷ୍ଟେଶନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସେଠାରୁ ଯାତ୍ରା ଆରମ୍ଭ କରିବ। ଏଗୁଡ଼ିକ ମଧ୍ୟରେ ୫ଟି ଦୈନନ୍ଦିନ ଚଳାଚଳ କରୁଥିବା ଟ୍ରେନ୍ ରହିଥିବାବେଳେ ଦ୍ୱି-ସାପ୍ତାହିକ, ତ୍ରି-ସାପ୍ତାହିକ ଓ ସପ୍ତାହରେ ଚାରିଦିନ ଚଳାଚଳ କରୁଥିବା ବିଶେଷ ଟ୍ରେନ୍ ମଧ୍ୟ ଅନ୍ତର୍ଭୁକ୍ତ।





ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଭବାନୀପାଟଣାଠାରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

# ଭବାନୀପାଟଣାରେ ୨୦୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ କଳାହାଣ୍ଡିର ଭବାନୀପାଟଣାଠାରେ ବେଦାନ୍ତ ଗ୍ରୁପ୍ ସହଯୋଗରେ ନିର୍ମିତ ଏକ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନ କରିଛନ୍ତି। ଏଥିରେ ୧୬ ଆଇସିୟୁ ଓ ୧୬ ଏଚ୍‌ଡିୟୁ ଶଯ୍ୟା ସହିତ ଏକ ସ୍ୱତନ୍ତ୍ର ଶିଶୁ ଚିକିତ୍ସା ୱାର୍ଡ ମଧ୍ୟ ରହିଛି। ଏଥିରେ ସମସ୍ତ ପ୍ରକାର ଆଧୁନିକ ଚିକିତ୍ସା ଉପକରଣ ରଖାଯାଇଛି। ଏହାଦ୍ୱାରା କଳାହାଣ୍ଡି ଓ ଆଖପାଖ ଅଞ୍ଚଳର ଲୋକମାନେ ଉନ୍ନତମାନର କୋଭିଡ୍ ଚିକିତ୍ସା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏକବିଂଶ ଶତାବ୍ଦୀର କଳାହାଣ୍ଡି ବିଂଶ ଶତାବ୍ଦୀର କଳାହାଣ୍ଡିଠାରୁ ବହୁତ ଆଗକୁ ଯାଇପାରିଛି। କଳାହାଣ୍ଡି ଆଜି ସାରା ଦେଶକୁ ଖାଦ୍ୟ ଯୋଗାଉଛି। କଳାହାଣ୍ଡିର ଏ ରୂପାନ୍ତର, ସେହି ଜିଲାର ଚାଷୀ, ଯୁବସମାଜ ଓ ମା'ମାନଙ୍କ ଉଦ୍ୟମ ଯୋଗୁ ସମ୍ଭବ ହୋଇପାରିଛି। କୋଭିଡ୍ ମୁକାବିଲାରେ ରାଜ୍ୟର ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ କିଛିଦିନ ମଧ୍ୟରେ ରାଜ୍ୟରେ ୧୫ ଅକ୍ସିଜେନ ପ୍ଲାଣ୍ଟ ପାଇଁ କାମ ଆରମ୍ଭ ହୋଇଛି। ଆଗାମୀ ୨ ମାସ ମଧ୍ୟରେ ଏଥିରୁ ଉତ୍ପାଦନ ଆରମ୍ଭ ହେବ। କୋଭିଡ୍‌ର ଦ୍ୱିତୀୟ ଲହରରେ ରୋଗୀମାନଙ୍କ ଅକ୍ସିଜେନ ସ୍ତର କମିବା ଯୋଗୁ ସାରା ଦେଶରେ ଅକ୍ସିଜେନ ଯୋଗାଣ ଉପରେ ଅତ୍ୟଧିକ ଚାପ ସୃଷ୍ଟି ହୋଇଥିଲା। ଏଭଳି ସମୟରେ ଓଡ଼ିଶା ୧୮ଟି ରାଜ୍ୟକୁ ଅକ୍ସିଜେନ ଯୋଗାଇ ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇପାରିଛି। ଏଭଳି ସଙ୍କଟ ସମୟରେ ମାନବତାର ସେବା ପାଇଁ ସୁଯୋଗ ପାଇବା ଓଡ଼ିଶାବାସୀଙ୍କ ପାଇଁ ନିଶ୍ଚିତ ଭାବରେ ସମ୍ମାନର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ଧର୍ମଗଡ଼ ଓ ଲାଞ୍ଜିଗଡ଼ ବିଧାୟକ ଭର୍ଚୁଆଲରେ ଯୋଗଦେଇ କୋଭିଡ୍ ହସ୍ପିଟାଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଳାହାଣ୍ଡି ଜିଲାପାଳ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିକ୍ରି ଶିଶୁପୁତ୍ର ମାଳିସାହି ଅଞ୍ଚଳରୁ ଉଦ୍ଧାର

ଭୁବନେଶ୍ୱର,୧୯।୬(ବ୍ୟୁରୋ)

- ୬ଦିନର ଶିଶୁକୁ ୧୦ହଜାର ଟଙ୍କାରେ କିଣିଥିଲେ ମହିଳା
- ଅଭିଯୁକ୍ତ ବାପା ଫେରାର



ଭୁବନେଶ୍ୱର ରେଳ ଷ୍ଟେଶନ ଅଞ୍ଚଳରୁ ବିକ୍ରି ହୋଇଥିବା ୬ଦିନର ଶିଶୁପୁତ୍ରକୁ ଖାରବେଳନଗର ଥାନା ଅନ୍ତର୍ଗତ ମାଳିସାହି ଅଞ୍ଚଳରୁ ଉଦ୍ଧାର କରାଯାଇଛି। ରାଜଧାନୀରେ ଶିଶୁ ବିକ୍ରି ନେଇ ଶୁକ୍ରବାର ଏକ ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା। ଭିଡିଓ ଫୁଟେଜରୁ ଶିଶୁପୁତ୍ରକୁ କିଣିଥିବା ମହିଳାଙ୍କୁ ଚିହ୍ନଟ ପରେ ଶନିବାର ଚାଇଲ୍ଡଲାଇନ୍ ଓ ପୋଲିସ ପକ୍ଷରୁ ମାଳିସାହିରେ ଚଢ଼ାଉ କରାଯାଇଥିଲା। ସେଠାରୁ ଶିଶୁପୁତ୍ରକୁ ଉଦ୍ଧାର ପରେ ପୋଲିସ ଚାଇଲ୍ଡ ଲାଇନ୍ ଜିମା ଦେଇଥିଲା। ଶିଶୁଟିକୁ ସିଡବ୍ଲୁସିରେ ହାଜର କରାଇବା ପରେ ତାଙ୍କୁ ଶୁଭଦ୍ରା ମହତାବ୍ ସେବା ସଦନରେ ରଖାଯାଇଥିବା ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶିଶୁଟିକୁ କିଣିଥିବା ମହିଳାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବିକ୍ରି କରିଥିବା ଅଭିଯୁକ୍ତ ବାପା ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ଥାନା ସୂତ୍ରରୁ ଜଣାପଡିଛି।

ତଦନ୍ତବେଳେ ଜଣାପଡିଛି ଯେ, ଶିଶୁଟିର ବାପା ଓ ମା' ଷ୍ଟେଶନ ଅଞ୍ଚଳରେ ବୁଲି ବୁଲି କାମଧନ୍ଦା କରିବା ସହ ନିକଟ ଏକ ଝୁମ୍ପୁଡ଼ିରେ ରୁହନ୍ତି। ପୂର୍ବରୁ ସେମାନଙ୍କର ଦୁଇ ପିଲା ଥିବାବେଳେ କିଛିଦିନ ତଳେ ତାଙ୍କର ଆଉ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ତେବେ ଶିଶୁଟି ୬ଦିନର ହୋଇଥିବାବେଳେ ଗତ ୫ଦିନ ତଳେ ବିକି ଦେଇଥିଲେ। ଘଟଣାଦିନ ଶିଶୁଟିକୁ କିଣିଥିବା ମହିଳା ଜଣକ କୌଣସି କାମରେ ଷ୍ଟେଶନ ଅଞ୍ଚଳକୁ ଆସିଥିଲେ। ଏହି ସମୟରେ ମା' କୋଳରେ ଥାଇ ଶିଶୁଟି ଜୋର୍‌ରେ କାନ୍ଦୁଥିବା ଦେଖି ନିକଟକୁ ଯାଇଥିଲେ। ପିଲାଟି କାହିଁକି ଏମିତି କାନ୍ଦୁଛି ବୋଲି ମା'ଙ୍କୁ ପଚାରିବା ସହ କିଛି ସମୟ ଧରି କଥା ହୋଇଥିଲେ। ଶିଶୁଟିକୁ ପାଳିବା ତାଙ୍କ ପକ୍ଷେ କଷ୍ଟ ହେଉଥିବାରୁ ବାପା କାହାକୁ ଦେଇଦେବାକୁ ଚାହୁଁଛନ୍ତି ବୋଲି ଶିଶୁର ମା' କହିଥିଲେ। ଉକ୍ତ ମହିଳାଙ୍କର କୌଣସି ପିଲା ନ ଥିବାରୁ ସେ ଏକଥା ଶୁଣିବା ପରେ ଶିଶୁଟିକୁ ନେଇ ପାଳିବେ ବୋଲି ତାଙ୍କୁ କହିଥିଲେ। ପରେ ଶିଶୁର ବାପା ପହଞ୍ଚି ୧୦ ହଜାର ଟଙ୍କାରେ ଦେଇଦେବେ ବୋଲି କହିବାରୁ ମହିଳା ଜଣକ ଟଙ୍କା ଯୋଗାଡ଼ କଥା କହି ସେଠାରୁ ପଳାଇ ଆସିଥିଲେ। ତେବେ ଆସିବାବେଳେ ସେ ଶିଶୁର ବାପାଙ୍କ ଫୋନ୍ ନମ୍ବର ଆଣିବା ସହ ନିଜ ଠିକଣା ଦେଇ ଆସିଥିଲେ। ପରେ ମହିଳା ଜଣକ ନିଜ ଗହଣା ବିକ୍ରି କରି ଟଙ୍କା ଯୋଗାଡ଼ କରି ଶିଶୁର ବାପାଙ୍କୁ ଜଣାଇଥିଲେ। ଶିଶୁଟି ୬ଦିନର ହୋଇଥିବାବେଳେ ବାପା ତାଙ୍କୁ ଧରି ମହିଳାଙ୍କ ଘରେ ପହଞ୍ଚିଥିଲେ। ୧୦ ହଜାର ଟଙ୍କା ବଦଳରେ ଶିଶୁଟିକୁ ଧରାଇ ଚାଲିଯାଇଥିଲେ ବୋଲି ମହିଳା ଜଣକ କହିଛନ୍ତି। ତେବେ ଭିଡିଓରେ ମହିଳା ଶିଶୁଟିକୁ ଧରି ଆସୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଶିଶୁଟିକୁ ତାଙ୍କ ବାପା ଘରେ ଆଣି ଦେଇଥିବା କଥା ମହିଳା ଜଣକ କହୁଥିବାରୁ ପୋଲିସ ଅଧିକ ତଦନ୍ତ ଚଳାଇଛି।

# 'କୋଭିଡ୍ ମୃତ୍ୟୁ ହିସାବ ଭୁଲ୍ ଦିଆଯାଉଛି'

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ବିଧାୟକ
- ଦୁର୍ବିପାକ ସମୟରେ ବି ରାଜନୀତି କରୁଛି ଭାଜପା: ବିଜେଡି

ଭୁବନେଶ୍ୱର, ୧୯।୬(ବ୍ୟୁରୋ)

ଓଡ଼ିଶାରେ କରୋନାରେ ମୃତ ବ୍ୟକ୍ତିଙ୍କ ପରିସଂଖ୍ୟାନର ବିଭ୍ରାନ୍ତିକର ଓ ଭୁଲ୍ ତଥ୍ୟ ଯୋଗୁ ବହୁ ଅନାଥ ଶିଶୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାର ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। କୋଭିଡ୍ ମୃତକଙ୍କ ଠିକ୍ ତଥ୍ୟକୁ ଆଧାରକରି ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଭାଜପା ବିଧାୟକମାନେ ଦାବି କରିଛନ୍ତି। ଏହାସହ କରୋନା ଆକ୍ରାନ୍ତରେ ମୃତବ୍ୟକ୍ତିଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଏହାସହ ରାଜ୍ୟବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ତୁରନ୍ତ ଲାଗୁ କରନ୍ତୁ ବୋଲି ଭାଜପା ବିଧାୟକ ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଶନିବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ରାଜ୍ୟ ସରକାର ପ୍ରତିଦିନ ପରିସଂଖ୍ୟାନ ଦେଉଛନ୍ତି। ହେଲେ ମଶାଣିରେ କୋଭିଡ୍ ଗାଇଡ୍‌ଲାଇନ ମାନି କରାଯାଉଥିବା ଶବଦାହ ସଂଖ୍ୟା ସହ ସରକାରଙ୍କ ତଥ୍ୟ ଭୁଲ୍ ଓ ବିଭ୍ରାନ୍ତିକର ପ୍ରମାଣିତ ହେଉଛି। କରୋନା ଜନିତ ମୃତ୍ୟୁକୁ ସରକାର ଲୁଚାଇବାକୁ ଯାଇ ସତ ତଥ୍ୟ ଉପରେ ଆଧାରିତ ପରିସଂଖ୍ୟାନ ଯଦି ନ ଦିଅନ୍ତି ତେବେ ଏହା ଏକ ଧର୍ତ୍ତବ୍ୟ ଏବଂ ଜଘନ୍ୟ ଅପରାଧ ହେବ ବୋଲି ମୋହନ କହିଛନ୍ତି।

ଭାଜପା ଆକ୍ଷେପକୁ ସମାଲୋଚନା କରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବାତ୍ୟା, ବନ୍ୟା ଓ କୋଭିଡ୍ ମହାମାରୀ ଭଳି ଦୈବୀ ଦୁର୍ବିପାକ ଉପରେ ରାଜନୀତି କରାଯିବା ଉଚିତ ନୁହେଁ। ବିଜେଡି ଏଥିରେ ଆଦୌ ବିଶ୍ୱାସ କରେନାହିଁ। ହେଲେ ଦୁର୍ଭାଗ୍ୟର ବିଷୟ, ଭାଜପା ବିଧାୟକମାନେ କୋଭିଡ୍ ମହାମାରୀକୁ ନେଇ ଯେଭଳି ନିମ୍ନମାନର ରାଜନୀତି କରୁଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଆଶା କରିଥିଲୁ ବିଧାୟକ ମୋହନ ମାଝି ତାଙ୍କ ବକ୍ତବ୍ୟରେ ଓଡ଼ିଶାର କୋଭିଡ୍ ଯୋଦ୍ଧାଙ୍କୁ ସେମାନଙ୍କ କଠିନ ପରିଶ୍ରମ, ତ୍ୟାଗ ଓ ବଳିଦାନ ପାଇଁ ସାଧୁବାଦ ଜଣାଇବେ । ହେଲେ ସେ ସେଭଳି କିଛି କଲେନାହିଁ। ସଫଳ କୋଭିଡ୍ ପରିଚାଳନା ପାଇଁ ଓଡ଼ିଶା ସବୁ ମହଲରେ ପ୍ରଶଂସିତ ହେଉଛନ୍ତି ବୋଲି ମାଝି ଭଲଭାବେ ଜାଣିଛନ୍ତି। ହେଲେ ଏଭଳି ସମୟରେ ରାଜନୀତି କରିବା ପାଇଁ ଜାଣିଶୁଣି ଏହାକୁ ଅଣଦେଖା କରୁଛନ୍ତି। କୋଭିଡ୍ ସମୟରେ ଶସ୍ତା ରାଜନୀତି କରୁଥିବା ବ୍ୟକ୍ତିଙ୍କୁ ଭଗବାନ କେବେହେଲେ କ୍ଷମା ଦେବେ ନାହିଁ ବୋଲି ଲେନିନ୍ କହିଛନ୍ତି।

## ଭର୍ଚୁଆଲରେ ପ୍ରତି ରବିବାର ଦେଖି ହେବ ଜୁଆଙ୍ଗଘର

ଭୁବନେଶ୍ୱର,୧୯।୬(ବ୍ୟୁରୋ)

କରୋନା ସଂକ୍ରମଣ ଯୋଗୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଥିବା ସଂଗ୍ରହାଳୟ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରଖାଯାଇଛି। ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ ପ୍ରତ୍ୟେକ ରବିବାର ସଂଗ୍ରହାଳୟକୁ ବୁଲିବାର ବ୍ୟବସ୍ଥା କରାଯାଇଛି। ରବିବାର ଅର୍ଥାତ୍ ଜୁନ୍ ୨୦ରେ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ @stscdev, @scstrti ଖୋଲି ଜୁଆଙ୍ଗଘର ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି। ଜୁଆଙ୍ଗମାନେ ସାଧାରଣତଃ କେନ୍ଦୁଝରର ପାର୍ବତ୍ୟ ଉପତ୍ୟକା ଓ ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ସମତଳ ଅଞ୍ଚଳରେ ବାସ କରନ୍ତି। କୃଷି, ପୋଡୁଚାଷ, ଶିକାର, ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ସେମାନଙ୍କ ମୁଖ୍ୟ ଜୀବିକା। ଝରକା ନ ଥିବା ଏକ ବଖରିଆ ଘରେ ଜୁଆଙ୍ଗମାନେ ବସବାସ କରନ୍ତି। କବାଟ ପାଖରେ ଏକ ମୋର୍ଟାର ବା ହେମଦସ୍ତା ଆକୃତିର ପଥର ରଖାଯାଇଥାଏ। ଜୁଆଙ୍ଗ ଘର ଭିତରେ ଏକ ଚୁଲା ଥାଏ। ଜୁଆଙ୍ଗମାନଙ୍କ ଡର୍ମିଟୋରି ବା ସୁପ୍ରଶସ୍ତ ବୈଠକ ଗୃହକୁ 'ମଣ୍ଡଘର' କୁହାଯାଏ। ଅବିବାହିତ ଯୁବକମାନେ 'ମଣ୍ଡଘର' ମଧ୍ୟରେ ରାତ୍ରି ଯାପନ କରିଥାଆନ୍ତି। ଦିନବେଳା ଏହି 'ମଣ୍ଡଘର'ରେ ଗ୍ରାମସଭା ଅନୁଷ୍ଠିତ ହୋଇଥାଏ। ବର୍ଷ ସାରା ଏଠାରେ ଏକ କୋଣରେ ନିଆଁ ଜଳାଇ ରଖାଯାଇଥାଏ। 'ମଣ୍ଡଘର' ମଧ୍ୟରେ ଶସ୍ୟର ବିହନ କାଠରେ ତିଆରି ଏକ ଭାଡ଼ି ଉପରେ ରଖାଯାଇଥାଏ।


**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର**
**ଘୋଷଣା**

No.I (a)-33/2021/135 Date: 05.04.2021

No.VI-01:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩, (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ମନାପାଲି, ଥାନା- ଗଡପୋଷ, ତହସିଲ- ବାମରା, ଜିଲା- ସମ୍ବଲପୁରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ମନାପାଲି ଗୋଷ୍ଠୀ ଚିକିତ୍ସାଳୟ ସ୍ଥାପନ ନିମନ୍ତେ ଭୂମି ଅଧିଗ୍ରହଣ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୦୧ ତା୦୧।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ମନାପାଲି, ଥାନା- ଗଡପୋଷ, ତହସିଲ- ବାମରା, ଜିଲା- ସମ୍ବଲପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ Sambalpur.nic.in ରେ ଏବଂ ରାଜ୍ୟ ସରକାରଙ୍କ web ସାଇଟ୍ www.odisha.gov.in ରେ ସର୍ବସାଧାରଣଙ୍କର ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା- ସମ୍ବଲପୁର, ତହସିଲ- ବାମରା, ଥାନା- ଗୋବିନ୍ଦପୁର, ମୌଜା- ମନାପାଲି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ମନାପାଲି | ଗ୍ରାମାଞ୍ଚଳ | ୯୭ | ୬୧୪ | ମାଳ ସାଧାରଣ | ୦.୭୫ | ୦.୭୫ | ଶାନ୍ତି ପ୍ରକାଶ ମୁଣ୍ଡା, ପ୍ରିତାମ ମୁଣ୍ଡା, ସୁଲେମା ମୁଣ୍ଡା, ପିତା- ମଙ୍ଗଳା ମୁଣ୍ଡା, ପୋଲ ମୁଣ୍ଡା, ପିତା- ଯୁସିପ ମୁଣ୍ଡା, ଜାତି- ମୁଣ୍ଡା, ବା- ନିଜଗା |
| | | | ୬୩୧(ଖ) | ଗୋଡା-୨ | ୧.୫୦ | ୦.୮୦ | |
| | | | ୬୧୨ | ଘରବାରି | ୦.୦୪ | ୦.୦୪ | |
| | | | ୬୦୮(ଖ) | ମାଳ ସାଧାରଣ | ୩.୪୬ | ୦.୧୦ | |
| ମନାପାଲି | ଗ୍ରାମାଞ୍ଚଳ | ୫୮ | ୬୧୦(ଖ) | ଗୋଡା-୨ | ୦.୯୫ | ୦.୫୮ | ଭାନୁମତୀ ଚମାର, ସ୍ୱା.- ଧନୁର୍ଜୟ ଚମାର, ଜାତି- ଚମାର, ବା- ନିଜଗା |
| | | | ୬୧୧ | ଗୋଡା-୨ | ୦.୦୬ | ୦.୦୬ | |
| ମୋଟ | | | | | ୬.୭୬ | ୨.୩୩ | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର
OIPR-24174/14/0001/2122

## ରାଜଗାଙ୍ଗପୁର ପହଞ୍ଚିଲା ୧୪,୮୦୦ କୋଭିସିଲ୍ଡ ଟିକା

**ରାଜଗାଙ୍ଗପୁର,(ଡି.ଏନ.ଏ):** ଶନିବାର ସନ୍ଧ୍ୟାରେ ପୌରାଞ୍ଚଳର ସିଏଚସିରେ ୧୪,୮୦୦ କୋଭିସିଲ୍ଡ ଟିକା ପହଞ୍ଚିଛି । ଦୀର୍ଘ ଦିନରୁ ୧୮-୪୪ ବର୍ଗ ବୟସର ବ୍ୟକ୍ତି ବିଶେଷଙ୍କ ଅପେକ୍ଷାର ଅନ୍ତ ଘଟିଛି । ଆସନ୍ତା ସୋମବାର ଠାରୁ ସହରର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ବସଷ୍ଟାଣ୍ଡ, ଆଦର୍ଶ ବିଦ୍ୟାଳୟ ବଗିଚାପଡା, ମିଳନ କ୍ଲବ ଓସିଏଲ ଓ ସିଏଚସି ସେଣ୍ଟର ୪ଟି ସ୍ଥାନରେ ଟିକାକରଣ ସୁବିଧା କରାଯାଇଛି। ଏଥିପାଇଁ ସ୍ଲଟ୍ ବୁକିଂ ସହ ଉକ୍ତ ଟିକାଦାନ କେନ୍ଦ୍ରରେ ମଧ ରେଜିଷ୍ଟ୍ରେସନର ସୁବିଧା କରାଯାଇଛି। ପ୍ରତିଦିନ ୨୦୦୦ ଟିକା ଦେବା ପାଇଁ ବର୍ତ୍ତମାନ ସ୍ଥିରିକୃତ ହୋଇଛି । ରାଜଗାଙ୍ଗପୁର ସହର ବ୍ୟତୀତ ଆଖପାଖ ଅଞ୍ଚଳର ବ୍ୟକ୍ତି ବିଶେଷ ଏହି ସୁବିଧା ନେଇପାରିବେ ବୋଲି ଡାକ୍ତରଖାନା ଅଧିକାରୀ ଡା. ଜଗଦିଶ ଟପ୍ପୋ ସୂଚନା ପ୍ରଦାନ କରିଛନ୍ତି ।

## ସଂକ୍ଷେପରେ

### ଷଣ୍ଢ ସହିତ ପିଟି ହେଲା ସ୍କୁଟି: ଯୁବକ ମୃତ

**ରାଜଗାଙ୍ଗପୁର,୧୯।୬ (ଡି.ଏନ.ଏ):** ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂଶବାହାଲଠାରେ ୧୦ନଂ. ରାଜ୍ୟ ରାଜପଥରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦୁର୍ଘଟଣା ଘଟିଛି। ଷଣ୍ଢ ସହିତ ସ୍କୁଟି ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରାଣୀବନ୍ଧ ପୁଲିଆଟୋଲି ଅଞ୍ଚଳର ସଚିନ୍ ଲାକ୍ରା (୨୮) ଏକ ସ୍କୁଟି ନଂ. ଓଡି ୧୬ ଜି୩୯୮୧ ଯୋଗେ ରାଉରକେଲାରୁ ନିଜ ଘର ରାଜଗାଙ୍ଗପୁରକୁ ଫେରୁଥିବା ସମୟରେ ରାସ୍ତାରେ ଶୋଇଥିବା ଏକ ଷଣ୍ଢ ସହିତ ପିଟି ହୋଇ ଛିଟିକି ପଡିବା ଯୋଗୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେଠାରୁ ତାଙ୍କୁ ଏଲଏଣ୍ଡଟିର ଆମ୍ବୁଲାନ୍ସ ଯୋଗେ ରାଜଗାଙ୍ଗପୁର ସିଏଚ୍‌ସିକୁ ଅଣାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ବିଜେଡି ଦ୍ୱାରା ପୂଜକମାନଙ୍କୁ ରାଶନ ସାମଗ୍ରୀ ପ୍ରଦାନ

**ରାଜଗାଙ୍ଗପୁର,୧୯।୬ (ଡି.ଏନ.ଏ):** ରାଜଗାଙ୍ଗପୁର ସହର ବିଜେଡି ତରଫରୁ ସହରରେ ଥିବା ବିଭିନ୍ନ ମନ୍ଦିରର ପୂଜକ ଓ ସେବାୟତମାନଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। କରୋନା ସମୟରେ ସରକାରୀ ଆର୍ଥିକ ସାହାଯ୍ୟରୁ ବଞ୍ଚିତ ଥିବା ତଥା କରୋନା ସମୟରେ ଭକ୍ତମାନେ ମନ୍ଦିରକୁ ନ ଯିବା ଦ୍ୱାରା ସହରର ବିଭିନ୍ନ ମନ୍ଦିର ପୂଜକ ଓ ସେବାୟତମାନଙ୍କର ଜୀବନଯାପନ ପ୍ରଣାଳୀ କଷ୍ଟକର ହୋଇପଡିଛି। ଏହିପରି ସମୟରେ ବିଜେଡି ଦ୍ୱାରା କିଞ୍ଚିତ ଦାନ ପ୍ରଶଂସନୀୟ ହୋଇଛି। ଟାଉନ ବିଜେଡି ସଭାପତି ରାଜେନ୍ଦ୍ର ବେହେରା, ରାକେଶ ନନ୍ଦା, ରାଜୁ ମହାନ୍ତିଙ୍କ ସହ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ରହିଥିଲେ।

### ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଲହୁଣୀପଡା,୧୯।୬ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧାର ଗ୍ରାମ ନିକଟସ୍ଥ ଏକ ପୋଲ ଉପରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଚୋରଧରା ଗ୍ରାମର ଶୁକ୍ରା ମୁଣ୍ଡା (୩୯) କାଲଟା ମାଇନ୍ସରୁ କାମ ସାରି ନିଜ ସାଇକେଲରେ ଘରକୁ ଫେରୁଥିବାବେଳେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଚୋରଧରା ଗ୍ରାମ ନିକଟସ୍ଥ ନାଳ ପୋଲ ଉପରେ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଶୁକ୍ରାଙ୍କ ଗୋଟେ ଗୋଡ ଭାଙ୍ଗି ଯାଇଥିଲା। ଖବରପାଇ ଘର ଲୋକ ପହଞ୍ଚି ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଲହୁଣୀପଡା ଚିକିତ୍ସାଳୟକୁ ଆଣିବା ବାଟରେ ଶୁକ୍ରାଙ୍କ ମୃତ୍ୟୁ ହୋଇଥିଲା। ଶନିବାର ସକାଳେ କେ.ବଲାଙ୍ଗ ଥାନାରେ ସୂଚନା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଗାଡି ବିଷୟରେ ଖୋଳତାଡ ଜାରି ରଖିଛି ।

### ୧୩୦ ୟୁନିଟ୍ ରକ୍ତ ସଂଗ୍ରହ

**ରେଢାଖୋଲ,୧୯।୬(ଡି.ଏନ.ଏ.):** ରେଢାଖୋଲ ଥାନା ପରିସରରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏସ୍‌ଡିପିଓ ଜ୍ୟୋତ୍ସ୍ନାମୟୀ ପଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ରେଢାଖୋଲ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଡଇଁଚା, ତ୍ରିବଣପୁର ଓ ରେଢାଖୋଲ ରୋୟାଲ କ୍ଲବ ସମେତ ବିଭିନ୍ନ ପୂଜା କମିଟି ସଭ୍ୟ ରକ୍ତଦାନ କରିଥିଲେ। ରେଢାଖୋଲ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରାମକୃଷ୍ଣ ପତି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିବାବେଳେ ଟେକ୍‌ନିସିଆନ ଇନ୍ଦ୍ରମଣି ବେହେରା, ଯାମିନି ବେହେରା, ତ୍ରିପୁରାରୀ ଗଡତ୍ୟା ପରିଚାଳନା କରିଥିଲେ। ଏସ୍‌ଆଇ ସୌମ୍ୟରଞ୍ଜନ ମହାଲିକ, ଏଏସ୍‌ଆଇ ତ୍ରିବେଣି ପ୍ରଧାନ ସହଯୋଗ କରିଥିଲେ। ସଂଗୃହୀତ ୧୩୦ ୟୁନିଟ୍ ରକ୍ତ ରେଢାଖୋଲ ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଛି।

### ଈଶ୍ୱର ନାୟକଙ୍କ ଜିଲାସ୍ତରୀୟ ଶ୍ରାଦ୍ଧବାର୍ଷିକୀ

**ସମ୍ବଲପୁର,୧୯।୬ (ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତା ଈଶ୍ୱର ନାୟକଙ୍କ ଜିଲାସ୍ତରୀୟ ଶ୍ରାଦ୍ଧବାର୍ଷିକୀ ଶନିବାର ସମ୍ବଲପୁର ଏସ୍‌ଆର୍‌ଆଇଟି କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଅଶୋକ ବିଶି ଏଥିରେ ଅଧକ୍ଷତା କରିଥିଲେ। ସିପିଆଇ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂଦେଓ, ଜିଲା ସମ୍ପାଦକ ଏନ୍ ଗୋପାଳ, ରବୀନ୍ଦ୍ର ମହାନ୍ତି, ମିତ୍ରଭାନୁ ପୋଢ଼, ସରୋଜିନୀ ଆଚାର୍ଯ୍ୟ, ଅରୁଣ ଖୁଣ୍ଟିଆ, ଜଗନ୍ନାଥ ପଣ୍ଡା ପ୍ରମୁଖ ଯୋଗଦେଇ ଈଶ୍ୱର ନାୟକଙ୍କ ସଂଗ୍ରାମୀ ଜୀବନୀ ଉପରେ ଆଲୋକପାତ କରିଥିଲେ ।

# ୨୦ ଲକ୍ଷ ଟଙ୍କାର ନକଲି ବିଦେଶୀ ମଦ ଜବତ: ୪ ଗିରଫ

**ରାଉରକେଲା ଅଫିସ୍, ୧୯।୬**


ଗିରଫ ଅଭିଯୁକ୍ତମାନଙ୍କ ସହ ଅବକାରୀ କର୍ମଚାରୀ ଓ ନକଲି ବିଦେଶୀ ମଦ।

- ୧୯୦ ପେଟିରେ ୧୭୧୦ ଲିଟର ନକଲି ଓ ସରକାରୀ ଶୁଳ୍କ ବିହୀନ ବିଦେଶୀ ମଦ ଥିଲା
- କାର୍ ଯୋଗେ ମଦ ଚାଲାଣ ବେଳେ ଅବକାରୀ ବିଭାଗ ଚଢ଼ଉ କରିଥିଲା

ସୁନ୍ଦରଗଡ଼ ଜିଲାର ଚାନ୍ଦିପୋଷ ଥାନା ଅନ୍ତର୍ଗତ ତମଡ଼ା ଗ୍ରାମରୁ ଶନିବାର ୨୦ଲକ୍ଷ ଟଙ୍କାର ନକଲି ବିଦେଶୀ ମଦ ଜବତ କରାଯାଇଛି। ମଦ କାରବାର କରୁଥିବା ୪ଜଣଙ୍କୁ ଅବକାରୀ ବିଭାଗ କର୍ମଚାରୀମାନେ ଗିରଫ କରିଛନ୍ତି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଅନିଲ କୁମାର ସାହୁ ଓ ଅନ୍ୟ ତିନିଜଣ ସହଯୋଗୀ ବୀରେନ୍ଦ୍ର କୁମାର ସାହୁ, ବିନୋଦ କୁମାର ପାତ୍ର ଓ ମନୋଜ ସିଂ। ଅନିଲ ରଘୁନାଥପାଲି ଥାନା ଅନ୍ତର୍ଗତ ଜଲଦା ଅଞ୍ଚଳର ହୋଇଥିବା ବେଳେ ସହଯୋଗୀମାନେ ଚାନ୍ଦିପୋଷ ଥାନା ଅନ୍ତର୍ଗତ ତାମଡା ଗ୍ରାମର ବାସିନ୍ଦା। ସେମାନଙ୍କଠାରୁ ୧୯୦ ପେଟି ନକଲି ଓ ସରକାରୀ ଶୁଳ୍କ ବିହୀନ ବିଦେଶୀ ମଦ ଜବତ କରାଯାଇଥିଲା ; ଯାହାର ପରିମାଣ ୧୭୧୦ ଲିଟର ହେବ। ଏଥିସହିତ ମଦ ବ୍ୟବସାୟରେ ବ୍ୟବହାର ହେଉଥିବା ଏକ ଧଳାରଙ୍ଗର କାର ନଂ. ଓଡି ୧୪ ଏକ୍ସ ୬୭୯୨ ମଧ୍ୟ ଜବତ କରାଯାଇଛି।

ରାଉରକେଲା ସହରରେ ଶଟ୍‌ଡାଉନ ଓ ଲକ୍‌ଡାଉନ କଟକଣା ଭିତରେ ଚାଲିଥିଲା ଏହି ନକଲି ବିଦେଶୀ ମଦର କାରବାର। ଏହି ବିଦେଶୀ ନକଲି ମଦ ଦେଖିବାକୁ ନାମୀଦାମୀ ବ୍ରାଣ୍ଡ ଭଳି। କିନ୍ତୁ ଏଥିରେ କୌଣସି ତାରିଖ ଅବଧି ନାହିଁ। ଏହା ସେବନ କରିବା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲାର ଅନେକ ଢ଼ାବା ଓ ଚୋରା ମଦ ବେପାରୀଙ୍କୁ ଏହି ମଦ ବିକ୍ରି କରିବାର ଯୋଜନା ଥିଲା। ଚାନ୍ଦିପୋଷ ଥାନା ଅଞ୍ଚଳରେ ଏହି ମଦ ବିକ୍ରି ଯୋଜନା ଚାଲିଥିବା ସୂଚନା ପାଇବା ପରେ ଅବକାରୀ କମିଶନର ଆଶିଷ କୁମାର ସିଂ ଓ ରାଉରକେଲା ଅବକାରୀ ଜିଲା ଅଧୀକ୍ଷକ ନଳିନୀ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ରାଉରକେଲା ଅବକାରୀ ଉପଅଧୀକ୍ଷକ ଝସକେତନ ବରିହା, ପାନପୋଷ ମଣ୍ଡଳ ଅବକାରୀ ନିରୀକ୍ଷିକା ସ୍ନେହଲତା ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଉରକେଲା ଭ୍ରାମ୍ୟମାଣ ଉପନିରୀକ୍ଷକ ଅର୍ଜୁନ ମଲ୍ଲିକ, ରାଉରକେଲା-୨ ଅବକାରୀ ଉପନିରୀକ୍ଷକ ଅବନୀ କୁମାର ମହାପାତ୍ର, ସମସ୍ତ ଅବକାରୀ ସହ ଉପନିରୀକ୍ଷକ ମିଳିତ ଭାବରେ ତାମଡା ଗ୍ରାମରେ ଅତର୍କିତ ଚଢ଼ାଉ କରିଥିଲେ।

ମୁଖ୍ୟ ଅଭିଯୁକ୍ତ ଅନିଲ ନକଲି ବିଦେଶୀ ମଦ କାରବାର ଅଭିଯୋଗରେ ପୂର୍ବରୁ ୩ଥର କୋର୍ଟ ଚାଲାଣ ହୋଇଥିଲା। ରାଉରକେଲା ସହରରେ ଆଗକୁ ଯେମିତି ନକଲି ବିଦେଶୀ ମଦ କାରବାର ନ ହେବ ସେଥିପ୍ରତି ଧ୍ୟାନ ଦେଇ ଅବକାରୀ ଚଢାଉ ଜାରି ରଖାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି।

# ୫ ଗିରଫ, ଦେଶୀ ମହୁଲି ମଦ ଜବତ

**ଲହୁଣୀପଡା,୧୯।୬ (ଡି.ଏନ.ଏ)**

**ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ାଉ**

ସୁନ୍ଦରଗଡ଼ ଜିଲା ବଣାଇ ଅବକାରୀ ବିଭାଗ ଶନିବାର କୋଇଡା ଓ ଲହୁଣୀପଡା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହିତ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଇଡା ଥାନା ଅନ୍ତର୍ଗତ ବେଲକୁଦର ଗ୍ରାମର ଲତା ମୁଣ୍ଡା, ତେହେରେଇ ଗ୍ରାମର ନରସିଂହ ମୁଣ୍ଡା, ପାଟମୁଣ୍ଡା ଗ୍ରାମର ପଦ୍ମିନୀ ମୁଣ୍ଡା, ଚରିବା ମୁଣ୍ଡା ଏବଂ ଲହୁଣୀପଡା ଥାନା ଅନ୍ତର୍ଗତ ଲଲେଇ ଟାଙ୍ଗଯୋଡା ଗ୍ରାମର ନନ୍ଦିନୀ ମୁଣ୍ଡା। ଅବକାରୀ କର୍ମଚାରୀମାନେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଝସକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ କୋଇଡା ଓ ଲହୁଣୀପଡା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବେନିୟମ ଦେଶୀ ମହୁଲି ମଦ କାରବାର ଚାଲିଥିବା ସମୟରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ କୋଇଡା ତହସିଲଦାର ଡି. ଏସ ଶୁଭଦର୍ଶୀ ଜୋସି, କୋଇଡା ଥାନା ଏଏସଆଇ ଗଡିଆଧର ବାରିକ, ବଣାଇ ଅବକାରୀ ବିଭାଗର ନିରୀକ୍ଷକ ଯୁଗଳ କିଶୋର ନାଏକ, ରାଉରକେଲା ମୋବାଇଲ ସ୍କ୍ୱାର୍ଡର ଇନ୍ସପେକ୍ଟର ସୋମନାଥ ବାଗ, ଶ୍ରୀକାନ୍ତ କୁମାର ପଟ୍ଟନାୟକ, ଏଏସଆଇ ଅବଦୁଲ ଅନୱର, ଉଗ୍ରସେନ ବେହେରା, ପଞ୍ଚାନନ ଜେନା, ଘନଶ୍ୟାମ ମାହାନ୍ତ, କୁମାରୀ ପ୍ରଧାନ, ବିଦ୍ୟାଧର ସାହୁ, ବିକାଶ ରଞ୍ଜନ ମାହାନ୍ତ, ହେମ ମଞ୍ଜୁରୀ ବିଶ୍ୱାଳ, ବିବେକାନନ୍ଦ ସୁତାର, ସନ୍ତୋଷ କୁମାର ଲଙ୍କା ପ୍ରମୁଖ ସାମିଲ ହୋଇଥିଲେ।

# ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ତଦାରଖ କଲେ ଜିଲାପାଳ


ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ଯାଉଛନ୍ତି ଜିଲାପାଳ ଓ ଅନ୍ୟମାନେ।

**କୁତ୍ରା, ୧୯।୬ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ପିଡିଡିଆଡିଏ ଭୈରବ ସିଂ ପଟେଲ କୁତ୍ରା ବ୍ଲକର ୩ଟି ବିଦ୍ୟାଳୟରେ ଚାଲୁଥିବା ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ପ୍ରଥମେ କିରିଙ୍ଗସେରା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯାଇ କାମ ଦେଖିବା ପରେ କୁତ୍ରା ଉଚ୍ଚ ବିଦ୍ୟାଳୟକୁ ଆସି କାର୍ଯ୍ୟ ତଦାରଖ କରି ସ୍ମାର୍ଟ ଶ୍ରେଣୀ ଗୃହ ଓ ସ୍ମାର୍ଟ କମ୍ପ୍ୟୁଟର ଲ୍ୟାବ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଓ କାର୍ଯ୍ୟର ଅଗ୍ରଗତି ଦେଖି ବେଶ ଖୁସି ବ୍ୟକ୍ତ କରିଥିଲେ। ସେ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ସୁନ୍ଦରଭାବେ କରିବା ପାଇଁ ଉପସ୍ଥିତ ଆମ୍ବାଡସି ଅଧିକାରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ,କମିଟି ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତବେଳେ କୁତ୍ରା ବିଡିଓ ମାନସରଞ୍ଜନ ରୟ, ଆମ୍ବାଡସି କର୍ମଚାରୀ,ବିଇଓ ଗୁରଚରଣ ସାହୁ,ତହସିଲଦାର ରବୀନ୍ଦ୍ର କୁମାର ସେଠୀ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ,ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଆଲୁମିନି ପ୍ରଶାନ୍ତ ସାହୁ, ଡିପିସି କାର୍ଯ୍ୟାଳୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ମିଶନ ଶକ୍ତି ଗୃହ,ମମତା ଗୃହ ଦେଖିଥିଲେ। ସେଠାରେ ତାଙ୍କୁ ଉତ୍ତରିୟ ଦେଇ ସମ୍ମାନିତ କରାଯାଇଥିଲା। ତାପରେ ଜିଲାପାଳ ସର୍ଗୁକିଶାନ ବିଦ୍ୟାଳୟ ଯାଇ କାର୍ଯ୍ୟ ତଦାରଖ କରିଥିଲେ।

# ସାଢେ ୧୧ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଶୋଚନୀୟ

**ସୁନ୍ଦରଗଡ଼, ୧୯।୬ (ଡି.ଏନ୍.ଏ)**


ଆଦର୍ଶ ନଗରରେ ରାସ୍ତା ଶୋଚନୀୟ ହୋଇଛି।

**ସୁନ୍ଦରଗଡ଼ ପୌରପାଳିକା**
- ଯନ୍ତ୍ରୀ-ଠିକାଦାରଙ୍କ ମଧୁଚନ୍ଦ୍ରିକା

ଯନ୍ତ୍ରୀ -ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ସୁନ୍ଦରଗଡ଼ ପୌରପାଳିକା ଅଧୀନ ବିଭିନ୍ନ ରାସ୍ତାଘାଟ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଠିକାଦାର ପୋଷା ନୀତି ଯୋଗୁ ଏଗୁଡିକର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲକ୍ଷଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ରାସ୍ତାଘାଟ ଓ ଡ୍ରେନ୍‌ଗୁଡିକ ନିମ୍ନମାନର କାର୍ଯ୍ୟ ଯୋଗୁ ଶୋଚନୀୟ ହୋଇପଡିଛି। ସହରର ୧୯ନଂ. ୱାର୍ଡ ଅନ୍ତର୍ଗତ ଆଦର୍ଶ ନଗରରେ ସାଢେ ୧୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ରାସ୍ତାକୁ ଏକ ଉଦାହରଣ ଭାବେ ନିଆଯାଇପାରେ। ଆଦର୍ଶ ନଗରର ପଙ୍କଜ ସାହୁ ଘରଠାରୁ ଲାଲଶଙ୍କର ପତିଙ୍କ ଘର ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ପାଇଁ ସୁନ୍ଦରଗଡ ପୌରପାଳିକା ମୋଟରଯାନ ଟ୍ୟାକ୍ସ ପାଣ୍ଠିରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୧୧ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ତ୍ତମାନ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରାସ୍ତାରେ ୪ଚକିଆ ଯାନବାହାନ ତ ଦୂରର କଥା, ୨ଚକିଆ ଯାନ କିମ୍ବା ଚାଲିକରି ଯିବା ଆସିବା କରିବା କଷ୍ଟକର ହୋଇପଡିଛି। ଏହି ରାସ୍ତାର ଦୁରବସ୍ଥା ସମ୍ପର୍କରେ ପୌର ପ୍ରଶାସନ ନିକଟରେ ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହେଉଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏହି ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ରାସ୍ତା ଦୁରବସ୍ଥାର ପ୍ରତିକାର ଦିଗରେ ଜିଲାପାଳ ଦୃଷ୍ଟିଦେଇ ଯଥାଶିଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ରାହୁଲଙ୍କ ଜନ୍ମ ଦିବସରେ ଜିଲା କଂଗ୍ରେସ ପକ୍ଷରୁ ସେବା ଦିବସ

**ସୁନ୍ଦରଗଡ଼,୧୯।୬(ଡି.ଏନ.ଏ)**

ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ସେବା ଦିବସ ଭାବେ ପାଳନ କରାଯାଇଛି। ଏଆଇସିସିର ନିର୍ଦ୍ଦେଶ କ୍ରମେ କଂଗ୍ରେସ କର୍ମକର୍ତ୍ତାମାନେ ନିରାଡମ୍ବର ଭାବେ ଏହି ଦିବସକୁ ପାଳନ କରିଛନ୍ତି। ଏହି ଅବସରରେ ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲା କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ସେବାଦଳ କର୍ମକର୍ତ୍ତାମାନେ ସହରର ବିଭିନ୍ନ ଶିଶୁ ଯତ୍ନକାରୀ ଅନୁଷ୍ଠାନ ବାଲିଯୋରୀ ଶିଶୁ ସେବା ଶ୍ରମ, ବେଲସରା ଶିଶୁ ଆଶ୍ରମ, ଶଙ୍କରା ସ୍ଥିତ କଳ୍ପତରୁ ଆଶ୍ରମ, ଆଦ୍ଭୁତ ଶିଶୁ ସେବା ଶ୍ରମକୁ ଯାଇ ଅନ୍ତେବାସୀମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ରାଶନ ସାମଗ୍ରୀ, ବିସ୍କୁଟ ପ୍ୟାକେଟ, ସାନିଟାଇଜର, ମାସ୍କ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ କର୍ମକର୍ତ୍ତା କାଳିପଦ ସାମଲ, ଅଜିତ ପ୍ରସାଦ, ସତ୍ୟ ନାରାୟଣ ସାହୁ, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ଟାଉନ ସଭାପତି ନେପାଳ ସାହୁ, ସୁନ୍ଦରଗଡ ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ବିଶ୍ୱଜୀତ ପଟ୍ଟନାୟକ, ଛାତ୍ର କଂଗ୍ରେସ ସଭାପତି ଏମ.ଡି ଫାଇଜଲ, ନରେନ୍ଦ୍ର ସିଂ,ସଦ୍ଦାମ ହୁସେନ, ପାଉଲ ଖାଲକୋ ପ୍ରମୁଖ ସାମିଲ ଥିଲେ।

### ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ

**ରାଜଗାଙ୍ଗପୁର,୧୯।୬ (ଡି.ଏନ.ଏ)**

ରାଜଗାଙ୍ଗପୁର କଂଗ୍ରେସ କମିଟି ତରଫରୁ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରାଯାଇଛି। ଏଥିଉପଲକ୍ଷେ ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ. ରାଜନ ଏକ୍କା ଓ ଟାଉନ କଂଗ୍ରେସ ଏକତ୍ରିତ ହୋଇ ସରକାରୀ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହିତ ବିଭିନ୍ନ ସ୍ଥାନରେ ଗରିବଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଥିଲେ। ଏଥିରେ ଟାଉନ କଂଗ୍ରେସ ସଭାପତି ପାକା ବାବୁ, ଦେବରଞ୍ଜନ ବିନୋଦ, ଶଶି ଚୋରାସିଆ ଓ ଅନ୍ୟମାନେ ଥିଲେ।

# ଗ୍ୟାସ ପାଇପ ବିଛାକୁ ନେଇ ବୈଠକ

**କୁତ୍ରା, ୧୯।୬(ଡି.ଏନ.ଏ)**

ଗ୍ୟାସ ପାଇପ ବିଛା ସମସ୍ୟାକୁ ନେଇ ସୁନ୍ଦରଗଡ଼ ଜିଲା କୁତ୍ରା ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗେଲ ଇଣ୍ଡିଆର ମ୍ୟାନେଜର ସଞ୍ଜୟ ଦଣ୍ଡ ଓ ସତ୍ୟନାରାୟଣ ରାଓ, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, ସରପଞ୍ଚ ଲଳିତା ବରୁଆ ଏବଂ ଜମି ହରାଉଥିବା ଜମି ମାଲିକମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଜଗଦିସପୁର, ବୋକାରୋ ହୋଇ ଧାମରା ଯାଉଥିବା ଗ୍ୟାସ ପାଇପ ଲାଇନ କାମକୁ ଗେଲ ଇଣ୍ଡିଆ ପକ୍ଷରୁ କରାଯାଉଛି। ଏହାକୁ ଗତ ୪ ତାରିଖ ଦିନ କୁତ୍ରା ଗ୍ରାମବାସୀ ବିରୋଧ କରି କୁତ୍ରା ଥାନାରେ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗେଲ ଇଣ୍ଡିଆ ଆଦିବାସୀଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। କୁତ୍ରା ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାବେଳେ କୁତ୍ରା ବସ୍ତିର ଆଦିବାସୀଙ୍କ ଜମି ଦେଇ ପାଇପ ଲାଇନ କାମ ଚାଲୁଥିବା ବେଳେ ଜମି ମାଲିକମାନେ ଏହାକୁ ବିରୋଧ କରିଥିଲେ। ଜମି ମାଲିକଙ୍କୁ କୌଣସି ସୂଚନା ନ ଦେଇ ପାଇପ ବିଛା କାର୍ଯ୍ୟ କରୁଛି। କ୍ଷତିଗ୍ରସ୍ତ ଜମି ମାଲିକମାନଙ୍କୁ ଉଚିତ ଟଙ୍କା ନ ଦେଇ ପାଇପ ବିଛାଉଛି। ଅଭିଯୋଗ ପରେ କୁତ୍ରା ଥାନା ଅଧିକାରୀ,ତହସିଲଦାର ଓ ଗେଲ ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉଚିତ କ୍ଷତିପୂରଣ ନ ଦେବା ଯାଏଁ କାର୍ଯ୍ୟ ବନ୍ଦ ରଖିବାକୁ ଦାବି କରିଥିଲେ। ଏହାକୁ ଆଧାରକରି ଶନିବାର ବୈଠକ ବସିଥିଲା। ଉପଜିଲାପାଳ ତାଙ୍କ ମତରେ କହିଥିଲେ ଯେ, ଯେହେତୁ ଏହା ଏକ ସେଣ୍ଟ୍ରାଲ ପ୍ରୋଜେକ୍ଟ। ତେଣୁ ଏହା ସବୁ ଜାଗାରେ ଗୋଟିଏ ନିୟମ ଲାଗୁ ହେବ। ପେଟ୍ରୋଲିୟମ ଆକ୍ଟରେ ଆଦିବାସୀଙ୍କ ପାଇଁ କୌଣସି ଅଲଗା ନିୟମ ନାହିଁ। ଏହାକୁ ଗ୍ରାମବାସୀମାନେ ବିରୋଧ କରି ତାଙ୍କ ପାଖରୁ ଲିଖିତ ଆକାରରେ ଦେବା ପାଇଁ ଦାବି କରିଥିଲେ।


ଗ୍ୟାସ ପାଇପ ବିଛା ସମସ୍ୟାକୁ ନେଇ ବୈଠକରେ ଉପଜିଲାପାଳ ଓ ଅନ୍ୟମାନେ।

# ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ପୋଡ଼ି

**ଦେବଗଡ଼, ୧୯।୬ (ଡି.ଏନ.ଏ)**

ଗୁରୁବାର ବିଳମ୍ବିତ ରାତିରେ ଦେବଗଡ଼ ଥାନା ଲଇମୁରା ଫାଣ୍ଡି ଅନ୍ତର୍ଗତ ଭାଲୁଗୁହା ଗ୍ରାମରେ ଥିବା କୁଚିଣ୍ଡା କେନ୍ଦୁପତ୍ର ବନଖଣ୍ଡ ତଥା ଭୋଜପୁର ରେଞ୍ଜ ଅଧିନସ୍ଥ ଭାଲୁଗୁହା କେନ୍ଦୁପତ୍ର ଫଡିରେ ଅଗ୍ନିକାଣ୍ଡ ଘଟି ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କେନ୍ଦୁପତ୍ର ପୋଡ଼ିଯାଇଛି। ଏନେଇ ଶନିବାର ଭୋଜପୁର ରେଞ୍ଜ ଅଫିସର (କେନ୍ଦୁପତ୍ର)ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ମୁତାବକ ଗୁରୁବାର ରାତି ପ୍ରାୟ ୨ଟାରେ ଲଇମୁରା ସେକ୍‌ସନ ଫରେଷ୍ଟର ପ୍ରଶାନ୍ତ କୁମାର ହନୁମାନ ଭୋଜପୁର ରେଞ୍ଜ ଅଫିସରଙ୍କୁ ଫୋନକରି ଭାଲୁଗୁହା କେନ୍ଦୁପତ୍ର ଫଡିରେ ନିଆଁ ଲାଗିଥିବା ସୂଚନା ଦେବା ପରେ ସେ କୁଚିଣ୍ଡାସ୍ଥିତ ଅଗ୍ନିଶମ ବିଭାଗକୁ ଜଣାଇ ବିଭାଗୀୟ କର୍ମଚାରୀମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚିବା ପୂର୍ବରୁ ଫଡିରେ ଥିବା ପ୍ରାୟ ୯୦ ପ୍ରତିଶତ କେନ୍ଦୁପତ୍ର ପୋଡ଼ିଯାଇଥିଲା । ପୋଡ଼ିଯାଇଥିବା କେନ୍ଦୁପତ୍ରର ପରିମାଣ ୨୮୧୫୫୦ କେରୀ ଓ ଏହାର ମୂଲ୍ୟ ୨ଲକ୍ଷ ୩୭ହଜାର ୮୬୦ ଟଙ୍କା ବୋଲି ଆକଳନ କରାଯାଇଛି।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଦେବଗଡ,୧୯।୬ (ଡି.ଏନ.ଏ)**

ରିଆମାଳ ବନାଞ୍ଚଳ ନୂଆଁଡିହି ଫରେଷ୍ଟ ସେକ୍‌ସନ ଅନ୍ତର୍ଗତ ଶୁଳିଆ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ନେହେରୁ ପ୍ରଧାନ (୫୨) ନିକଟସ୍ଥ ଜଙ୍ଗଲକୁ ବଳଦ ଚରାଇବାକୁ ଯାଇଥିବା ବେଳେ ତାଙ୍କୁ ଏକ ଭାଲୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ନେହେରୁ ଚିତ୍କାର କରିବାରୁ ନିକଟରେ ବଳଦ ଚରାଉଥିବା ଅନ୍ୟ କେତେକ ଲୋକ ସେଠାକୁ ଧାଇଁ ଆସିଥିଲେ। ସେମାନଙ୍କୁ ଦେଖି ଭାଲୁ ଦୌଡି ପଳାଇଥିଲା। ତେବେ ନେହେରୁଙ୍କର ମୁଣ୍ଡ, କାନମୁଣ୍ଡା ଓ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗାଁକୁ ଆଣିବା ପରେ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।


ନେହେରୁ ପ୍ରଧାନ।

# ଜାଲ୍ ଯୋଗ୍ୟତା ପ୍ରମାଣପତ୍ର ଦାଖଲ କରି ଶିକ୍ଷକ ଚାକିରି

**ଦେବଗଡ଼,୧୯।୬ (ଡି.ଏନ.ଏ)**

**ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ**

ଜାଲ ଯୋଗ୍ୟତା ପ୍ରମାଣପତ୍ର ଦାଖଲ କରି ଦେବଗଡ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କଳାମାଟି ହାଇସ୍କୁଲରେ ଦୀର୍ଘ ୧୫ବର୍ଷ ହେଲା ଶିକ୍ଷକତା କରିଆସୁଥିବା ଜଣେ ସହକାରୀ ଶିକ୍ଷକଙ୍କ ବିରୁଦ୍ଧରେ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଏକ ଠକେଇ ଏବଂ ଜାଲିଆତି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନିକ୍ତିମାଳ ଗ୍ରାମର ପ୍ରତାପ କୁମାର ପ୍ରଧାନ ୨୦୦୫ ଜାନୁୟାରୀ ୧ରୁ ସମ୍ପୃକ୍ତ ହାଇସ୍କୁଲରେ ଶିକ୍ଷାସହାୟକ ଭାବେ ଯୋଗ ଦେଇଥିଲେ। ଚାକିରୀ ପାଇଁ ଦରଖାସ୍ତ କରିବା ସମୟରେ ପ୍ରଧାନ ବିହାର ରାଜ୍ୟ ବୁଦ୍ଧଗୟା ସ୍ଥିତ ମଗଧ ୟୁନିଭରସିଟିରେ ବିଏଡ୍ କରିଥିବା ଦର୍ଶାଇ ଉକ୍ତ ୟୁନିଭରସିଟିର ଯୋଗ୍ୟତା ପ୍ରମାଣପତ୍ର ଦାଖଲ କରିଥିଲେ । ପରବର୍ତ୍ତୀ ସମୟରେ ୨୦୧୧ରେ ତାଙ୍କର ଚାକିରିକୁ ନିୟମିତ ନିଯୁକ୍ତିର ମାନ୍ୟତା ମିଳିଥିଲା । ତେବେ ଓଡିଶା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ କର୍ତ୍ତୃପକ୍ଷ ସମ୍ପୃକ୍ତ ସହକାରୀ ଶିକ୍ଷକ ପ୍ରଧାନଙ୍କ ବିଏଡ୍ ଯୋଗ୍ୟତା ପ୍ରମାଣପତ୍ରର ବୈଧତା ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଧାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଉକ୍ତ ବିଏଡ୍ ଯୋଗ୍ୟତା ପ୍ରମାଣପତ୍ରର ବୈଧତା ଯାଞ୍ଚ କରିବା ନିମନ୍ତେ ଜିଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଗତ ୨୦୧୯ ଡିସେମ୍ବର ୧୭ରେ ବିହାର ବୁଦ୍ଧଗୟା ସ୍ଥିତ ମଗଧ ୟୁନିଭରସିଟିକୁ ଲିଖିତ ଅନୁରୋଧ କରିଥିଲେ। ଏହାର ଯାଞ୍ଚ କରିବା କରିବା ପରେ ପ୍ରଧାନଙ୍କ ନାମରେ ଏଭଳି କୌଣସି ଯୋଗ୍ୟତା ପ୍ରମାଣପତ୍ର ଇସ୍ୟୁ କରାଯାଇ ନ ଥିବା ଗତ ମାର୍ଚ୍ଚ ମାସ ୨୪ ତାରିଖ ମଗଧ ୟୁନିଭରସିଟି କର୍ତ୍ତୃପକ୍ଷ ପତ୍ର ମାଧ୍ୟମରେ ଜଣାଇଥିଲେ। ଏହି ପତ୍ର ଆଧାରରେ ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ଶୁକ୍ରବାର ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଅଭିଯୁକ୍ତ ଶିକ୍ଷକ ପ୍ରଧାନଙ୍କ ବିରୋଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଥିବା ଜଣାପଡିଛି। ଏ ଘଟଣା ସମଗ୍ର ଜିଲାର ଶିକ୍ଷକ ଓ ଅଭିଭାବକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।

## ନାବାଳିକା ଗଣବଳାତ୍କାର ଘଟଣା: ୨ ଗିରଫ

ବାରିପଦା ଅଫିସ-ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ରବି ଚାତାର୍ଡ ଓ ଅତୁଲ ମହାକୁଡ଼। ପୋଲିସ ପୀଡ଼ିତା ଓ ୨ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଇଛି। ସୂଚନାଯୋଗ୍ୟ, ଗତ ୧୬ ତାରିଖ ରଜପର୍ବରେ ରବି ଓ ଅତୁଲ ବିଳମ୍ବିତ ରାତିରେ ନାବାଳିକାଙ୍କୁ ଘରୁ ଟେକି ନେଇ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ.୮୬/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା।

**ସଂକ୍ଷେପରେ**

## ପୁଅ ଆକ୍ରମଣରେ ବାପାଙ୍କ ମୃତ୍ୟୁ

**ଖଇରା/ଔପଦା, ୧୯।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ଥାନା ଫତେପୁର ପଞ୍ଚାୟତ ପାଇକପଡା ନାଇକ ସାହିରେ ପୁଅର ଧାରୁଆ ଅସ୍ତ୍ର ଆକ୍ରମଣରେ ବାପାଙ୍କ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ଅନାମ ନାଇକ(୭୦)। ଏନେଇ ଔପଦା ଥାନାରେ ଏକ ମାମଲା(ନଂ.୪୩/୨୧) ରୁଜୁ କରାଯାଇ ପୁଅ ଶ୍ରୀକାନ୍ତଙ୍କୁ ଗିରଫ କରାଯାଇଛି। ବାପା ଭତ୍ତା ଟଙ୍କା ନ ଦେବାରୁ ପୁଅ ଉତ୍ତ୍ୟକ୍ତ ହୋଇ ଏହି ହତ୍ୟାକାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ମଧ୍ୟରାତ୍ରିରେ ଶ୍ରୀକାନ୍ତ ନିଶାସକ୍ତ ହୋଇ ଘରକୁ ଆସିଥିଲେ। ସେ ପ୍ରଥମେ ଟଙ୍କା ପାଇଁ ମା' ସହିତ ଗଣ୍ଡଗୋଳ କରିଥିଲେ। ଆକ୍ରମଣ ଭୟରେ ମା ଦୌଡି ପଳାଇବା ପରେ ବାପା ସହ ପାଟିତୁଣ୍ଡ କରି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ହାତକୁ ହାଣି ଦେଇଥିଲେ। ସକାଳେ ଗ୍ରାମବାସୀ ଏହାଜାଣି ଶ୍ରୀକାନ୍ତଙ୍କୁ ଏକ ଖୁଣ୍ଟରେ ବାନ୍ଧି ଔପଦା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନାମଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

## ମୋବାଇଲ ପାଇଁ ନାବାଳକଙ୍କ ଆତ୍ମହତ୍ୟା

**ବାହାନଗା,୧୯।୬(ଡି.ଏନ.ଏ.):** ମୋବାଇଲରେ ଗେମ୍ ଖେଳିବାକୁ ପରିବାର ଲୋକେ ବିରୋଧ କରିବାରୁ ଦଶମରେ ପଢୁଥିବା ଜଣେ ନାବାଳକ ଆତ୍ମହତ୍ୟା କରିବା ଘଟଣା ବାଲେଶ୍ୱର ଜିଲା ବାହାନଗା ବ୍ଲକ କୁରୁଡା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଉକ୍ତ ନାବାଳକ ଶନିବାର ଘରେ ମୋବାଇଲ ଧରି ଗେମ୍ ଖେଳୁଥିବା ବେଳେ ତାଙ୍କ ମା' ପାଠ ପଢିବାକୁ ତାଗିଦ୍ କରିଥିଲେ। ଏଥିରେ ସେ ରାଗିଯାଇ ଶୋଇବା ଘର ଭିତରେ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ପରେ ଘର ଭିତରେ ମୃତଦେହ ଝୁଲୁଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନନ୍ତପୁର ଫାଣ୍ଡି ପୋଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା, ୨ ଆହତ

**ଛତ୍ରପୁର,୧୯।୬(ଡି.ଏନ.ଏ.)**

ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ରାମେୟାପଲ୍ଲୀ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମବାସୀ ଜଣେ ବ୍ୟକ୍ତିଙ୍କୁ ପିଟି ମାରି ଦେଇଛନ୍ତି । ମୃତକ ହେଉଛନ୍ତି ବ୍ରହ୍ମପୁର ଅଞ୍ଚଳର ଏନ୍.ଭେଙ୍କଟ ରମଣ(୫୦)। ଏହାସହ ରାମେୟାପଲ୍ଲୀ ଗ୍ରାମର ପି.ଭୀମରାଜୁ ରେଡ୍ଡୀ ଏବଂ ବ୍ରହ୍ମପୁରର ପି. ଧବଳେଶ୍ୱର ରେଡ୍ଡୀ ଗୁରୁତର ହୋଇଛନ୍ତି । ସେମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନାନୁସାରେ, ରାମେୟାପଲ୍ଲୀ ଗ୍ରାମର ପି.ଭୀମରାଜୁ କୌଣସି କାରଣରୁ ପୂଜାପାଠ କରିବା ଲାଗି ବ୍ରହ୍ମପୁର ଅଞ୍ଚଳର ଏନ୍.ଭେଙ୍କଟ ରମଣ ଏବଂ ପି. ଧବଳେଶ୍ୱରଙ୍କୁ ଗ୍ରାମକୁ ଡାକିଥିଲେ। ସେମାନେ ଶନିବାର ଗ୍ରାମକୁ ଆସି ପୂଜାପାଠ କରୁଥିଲେ। ହେଲେ ଗ୍ରାମବାସୀ ଭୀମରାଜୁ ତନ୍ତ୍ର ଶିକ୍ଷା କରୁଛନ୍ତି ବୋଲି ପୂର୍ବରୁ ସନ୍ଦେହ କରି ଆସୁଥିଲେ। ଏହି ପୂଜାରେ ଅନ୍ୟ ଦୁଇଜଣଙ୍କୁ ଦେଖି ଗ୍ରାମବାସୀଙ୍କ ଆହୁରି ସନ୍ଦେହ ଦୃଢୀଭୂତ ହୋଇଥିଲା। ବ୍ରହ୍ମପୁରର ୨ ଜଣ ବ୍ୟକ୍ତି ପୂଜାପାଠ କରୁଥିବା ବେଳେ ଗ୍ରାମରେ ତନ୍ତ୍ରପୂଜା ହେଉଥିବା ସନ୍ଦେହରେ ଗ୍ରାମବାସୀ ସେମାନଙ୍କ ସହ ପାଟିତୁଣ୍ଡ ପରେ ହାତାହାତି ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ନିସ୍ତୁକ ମାଡ଼ ମାରିବାରୁ ତିନିଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଏନ.ଭେଙ୍କଟଙ୍କ ମୃତ୍ୟୁ ଘଟିଛି। ସୂଚନା ପାଇ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଚମାଖଣ୍ଡି ଥାନା ଅଧିକାରୀ ସିତାଂଶୁ ଶେଖର ମାନ୍ଧତା, ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ତଦନ୍ତ ଚଳାଇଛନ୍ତି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଉଚ୍ଚଶିକ୍ଷା ବିଭାଗ ପ୍ରଶାସନିକ ପଦବୀରେ ଓଏଏସ୍ ନିଯୁକ୍ତିକୁ ବିରୋଧ

**ଭୁବନେଶ୍ୱର, ୧୯।୬(ବ୍ୟୁରୋ)**

ରାଜ୍ୟ ସରକାର ନିକଟରେ ଉଚ୍ଚଶିକ୍ଷା ବିଭାଗର ପ୍ରଶାସନିକ ଅଧିକାରୀ ପଦବୀଗୁଡ଼ିକୁ ଓଏଏସ୍ କ୍ୟାଡର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସଂଘ କହିଛି, ପୂର୍ବରୁ ଏହି ପଦବୀଗୁଡ଼ିକରେ ବରିଷ୍ଠ ପ୍ରାଧ୍ୟାପକମାନେ ନିଯୁକ୍ତି ପାଉଥିଲେ। ଏହି ପଦବୀଗୁଡ଼ିକ ମଧ୍ୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଏସ୍‌ସିଆର୍‌ଟି ନିର୍ଦ୍ଦେଶକ, ରୁସା ନିର୍ଦ୍ଦେଶକ, ଯୁକ୍ତ୨ ପରିଷଦ ସଚିବ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳସଚିବ ଆଦି ପଦବୀ ଅନ୍ତର୍ଭୁକ୍ତ। ଦେଶର ସମସ୍ତ ରାଜ୍ୟରେ ସାଧାରଣ ଭାବରେ ଏହିସବୁ ପଦବୀରେ ବରିଷ୍ଠ ଅଧ୍ୟାପକମାନେ ନିଯୁକ୍ତି ପାଇଥାନ୍ତି। ଓଡ଼ିଶାରେ ମଧ୍ୟ ଓଡ଼ିଶା ଶିକ୍ଷା ସେବା(କଲେଜ ବିଭାଗ)ର ବରିଷ୍ଠତା ଭିତ୍ତିରେ ଏହି ପଦବୀଗୁଡ଼ିକ ପୂରଣ କରାଯାଇଥାଏ। କିନ୍ତୁ ସରକାର ଏବେ ଏହାକୁ ପରିବର୍ତ୍ତନ କରିଛନ୍ତି, ଯାହା ଅଯୌକ୍ତିକ ଏବଂ ଏହା ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିବ ବୋଲି ସଂଘ ସଭାପତି ଡ. ମାନସ ବେହେରା ଓ ସମ୍ପାଦକ ଡ. ଦେବାଶିଷ ମହାନ୍ତି କହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇବା ସହିତ ଗୁଣାତ୍ମକ ଶିକ୍ଷା ପାଇଁ ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ସେମାନେ ନିବେଦନ କରିଛନ୍ତି। ଏଥିସହିତ ସଂଘ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଛି।

# ରଣଦେବଙ୍କ ସମେତ ୩ ଜଣଙ୍କ ପରିଚୟ ମିଳିଲା



ଶୋକସନ୍ତପ୍ତ ପରିବାରବର୍ଗ।

### ପୋଲିସ ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ ଘଟଣା

**କାଲିମେଳା,୧୯।୬(ଡି.ଏନ୍.ଏ.)**

ଗ୍ରେହାଉଣ୍ଡ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ପୋଲିସ ଏନ୍‌କାଉଣ୍ଟରରେ ବୁଧବାର ମୃତ୍ୟୁ ଘଟିଥିବା ୪ଜଣ ମାଓବାଦୀଙ୍କ ମଧ୍ୟରୁ ୩ ଜଣଙ୍କ ପରିଚୟ ମିଳିଛି। ଅନ୍ୟ ଜଣେ ମହିଳା ମାଓବାଦୀଙ୍କ ଏଯାବତ୍ ପରିଚୟ ମିଳିନାହିଁ। ପରିଚୟ ମିଳିଥିବା ମାଓବାଦୀମାନେ ହେଲେ ଦେବା ମାଢ଼ି ଓରଫ ରଣଦେବ, ଅଶୋକ ଓ ପାଇକେ ବୋଲି ଜଣାପଡ଼ିଛି। ରଣଦେବଙ୍କ ଘର ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ବଡିଗେଟା ପଞ୍ଚାୟତର ଟେକ୍‌ଗୁଡା-ଏ ଗ୍ରାମରେ। ତାଙ୍କ ମୃତ୍ୟୁ ସମ୍ପର୍କରେ କାଲିମେଳା ଥାନା ଅନ୍ତର୍ଗତ ବଡିଗେଟାସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପ ପକ୍ଷରୁ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ପରିବାର ଲୋକେ ଆନ୍ଧ୍ର ପ୍ରଦେଶର ନରେଶପାଟନମ୍‌କୁ ଯାଇ ରଣଦେବଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ଧରି ଶନିବାର ସକାଳେ ଗ୍ରାମରେ ପହଞ୍ଚିବା ପରେ ଆଦିବାସୀ ରୀତିନୀତି ଅନୁସାରେ ତାଙ୍କ ମୃତଦେହ ସତ୍କାର ହୋଇଛି।

କୋରାପୁଟ ଓ ମାଲକାନଗିରି ଜିଲାର ମୋଷ୍ଟ ୱାଣ୍ଟେଡ ଥିଲେ ଡିସିଏମ୍ ରଣଦେବ। ୨୦ବର୍ଷ ଧରି ସେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ଆତଙ୍କ ଚଳାଇଥିଲେ। ମାଓବାଦୀ ସଙ୍ଗଠନର ଅନେକ ଦାୟିତ୍ୱ ଓ ପଦପଦବୀରେ ରହି ଜଣେ ପ୍ରମୁଖ କ୍ୟାଡର ଭାବେ କାର୍ଯ୍ୟ କରି ଆସୁଥିଲେ। ରଣଦେବ ବୈପାରିଗୁଡ଼ା, କାଲିମେଳା ଓ ସ୍ୱାଭିମାନ ଅଞ୍ଚଳର ଦଳମର ନେତୃତ୍ୱ ନେଇଥିଲେ। ଜଣେ ଦୁର୍ଦ୍ଦାନ୍ତ ମାଓବାଦୀ ରୂପେ ନିଜ ପରିଚୟ ଗଢ଼ିଥିବା ରଣଦେବଙ୍କୁ ମାଲକାନଗିରି ପୋଲିସ ଆତ୍ମସମର୍ପଣ ପାଇଁ ଅନେକ ଥର ସୁଯୋଗ ଦେଇଥିଲେ ମଧ୍ୟ ସେ ସଙ୍ଗଠନ ଛାଡ଼ି ନ ଥିଲେ। ତାଙ୍କୁ ଧରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା।

# ମହାକାଶ ଯିବ ଓଡ଼ିଆ ଛାତ୍ରଙ୍କ ପ୍ରକଳ୍ପ

**ସୁନାବେଡ଼ା ,୧୯।୬(ସ୍ୱ.ପ୍ର.)**



ପ୍ରକଳ୍ପ ନିର୍ମାଣରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

- ନାସା ଦ୍ୱାରା ମହାକାଶକୁ ଏସ୍‌ଆର୍-୭ ପ୍ରକଳ୍ପ ମନୋନୀତ
- ପ୍ରସ୍ତୁତିରେ ସୁନାବେଡ଼ାର ଆରିୟନଙ୍କ ସମେତ ୭ ଛାତ୍ରୀଛାତ୍ର

ଏସ୍‌ଆର୍-୭ ଉପରେ ପ୍ରସ୍ତୁତ ଏକ ପ୍ରକଳ୍ପ ଆମେରିକାର ନାସା ଦ୍ୱାରା ମହାକାଶକୁ ଯିବା ପାଇଁ ମନୋନୀତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୭ଜଣ ଛାତୀଛାତ୍ର ଭୁବନେଶ୍ୱରସ୍ଥିତ ୟଙ୍ଗ୍ ଟିଙ୍କର ଏକାଡେମୀରେ ଏହି ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ସେମାନଙ୍କ ମଧ୍ୟରେ କୋରାପୁଟ ଜିଲା ସୁନାବେଡ଼ା ପବ୍ଲିକ ସ୍କୁଲର ଛାତ୍ର ଆରିୟନ ପଟ୍ଟନାୟକ ସାମିଲ ହୋଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏହି ପ୍ରକଳ୍ପରେ ସାମିଲ ହୋଇଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳାହାଣ୍ଡିର ସାତ୍ୱିକ ପରାସର ବେହେରା, ବରଗଡ଼ର ଏମ୍.ସାଇକ୍ରିଷ୍ଣା ଏବଂ ଭୁବନେଶ୍ୱରର ଋଷଭ ମିଶ୍ର, ଦ୍ୱୀପାୟନ ଜେନା ,ଶିବମ ସୁନ୍ଦର ମହାକୁଡ଼, ଶ୍ରୀୟା ସାହୁ ସାମିଲ ଥିଲେ। ଆମେରିକାର ନାସା ପକ୍ଷରୁ ଅନୁଷ୍ଠିତ ପ୍ରକଳ୍ପ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିବା ଏହି ପ୍ରକଳ୍ପ ମନୋନୀତ ହୋଇଥିଲା। ପ୍ରତିଯୋଗିତାରେ ବିଶ୍ୱର ୭୩ଟି ଦେଶର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆମେରିକାର ନାସା ମାଧ୍ୟମରେ ସେମାନଙ୍କ ପ୍ରକଳ୍ପ ମହାକାଶ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଖବର ପାଇ ଛାତ୍ରୀଛାତ୍ରମାନେ ଖୁସି ପ୍ରକାଶ କରିଛନ୍ତି। ତେବେ କୋଭିଡ୍ କଟକଣା ଯୋଗୁ ସେମାନେ ନାସା ପରିଦର୍ଶନରେ ଯାଇପାରିନାହାନ୍ତି। ଏନେଇ ଆୟୋଜିତ କାର୍ଯ୍ୟକ୍ରମର ଭର୍ଚୁଆଲ ମିଟ୍‌ରେ ସେମାନଙ୍କୁ ଯୋଗଦେବାକୁ ଭୁବନେଶ୍ୱରସ୍ଥିତ ଏକାଡେମୀ ପକ୍ଷରୁ କୁହାଯାଇଛି।

# ଦିନକରେ ୨୨ ଲକ୍ଷ ଜରିମାନା ଆଦାୟ, ୧୫ ଗିରଫ

**ଭୁବନେଶ୍ୱର,୧୯।୬(ବ୍ୟୁରୋ)**

### କୋଭିଡ୍ ନିୟମ ଉଲ୍ଲଂଘନ

କରୋନା ସଂକ୍ରମଣ ଶୃଙ୍ଖଳକୁ ଭାଙ୍ଗିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ୍ ଜାରି ରହିଛି। ପୋଲିସ ଓ ପ୍ରସାଶନ ପକ୍ଷରୁ କୋଭିଡ୍ ନିୟମ ପାଳନ ପାଇଁ ନିବେଦନ କରାଯିବା ସହ ସଚେତନ କରାଯାଉଛି। ଏହାସତ୍ତ୍ୱେ ନିୟମ ଉଲ୍ଲଂଘନ ହେଉଥିବାରୁ ଗିରଫ ଓ ଜରିମାନା ଭଳି କଡ଼ା ଆଭିମୁଖ୍ୟ ଆପଣାଇଛି ଓଡ଼ିଶା ପୋଲିସ। ଗତ ଏପ୍ରିଲ ୧ରୁ ଏଯାଏ ୧୫ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଥିବାବେଳେ ଶୁକ୍ରବାର ସକାଳଠାରୁ ଶନିବାର ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ଭିତରେ ପୁଣି ୨୨ ଲକ୍ଷ ୨୦ ହଜାର ୪୫୦ ଟଙ୍କାର ଜରିମାନା ଆଦାୟ କରାଯାଇଛି। ନିୟମ ଉଲ୍ଲଂଘନ କରି ୪୨୪ ଜଣ ଏହି ଦଣ୍ଡ ଗଣିଛନ୍ତି। ୨ଟି ମାମଲା ରୁଜୁ ହୋଇଥିବାବେଳେ ୧୫ଜଣ ଅମାନିଆଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଓଡ଼ିଶା ପୋଲିସ ପକ୍ଷରୁ ଟୁଇଟର ଜରିଆରେ ସୂଚନା ଦିଆଯାଇଛି।

**ଖେଳ ଖବର**

# ଫ୍ଲାଇଂ ଶିଖ୍

## ଭାରତୀୟ କ୍ରୀଡ଼ାର ଭୀଷ୍ମ ପିତାମହ ମିଲ୍‌ଖା ସିଂ

କିମ୍ବଦନ୍ତୀ ଆଥ୍‌ଲେଟ ତଥା ଭାରତୀୟ କ୍ରୀଡ଼ାର ଭୀଷ୍ମ ପିତାମହ ମିଲ୍‌ଖା ସିଂଙ୍କ ପରଲୋକରେ ଭାରତୀୟ କ୍ରୀଡ଼ାଜଗତ ସ୍ତବ୍ଧ ହୋଇଛି। ଜଣେ ଲଢୁଆ ଖେଳାଳି ଓ ବ୍ୟକ୍ତି ଭାବେ ସାରା ଦେଶରେ ଜଣାଶୁଣା ଥିବା ମିଲ୍‌ଖା କରୋନା ଟ୍ରାକ୍‌ରେ ଏତେଶୀଘ୍ର ଜୀବନ ହାରିବେ ବୋଲି କେହି ଭାବି ନ ଥିଲେ। ୯୧ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ତାଙ୍କ ଜିଦ୍‌ଖୋର ପ୍ରବୃତ୍ତି ତାଙ୍କୁ ଏହି ବିପଦରୁ ବଞ୍ଚାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ ଶେଷରେ ତାଙ୍କୁ ପ୍ରାଣ ହାରିବାକୁ ପଡିଥିଲା। ମାତ୍ର କିଛିଦିନ ତଳେ ସ୍ତ୍ରୀ ନିର୍ମଳ କୌରଙ୍କ ମଧ୍ୟ କୋଭିଡ୍-୧୯ ସଂକ୍ରମଣ କାରଣରୁ ଦେହାନ୍ତ ହୋଇଥିଲା। ସାରା ଦେଶବାସୀ ତାଙ୍କ ପରଲୋକ ଖବରକୁ ହଜମ କରିପାରିନାହାନ୍ତି। କେବଳ କ୍ରୀଡ଼ାଜଗତ ନୁହେଁ ବହୁ ଉଚ୍ଚପଦସ୍ଥ ବ୍ୟକ୍ତି ତାଙ୍କ ପାଇଁ ଶୋକପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରେନ୍ଦ୍ର ସିଂ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଓ ଅନ୍ୟମାନେ। ସେହିପରି କ୍ରୀଡ଼ାଜଗତକୁ ବାଦ୍‌ଦେଲେ ବଲିଉଡର ତାରକା ଓ କଳାକାରମାନେ ତାଙ୍କ ଦେହାନ୍ତରେ ଶୋକ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପାଖାପାଖି ଗୋଟିଏ ମାସ ସେ କୋଭିଡ୍-୧୯ ବିରୋଧରେ ଲଢେଇ ଜାରି ରଖିଥିଲେ। ସେ ମଧ୍ୟ ଭଲ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ। ହସ୍ପିଟାଲ ଯିବା ପୂର୍ବରୁ ସେ ଭଲ ହୋଇଯିବେ ବୋଲି କହିଥିଲେ। କରୋନା ସଂକ୍ରମଣର ଶିକାର ହୋଇଛି ଓ ଏଥିରୁ ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବି ବୋଲି ସେ କହିଥିଲେ।



ସ୍ତ୍ରୀ ନିର୍ମଳଙ୍କ ସହ ମିଲ୍‌ଖା।

**ଦେଶ ବିଭାଜନ: ଶରଣାର୍ଥୀ ମିଲ୍‌ଖା**

ଦେଶ ବିଭାଜନ ବେଳେ ହୋଇଥିବା ଦଙ୍ଗାରେ ସେ ପାକିସ୍ତାନରେ ତାଙ୍କ ମାତାପିତାଙ୍କୁ ହରାଇଥିଲେ। ଦଙ୍ଗାର ରକ୍ତାକ୍ତ ସଂଘର୍ଷ ଦେଖି ସେ କୌଶଳକ୍ରମେ ଭାରତ ଚାଲିଆସି ଦିଲ୍ଲୀର ଶରଣାର୍ଥୀ ଶିବିରରେ ରହିଥିଲେ। ସେତେବେଳେ ତାଙ୍କୁ ୧୫ ବର୍ଷ ହୋଇଥିଲା। ଶିବିରରେ ସେ ବୁଟ୍ ପଲିଶ ବଏ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ପୁରୁଣା ଦିଲ୍ଲୀ ରେଲୱେ ଷ୍ଟେଶନରେ ସେ ଶପ୍ କ୍ଲିନର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଏହା ମଧ୍ୟରେ ସେ ନିଜର ଆବଶ୍ୟକତା ପୂରଣ ପାଇଁ ଟ୍ରେନ୍‌ରୁ ବିଭିନ୍ନ ଜିନିଷ ଚୋରି କରିଥିଲେ। ସେଥିପାଇଁ ସେ ବିଭିନ୍ନ ମାମଲାରେ ଏକାଧିକ ବାର ଜେଲ ଯାଇଥିଲେ। ଜଣେ ସମ୍ପର୍କୀୟ ଭଉଣୀ ଗହଣା ବିକି ତାଙ୍କୁ ଜାମିନରେ ଜେଲ ବାହାରକୁ ଆଣିଥିଲେ।

**ସୈନ୍ୟ ବହିନୀରେ ଯୋଗଦାନ**

ଭାରତୀୟ ସେନା ବାହିନୀରେ ଯୋଗ ଦେବା ପାଇଁ ସେ ୩ ଥର ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ୧୯୫୨ରେ ଚତୁର୍ଥ ପ୍ରୟାସରେ ଅବଶ୍ୟ ସେ ସଫଳ ହୋଇଥିଲେ। ଏହାପରେ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ସେତେବେଳେ କିଏ ଜାଣିଥିଲା ଯେ, ଏହି ଯୁବକ ଦିନେ ଭାରତୀୟ କ୍ରୀଡ଼ାକୁ ବିଶ୍ୱ ଦରବାରରେ ପରିଚିତ କରାଇବ ଓ 'ଫ୍ଲାଇଂ ଶିଖ' ନାମରେ ଜଣାଶୁଣା ହେବ ? ସବୁପ୍ରକାର ବାଧାବିଘ୍ନକୁ ପଛରେ ପକାଇ ନିଜର ଆତ୍ମବିଶ୍ୱାସ ବଳରେ ଜଣେ ଆଥ୍‌ଲେଟ ତଥା ସ୍ପ୍ରିଣ୍ଟର ହିସାବରେ ବିଶ୍ୱସ୍ତରୀୟ ସଫଳତା ହାସଲ କରିଥିଲେ। ଯାହାକୁ ଦେଶ ଆଜି ବି ମନେ ରଖିଛି। ଆଥ୍‌ଲେଟ ଭାବେ ସେ ହାସଲ କରିଥିବା ସଫଳତା ଭାରତୀୟ କ୍ରୀଡ଼ା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଖାସ୍ କରି ଟ୍ରାକ୍ ଆଣ୍ଡ ଫିଲ୍ଡରେ ଭାରତୀୟ ଆଥ୍‌ଲେଟମାନେ ପଛୁଆ ଥିବା ପରି ମନେହୁଅନ୍ତି। କିନ୍ତୁ ସେ ଏହାକୁ ଭୁଲ ବୋଲି ପ୍ରମାଣିତ କରିଥିଲେ।

**ଐତିହାସିକ ସଫଳତା ଓ ରୋମ ଅଲିମ୍ପିକ୍ସ ଅବସୋସ**

୧୯୫୮ରେ ୱେଲ୍ସର କାର୍ଡିଫ୍‌ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହି କିମ୍ବଦନ୍ତୀ ଧାବକ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ଭାରତୀୟ ଥିଲେ। ସେ ମଧ୍ୟ ଏସିଆନ୍ ଗେମ୍ସରେ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୫୮ ଟୋକିଓ ଓ ୧୯୬୨ ଜାକାର୍ତ୍ତା ଏସିଆନ୍ ଗେମ୍ସରେ ଏହି ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ତେବେ ସେ ସବୁଠାରୁ ବଡ଼ ସଫଳତା ହାସଲ କରିଥିଲେ ୧୯୬୦ ରୋମ୍ ଅଲିମ୍ପିକ୍ସରେ, ଯଦିଓ ସେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ରୋମ୍ ଅଲିମ୍ପିକ୍ସର ୪୦୦ ମିଟର ଫାଇନାଲରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ରୋମ୍ ଅଲିମ୍ପିକ୍ସର ୪୦୦ ମିଟର ଫାଇନାଲରେ ସେ ୪୫.୬ ସେକେଣ୍ଡ ସମୟ ନେଇଥିଲେ। ମାତ୍ର ୦.୧ ସେକେଣ୍ଡ ପାଇଁ ସେ ବ୍ରୋଞ୍ଜ୍ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଏହା ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ସଫଳତା ଥିଲେ ମଧ୍ୟ ପଦକ ହାସଲରୁ ବଞ୍ଚିତ ହେବାର ଅବସୋସକୁ ସେ ଭୁଲିପାରି ନ ଥିଲେ। ଜଜ୍‌ମେଣ୍ଟରେ ଅର୍ଥାତ୍ ସମୟର ଗଣନାରେ କିଛି ତ୍ରୁଟି ଥିଲା ବୋଲି କୁହାଯାଉଥିଲେ ମଧ୍ୟ ଏହାକୁ ଅବଶ୍ୟ ବିଶ୍ୱାସ କରିବା ସହଜ ନୁହେଁ ବୋଲି ମନେହୁଏ।



୧୯୬୦ ରୋମ୍ ଅଲିମ୍ପିକ୍ସ ଟ୍ରାକ୍‌ରେ ମିଲ୍‌ଖା।

**ଭାଗ୍ ମିଲ୍‌ଖା ଭାଗ୍ ଚଳଚ୍ଚିତ୍ର ସୁପର ହିଟ୍**

ଏହି ଇଭେଣ୍ଟରେ ତାଙ୍କର ଟାଇମିଂ ଦୀର୍ଘ ୩୮ ବର୍ଷ ଧରି ଜାତୀୟ ରେକର୍ଡ ଭାବେ କାଏମ ରହିଥିଲା। କ୍ରୀଡ଼ାପ୍ରତି ତାଙ୍କର ଅସାଧାରଣ ଅବଦାନ ପାଇଁ ତାଙ୍କୁ ୧୯୫୯ରେ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ୧୯୫୮ରେ ବ୍ରିଟିଶ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୪୪୦ ୟାର୍ଡର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତୀୟ ଆଥ୍‌ଲେଟିକ୍ସକୁ ବିଶ୍ୱ ମାନଚିତ୍ରରେ ପରିଚିତ କରାଇଥିଲେ। ସେତେବେଳେ ପ୍ରଥମ ଭାରତୀୟ ଭାବେ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତାରେ ପ୍ରଭାବିତ ହେଇ ସେତେବେଳର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଜାତୀୟ ଛୁଟିଦିନ ଘୋଷଣା କରିଥିଲେ। କ୍ୟାରିୟରରେ ମୋଟ ୮୦ଟି ରେସ୍‌ରେ ଅଂଶଗ୍ରହଣ କରି ସେ ୭୭ଟିରେ ବିଜୟୀ ହୋଇଥିଲେ। ଏହା ଯେକୌଣସି ଆଥ୍‌ଲେଟ ପାଇଁ ଏକ ଅସାଧାରଣ ସଫଳତା ବୋଲି କୁହାଯାଇପାରେ। ଦୁଇଟି ଘଟଣା ତାଙ୍କ ପାଇଁ ଅଭୁଲା ହୋଇ ରହିଛି। ରୋମ୍ ଅଲିମ୍ପିକ୍ସରେ ଅଳ୍ପକେ ପଦକ ହରାଇବା ଓ ଦେଶ ବିଭାଜନ ବେଳେ ପାକିସ୍ତାନରେ ତାଙ୍କ ମାତାପିତାଙ୍କୁ ହତ୍ୟା କରାଯିବା ଘଟଣା ତାଙ୍କୁ ଶେଷ ପର୍ଯ୍ୟନ୍ତ କଷ୍ଟ ଦେଇଆସିଛି। ଏ ନେଇ ସେ ତାଙ୍କ ୧୬୦ ପୃଷ୍ଠା ବିଶିଷ୍ଟ ଆତ୍ମଜୀବନୀରେ ବିଶେଷ ଭାବେ ଉଲ୍ଲେଖ କରିଛନ୍ତି। ତାଙ୍କ ଜୀବନୀକୁ ନେଇ 'ଭାଗ୍ ମିଲ୍‌ଖା ଭାଗ୍' ଚଳଚ୍ଚିତ୍ର ନିର୍ମିତ ହୋଇଥିଲା। ରାକେଶ ଓମ୍‌ପ୍ରକାଶ ମେହେରାଙ୍କ ନିର୍ଦ୍ଦେଶନାରେ ଏହି ସିନେମା ୨୦୧୩ ଜୁଲାଇ ୧୧ରେ ମୁକ୍ତିଲାଭ କରିଥିଲା। ଏହା ସେତେବେଳେ ବକ୍ସ ଅଫିସ୍‌ରେ ସୁପର ଡୁପର ହିଟ୍ ହୋଇଥିଲା। ଏହି ସିନେମାରେ ମିଲଖାଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ଜଣାଶୁଣା ଗୀତିକାର ଜାଭେଦ ଅଖତାରଙ୍କୁ ପୁଅ ଫରହାନ।

**୩୮ ବର୍ଷ ପରେ ଭାଙ୍ଗିଲା ତାଙ୍କ ରେକର୍ଡ**

ଦୀର୍ଘ ୩୮ ବର୍ଷ ପରେ ତାଙ୍କ ରୋମ୍ ଅଲିମ୍ପିକ୍ସ ରେକର୍ଡକୁ ପରମଜିତ ସିଂ ୧୯୯୮ କୋଲକାତାରେ ଅନୁଷ୍ଠିତ ଜାତୀୟ ମିଟ୍‌ରେ ଭାଙ୍ଗିଥିଲେ। ସେ ଯାହା କରିପାରି ନାହାନ୍ତି ଆଉ ଜଣେ ଭାରତୀୟ ତାହା କରନ୍ତୁ ବୋଲି ସେ ଚାହୁଁଥିଲେ। ଟ୍ରାକ୍ ଆଣ୍ଡ ଫିଲ୍ଡରେ ଆଉ ଜଣେ ଭାରତୀୟ ଅଲିମ୍ପିକ ପଦକ ଜିତନ୍ତୁ ବୋଲି ସେ ଚାହୁଁଥିଲେ। ତେବେ ତାଙ୍କର ଏହି ଆଶା ମଧ୍ୟ ଅପୂରଣୀୟ ରହିଥିଲା।

ସେନାବାହିନୀରେ ଭର୍ତ୍ତିହେବା ପରେ ସେ ତାଙ୍କର ପ୍ରଥମ ରେସ ସିକନ୍ଦରବାଦ୍‌ରେ ଦୌଡିଥିଲେ ଓ ୫ ମାଇଲ୍ ରେସ୍‌ରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଏହାପରେ ୪୦୦ ମିଟର ଦୌଡ଼ ପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାପରେ ସେ ପଛକୁ ଫେରି ଚାହିଁ ନ ଥିଲେ ଓ ଏହା ପରେ ଯାହା ଘଟିଛି ତାହା ଇତିହାସ ହୋଇଛି।

**ପାକିସ୍ତାନ- ଭାରତ ସ୍ପୋର୍ଟ୍ସ ମିଟ୍ ଘଟଣା**

୧୯୬୦ ପାକିସ୍ତାନ- ଭାରତ ସ୍ପୋର୍ଟ୍ସ ମିଟ୍ ଘଟଣାକୁ ବାଦ୍ ଦେଲେ ତାଙ୍କ କ୍ୟାରିୟର ଓ ଜୀବନ ଅସମ୍ପୂର୍ଣ୍ଣ ରହିବ। ଏଥିରେ ସେ ପାକିସ୍ତାନର ଅବଦୁଲ ଖଲିକଙ୍କୁ ପଛରେ ପକାଇ ବିଜୟୀ ହୋଇଥିଲେ। ଖଲିକ ସେତେବେଳେ ଏସିଆର ଦ୍ରୁତତମ ଧାବକ ବିବେଚିତ ହୋଇଥିଲେ। ୧୦୦ ମିଟରରେ ଖଲିକ ୧୯୫୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ୪୦୦ ମିଟରରେ ସ୍ୱର୍ଣ୍ଣ ଜିତିବା ପରେ ସେ ୨୦୦ ମିଟର ଫାଇନାଲରେ ଖଲିକଙ୍କୁ ହରାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପାକିସ୍ତାନ ରାଷ୍ଟ୍ରପତି ଜେନେରାଲ ଆୟୁବ ଖାଁ ତାଙ୍କୁ ସେତେବେଳେ 'ଫ୍ଲାଇଙ୍ଗ୍ ଶିଖ୍' ଆଖ୍ୟା ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ୧୯୬୪ ଅଲିମ୍ପିକ୍ସ ପରେ ସେ ଆଥ୍‌ଲେଟିକ୍ସରୁ ଅବସର ଘୋଷଣା କରିଥିଲେ। ୧୯୬୩ରେ ସେତେବେଳର ଭାରତୀୟ ଭଲିବଲ ଦଳ ଅଧିନାୟିକା ନିର୍ମଳ କୌରଙ୍କୁ ବିବାହ କରିଥିଲେ। ୧୯୫୬ରେ ଶ୍ରୀଲଙ୍କାରେ ଦୁଇଜଣଙ୍କର ପ୍ରଥମଥର ପାଇଁ ସାକ୍ଷାତ ହୋଇଥିଲା। ତାଙ୍କର ୩ ଝିଅ ଗୋଟିଏ ପୁଅ ରହିଛନ୍ତି। ଜଣାଶୁଣା ଗଲ୍ଫର ଜୀଭ ମିଲ୍‌ଖା ସିଂ ତାଙ୍କ ଏକମାତ୍ର ପୁଅ। ଭାରତୀୟ କ୍ରୀଡ଼ା ଇତିହାସରେ ମିଲ୍‌ଖାଙ୍କ ନାମ ସ୍ମରଣୀୟ ହୋଇ ରହିବ ଓ କ୍ରୀଡ଼ାପ୍ରେମୀ ତାଙ୍କୁ ସବୁଦିନ ମନେ ରଖିବେ। ତାଙ୍କ ଭଳି ଆଥ୍‌ଲେଟ ବାରମ୍ବାର ଜନ୍ମ ନେଇ ନ ଥାନ୍ତି ବୋଲି କ୍ରୀଡ଼ାପ୍ରେମୀ ହୃଦୟଙ୍ଗମ କରିଛନ୍ତି।

### ମିଲ୍‌ଖା ସିଂ

**ଡାକ ନାମ: ଫ୍ଲାଇଂ ଶିଖ୍**
**ଜନ୍ମ:** ୨୦ ନଭେମ୍ବର ୧୯୨୯, ମୁଲତାନ, ପଞ୍ଜାବ, ବ୍ରିଟିଶ ଇଣ୍ଡିଆ **ମୃତ୍ୟୁ:** ୧୮ ଜୁନ୍ ୨୦୨୧ (ବୟସ-୯୧), ଚଣ୍ଡିଗଡ଼, ଭାରତ।
ସ୍ତ୍ରୀ: ନିର୍ମଳ କୌର, ପେସା: ଆଥଲେଟ
ସ୍ପୋର୍ଟ୍ସ: ଟ୍ରାକ୍ ଆଣ୍ଡ ଫିଲ୍ଡ
ଇଭେଣ୍ଟ: ସ୍ପ୍ରିଣ୍ଟ, ପୁରସ୍କାର: ପଦ୍ମଶ୍ରୀ
ମେଡାଲ ରେକର୍ଡ
**ମିଲିଟାରି କ୍ୟାରିୟର**
ସର୍ଭିସ/ ବ୍ରାଞ୍ଚ- ଭାରତୀୟ ସେନା
ର୍ୟାଙ୍କ: ଅନରାରି କ୍ୟାପ୍‌ଟେନ
**ରାଜ୍ୟଗୋଷ୍ଠୀ କ୍ରୀଡ଼ା**
ସ୍ୱର୍ଣ୍ଣ- ୧୯୫୮ କାର୍ଡିଫ୍ (୪୪୦ ୟାର୍ଡ)
**ଏସିଆନ ଗେମ୍ସ**
ସ୍ୱର୍ଣ୍ଣ- ୧୯୫୮ ଟୋକିଓ (୨୦୦ମିଟର)
ସ୍ୱର୍ଣ୍ଣ-୧୯୫୮ ଟୋକିଓ (୪୦୦ ମିଟର)
ସ୍ୱର୍ଣ୍ଣ- ୧୯୬୨ ଜାକର୍ତ୍ତା (୪୦୦ ମିଟର)
ସ୍ୱର୍ଣ୍ଣ- ୧୯୬୨ ଜାକର୍ତ୍ତା (୪ x ୪୦୦ ମିଟର ରିଲେ)
**ଜାତୀୟ କ୍ରୀଡ଼ା**
ସ୍ୱର୍ଣ୍ଣ- ୧୯୫୮ କଟକ (୨୦୦ ମିଟର)
ସ୍ୱର୍ଣ୍ଣ- ୧୯୫୮ କଟକ (୪୦୦ ମିଟର)
ରୌପ୍ୟ- ୧୯୬୪ କୋଲକାତା (୪୦୦ ମିଟର)



ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ।

## ସଂକ୍ଷେପରେ

### ଏନ୍‌ଟିପିସି ଭାରତର ଶ୍ରେଷ୍ଠ ନିଯୁକ୍ତିଦାତା

**ଭୁବନେଶ୍ୱର,୧୯।୬:** ଦେଶର ଅଗ୍ରଣୀ ନବରତ୍ନ କମ୍ପାନୀ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ(ଏନ୍‌ଟିପିସି)କୁ ପ୍ରଥମ ଥର ପାଇଁ ୨୦୨୧-ରାଷ୍ଟ୍ର ନିର୍ମାତାଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ନିଯୁକ୍ତିଦାତାର ସମ୍ମାନ ମିଳିଛି। ସେହିଭଳି ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା କ୍ରମାଗତ ୧୫ ବର୍ଷ କାର୍ଯ୍ୟ ଲାଗି ଶ୍ରେଷ୍ଠ କାର୍ଯ୍ୟସ୍ଥଳର ମାନ୍ୟତା ମଧ୍ୟ ମିଳିଛି। ଭାରତରେ ଏନ୍‌ଟିପିସି ଏକମାତ୍ର ପିଏସ୍‌ୟୁ ଯାହା ଦେଶର ଶ୍ରେଷ୍ଠ କାର୍ଯ୍ୟସ୍ଥଳ ଭାବେ ଲଗାତର ସମ୍ମାନିତ ହୋଇଆସୁଛି। ୫୦ଟି ସଂସ୍ଥାରୁ ଏନ୍‌ଟିପିସି ଚଳିତବର୍ଷ ୩୮ ତମ ଶୀର୍ଷ ସ୍ଥାନରେ ରହିଛି। ସେହିପରି ଚଳିତବର୍ଷ ଏନ୍‌ଟିପିସି ଭାରତରେ ଶ୍ରେଷ୍ଠ ନିଯୁକ୍ତିଦାତା ସମ୍ମାନ ଲାଗି ମଧ୍ୟ ମନୋନୀତ ହୋଇଛି। ଜିପିଟିଡବ୍ଲ୍ୟୁଙ୍କ ସର୍ବଶ୍ରେଷ୍ଠ କାର୍ଯ୍ୟସ୍ଥଳ ସୂଚୀକୁ ପ୍ରତିବର୍ଷ ଉନ୍ନିତ ହେବା ସଂସ୍ଥାର କାର୍ମିକ ପ୍ରଥା ଓ ଦୃଷ୍ଟିକୋଣର ଏକ ପ୍ରମାଣ ବୋଲି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ କହିଛି।

# ଇନ୍ଧନ ଦର ବୃଦ୍ଧିରୁ ସମସ୍ୟା



**ପରିବହନ ଯୋଗୁ ସବୁ ମହଙ୍ଗା**

ଭୁବନେଶ୍ୱର,୧୯।୬

ଦେଶରେ କ୍ରମାଗତ ଭାବେ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇ ଚାଲିଛି। ଫଳରେ ଏହାର ପ୍ରଭାବ ବିଶେଷ ଭାବେ ପରିବହନ ବ୍ୟବସ୍ଥା ଉପରେ ପଡୁଛି। ପରିବହନ ଯୋଗୁ ପରିବାଠାରୁ ଆରମ୍ଭକରି ସାଧାରଣ ଜୀବନରେ ଆବଶ୍ୟକ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। ଏ ସମ୍ପର୍କରେ ବଜାର ବିଶେଷଜ୍ଞଙ୍କ କହିବା କଥା, ୨୦୧୯-୨୦ ଆର୍ଥିକ ବର୍ଷରେ ଉଭୟ ପେଟ୍ରୋଲ ଓ ଡିଜେଲ ଦର ପ୍ରାୟ ୭୩ ଏବଂ ୬୭ ଟଙ୍କାରେ ବିକ୍ରି ହେଉଥିଲା। ଗତ ଦୁଇ ବର୍ଷରେ ତୈଳ ଦର ବ୍ୟାପକ ଭାବେ ବୃଦ୍ଧି ପାଇଛି। ୨୦୧୯-୨୦ରୁ ୨୦୨୦-୨୧ ମଧ୍ୟରେ ପେଟ୍ରୋଲ ପ୍ରାୟ ୧୮ ଟଙ୍କା ବଢ଼ିଥିବା ବେଳେ ଡିଜେଲ ୧୪ ଟଙ୍କା ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୧-୨୨ର ଅଦ୍ୟାବଧି ସମୟ ମଧ୍ୟରେ ପେଟ୍ରୋଲ ଉପରେ ଅତିରିକ୍ତ ୬ ଟଙ୍କା ବଢ଼ି ୨୪ ଟଙ୍କାରେ ଏବଂ ଡିଜେଲରେ ୭ ଟଙ୍କା ବୃଦ୍ଧିହୋଇ ୨୧ ଟଙ୍କାରେ ପହଞ୍ଚିଛି। ଫଳରେ କରୋନା ମହାମାରୀ ଭଳି ମାନ୍ଦାବସ୍ଥାରେ ଖାଉଟିଙ୍କ ପକେଟ ଉପରେ ଭାରି ପଡୁଥିବା ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଦେଶରେ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ବଜାରରେ ପନିପରିବା ଦରଠାରୁ ଆରମ୍ଭ କରି ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି, ଯାହା ଜଣେ ଗରିବ ଓ ମଧ୍ୟବିତ୍ତଙ୍କ ପକ୍ଷେ ଅସମ୍ଭବ ବୋଲି କୁହାଯାଇଛି। ଚଳିତବର୍ଷ ମେ ୪ରୁ ଅଦ୍ୟାବଧି ୨୬ ଥର ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଘଟିଲାଣି। ଫଳରେ ଟ୍ରାନ୍ସପୋର୍ଟରେ ଆସୁଥିବା ପନିପରିବା, ଫଳ ଓ ଅନ୍ୟ ସମସ୍ତ ସାମଗ୍ରୀର ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି।

ରାଜ୍ୟରେ ୨୦୨୦-୨୧ରେ ଯେଉଁସବୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ୧୦୦ରୁ ଊର୍ଦ୍ଧ୍ୱ କିମ୍ବା ୧୦୦ ନିକଟବର୍ତ୍ତୀରେ ବିକ୍ରି କରାଯାଉଥିଲା, ବର୍ତ୍ତମାନ ସମୟରେ ସେସବୁ ୧୭୦ରୁ ୨୦୦ ଟଙ୍କାରେ ବିକ୍ରି ହେଉଛି। ଏହାର ପ୍ରମୁଖ କାରଣ ହେଉଛି ଇନ୍ଧନ ଦର ବୃଦ୍ଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ପରିମାଣ ବୃଦ୍ଧି ସହ ଉତ୍ପାଦନ ହ୍ରାସ ପାଉଛି ବୋଲି ରାଜ୍ୟ ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି। ସେହିଭଳି ଯେଉଁସବୁ ପନିପରିବା ବାହାର ରାଜ୍ୟରୁ ଆମଦାନୀ ହେଉଛି ତା'ର ଦର ମଧ୍ୟ ଅନେକାଂଶରେ ବୃଦ୍ଧି ପାଇଛି। ଇନ୍ଧନର ଦର ବୃଦ୍ଧି ଯୋଗୁ ପରିବହନ ଭଡ଼ା ବୃଦ୍ଧି ପାଇଛି। ଏଥିପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ଦରରେ ମଧ୍ୟ ପରିବର୍ତ୍ତନ ହେଉଛି। ଆଳୁ, ପିଆଜ, ତେଲ,ମସଲା ଆଦି ବାହାର ରାଜ୍ୟରୁ ଆସୁଥିବାରୁ ସେ ସବୁର ଦର ଆକାଶଛୁଆଁ ହେଉଛି। ଭୁବନେଶ୍ୱରର ବିଭିନ୍ନ ପରିବାହାଟରେ ପରିବା ଦର ଉପରମୁହାଁ ରହିଥିବା ବେଳେ ମସଲା ଓ ତୈଳ ଜାତୀୟ ସାମଗ୍ରୀ ଦର ସର୍ବାଧିକ ରହୁଛି ବୋଲି ବ୍ୟବସାୟୀମାନେ ସୂଚନା ଦେଇଛନ୍ତି।

## ସିଏମ୍‌ଆର୍‌ଏଫ୍‌କୁ ୫୦୦କୋଟି ଦେଲା ଓଏମ୍‌ସି




ଭୁବନେଶ୍ୱର,୧୯।୬

ରାଜ୍ୟରେ କରୋନା ମହାମାରୀ ଦ୍ରୁତଗତିରେ ବ୍ୟାପିବାରୁ ରାଜ୍ୟବାସୀ ଏକ ପ୍ରକାର ଭୟର ବାତାବରଣ ମଧ୍ୟରେ ରହିଛନ୍ତି। ମହାମାରୀକୁ ସଫଳତାର ସହ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କୁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ଏଭଳି ସମୟରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (ସିଏମ୍‌ଆର୍‌ଏଫ୍) କୁ ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏ ନେଇ ଗୁରୁବାର ନିଗମର ଅଧ୍ୟକ୍ଷ ବରିଷ୍ଠ ପ୍ରଶାସକ ସୁରେନ୍ଦ୍ର କୁମାର ଲୋକସେବା ଭବନ ପରିସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଏ ବାବଦ ଏକ ଚେକ୍ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ପିଏଚ୍‌ଇଓ ସହ ଏଚ୍‌ଡିଏଫ୍‌ସିର ଏମ୍‌ଓୟୁ




ଭୁବନେଶ୍ୱର,୧୯।୬

ଅଗ୍ରଣୀ ଘରୋଇ ବ୍ୟାଙ୍କ ଏଚ୍‌ଡିଏଫ୍‌ସି ପକ୍ଷରୁ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ପବ୍ଲିକ ହେଲ୍‌ଥ ଇଞ୍ଜିନିୟରିଂ ଅର୍ଗାନାଇଜେଶନ (ପିଏଚ୍‌ଇଓ) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରୁ ବିଭାଗ ପକ୍ଷରୁ ଆଦାୟ ପାନୀୟ ଜଳ ବିଲ୍ ସଂଗ୍ରହ କରାଯାଉଥିବା ସମ୍ପର୍କରେ ସୂଚନା ମିଳିଛି। ଉପଭୋକ୍ତାଙ୍କଠାରୁ ଜଳକର ଆଦାୟ ପାଇଁ ବ୍ୟାଙ୍କ ପକ୍ଷରୁ ୧୫୦୦ ଏମ୍‌ପିଓଏସ୍ ଡିଭାଇସ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଫଳରେ ବିଭାଗ ପକ୍ଷରୁ ନିୟୋଜିତ ଥିବା ଜଳସାଥୀମାନେ ଏହି ଡିଭାଇସ୍ ଜରିଆରେ ସହଜ ଓ ସୁରକ୍ଷିତ ଭାବେ ଜଳକର ଆଦାୟ କରିପାରିବେ ବୋଲି କୁହାଯାଇଛି। ବର୍ତ୍ତମାନର ଡିଜିଟାଲ ସମୟରେ ନଗଦ କାରବାରକୁ ନାପସନ୍ଦ କରୁଥିବା ଉପଭୋକ୍ତାଙ୍କ ସହ ବିଭାଗ ପାଇଁ ମଧ୍ୟ ବେଶ୍ ଲାଭଦାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଏଲ୍‌ଆଇସି ଗିଫ୍ଟ କାର୍ଡ 'ସଗୁନ୍'ର ଶୁଭାରମ୍ଭ

ଭୁବନେଶ୍ୱର,୧୯।୬




ଏଲ୍‌ଆଇସି କାର୍ଡସ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଏକ କଣ୍ଟାକ୍ଟଲେସ ପ୍ରି-ପେଡ୍ ଗିଫ୍ଟ କାର୍ଡ 'ସଗୁନ୍'ର ଶୁଭାରମ୍ଭ କରାଯାଇଛି। ଏହି କାର୍ଡକୁ ଏଲ୍‌ଆଇସି ଆଇଡିବିଆଇ ବ୍ୟାଙ୍କ ସହାୟତାରେ ରୁପେ ପ୍ଲାଟ୍‌ଫର୍ମରେ ବଜାରକୁ ଆଣିଛି। ଫଳରେ ଗିଫ୍ଟ କାର୍ଡ ବଜାରକୁ ଅଧିକ ସମ୍ପ୍ରସାରଣ କରିବା ହେଉଛି ଏହି କାର୍ଡର ମୂଳ ଲକ୍ଷ୍ୟ। ଏହା ଜରିଆରେ ନଗଦ ବଜାର ବଦଳରେ ଇ-ଗିଫ୍ଟ କାର୍ଡ ତଥା ପ୍ଲାଷ୍ଟିକ କାର୍ଡର ବ୍ୟବହାରକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଛି। ଏଲ୍‌ଆଇସି ଅଧ୍ୟକ୍ଷ ଏମ୍.ଆର୍.କୁମାରଙ୍କ ଦ୍ୱାରା ଏହି କାର୍ଡର ଶୁଭ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସିର ଏମ୍‌ଡି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ରାକେଶ ଶର୍ମା, ଆଇଡିବିଆଇ ଏମ୍‌ଡି ତଥା ସିଇଓ ଦିଲୀପ ଆସେବଙ୍କ ସମେତ ଅନ୍ୟ ସହଯୋଗୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି କାର୍ଡଟି ପ୍ରି-ରାପ୍‌ଡ ହୋଇଆସୁଛି, ଯାହା ଉପଭୋକ୍ତାଙ୍କ ବ୍ୟକ୍ତିଗତ ମେସେଜ ପାଇଁ ଏଥିରେ ସ୍ଥାନ ରହିଛି। ଏହି କାର୍ଡର ବୈଧତା ୩ ବର୍ଷ ପର୍ଯ୍ୟନ୍ତ ରହିଛି। ଏଥିରେ ୫୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲୋଡ୍ କରାଯାଇପାରିବ ବୋଲି ସୂଚନା ମିଳିଛି। ପ୍ରାଥମିକ ଭାବେ ଏହା ଭାରତର ଲକ୍ଷ ଲକ୍ଷ ମର୍ଚ୍ଚାଣ୍ଟ ଆଉଟ୍‌ଲେଟ୍ ଏବଂ ଇ-କର୍ମସ ୱେବ୍‌ସାଇଟରେ ବେଶ୍ ଗ୍ରହଣୀୟ ହୋଇପାରିଛି। ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ଟର୍ମିନାଲରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ କଣ୍ଟାକ୍ଟଲେସ୍ ଟ୍ରାଞ୍ଜାକ୍ସନ କରାଯାଇପାରିବ ବୋଲି କୁହାଯାଇଛି। ଏହି କାର୍ଡକୁ ମଧ୍ୟ ମୋବାଇଲ ଆପ୍ 'ଏମ୍-ପାସ୍‌ବୁକ୍' ସହ ଅଟୋ ଲିଙ୍କ୍‌ଡ କରାଯାଇପାରିବ। ଏହା ଜରିଆରେ ଉପଭୋକ୍ତା ଜଣକ କାରବାର ସମ୍ପର୍କିତ ସମସ୍ତ ସୂଚନା ପାଇପାରିବେ। ସେହିଭଳି ଏ ସମ୍ପର୍କିତ ସମସ୍ତ ଅଭିଯୋଗ ପାଇଁ ୨୪ ଘଣ୍ଟିଆ ଗ୍ରାହକ ସେବା ମଧ୍ୟ ଉପଲବ୍ଧ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ମଲ୍ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲା ଏସ୍‌ସିଏଆଇ

ଭୁବନେଶ୍ୱର,୧୯।୬

କରୋନା ମହାମାରୀରେ ନିୟନ୍ତ୍ରଣ ଓ ସୁରକ୍ଷିତ ଭାବେ ମଲ୍‌ଗୁଡ଼ିକୁ ଖୋଲିବା ଲାଗି ରାଜ୍ୟ ସରକାରଙ୍କ ଅନୁମତି ପ୍ରଦାନ ପାଇଁ ଶପିଂ ସେଣ୍ଟର ଆସୋସିଏଶନ ଅଫ୍ ଇଣ୍ଡିଆ (ଏସ୍‌ସିଏଆଇ) ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଏଭଳି ଏକ ଗୁରୁତ୍ୱର ବିଷୟକୁ ସଂଘ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚର ସହ ଏ ସମ୍ପର୍କିତ ସମସ୍ତ ସୂଚନା ତାଙ୍କୁ ଅବଗତ କରାଯାଇଛି। ମଲ୍‌ଗୁଡ଼ିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ସହ ଶ୍ରମଶକ୍ତିଙ୍କୁ ଭଲ ଭାବେ ପ୍ରଶିକ୍ଷଣ ଦିଆଯାଇଛି। ସେହିଭଳି ମଲ୍‌ଗୁଡିକୁ ନିୟମିତ ବ୍ୟବଧାନରେ ସଫେଇ ଓ ବିଶୋଧନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସମୟରେ ଉକ୍ତ ଶିଳ୍ପର ବିଭିନ୍ନ ସମସ୍ୟା ସମ୍ପର୍କରେ ଏସ୍‌ସିଏଆଇ ଅଧ୍ୟକ୍ଷ ମୁକେଶ କୁମାର କହିଛନ୍ତି, ମହାମାରୀ ଫଳରେ ସଙ୍ଗଠିତ ଖୁଚୁରା କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହାର କିପରି ଉଦ୍ଧାର ହୋଇପାରିବ ସେ ସମ୍ପର୍କରେ ସରକାରଙ୍କ ପକ୍ଷରୁ ତତ୍କାଳ ପଦକ୍ଷେପ ଗ୍ରହଣ ସହ ଆବଶ୍ୟକ ସହାୟତା ପାଇଁ ସଂଘ ଆଶା କରୁଛି। ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ୍‌ଲାଇନ ପାଳନ ସହ ପ୍ରଶିକ୍ଷିତ ଶ୍ରମ ଶକ୍ତି ଏବଂ ସମ୍ବଳ ଜରିଆରେ ମଲ୍ ଖୋଲିବା ପାଇଁ ଆଶା ରହିଛି। ମଲ୍ ହିଁ ଏକମାତ୍ର ସ୍ଥାନ ଯେଉଁଠାରେ ପରିଦର୍ଶନକାରୀଙ୍କ ସୁରକ୍ଷା ଓ ସ୍ୱଚ୍ଛ ପରିବେଶକୁ ନିଶ୍ଚିତ କରାଯାଇପାରିବ। ଯେହେତୁ ଆର୍ଥିକ ବୋଝ ଅସହ୍ୟ ହେଲାଣି ତେଣୁ ମଲ୍ ଖୋଲିବା ଲାଗି ଆମକୁ ଅନୁମତି ଦେବାକୁ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି କୁମାର କହିଛନ୍ତି। ରାଜ୍ୟ ସରକାର ସାମୁଦ୍ରିକ ବାତ୍ୟା ୟାସ୍ ଓ କୋଭିଡ୍-୧୯ର ସଫଳ ମୁକାବିଲା କରିଥିବାରୁ ଏସ୍‌ସିଏଆଇ ପକ୍ଷରୁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରାଯାଇଛି। ବର୍ତ୍ତମାନ ସମୟରେ ଏସ୍‌ସିଏଆଇ ଅଧୀନରେ ୬୫୦ରୁ ଊର୍ଦ୍ଧ୍ୱ ବଡ଼ ମଲ୍ ଏବଂ ଏକ ଲକ୍ଷ ବର୍ଗଫୁଟରୁ କମ୍ ସ୍ଥାନରେ ସ୍ଥାପନ ହୋଇଥିବା ୧୦୦୦ରୁ ଅଧିକ ମଲ୍ ସଦସ୍ୟ ରହିଛନ୍ତି।

## ନବଜାତକର ଓଜନ ୫.୨ କେଜି

**ଦିସ୍‌ପୁର:** ପ୍ରସବ ପରେ ଶିଶୁମାନଙ୍କର ଓଜନ ସାଧାରଣତଃ ୩ ରୁ ୪ କିଲୋଗ୍ରାମ ଭିତରେ ହୋଇଥାଏ। କିନ୍ତୁ ଆସାମରେ ଏବେ ଏଭଳି ଏକ ଶିଶୁ ଜନ୍ମ ହୋଇଛି, ଯାହାର ଓଜନ ୫ କିଲୋଗ୍ରାମରୁ ଅଧିକ ରହିଛି। ଆସାମର ସିଲ୍‌ଚର ଅଞ୍ଚଳର ଜଣେ ମହିଳାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଛି, ଯାହାର ଓଜନ ୫ କିଲୋ ୨୦୦ ଗ୍ରାମ୍। ଜଣେ ନବଜାତକ ପାଇଁ ଏତେ ଓଜନ ଏକ ବିରଳ ରେକର୍ଡ ବୋଲି ଡାକ୍ତରମାନେ କହିଛନ୍ତି। ଜନ୍ମ ପରେ ଓଜନ ହେବା ମାତ୍ରେ ପ୍ରଥମେ ସେଠାରେ ଥିବା ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଆସାମରେ ନବଜାତକମାନଙ୍କର ହାରାହାରି ଓଜନ ହେଉଛି ୨ କିଲୋ ୫୦୦ ଗ୍ରାମ୍। ଆଗରୁ ସର୍ବାଧିକ ୪ କିଲୋଗ୍ରାମ୍ ଓଜନର ଶିଶୁ ଜନ୍ମ ହୋଇଥିବାର ରେକର୍ଡ ରହିଛି। ସମ୍ପୃକ୍ତ ଦମ୍ପତିଙ୍କର ଦ୍ୱିତୀୟ ସନ୍ତାନଟି ବହୁ ବିଳମ୍ବରେ ହୋଇଛି, କିନ୍ତୁ ଏତେ ଅଧିକ ଓଜନର ହେବ ବୋଲି ଡାକ୍ତରମାନେ ଆଶା କରି ନ ଥିଲେ। ପୂର୍ବରୁ ଏହି ଦମ୍ପତିଙ୍କର ପ୍ରଥମ ସନ୍ତାନର ଓଜନ ପ୍ରସବ ସମୟରେ ୩.୮ କିଲୋଗ୍ରାମ୍ ଥିଲା।

ଫୁରସତ୍

## ସରକାରୀ ଟଙ୍କାରେ ନାଇଟ୍ ପାର୍ଟି



**ଲଣ୍ଡନ:** ଇଂଲଣ୍ଡରେ ନାଇଟ ପାର୍ଟି କରାଉଥିବା ଏକ କମ୍ପାନୀକୁ ସରକାରଙ୍କ ପକ୍ଷରୁ ୩୬୦୦୦ ପାଉଣ୍ଡ ଅର୍ଥାତ୍ ୩୭ ଲକ୍ଷ ଟଙ୍କା ମିଳୁଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ସାଧାରଣ ଜନତାଙ୍କ ଟ୍ୟାକ୍ସ ଏମିତି ଅଯଥା ଖର୍ଚ୍ଚ କରା ନ ଯାଉ ବୋଲି କୁହାଯାଇଛି। ଏ ନେଇ ଇଂଲଣ୍ଡର ଆଟର୍ସ କାଉନ୍‌ସିଲ ପକ୍ଷରୁ କୁହାଯାଇଛି, ଏହି ଅର୍ଥ କରୋନା ରିକଭରି ଫଣ୍ଡ ଓ ଆର୍ଟସ କାଉନ୍‌ସିଲ କ୍ଲବକୁ ଦିଆଯାଇଛି। ଆର୍ଟସ କାଉନ୍‌ସିଲ କ୍ଲବରେ ଅର୍ଥ ବିନିଯୋଗ ଦ୍ୱାରା ପୂର୍ବ ଲଣ୍ଡନର ଅର୍ଥନୀତି ବୃଦ୍ଧି ହୋଇପାରିବ। ଅନ୍ୱେରାଣ୍ଟରେ ଏକ ପ୍ରସିଦ୍ଧ କ୍ଲବ ରହିଛି, ଯାହାର ନାମ ଭର୍ବେଟୋନ। ଏହା ଏକ ଏଲଜିବିଟିଇକ୍ୟୁ ଫ୍ରେଣ୍ଡଲି କ୍ଲବ। ଏହାକୁ ବିଡିଏସଏମ କ୍ଲବ ମଧ୍ୟ କୁହାଯାଏ। ଏକ କ୍ଲବକୁ ଆସୁଥିବା ଲୋକଙ୍କ ଯିବା ଆସିବା ସୁରକ୍ଷା ଏବଂ ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦିଆଯାଏ। କ୍ଲବରେ ନାଚଗୀତ, ପାର୍ଟି, ସେକ୍ସ ସବୁକିଛି ଚାଲିଥାଏ। ଏହି କ୍ଲବକୁ ଯିବା ପାଇଁ ଏକ ସ୍ୱତନ୍ତ୍ର ଡ୍ରେସ୍‌କୋଡ ମଧ୍ୟ ରହିଛି। କ୍ଲବର ମୁଖପାତ୍ର କହିଛନ୍ତି ଯେ, ଏହି ଅର୍ଥ ଆମକୁ ବହୁ ଆର୍ଥିକ ସହାୟତା ପ୍ରଦାନ କରିଛି। ପୂର୍ବ ଲଣ୍ଡନରେ ଥିବା ଏହି କ୍ଲବରେ ଏକ ସୋସିଆଲ ମିଡିଆ ଗ୍ରୁପ ରହିଛି। ଯେଉଁଠାରେ ୫୦୦୦ରୁ ଅଧିକ ଲୋକ ଆକ୍ଟିଭ ରହିଛନ୍ତି। ଇନଷ୍ଟାଗ୍ରାମରେ ଏହି କ୍ଲବରେ ୧୫ ହଜାରରୁ ଅଧିକ ଫଲୋଅର୍ସ ଅଛନ୍ତି। ଆର୍ଟସ କାଉନ୍‌ସିଲ ହେଉଛି ଏକ ସଂଗଠନ ଯାହାକି ଇଂଲଣ୍ଡ ସରକାରଙ୍କ ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ, ଯାହା କଳାତ୍ମକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ।

## ଗୋଟିଏ ବେଦିରେ ଦୁଇ ପ୍ରେମିକାଙ୍କୁ ବିବାହ

**ହାଇଦ୍ରାବାଦ:** ସାଧାରଣତଃ ଜଣେ ବରକୁ ଜଣେ କନ୍ୟା ବିବାହ କରିଥାନ୍ତି। କିନ୍ତୁ କେବେ ଶୁଣିଛନ୍ତି ବେଦିରେ ଜଣେ ବରଙ୍କୁ ଦୁଇ ଜଣ କନ୍ୟା ବିବାହ କରିବା କଥା। ଏମିତି ଘଟଣା ଘଟିଛି ତେଲେଙ୍ଗାନାରେ। ଏଠାକାର ଜଣେ ଯୁବକ ଦୁଇ ଜଣ କନ୍ୟାଙ୍କୁ ବିବାହ କରିଛନ୍ତି। ଏହି ବିବାହରେ ବନ୍ଧୁପରିଜନମାନେ ମଧ୍ୟ ଆଶୀର୍ବାଦ ଦେଇଛନ୍ତି। ବିବାହଟି ଗତ ୧୪ ତାରିଖରେ ସମ୍ପନ୍ନ ହୋଇଛି। ଯାହାକି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏକ ସମୟରେ ଦୁଇ ଯୁବତୀଙ୍କୁ ପ୍ରେମ କରିବସିଲେ ଅର୍ଜୁନ ନାମକ ଜଣେ ଯୁବକ। ଯାହା ପରେ ଏହି ଦୁଇ ଯୁବତୀଙ୍କୁ ବିବାହ କରିବେ ବୋଲି ନିଷ୍ପତ୍ତି ନେଲେ। ଏଥିରେ ମଧ୍ୟ ରାଜି ହୋଇଥିଲେ ଦୁଇ ପ୍ରେମିକା। ଏପରି ବିବାହ ଦେଖିବାକୁ ପୂରା ଗାଁ ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ବିଇଡି କରିବା ପରେ ଅର୍ଜୁନ କମ୍ପିଟେଟିଭ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। କଲେଜରେ ପଢ଼ିବା ସମୟରେ ଉଷା ରାଣୀ ଏବଂ ସୁରେଖାଙ୍କ ସହ ତାଙ୍କର ପ୍ରେମ ହୋଇଗଲା। ଗତ ୪ ବର୍ଷ ଧରି ଉଷା ଏବଂ ସୁରେଖାଙ୍କୁ ଅର୍ଜୁନ ଭଲ ପାଉଥିଲେ। ଅର୍ଜୁନଙ୍କୁ ଯେତେବେଳେ ତାଙ୍କ ପରିବାର ଲୋକେ ଅନ୍ୟଆଡ଼େ ବିବାହ କରିବାକୁ ପ୍ରସ୍ତାବ ଦେଲେ ଅଡୁଆରେ ପଡ଼ିଥିଲେ ସେ। କାହାକୁ ବିବାହ କରିବେ କାହାକୁ ଛାଡ଼ିବେ ଭାବି ପାରିଲେ ନାହିଁ। ତେଣୁ ଦୁଇ ପ୍ରେମିକାଙ୍କୁ ବିବାହ କରିବେ ବୋଲି ଘରେ କହିଲେ। ପ୍ରଥମେ ଅର୍ଜୁନଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ମାତ୍ର ପରେ ଏହାକୁ ମାନି ନେଇଥିଲେ। ଦୁଇ କନ୍ୟାଙ୍କ ସହ ଅର୍ଜୁନଙ୍କ ହାତଗଣ୍ଠି ପଡ଼ିଥିଲା। ସ୍ଥାନୀୟ ଲୋକେ କୁହନ୍ତି, ଏହା ବିରଳ ଘଟଣା। ମାତ୍ର ଏହି ବିବାହରେ ଆମେ ସମସ୍ତେ ଏକମତ ଏବଂ ବହୁତ ଖୁସି ବୋଲି ଉଭୟଙ୍କ ପରିବାର ଲୋକେ କୁହନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପଛ ଧାଡ଼ିର ଡ୍ୟାନ୍ସର ଥିଲେ କାଜଲ



**ମୁମ୍ବାଇ:** ଅଭିନେତ୍ରୀ କାଜଲ ଅଗ୍ରୱାଲ ତାଙ୍କ ଅଭିନୟରେ ସମସ୍ତଙ୍କୁ ଦର୍ଶକଙ୍କୁ ବାନ୍ଧି ରଖିଛନ୍ତି। ସେ ତାଙ୍କ ୩୬ ତମ ଜନ୍ମଦିନ ପାଳନ କରିଛନ୍ତି। କାଜଲ ୧୯ ଜୁନ ୧୯୮୫ ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ବଲିଉଡ ବ୍ୟତୀତ କାଜଲ ତାମିଲ, ତେଲୁଗୁ ଏବଂ ମାଲାୟାଲମ ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି। କାଜଲଙ୍କୁ 'ସିଙ୍ଘମ୍', 'ସ୍ପେଶାଲ ୨୬' ଏବଂ 'ଦୋ ଲଫ୍‌ଜୋଁ କି କହାନି' ଭଳି ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। କାଜଲ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ସଫଳ ଅଭିନେତ୍ରୀ ଅଟନ୍ତି। ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିରେ କୋଟି କୋଟି ଟଙ୍କା ପାରିଶ୍ରମିକ ପାଉଛନ୍ତି। ତାଙ୍କ ଫିଟନେସଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ ଜୀବନ ପର୍ଯ୍ୟନ୍ତ, କାଜଲ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। କାଜଲ ଗୋଟିଏ ବର୍ଷରେ ୧୪ କୋଟି ଟଙ୍କା କମାଇଛନ୍ତି। ତାଙ୍କ ଚଳଚ୍ଚିତ୍ର କ୍ୟାରିୟର ଆରମ୍ଭ କରିବା ପୂର୍ବରୁ କାଜଲ ଅନେକ ବିଜ୍ଞାପନରେ ମଧ୍ୟ ଅଭିନୟ କରିଥିଲେ। କାଜଲ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। କୁହାଯାଉଛି ଯେ ସେ ଫିଲ୍ମ 'କ୍ୟୁଁ ହୋ ଗୟା ନା'ରେ ପଛଧାଡ଼ିର ଡ୍ୟାନ୍ସର ଭାବେ କାମ କରିଥିଲେ। କାଜଲ ଏହା ମଧ୍ୟ କହିଛନ୍ତି ଯେ, ସେ ହିନ୍ଦୀ ଚଳଚ୍ଚିତ୍ର ଜାରି ରଖିବେ କିନ୍ତୁ ତାମିଲ ଏବଂ ତେଲୁଗୁ ଚଳଚ୍ଚିତ୍ରରେ କାମ କରିବା ବନ୍ଦ କରିବେ ନାହିଁ, କାରଣ ଏହିଠାରୁ ହିଁ ତାଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ ସତ୍ୟ ପ୍ରକାଶ ମହାପାତ୍ର
ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୨.୦୨.୧୯୬୬
ତିରୋଧାନ : ୦୧.୦୬.୨୦୨୦
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୨୦୯୧୬

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ରଘୁନାଥ ସିହ୍ନା
ବୀର ନୀଳକଣ୍ଠପୁର, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୯୩୫ ମସିହା
ତିରୋଧାନ: ୦୯।୦୬।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ଓ ବିଶ୍ୱ କଲ୍ୟାଣ ରୁଦ୍ର ଶାନ୍ତି ମହାଯଜ୍ଞ କମିଟି ସଦସ୍ୟ ବୃନ୍ଦ
ଧ-୨୦୯୧୫

# ପ୍ରେରଣାର ଉତ୍ସ ବାପା



**ଯିଏ ନିଜଠୁ ପ୍ରଥମେ ସନ୍ତାନର କ୍ଷୁଧା ମେଣ୍ଟାନ୍ତି, ଯିଏ ନିଜଠୁ ଅଧିକ ସନ୍ତାନର ସଫଳତା ଚାହାନ୍ତି ଆଉ ଯିଏ ନିଜ କଷ୍ଟକୁ ଭିତରେ ଲୁଚାଇ ସନ୍ତାନ ମୁହଁରେ ହସ ଫୁଟାନ୍ତି ସିଏ ବାପା। ଆଜି ଫାଦର୍ସ ଡେ' ଅବସରରେ ବିଶେଷ ଉପସ୍ଥାପନା...**

**ବାପାଙ୍କ ଅବଦାନ ଅତୁଳନୀୟ:** ପରିଶ୍ରମ ଓ ନିଷ୍ଠା ମଣିଷକୁ ସଫଳତା ଆଣିଦିଏ। ଏକଥା ତାଙ୍କୁ ଶିଖାଇଥିଲେ ବାପା। ଆଉ ଏହାକୁ ପାଥେୟ କରି ଜୀବନର ସବୁ ବାଧା ବିଘ୍ନକୁ ଏଡ଼ାଇ ସେ ହାସଲ କଲେ ସଫଳତା। ଦିନେ ଘରେ ବିଜୁଳି ନ ଥିବାରୁ ମିଞ୍ଜିମିଞ୍ଜି ଡିବିରି ଆଲୁଅରେ ପାଠ ପଢୁଥିବା ପିଲାଟିଏ ଆଜି ଜଣେ ତହସିଲଦାର। ଏହା ହେଉଛି ପୁରୀ ଜିଲା ପିପିଲି ଅନ୍ତର୍ଗତ ଖରିଜା ପାଟଣାରେ ରହୁଥିବା ଭଗବାନ ସାହୁଙ୍କ ପୁଅ ଡଃ ଜନ୍ମେଜୟଙ୍କ ଜୀବନ କାହାଣୀ। ସେ କୁହନ୍ତି, ଆମ ପରିବାରର ଆର୍ଥିକ ସ୍ଥିତି ପିଲାବେଳେ ଭଲ ନ ଥିଲା। ବାପାଙ୍କର ଆମେ ଚାରି ପୁଅ। ଦୁଇ ଓଳି ଆମକୁ ଭଲ କରି ଖୁଆଇବା ପାଇଁ ବାପା କେତେ କଷ୍ଟ କରନ୍ତି ତାହା ନିଜେ ଦେଖିଛି। ଏମିତିରେ କୌଣସି ବଡ଼ ସ୍କୁଲ୍‌ରେ ପଢ଼ିବା ଆମ ପାଇଁ ସ୍ୱପ୍ନ ଥିଲା। ଯେହେତୁ ମୁଁ ଭଲ ପଢୁଥିଲି ତେଣୁ ବାପା ଯେତେ ଅସୁବିଧାରେ ଥିଲେ ସୁଦ୍ଧା ଆବଶ୍ୟକ ପାଠ୍ୟ ଉପକରଣ ଯୋଗାଡ଼ କରୁଥିଲେ ଏବଂ ଭଲ ପଢ଼ି ବଡ଼ ଚାକିରୀ କରିବାକୁ ମନରେ ଆଶା ସଞ୍ଚାର କରାଉଥିଲେ। ତାହାହିଁ ମୋତେ ଆଗକୁ ବଢ଼ିବାର ପ୍ରେରଣା ଦେଲା। ପରିଶ୍ରମ ଜାରି ରଖିଲି ଏବଂ ମାଟ୍ରିକ ଭଲ ନମ୍ବର ରଖି ପାସ୍ କଲି। ପରେ ମେଧାବୃତ୍ତି ବାବଦକୁ ମିଳିଥିବା ୧୮ହଜାର ଟଙ୍କାରେ ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟିରେ ଡକ୍ଟରେଟ୍ କଲି। ଧୀରେଧୀରେ ସଫଳତା ମିଳିବା ସହ ୨୦୧୬ରେ ସୋନପୁର ଡିଙ୍ଗା ତହସିଲରେ ଆଡିସିନାଲ ତହସିଲଦାର ଭାବେ ନିଯୁକ୍ତି ମିଳିଲା। ବର୍ତ୍ତମାନ କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ତହସିଲଦାର ଭାବେ ଦାୟିତ୍ୱ ନିର୍ବାହ କରୁଛି। ଆଜି ମୁଁ ଯେଉଁ ସ୍ତରରେ ଆସି ପହଞ୍ଚିଛି ସେଥିପାଇଁ ବାପାଙ୍କ ଆର୍ଶୀବାଦ ଓ ପ୍ରେରଣା ରହିଛି।

**ସଫଳତାର ଶ୍ରେୟ ବାପାଙ୍କୁ ଦେବି:** ପିଲାଦିନୁ ସମାଜରେ ଅବହେଳିତ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ଥିଲା ତାଙ୍କର ନିଶା। ଆଉ ଭବିଷ୍ୟତରେ ସେନାବାହିନୀରେ ଯୋଗଦେବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ହେଁ ନିଜର ଭବିଷ୍ୟତ ସ୍ୱପ୍ନ ସାକାର କରିବାକୁ ତାଙ୍କ ଭିତରେ ଆତ୍ମବିଶ୍ୱାସ, ଦୃଢ଼ ଇଚ୍ଛାଶକ୍ତି ଭରି ଦେଇଥିଲେ ବାପା। ଯେଉଁଥିପାଇଁ ସେ କଠିନ ପରିଶ୍ରମ ଦ୍ୱାରା କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ରେ ନିଯୁକ୍ତି ପାଇ ଦେଶସେବାରେ ବ୍ରତୀ ହେବାର ସୌଭାଗ୍ୟ ଅର୍ଜନ କରିପାରିଲେ। ସେ ହେଉଛନ୍ତି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବଳଭଦ୍ରପୁର ପଞ୍ଚାୟତ ସିଂହଟିଆ ଗ୍ରାମରେ ରହୁଥିବା ନିଗମାନନ୍ଦ ଘୋଷଙ୍କ ଝିଅ ବିସ୍ମିତା। ସେ କୁହନ୍ତି, ବାପା ଜଣେ ଚାଷୀ। ୬ ପ୍ରାଣୀ କୁଟୁମ୍ବର ପେଟ ପୋଷିବା ତାଙ୍କ ପାଇଁ ଥିଲା କଷ୍ଟକର। ତଥାପି ପାଠପଢ଼ା ପ୍ରତି ମୋର ଆଗ୍ରହ ଦେଖି ବାପା ଏବଂ ଭାଇ ଅଣ୍ଟା ଭିଡ଼ିଥିଲେ। ପଢ଼ା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଏବଂ ଖର୍ଚ୍ଚ ଯୋଗାଇ ଦେଇଥିଲେ। ଏମିତିରେ ମୁଁ ଗ୍ରାଜୁଏଶନ ସମାପ୍ତ କରି ଏକ କମ୍ପ୍ୟୁଟର କୋର୍ସ ମଧ କଲି। ତେବେ ପାଠପଢ଼ା ପରେ ନିଜକୁ ସୀମିତ ନ ରଖି ଆଗକୁ ବଢ଼ିବାକୁ ବାପା ସର୍ବଦା ପରାମର୍ଶ ଦିଅନ୍ତି। ତେଣୁ ପ୍ରଥମେ ଏକ ଜନସେବା କେନ୍ଦ୍ରରେ ପାର୍ଟଟାଇମ୍ ଜବ୍ କଲି। ୨୦୧୭ରେ ସିଆର୍‌ପିଏଫ୍‌ରେ ଉତ୍ତୀର୍ଣ୍ଣ ହେବା ପରେ କର୍ନାଟକ ରାଜ୍ୟର ବାଙ୍ଗାଲୋରଠାରେ ପ୍ରଥମ ନିଯୁକ୍ତି ଓ ତାଲିମ ଗ୍ରହଣ କଲି ଏବଂ ଶ୍ରୀନଗରରେ କାର୍ଯ୍ୟ ଆରମ୍ଭ କଲି। ବର୍ତ୍ତମାନ ଗୁଜରାଟର ଗାନ୍ଧୀନଗର ମୁଖ୍ୟାଳୟରେ ଅବସ୍ଥାପିତ ହୋଇ ସୁରକ୍ଷା କ୍ଷେତ୍ରରେ ସଜାଗ ରହିଛି। ତେବେ ଜଣେ ନାରୀ ହୋଇ ବନ୍ଧୁକ ଚଳାଇବା, ପାହାଡ଼ ଚଢ଼ିବା, ଘଞ୍ଚ ଜଙ୍ଗଲରେ ରହିବା, ଅସହାୟଙ୍କୁ କାନ୍ଧରେ ବୋହି ସହାୟତା ପ୍ରଦାନ କରିବା ଭଳି ଅନେକ କାର୍ଯ୍ୟ କରିବା ସହ ଗଣ୍ଡଗୋଳ ସମୟରେ ଢେଲାମାଡ଼ ଖାଇବା ଭଳି ଅନେକ ପରିସ୍ଥିତିକୁ ସାମ୍ନା କରି ନିଜକୁ ଆହୁରି ଦୃଢ଼ କରି ଚାଲିଛି। ତେବେ ଏସବୁ ଆଜି ଯାହା କରୁଛି, ସବୁ ସଫଳତା ପଛରେ ମୋ ବାପାଙ୍କ ପ୍ରେରଣା ଓ ପ୍ରୋତ୍ସାହନ ରହିଛି। ନିଷ୍ଠା ଓ ଦକ୍ଷତା ବଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର ବୋଲି ସେ ଯେଉଁ ପରାମର୍ଶ ଦିଅନ୍ତି, ତାହା ମୋ ଜୀବନର ମନ୍ତ୍ର ବୋଲି ପ୍ରକାଶ କରନ୍ତି ବିସ୍ମିତା।



ବିସ୍ମିତା



ବାପା ଭଗବାନଙ୍କ ସହ ଜନ୍ମେଜୟ

**ମୋ ପାଇଁ ପ୍ରେରଣାର ଉତ୍ସ ବାପା:** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋପୀନାଥପୁର ପଞ୍ଚାୟତ ରାୟପୁରର ସଂଯୁକ୍ତା ମାଝି। ପୁରୀ ଚାଇଲ୍ଡ ଲାଇନ୍‌ରେ କାର୍ଯ୍ୟରତ। ସେ କୁହନ୍ତି, ବାପା ମୋ ପାଇଁ ସବୁକିଛି। ତାଙ୍କ ପ୍ରେରଣା ଓ ଆଶୀର୍ବାଦରୁ ମୁଁ ଆଜି ଆତ୍ମନିର୍ଭର ତଥା ରୋଜଗାରକ୍ଷମ ହେବାର ସୁଯୋଗ ପାଇଛି। କାରଣ ପ୍ରତିଟି ସମୟରେ ଆଉ ଯେକୌଣସି ସମସ୍ୟା ଆସିଲେ ସେ ଢାଲ ପରି ଛିଡ଼ା ହୋଇଛନ୍ତି। ପିଲାବେଳୁ ପାଠପଢ଼ା ଆରମ୍ଭଠାରୁ କଲେଜ ଶିକ୍ଷା ପର୍ଯ୍ୟନ୍ତ କେବଳ ତାଙ୍କ ଆଶୀର୍ବାଦ ଓ ଉଦ୍ୟମରୁ ସମ୍ଭବ ହୋଇପାରିଛି। ବାପା (ପୂର୍ଣ୍ଣଚନ୍ଦ୍ର ମାଝି) ଜଣେ ଭାଗଚାଷୀ। ତେଣୁ ତାଙ୍କ ସ୍ୱଳ୍ପ ଅର୍ଜିତ ଧନରେ ଆମ ଛଅ ଭଉଣୀଙ୍କୁ ପାଠ ପଢ଼ାଇବା କଷ୍ଟ ହୋଇଥିଲେ ବି କେବେ ପ୍ରକାଶ କରିନାହାନ୍ତି। ନିଜେ କଷ୍ଟ ସହି ଧାର କରଜରେ ବୁଡ଼ି ଆମକୁ ପାଠ ପଢ଼ାଇଛନ୍ତି ଆଉ ସବୁବେଳେ ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ପ୍ରେରଣା ଯୋଗାଇଛନ୍ତି। ମନେପଡୁଛି, ଯେବେ ପୁରୀ ଚାଇଲ୍ଡ ଲାଇନରେ ପ୍ରଥମେ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳିଲା, ଶିଶୁମାନଙ୍କ ପାଇଁ କାମ କରିବାକୁ ପଡ଼ିବ, ପୁଣି ଘରଠାରୁ ଦୂରରେ ରହିବାକୁ ହେବ ଜାଣି ଏଥିପାଇଁ ଅମଙ୍ଗ ହେଉଥିଲି। ହେଲେ ସେଦିନ ବାପାଙ୍କର ଦୁଇପଦ କଥା– 'ପ୍ରତି କାମର ମହତ୍ତ୍ୱ ରହିଛି, ଏକାଗ୍ରତା ରହିଲେ ସିଦ୍ଧି ହାସଲ କରିହେବ' ମୋ ଜୀବନର ଗତିପଥ ବଦଳାଇଦେଲା। ଆଜିକୁ ୩ ବର୍ଷ ହେଲାଣି ଏହି କାର୍ଯ୍ୟରେ ନିୟୋଜିତ ଅଛି। ଏଥିସହିତ ଉଚ୍ଚଶିକ୍ଷା ପାଇଁ ମଧ ପ୍ରସ୍ତୁତି ଚଳାଇଛି। ସଫଳତା ପାଇବାକୁ ହେଲେ ନିରନ୍ତର ପ୍ରୟାସ, ନିଷ୍ଠା ଜରୁରୀ ବୋଲି ବାପା ଯାହା କୁହନ୍ତି, ତାହାକୁ ଜୀବନର ବ୍ରତ ଭାବେ ବାଛିନେଇଛି। ପ୍ରତିଟି ସମୟରେ ବାପାଙ୍କ ପରାମର୍ଶ ନିଏ, ମନେହୁଏ ଯେପରି ସବୁ ସମସ୍ୟାର ସମାଧାନ ତାଙ୍କ ପାଖରେ ରହିଛି। ସେ ଜଣେ ଶିକ୍ଷକ/ବନ୍ଧୁ ଭାବେ ଗାଇଡ୍ କରନ୍ତି। ତାଙ୍କ ଭଳି ବାପାଙ୍କ ଝିଅ ଭାବେ ମୁଁ ସର୍ବଦା ଗର୍ବିତ।



ବାପା କୃଷ୍ଣପ୍ରସାଦଙ୍କ ସହ ସଂଯୁକ୍ତା

## ଏ ସପ୍ତାହର ପ୍ରଶ୍ନ

୧– ଯୁବ ଶକ୍ତି କରୋନା ମୁକ୍ତି ଅଭିଯାନ.......... ରାଜ୍ୟରେ ଆରମ୍ଭ କରାଯାଇଛି ?
୨– ନାଫ୍‌ତାଲି ବେନେଟ୍ ........... ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଯୋଗ ଦେଇଛନ୍ତି ?
୩– ଦି ୟୁନାଇଟେଡ୍ ନେସନ୍ସ ସିକ୍ୟୁରିଟି କାଉନ୍‌ସିଲ୍‌ରେ ............ ଟି ଦେଶ ସଦସ୍ୟ ଅଛନ୍ତି ?
୪– 'ପିଏମ୍‌ଏଓ୍ୱାଇ'ର ଫୁଲ୍‌ଫର୍ମ ........... ?
୫– ଆର୍ଜେଣ୍ଟିନାର ଜାତୀୟ ଭାଷା........... ?

## ଗତ ଥର ଉତ୍ତର

୧ ଆମେରିକା
୨ ୫୪
୩ କ୍ୟାଲ୍‌ସିୟମ୍ ମ୍ୟାଗ୍ନେସିୟମ୍ ସିଲିକେଟ
୪ ଲିଗ୍ ମ୍ୟାଗ୍ନସ୍
୫ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

## ଉତ୍ତରଦାତା

➔ରୁଦ୍ରନାରାୟଣ ପାତ୍ର, ଖୋର୍ଦ୍ଧା
➔ଦୀପ୍ତିରେଖା ସ୍ୱାଇଁ, ନିଆଳି
➔ସ୍ୱପ୍ନେଶ୍ୱର ମହାନ୍ତି, ବାଲେଶ୍ୱର
➔ରୋମାଲୀ ନନ୍ଦ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

# ପୃଥିବୀର ସବୁଠୁ ସୁନ୍ଦର ମାଛ



୧....................... ମାଣ୍ଡାରିନ୍ ଫିସ୍
୨....................... କ୍ଲନ୍ ଫିସ୍
୩....................... ବାଙ୍ଗାଇ କାର୍ଡିନାଲ୍‌ଫିସ୍
୪....................... ବ୍ଲୁ ଫେସ୍ ଆଞ୍ଜେଲ୍ ଫିସ୍
୫....................... ଫ୍ରେଞ୍ଚ ଆଞ୍ଜେଲ୍ ଫିସ୍
୬....................... ଟ୍ରିଗର୍ ଫିସ୍
୭....................... ମୁରିସ୍ ଆଡଲ୍
୮....................... ସିଙ୍ଗିସଡନ୍
୯....................... ଲାୟନ୍ ଫିସ୍
୧୦....................... ଲାଇରେଟେଲ୍ ଆନ୍ଥିଆସ୍‌ମୁରିସ୍

### ଯୁବ ପ୍ରତିଭା

# ଓଡ଼ିଶୀ ଦେଇଛି ପରିଚୟ

ଖୁବ୍ କମ୍ ବୟସରୁ ତାଙ୍କ ମନରେ ସୃଷ୍ଟି ହୋଇଥିଲା ନୃତ୍ୟ ପ୍ରତି ଆଗ୍ରହ। ବୟସ ବଢ଼ିବା ସହିତ ଏହା ତାଙ୍କର ନିଶାରେ ପରିଣତ ହେଲା। ଆଉ ଜଣେ ସଫଳ ଯୁବ ନୃତ୍ୟଶିଳ୍ପୀ ଭାବେ ସେ ସୃଷ୍ଟି କଲେ ନିଜର ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ପୁରୀ ଜିଲା କଣାସ ନୀଳବସନ୍ତ ଗ୍ରାମରେ ରହୁଥିବା ମା' ଅବନ୍ତୀ ଏବଂ ସୁଦର୍ଶନ ସ୍ୱାଇଁଙ୍କ ଝିଅ ବର୍ଷାରାଣୀ। ଶ୍ରୀକ୍ଷେତ୍ର ମାଟିରେ ସେ ଜଣେ ଜଣାଶୁଣା ନୃତ୍ୟଶିଳ୍ପୀ ଭାବେ ପରିଚିତା। ପୁରୀରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ ତାଙ୍କ ନୃତ୍ୟର ଝଲକ। କେବଳ ସେତିକି ନୁହେଁ, ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ମହୋତ୍ସବ ସମେତ ରାଜ୍ୟ ବାହାରେ ଅର୍ଥାତ୍ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ, କର୍ନାଟକ, ଗୁଜରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ପ୍ରଭୃତି ସ୍ଥାନରେ ନୃତ୍ୟ ପରିବେଷଣ କରି ସାଉଁଟିଛନ୍ତି ଅନେକ ପୁରସ୍କାର ଓ ପ୍ରଶଂସା। ତେବେ ବଡ଼ଭଉଣୀ ବିଜୟଲକ୍ଷ୍ମୀଙ୍କ ପ୍ରେରଣା ତାଙ୍କୁ ଏ ଦିଗରେ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିବା ପ୍ରକାଶ କରନ୍ତି ବର୍ଷା। ସେ ବିଜ୍ଞାନରେ ସ୍ନାତକ ହାସଲ କରିଥିବା ବେଳେ ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରରୁ ନୃତ୍ୟ ଭାସ୍କର, ମୁମ୍ବାଇ ଗାନ୍ଧର୍ବ କଳା କେନ୍ଦ୍ରରୁ ନୃତ୍ୟ ବିଶାରଦ ଯୋଗ୍ୟତା ହାସଲ କରିଛନ୍ତି। ଇତିମଧ୍ୟରେ ତାଙ୍କୁ ମିଳିଛି ଶ୍ରୀକ୍ଷେତ୍ର ଶ୍ରୀ, ଶ୍ରୀକ୍ଷେତ୍ର ଗୌରବ, ନୃତ୍ୟ ପ୍ରତିଭା, ସିଂହାରୀ ଶ୍ୟାମ ସୁନ୍ଦର ସମ୍ମାନ ଭଳି ଅନେକ ପୁରସ୍କାର। ନିଜ ସଫଳତାର ଶ୍ରେୟ ସେ ଗୁରୁ ସଂଯୁକ୍ତା ମହାନ୍ତି, ସ୍ୱୟଂସୁଧା ମହାନ୍ତି ଏବଂ ଅଶୋକ ଦାସଙ୍କୁ ଦିଅନ୍ତି। ତେବେ ବର୍ତ୍ତମାନ ସ୍ୱାମୀ ଶ୍ରୀତମ ବଳିୟାରସିଂଙ୍କ ପ୍ରୋତ୍ସାହନ ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ଆଶୀର୍ବାଦ ଓ ସହଯୋଗ ତାଙ୍କୁ ନୃତ୍ୟ କ୍ଷେତ୍ରରେ ଆଗେଇବାରେ ଦୃଢ଼ ମନୋବଳ ଯୋଗାଉଛି ବୋଲି ସେ କୁହନ୍ତି। ନିଜକୁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଗର୍ବ ଅନୁଭବ କରୁଥିବା ବର୍ଷା ଭବିଷ୍ୟତରେ ନିଜର ଏକ ଶିକ୍ଷାନୁଷ୍ଠାନ ଗଢ଼ି ପିଲାମାନଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେବା ସହ ଅଧିକରୁ ଅଧିକ ଏହାର ପ୍ରଚାର ପ୍ରସାର କରିବାକୁ ଲକ୍ଷ୍ୟ ରଖିଛନ୍ତି।



– ପ୍ରଭାତ ପାଣିଗ୍ରାହୀ

### ୟୁଥ୍ ଆଲର୍ଟ

# ବର୍ଷାରେ ବାହାରକୁ ଯାଉଥିଲେ ...

**ଚାକିରି, ମାର୍କେଟିଂ କିମ୍ବା ଅନ୍ୟ ବିଭିନ୍ନ କାରଣରୁ ପ୍ରାୟ ଅଧିକାଂଶଙ୍କୁ ଘରୁ ବାହାରକୁ ଯିବାକୁ ପଡ଼ିଥାଏ। ତେବେ ବର୍ଷା ସମୟରେ ବାହାରକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...**

➤ଗାଡ଼ି ଚଲାଉଥିବା ବେଳେ ବର୍ଷା ହେଲେ କିମ୍ବା ବର୍ଷା ଛାଡ଼ିବା ପରେ ଓଦା ରାସ୍ତାରେ ଗାଡ଼ି ଚଲାଉଥିଲେ ରାସ୍ତା ଖସଡ଼ା ହୋଇଥିବାରୁ କିମ୍ବା କାଦୁଅ ବା ଖାଲ ସ୍ଥାନରେ ପାଣି ଜମାଥିବାରୁ ଦୁର୍ଘଟଣାର ଆଶଙ୍କା ଥାଏ। ତେଣୁ ବର୍ଷାରେ ଅଧିକ ସ୍ପିଡ୍‌ରେ ଗାଡ଼ି ନ ଚଲାଇ ଧୀରେ ଏବଂ ସତର୍କତାର ସହ ଚଲାନ୍ତୁ।

➤କୌଣସି ସ୍ଥାନରେ ହଠାତ୍ ବ୍ରେକ୍ କରନ୍ତୁ ନାହିଁ, ନଚେତ୍ ଗାଡ଼ି ସ୍ଲିପ୍ ହୋଇ ପଡ଼ିଯିବାର ଆଶଙ୍କା ରହିଛି। ତେଣୁ ଧୀରେ ଧୀରେ ବ୍ରେକ୍ କରନ୍ତୁ ଏବଂ ଗାଡ଼ିକୁ ସିଧା ରଖି ଷ୍ଟାଣ୍ଡ ଲଗାନ୍ତୁ।

➤ରାସ୍ତାରେ ଯିବା ବେଳେ ହଠାତ୍ ବର୍ଷା ହେଲେ ରାସ୍ତା କଡ଼ରେ କୌଣସି ସୁବିଧା ନ ମିଳିଲେ ଅନେକେ ଗଛମୂଳେ ଠିଆ ହୁଅନ୍ତି। ହେଲେ ବର୍ଷାରେ ଗଛ ଡାଳ ଭାଙ୍ଗିବା କିମ୍ବା ଘଡ଼ଘଡ଼ି ପଡ଼ିବା ଦ୍ୱାରା ଅନେକ ଦୁର୍ଘଟଣାର ନଜିର ରହିଛି। ଠିକ୍ ସେହିପରି ବର୍ଷାବେଳେ ଇଲେକ୍ଟ୍ରି ଖୁଣ୍ଟ କିମ୍ବା ତାର ମୂଳରେ ମଧ ଠିଆ ହେବା ବିପଦପୂର୍ଣ୍ଣ। ଏହାଦ୍ୱାରା ବିଜୁଳି ସଂସ୍ପର୍ଶରେ ଆସି ବିଭିନ୍ନ ଦୁର୍ଘଟଣାର ଆଶଙ୍କା ରହିଛି।

➤ବର୍ଷା ସମୟରେ ହେଲ୍‌ମେଟ୍ ଗ୍ଲାସ୍ ଉପରେ ପାଣି ପଡ଼ି କୁହୁଡ଼ି ଭଳି ଆବରଣ ବସିଯିବା ଯୋଗୁ ରାସ୍ତା ସହଜରେ ଦେଖାଯାଇ ନ ଥାଏ। ତେଣୁ ଅନେକେ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଲାଇଥା'ନ୍ତି। ହେଲେ ଏପରି କରିବା ଆଦୌ ନିରାପଦ ନୁହେଁ। ତା' ଛଡ଼ା ଏହାଦ୍ୱାରା ଆଖିରେ ବର୍ଷାପାଣି, ରାସ୍ତାର କାଦୁଅ ଓ ଅପରିଷ୍କାର ପାଣି ମାଡ଼ ହୋଇ ଚକ୍ଷୁସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଏବିନେ ମାର୍କେଟ୍‌ରେ ଆଣ୍ଟି ଫଗିଂ ଗ୍ଲାସ୍ ଥିବା ହେଲ୍‌ମେଟ୍ ବ୍ୟବହାର କରନ୍ତୁ।





➤ବର୍ଷା ସମୟରେ କାର୍‌ରେ ଯିବା ସମ୍ପୂର୍ଣ୍ଣ ନିରାପଦ ବୋଲି ଅନେକେ ଭାବନ୍ତି। ହେଲେ ଅଧିକ ବର୍ଷା ସମୟରେ କାର୍ ଗ୍ଲାସ୍‌ରେ ପାଣି ପଡ଼ିବା ଯୋଗୁ ରାସ୍ତା ଭଲ ଭାବେ ଦେଖା ଯାଇ ନ ଥାଏ। ତା'ଛଡ଼ା ଘଡ଼ଘଡ଼ି, ବିଜୁଳି ଏବଂ ପବନ ହେଉଥିଲେ କେବଳ ଦୁଇଚକିଆ ନୁହେଁ, ବଡ଼ ଗାଡ଼ିରେ ମଧ ଗଛ ପଡ଼ି ଦୁର୍ଘଟଣା ହେବାର ଆଶଙ୍କା ରହିଛି। ତେଣୁ ଏ ସମୟରେ ଯାତ୍ରା ନ କରି କୌଣସି ନିରାପଦ ସ୍ଥାନରେ ରହିଯିବା ଭଲ।

**ମହିଳା ଟେଷ୍ଟ**

# ସ୍ନେହଙ୍କ ଦୃଢ଼ ବ୍ୟାଟିଂ



ଲଢୁଆ ଇନିଂସ ଅବସରରେ ସ୍ନେହ ରାଣା।

**ବ୍ରିଷ୍ଟଲ,୧୯।୬**

ଇଂଲଣ୍ଡ ବିପକ୍ଷ ଏକମାତ୍ର କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ତା'ର ସଂଘର୍ଷ ଜାରି ରଖିଛି। ଟସ୍ ଜିତି ଇଂଲଣ୍ଡ ୩୯୬/୯ରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୨୩୧ ରନରେ ଅଲ୍‌ଆଉଟ ହୋଇ ୧୬୫ ରନ ପଛରେ ପଡିବା ସହ ଫଲୋଅନ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଚତୁର୍ଥ ତଥା ଅନ୍ତିମ ଦିବସ ତୃତୀୟ ସେସନ ବେଳକୁ ୧୧୪ ଓଭରରେ ୮ ଉଇକେଟ ହରାଇ ୩୧୯ ରନ ସଂଗ୍ରହ କରିଛି। ସ୍ପିନ ଅଲରାଉଣ୍ଡର ସ୍ନେହ ରାଣା ୭୩ ଓ ଉଇକେଟକିପର ବ୍ୟାଟ୍ସଓମ୍ୟାନ ତାନିଆ ଭାଟିଆ ୨୯ ରନକରି ଅପରାଜିତ ଅଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୮୩/୧ରୁ ଭାରତ ଖେଳ ଆରମ୍ଭ କରିଥିଲା। ୫୫ରନ କରି ଅପରାଜିତ ରହିଥିବା ଓପନର ସେଫାଳି ବର୍ମା ୬୩ ରନକରି ଆଉଟ ହୋଇଥିଲେ। ସେହିପରି ଦୀପ୍ତି ଶର୍ମା ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ପୁନମ ରାଉତ ୩୯ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ତେବେ ଅଧିନାୟିକା ମିଥାଲି ରାଜ ୪ ଓ ହରମନପ୍ରୀତ କୌର ୮ ରନ କରି ଆଉଟ ହୋଇ ନିରାଶ କରିଥିଲେ। ପୂଜା ବସ୍ତ୍ରକାର ୧୨, ଶିଖା ପଣ୍ଡେ ୧୮ ରନର ଯୋଗଦାନ କରିଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ ସୋଫି ଏକ୍‌ଲେଷ୍ଟୋନ ୪, ନାତାଲି ସ୍କିଭର ୨, କାଥେରିନ ବ୍ରଣ୍ଟ ଓ ହିଥର ନାଇଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ– ୧୨୧.୨ ଓଭରରେ ୩୯୬/୯ (ଇନିଂସ ଘୋଷଣା)। ଭାରତ ପ୍ରଥମ ଇନିଂସ– ୮୧.୨ ଓଭରରେ ୨୩୧। ଭାରତ ଦ୍ୱିତୀୟ ଇନିଂସ (ଫଲୋଅନ): ୧୧୪ ଓଭରରେ ୩୧୯ /୮ (ସ୍ନେହ ରାଣା– ୭୩*, ତାନିଆ ଭାଟିଆ– ୨୯*, ଶେଫାଳି ବର୍ମା– ୬୩, ଦୀପ୍ତି ଶର୍ମା– ୫୪, ପୁନମ ରାଉତ– ୩୯, ଶିଖା ପାଣ୍ଡେ– ୧୮, ସୋଫି ଏକ୍କେଷ୍ଟୋନ୍ ୪/୧୧୮, ନାତାଲି ସ୍କିଭର ୨/୨୧)।

# ଡବ୍ଲ୍ୟୁଟିସି ଫାଇନାଲ ଆରମ୍ଭ

**ସାଉଥାମ୍ପଟନ, ୧୯।୬**

ପ୍ରଥମ ଦିବସ ବର୍ଷାରେ ଧୋଇଯିବା ପରେ ଶନିବାର ଦ୍ୱିତୀୟ ଦିବସରେ ଭାରତ–ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏଠାରେ ଆରମ୍ଭ ହୋଇଛି। ଆଲୋକ କମିବାରୁ ଏକାଧିକଥର ଖେଳ ବନ୍ଦ ରହିଥଲା। ଆହୁରି ୩୩.୨ ଓଭର ଖେଳ ବାକିଥିବା ବେଳେ ଏହି କାରଣରୁ ଖେଳ ବନ୍ଦ ରହିବା ବେଳକୁ ଭାରତ ୩ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଅଧିନାୟକ ବିରାଟ କୋହଲି ୧୨୪ ବଲ୍‌ରୁ ୧ ଚୌକା ସହାୟତାରେ ୪୪ ଏବଂ ଅଜିଙ୍କ୍ୟ ରାହାନେ ୭୯ ବଲ୍‌ରୁ ୪ ଚୌକା ସହ ୨୯ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଦୁହେଁ ୧୪୭ ବଲ୍‌ରୁ ୫୮ ରନର ଭାଗୀଦାରି ଗଢ଼ିଛନ୍ତି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଭାରତ ପକ୍ଷରୁ ରୋହିତ ଶର୍ମା ଓ ଶୁବମନ ଗିଲ୍ ଭଲ ଆରମ୍ଭ କରିଥିଲେ। ଦୁହେଁ ଓପନିଂ ଯୋଡ଼ିରେ ୨୦.୧ ଓଭରରୁ ୬୨ ରନ ଯୋଗ କରିବା ପରେ ରୋହିତ ବ୍ୟକ୍ତିଗତ ୩୪(୬୮ ବଲ, ୬ ଚୌକା) ରନ କରି ଆଉଟ ହୋଇଥିଲେ। ଏହାର ମାତ୍ର ୧ ରନ ପରେ ଶୁବମନ (୨୮ ରନ, ୬୪ ବଲ, ୩ ଚୌକା) ମଧ୍ୟ ଆଉଟ ହୋଇ ଯାଇଥିଲେ। ଫଳରେ ୨୪.୩ ଓଭର ବେଳକୁ ଭାରତ ସ୍କୋର ୬୩/୨ ହୋଇ ଯାଇଥିଲା। ଚେତେଶ୍ୱର ପୂଜାରାଙ୍କ ଉପରେ ଅନେକ ଭରସା କରାଯାଉଥିଲା। ମାତ୍ର ସେ ୮ ରନରେ ଆଉଟ ହୋଇ ସମସ୍ତଙ୍କୁ ନିରାଶ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ କାଏଲ ଜେମିସନ, ନେଲ୍ ୱାଗନର ଓ ଟ୍ରେଣ୍ଟ ବୋଲ୍ଟ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ଭାରତ ୩ ପେସ୍‌ର ଓ ୨ ସ୍ପିନରଙ୍କୁ ନେଇ ଖେଳୁଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୫ ପେସ୍ ବୋଲରଙ୍କୁ ସାମିଲ କରି ପଡ଼ିଆକୁ ଓହ୍ଲାଇଛି।



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର:** ଭାରତ ପ୍ରଥମ ଇନିଂସ:୧୪୬/୩ (ବିରାଟ କୋହଲି–୪୪*, ରୋହିତ ଶର୍ମା–୩୪, ଅଜିଙ୍କ୍ୟ ରାହାନେ–୨୯*, ଶୁବମନ ଗିଲ୍–୨୮, କାଏଲ ଜେମିସନ–୧/୧୪, ନେଲ୍ ୱାଗନର–୧/୨୮, ଟ୍ରେଣ୍ଟ ବୋଲ୍ଟ–୧/୩୨)।

# କିମ୍ସ ପ୍ରଫେସର ସୁଦୀପ ଭାରତୀୟ ପୁରୁଷ ହକି ଦଳର ଡାକ୍ତର

**ଟୋକିଓ ଅଲିମ୍ପିକ୍ସ**

**ଭୁବନେଶ୍ୱର, ୧୯।୬(କ୍ରୀଡ଼ା ପ୍ରତିନିଧି)**

କିମ୍ସ ପ୍ରଫେସର ଡକ୍ଟର ସୁଦୀପ ଶତପଥୀ (ଫିଜିଓଲୋଜି ଆଣ୍ଡ ସ୍ପୋର୍ଟ୍ସ ମେଡିସିନ୍) ଟୋକିଓ ଅଲଇମ୍ପିକ୍ସ ପାଇଁ ଭାରତୀୟ ପୁରୁଷ ହକି ଦଳର ଡାକ୍ତର ନିଯୁକ୍ତ ହୋଇଛନ୍ତି। ଗତ ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଆର୍ଜେଣ୍ଟିନାର ବୁଏନ୍ସ ଆରିଜଠାରେ ଭାରତୀୟ ଦଳ ଟ୍ରେନିଂ ଏବଂ ମ୍ୟାଚ ଖେଳିବା ଅବସରରେ ମଧ୍ୟ ସୁଦୀପ ଟିମ୍ ଡାକ୍ତରଭାବେ କାର୍ଯ୍ୟ କରିଥିଲେ। ପୂର୍ବରୁ ସେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍–ୱେଷ୍ଟ ୨୦୨୦ରେ ମେଡିକାଲ ପ୍ରତିନିଧି ଦଳର ଡୋପିଂ କଣ୍ଟ୍ରୋଲ ଅଫିସର, ରିଓ ଅଲିମ୍ପିକ୍ସ ଏବଂ ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ ଅବସରରେ ମଧ୍ୟ ସେ ସ୍ପୋର୍ଟ୍ସ ମେଡିସିନ ଡାକ୍ତରଭାବେ କାର୍ଯ୍ୟ ତୁଲାଇଥିଲେ। ସୁଦୀପ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ରେ ସ୍ପୋର୍ଟ୍ସ ମେଡିସିନ୍‌ରେ ଡାପ୍ଲୋମା କରିଛନ୍ତି। ୨୦୧୫ ଇଣ୍ଡିଆନ ସୁପରଲିଗ୍‌ରେ ସେ ସଚିନ ତେନ୍ଦୁଲକରଙ୍କ ମାଲିକାନାରେ ଥିବା କେରଳ ବ୍ଲାଷ୍ଟର୍ସ ଦଳର ଟିମ୍ ଡାକ୍ତର ମଧ୍ୟ ଥିଲେ। ଅଲିମ୍ପିକ୍ସ ପାଇଁ ଏପରି ଏକ ଗୁରୁ ଦାୟିତ୍ୱ ପାଇଥିବାରୁ ସୁଦୀପଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ପ୍ରଥମ ଡାକ୍ତରଭାବେ ସେ ଏହି ସୁଯୋଗ ପାଇଛନ୍ତି। କିଟ୍ ଓ କିସ୍ ପରିବାର ପକ୍ଷରୁ ମଧ୍ୟ ତାଙ୍କୁ ଶୁଭକାମନା ଜଣାଯାଇଛି। ଡାକ୍ତର ଶତପଥୀ ମଧ୍ୟ ସମସ୍ତ ପ୍ରକାର ସମର୍ଥନ ଯୋଗାଇ ଦେଇଥିବାରୁ ଅଚ୍ୟୁତଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ଉରୁଗୁଏକୁ ହରାଇଲା ଆର୍ଜେଣ୍ଟିନା

**କୋପା ଆମେରିକା**

**ସାଇ ପାଓଲୋ, ୧୯।୬(ଏ.ପି.)**

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଆର୍ଜେଣ୍ଟିନା ୧–୦ ଗୋଲରେ ଉରୁଗୁଏକୁ ପରାସ୍ତ କରିଛି। ଫଳରେ ଲିଓନେଲ ମେସିଙ୍କ ଦଳ ଗ୍ରୁପ୍ 'ଏ'ରେ ଚିଲି ସମକକ୍ଷ ୪ ପଏଣ୍ଟ ପାଇଛି। ତେବେ ଚିଲି ପ୍ରଥମ ଏବଂ ଆର୍ଜେଣ୍ଟିନା ଦ୍ୱିତୀୟ ସ୍ଥାନରେ ରହିଛି। ମ୍ୟାଚର ୧୩ତମ ମିନିଟରେ ମେସିଙ୍କ କ୍ରସ୍ ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ମିଡ୍‌ଫିଲ୍ଡର ଗୁଇଡୋ ରୋଡ୍ରିଗ୍ୱେଜ। ଶେଷରେ ଏହା ନିର୍ଣ୍ଣାୟକ ହୋଇଥିଲା। ଆର୍ଜେଣ୍ଟିନା ପୂର୍ବରୁ ଚିଲି ବିପକ୍ଷ ମ୍ୟାଚକୁ ୧–୧ ଗୋଲରେ ଡ୍ର ରଖିଥିଲା।

ବ୍ରେରେଟନଙ୍କ ଗୋଲରେ ଚିଲି ବିଜୟୀ ଇଂଲିଶ୍‌ମ୍ୟାନ ବେନ୍ ବ୍ରେରେଟନଙ୍କ ଗୋଲ ବଳରେ ଚିଲି କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୋଲିଭିଆକୁ ପରାସ୍ତ କରିଛି। ଇଂଲଣ୍ଡର ଷ୍ଟୋକ୍‌ରେ ଜନ୍ମିତ ୨୨ ବର୍ଷୀୟ ବ୍ରେରେଟନ ମ୍ୟାଚର ୧୦ମ ମିନିଟରେ ଏହି ଗୋଲଟି ଦେଇଥିଲେ।ଏଡୁଆର୍ଡୋ ଭର୍ଗାସଙ୍କ ପାସ୍‌କୁ ସେ ଗୋଲରେ ପରିଣତ କରିଥିଲେ। ବ୍ରେରେଟନଙ୍କ ମା' ଜଣେ ଚିଲି ଅଧିବାସୀ। ଶୁକ୍ରବାର କୋପା ଆମେରିକାର ପରିଚାଳନା ସଂସ୍ଥା କନ୍‌ମେବୋଲ ପକ୍ଷରୁ ବୋଲିଭିଆର ଟପ୍ ସ୍କୋରର ମାର୍ସେଲୋ ମାର୍ଟିନ୍ସଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। କୋପା ଆମେରିକା ଆୟୋଜକଙ୍କୁ ସମାଲୋଚନା କରିବାରୁ ତାଙ୍କୁ ଦଣ୍ଡ ସ୍ୱରୂପ ସସ୍‌ପେଣ୍ଡ କରାଯିବା ସହ ୨୦,୦୦୦ ଆମେରିକୀୟ ଡଲାର ଜରିମାନା କରାଯାଇଥିଲା। ଚିଲି ଏହାର ପରବର୍ତ୍ତୀ ମ୍ୟାଚରେ ଉରୁଗୁଏକୁ ଭେଟିବ।

# ମିଲ୍‌ଖାଙ୍କ ନାମରେ ଚେୟାର

**ଚଣ୍ଡିଗଡ଼, ୧୯।୬ (ପି.ଟି.)**

ପଟିଆଲାସ୍ଥିତ ସ୍ପୋର୍ଟ୍ସ ୟୁନିଭର୍ସିଟିରେ ମିଲ୍‌ଖା ସିଂଙ୍କ ନାମରେ ଏକ ଚେୟାର ପ୍ରତିଷ୍ଠା କରାଯିବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଶନିବାର ଏହା ଘୋଷଣା କରିଛନ୍ତି। ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇବା ଲାଗି ଅମରିନ୍ଦର ରାଜ୍ୟ କ୍ରୀଡ଼ାମନ୍ତ୍ରୀ ରାଣା ଗୁର୍‌ମିତ ସିଂ ସୋଧିଙ୍କ ସହ ମିଲ୍‌ଖାଙ୍କ ପୁଅ ଜିଭ୍ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଭେଟିଥିଲେ। ମିଲ୍‌ଖା ଯେତେବେଳେ ପ୍ରଥମ ଭାରତୀୟ ଆଥଲେଟ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ ସେତେବେଳେ ତାଙ୍କ ଅନୁରୋଧ କ୍ରମେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏକ ଜାତୀୟ ଛୁଟିଦିବସ ଘୋଷଣା କରିଥିଲେ। ମିଲ୍‌ଖାଙ୍କ ବାସଭବନ ଯିବାବେଳେ ସାଥିରେ ନେହେରୁଙ୍କର ଏହି ସ୍ପ୍ରିଣ୍ଟରଙ୍କ ସହ ରହିଥିବା ଏକ ଫଟୋଚିତ୍ରକୁ ସେ ନେଇଥିଲେ। ୧୯୬୦ରେ ନେହେରୁ ଯେତେବେଳେ ଏକ ଜାତୀୟ ଛୁଟି ଘୋଷଣା କରିଥିଲେ, ସେତେବେଳେ ଏହି ଫଟୋ ଉତ୍ତୋଳନ ହୋଇଥିଲା।

**ୟୁରୋ କପ୍ ଫୁଟ୍‌ବଲ**

# ଇଂଲଣ୍ଡ–ସ୍କଟ୍‌ଲାଣ୍ଡ ମ୍ୟାଚ ଡ୍ର

**ଲଣ୍ଡନ, ୧୯।୬(ଏପି)**

ୟୁରୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଇଂଲଣ୍ଡ–ସ୍କଟଲାଣ୍ଡ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ପ୍ରିମିୟର ଲିଗ୍‌ର ଟପ୍ ସ୍କୋରର ହାରି କେନ୍ ଏଠାରେ ଇଂଲଣ୍ଡ ପକ୍ଷରୁ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ଏକଦା ନିଜ କ୍ଲବ ଟୋଟେନହାମ୍ ଏବଂ ଇଂଲଣ୍ଡର ମୁଖ୍ୟ ଖେଳାଳି ବିବେଚିତ ହେଉଥିବା କେନ୍ ଏହି ମ୍ୟାଚରେ କିନ୍ତୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିପାରି ନ ଥିଲେ। ମାତ୍ର ଏହା ଏକ କଷ୍ଟସାଧ ଗେମ୍ ଥିଲା ବୋଲି ମ୍ୟାଚ ପରେ କେନ୍ ପ୍ରକାଶ କରିଥିଲେ। ୨ ମ୍ୟାଚରୁ ୪ ପଏଣ୍ଟ ସହିତ ଇଂଲଣ୍ଡ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଚେକ୍ ରିପବ୍ଲିକ ସମାନ ସଂଖ୍ୟକ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ପ୍ରଥମ ମ୍ୟାଚରେ କ୍ରୋଏସିଆକୁ ୧–୦ ଗୋଲରେ ହରାଇଥିବା ଇଂଲଣ୍ଡ ନିଜ ଶେଷ ଲିଗ୍ ମ୍ୟାଚରେ ଚେକ୍ ରିପବ୍ଲିକ ସହିତ ମୁକାବିଲା କରିବ। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଚେକ୍ ରିପବ୍ଲିକ୍‌ଠାରୁ ହାରିଥିବା ସ୍କଟଲାଣ୍ଡ ଏହାର ଶେଷ ଲିଗ୍‌ରେ କ୍ରୋଏସିଆ ସହିତ ଖେଳିବ।

**ଚେକ୍ ରିପବ୍ଲିକ୍ ୧–କ୍ରୋଏସିଆ ୧**

ୟୁରୋ କପ୍‌ର ଅନ୍ୟ ଏକ ଗ୍ରୁପ୍ 'ଡି' ମ୍ୟାଚରେ ଚେକ୍ ରିପବ୍ଲିକ ଏବଂ କ୍ରୋଏସିଆ ମ୍ୟାଚ ୧–୧ ଗୋଲରେ ଡ୍ର ରହିଛି। ମ୍ୟାଚର ୩୭ତମ ମିନିଟରେ ଚେକ୍ ରିପବ୍ଲିକର ପ୍ୟାଟ୍ରିକ ଶିକ୍ ପେନାଲ୍ଟିରୁ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାର ୧୦ ମିନିଟ ପରେ ଅର୍ଥାତ୍ ୪୭ତମ ମିନିଟରେ କ୍ରୋଏସିଆର ଇଭାନ ପେରିସିକ୍ ଗୋଲଟି ପରିଶୋଧ କରି ଦେଇଥିଲେ।

# ପ୍ରକୃତ ସୁପରଷ୍ଟାର

## କ୍ରୀଡ଼ା ମହଲରେ ଶୋକ

ମିଲ୍‌ଖାଙ୍କ ଦେହାନ୍ତରେ କ୍ରୀଡ଼ା ମହଲରୁ ଶୋକବାର୍ତ୍ତାର ସୁଅ ଛୁଟିବାରେ ଲାଗିଛି। ପୂର୍ବତନ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କଠାରୁ ଆରମ୍ଭ କରି କିମ୍ବଦନ୍ତୀ ଭାରତୀୟ ସ୍ପ୍ରିଣ୍ଟର ପି.ଟି. ଉଷା ସୋସିଆଲ ମିଡିଆ ଜରିଆରେ ସେମାନଙ୍କ ଶୋକ ପ୍ରକାଶ କରିଛନ୍ତି। ମିଲ୍‌ଖା ହେଉଛନ୍ତି ପ୍ରକୃତ କ୍ରୀଡ଼ା ସୁପରଷ୍ଟାର, ଯିଏକି ଦେଶର ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି।

**ପି.ଟି. ଉଷା:** ମୋ ଆଦର୍ଶ ତଥା ପ୍ରେରଣାର ଉତ୍ସ ମିଲ୍‌ଖା ସିଂ ଜୀଙ୍କ ବିୟୋଗରେ ଦୁଃଖର କଳାବାଦଲ ଛାଇଯାଇଛି।

**ସୌରଭ ଗାଙ୍ଗୁଲି:** ଖବରରେ ମୁଁ ଅତ୍ୟନ୍ତ ଦୁଃଖିତ। ଭାରତ ଜଣେ ମହାନ୍ କ୍ରୀଡ଼ାବିତ୍‌ଙ୍କୁ ହରାଇଲା। ତାଙ୍କ କ୍ୟାରିୟର ପ୍ରତି ଦୃଷ୍ଟି ଦେଲେ ଜଣେ ଆଥ୍‌ଲେଟ ହେବାର ସ୍ୱପ୍ନ ଦେଖିଥାଏ।

**ମେରୀ କମ୍:** ଆମେ ଜଣେ ଜାତୀୟ ହିରୋଙ୍କୁ ହରାଇଲୁ।

**କ୍ରିଷ୍ଣା ପୁନିଆ:** 'ଫ୍ଲାଇଂ ଶିଖ୍' ଭାବେ ଯେଉଁ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି ତାହା ସବୁଦିନ ପାଇଁ ଅମର ରହିବ। ଆଗକୁ ସେ ପିଢ଼ି ପିଢ଼ି ଧରି ପ୍ରେରଣାର ଉତ୍ସହୋଇ ରହିବେ।

**ଶୁଭଙ୍କର ଶର୍ମା** (ଗଲ୍ଫ ଖେଳାଳି): ମିଲ୍‌ଖା ଅଙ୍କଲ ଚାଲିଗଲେ ତାହା ବିଶ୍ୱାସ କରିହେଉ ନାହିଁ। ତାଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇ ମୁଁ ନିଜକୁ ଧନ୍ୟ ମନେକରୁଛି। ତାଙ୍କ ନିକଟକୁ ମୁଁ ଯେତେଥର ଯାଇଛି ନୂଆ ନୂଆ ଶିକ୍ଷା ଲାଭ କରିଛି।



**ହିମା ଦାସ:** ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଏବଂ ଏସିଆନ ଗେମ୍ସରେ ପଦକ ଜିତିବା ପରେ ମିଲ୍‌ଖା ସିଂ ସାର୍ ମୋତେ ଫୋନ୍ କରିଥିଲେ। 'ତୁମ ପାଖରେ ଯଥେଷ୍ଟ ସମୟ ଅଛି। କଠିନ ପରିଶ୍ରମ କଲେ ଦେଶ ପାଇଁ ତୁମେ ସ୍ୱର୍ଣ୍ଣ ଜିତିପାରିବ' ବୋଲି ସେ ମୋତେ କହିଥିଲେ। ଜବାବରେ ମୁଁ ଆପଣଙ୍କ ସ୍ୱପ୍ନ ସାକାର କରିବି ବୋଲି କହିଥିଲି।

**ବୀରେନ୍ଦ୍ର ସେହ୍ୱାଗ:** ମହାନ୍ ବ୍ୟକ୍ତି ମିଲ୍‌ଖା ସିଂ ଜୀ ହୁଏତ ତାଙ୍କ ପାର୍ଥିବ ଶରୀର ତ୍ୟାଗ କରି ଚାଲିଯାଇଛନ୍ତି, ଅଦମ୍ୟ ଉତ୍ସାହ ଓ ଶକ୍ତି ପାଇଁ ସେ ସବୁବେଳେ ଆମ ପାଖରେ ଅମର ହୋଇ ରହିବେ। ସେ ପିଢ଼ି ପିଢ଼ି ଧରି କ୍ରୀଡ଼ାବିତ୍‌ଙ୍କ ଲାଗି ପ୍ରେରଣା ଓ ଆଦର୍ଶ ହୋଇ ରହିବେ।

## ଓଡ଼ିଶା ଲିଙ୍କ୍: ବାରବାଟୀରେ ୨ ସ୍ୱର୍ଣ୍ଣ ଜିତିଥିଲେ

**ଭୁବନେଶ୍ୱର,୧୯।୬(ସ୍ପୋର୍ଟ୍ସ ବ୍ୟୁରୋ):** ମିଲଖାଙ୍କ ଓଡ଼ିଶା ଲିଙ୍କ୍ ବହୁ ପୁରୁଣା। ଯେତେବେଳେ ସେ ତାରକା ହୋଇ ନ ଥିଲେ ମିଲଖା ଐତିହାସିକ ବାରବାଟୀ ଷ୍ଟାଡିୟମ ଟ୍ରାକ୍‌ରେ ଦୌଡ଼ି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୫୮ରେ ବାରବାଟୀରେ ଜାତୀୟ କ୍ରୀଡ଼ା ଆୟୋଜିତ ହୋଇଥିଲା। ଏଥିରେ ମିଲ୍‌ଖା ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୦ ମିଟର ଫାଇନାଲରେ ସେ ୪୬.୨ ସେକେଣ୍ଡ ସମୟ ନେଇ ଏସୀୟ ରେକର୍ଡ ହାସଲ କରିଥିଲେ। ତେବେ ସେ ନିଜେ ତାଙ୍କ ପ୍ରଦର୍ଶନକୁ ବିଶ୍ୱାସ କରିପାରି ନ ଥିଲେ। ଏତେ କମ୍ ସମୟରେ ସେ ଦୌଡ଼ିବା କଥାକୁ ହଜମ କରିପାରି ନ ଥିଲେ। ତେଣୁ ସେ ଫିତା ନେଇ ପରଦିନ ବାରବାଟୀର ଟ୍ରାକ୍ ମାପିଥିଲେ। ଲେନ୍ଥ ଠିକ୍ ଅଛି ବୋଲି ସେ ହୃଦୟଙ୍ଗମ କରିଥିଲେ ଓ ସେ ସନ୍ତୋଷ ଲାଭ କରିଥିଲେ। ଏହାପରେ ସେ ୨୦୧୬ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗ ଦେବା ପାଇଁ ଓଡ଼ିଶା ଆସିଥିଲେ ଓ ଟ୍ରାକ ଆଣ୍ଡ ଫିଲ୍ଡରେ ଆଥଲେଟଙ୍କ ଉନ୍ନତ ପ୍ରଦର୍ଶନ ପାଇଁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

**ଚଣ୍ଡିଗଡ଼, ୧୯।୬ (ପି.ଟି.):** କିମ୍ବଦନ୍ତୀ ସ୍ପ୍ରିଣ୍ଟର ମିଲ୍‌ଖା ସିଂଙ୍କର ଏଠାରେ ଶନିବାର ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶୋକାକୁଳ ପରିବେଶରେ ୯୧ବର୍ଷୀୟ ମିଲ୍‌ଖାଙ୍କୁ ଅନ୍ତିମ ବିଦାୟ ଦିଆଯାଇଥିଲା। ଏହି ଅବସରରେ ମିଲ୍‌ଖାଙ୍କ ପରିବାର ସଦସ୍ୟ ବ୍ୟତୀତ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। 'ଦି ଫ୍ଲାଇଂ ଶିଖ୍' ଭାବେ ପରିଚିତ ମିଲ୍‌ଖା କୋଭିଡ୍‌ଜନିତ ଜଟିଳତା ପାଇଁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତିରେ ତାଙ୍କର ଦେହାନ୍ତ ଘଟିଥିଲା। ତାଙ୍କ ପୁଅ ଜିଭ୍ ମିଲ୍‌ଖା ସିଂ ମୁଖାଗ୍ନି ଦେଇଥିଲେ। ପୋଲିସ ପକ୍ଷରୁ ବନ୍ଧୁକ ସଲାମି ଦିଆଯାଇଥିଲା। ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ଉପସ୍ଥିତ ରହିଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପଞ୍ଜାବ ରାଜ୍ୟପାଳ ଓ ଚଣ୍ଡିଗଡ଼ ପ୍ରଶାସନର ଭି.ପି. ସିଂ ବାଡ୍‌ନୋର, ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ ସିଂ ବାଦଲ, ହରିୟାଣା କ୍ରୀଡ଼ାମନ୍ତ୍ରୀ ସନ୍ଦୀପ ସିଂ ଅନ୍ୟତମ। ପିଜିଆଇଏମ୍‌ଇଆର୍ ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଜଗତ୍ ରାମ ମଧ୍ୟ ଉପସ୍ଥିତ ଥିଲେ, ଯେଉଁଠାରେ ମିଲ୍‌ଖା ଚିକିତ୍ସିତ ହେଉଥିଲେ। କିମ୍ବଦନ୍ତୀ ଆଥ୍‌ଲେଟଙ୍କୁ ସମ୍ମାନ ଜଣାଇ ପଞ୍ଜାବ ସରକାର ରାଜ୍ୟରେ ଶୋକ ଘୋଷଣା କରିବା ସହ ଗୋଟିଏ ଦିନ ଛୁଟି ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ମିଲ୍‌ଖାଙ୍କ ସ୍ତ୍ରୀ ତଥା ପୂର୍ବତନ ଜାତୀୟ ମହିଳା ଭଲିବଲ୍ ଅଧିନାୟିକା ନିର୍ମଳା କୌରଙ୍କର ମଧ୍ୟ କୋଭିଡ୍‌ଜନିତ ସମସ୍ୟା ଯୋଗୁ ଗତ ରବିବାର ମୃତ୍ୟୁ ଘଟିଛି। ଗଲ୍‌ଫ ଖେଳାଳି ଜିଭ୍‌ଙ୍କ ବ୍ୟତୀତ ମିଲ୍‌ଖାଙ୍କ ୩ ଝିଅ ରହିଛନ୍ତି।

# ମିଲ୍‌ଖା ଥିଲେ ଜଣେ ମହାନ୍ କ୍ରୀଡ଼ାବିତ୍ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ/ମୁମ୍ବାଇ, ୧୯।୬ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରଲୋକ ଗମନ କରିଥିବା ସ୍ପ୍ରିଣ୍ଟ କିମ୍ବଦନ୍ତୀ ମିଲ୍‌ଖା ସିଂଙ୍କୁ ଜଣେ ମହାନ୍ କ୍ରୀଡ଼ାବିତ୍ ଆଖ୍ୟା ଦେଇଛନ୍ତି। ଦେଶବାସୀ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ବୋଲି ସେ କହିଛନ୍ତି। ତାଙ୍କ ଦ୍ୱାରା ଦେଶର ପରିକଳ୍ପନା ପ୍ରତିଫଳିତ ହୋଇଥିବା ସେ କହିଛନ୍ତି। କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଦେଶ ଜଣେ ଷ୍ଟାରଙ୍କୁ ହରାଇଲା। ମିଲ୍‌ଖା ବର୍ଷ ବର୍ଷ ଧରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ। ଚଳଚ୍ଚିତ୍ର ସେଲିବ୍ରିଟିମାନେ ମଧ୍ୟ 'ଫ୍ଲାଇଂ ଶିଖ୍'ଙ୍କ ପ୍ରତି ସେମାନଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେମାନଙ୍କ ମଧ୍ୟରେ ମେଗାଷ୍ଟାର ଅମିତାଭ ବଚନ, ମୋହନଲାଲ, ସୁପରଷ୍ଟାର ଶାହରୁଖ ଖାଁ, ଅକ୍ଷୟ କୁମାର, ଅଜୟ ଦେବଗନ ଏବଂ ଅଭିନେତା ତଥା ଫିଲ୍ମ ନିର୍ମାତା ଫରହାନ ଅଖତାର ଅନ୍ୟତମ। ସ୍ପ୍ରିଣ୍ଟ ଆଇକନ ମିଲ୍‌ଖା ନିଷ୍ଠା ଓ କଠିନ ପରିଶ୍ରମର ଏକ ନିଦର୍ଶନ ବୋଲି ସେମାନେ କହିଛନ୍ତି।



**କରୋନା ଆକ୍ରାନ୍ତ ମହିଳା ମୃତ**

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଗୌଡଗାଡ ଗ୍ରାମରେ କରୋନା ଆକ୍ରାନ୍ତ ଜଣେ ୬୫ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୌଡଗାଡ ଗ୍ରାମର ରୂପା ସାହୁ। ସେ ବୁର୍ଲା କୋଭିଡ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। କୋଭିଡ ଗାଇଡ୍ ଲାଇନ ଅନୁଯାୟୀ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ମହାରାଣୀ ସାଗର-ବିଷ୍ଣୁମୁଣ୍ଡା ନାଳ ଗାଏବ

■ବର୍ଷାରେ ଉଛୁଳିବ ବଲାଙ୍ଗୀରର ଅର୍ଦ୍ଧେକ ଅଞ୍ଚଳ

■ଜବରଦଖଲ ଯୋଗୁ ଲୁପ୍ତ ହୋଇଛି ନାଳା

ବଲାଙ୍ଗୀର ଅଫିସ, ୧୯।୬

ଏକଦା ବଲାଙ୍ଗୀର ସହର ତାର ଡ୍ରେନେଜ୍ ସିଷ୍ଟମ୍‌କୁ ନେଇ ସୁଖ୍ୟାତି ଅର୍ଜନ କରିଥିଲା। ସ୍ୱାଧୀନତା ପୂର୍ବରୁ ଏହା ଏକ ଯୋଜନାବଦ୍ଧ ସହର ଭାବେ ପରିଚିତ ଥିଲା। ତେବେ ଜବରଦଖଲ ସମସ୍ୟା, ପ୍ରଶାସନିକ ଉଦାସୀନତା ଏବଂ ବର୍ଷ ବର୍ଷ ଧରି ରାଜନୈତିକ ଅପାରଗତା କାରଣରୁ ବଲାଙ୍ଗୀର ସହର ଏବେ ଅବ୍ୟବସ୍ଥିତ ହୋଇପଡିଛି। ଏହି ସହର ମଧ୍ୟରେ ଥିବା ମହାରାଣୀ ସାଗର ବୃହତ୍ ଜଳାଶୟରୁ ଜଳ ନିଷ୍କାସନ ନାଳ ବାହାରି ଏଠାରୁ ପ୍ରାୟ ୩ କିଲୋମିଟର ଦୂର ବିଷ୍ଣୁମୁଣ୍ଡା ଜଳାଶୟକୁ ଲାଗିଥିଲା। ଯୋଜନାବଦ୍ଧ ଡ୍ରେନେଜ୍ ସିଷ୍ଟମ୍ ଥିବାରୁ ସହର ଉପର ମୁଣ୍ଡରେ ଥିବା ଗନ୍ଧରେଲ ପ୍ରକଳ୍ପରୁ ପାଣି ବାହାରି ବିଭିନ୍ନ ଜଳାଶୟ ଦେଇ ସହର ବାହାରକୁ ବର୍ଷାଜଳ ଓ ଡ୍ରେନ୍ ପାଣି ନିଷ୍କାସିତ ହୋଇ ଯାଉଥିଲା। ଏହି ନାଳା ଏବେ ଜବରଦଖଲ ସମସ୍ୟା ଯୋଗୁ ଗାଏବ୍ ହୋଇଯାଇଛି।

ମହାରାଣୀ ସାଗରରୁ ପ୍ରାୟ ୧ କିଲୋମିଟର ଦୂର ଗଲା ପରେ ମହାଲକ୍ଷ୍ମୀନଗର-ଏଫ୍‌ସିଆଇ ଗୋଦାମ ସମ୍ମୁଖ ରେଲୱେ ଷ୍ଟେସନ ରୋଡ ପୋଲ ପାଖରୁ ପ୍ରାୟ ୫୦ ମିଟରରୁ ଊର୍ଦ୍ଧ୍ୱ ନାଳା ଗାଏବ ହୋଇଯାଇଛି। ଫଳରେ ଚଳିତବର୍ଷ ଏହି ନାଳାରେ ମହାରାଣୀ ସାଗରରୁ ନିଷ୍କାସିତ ହେବାକୁ ଥିବା ଅତିରିକ୍ତ ବର୍ଷା ବିଷ୍ଣୁମୁଣ୍ଡା ଜଳାଶୟକୁ ଯିବାରେ ଅସୁବିଧା ହେବା ଆଶଙ୍କା ବୃଦ୍ଧି ପାଇଛି। ବ୍ରିଜ୍ ପାଖରେ ଜବରଦଖଲ ସମସ୍ୟା ଯୋଗୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଶାସନ ଚୁପ୍ ହୋଇ ବସିଥିବାରୁ ପରିସ୍ଥିତି ଅଧିକ ଜଟିଳ ହୋଇପଡୁଛି। ଜବରଦଖଲକାରୀମାନେ ଅଧିକ ଉତ୍ସାହିତ ହୋଇ ପଡୁଛନ୍ତି। ଏହି ନାଳାର ବିଭିନ୍ନ ସ୍ଥାନରେ ମଧ୍ୟ ମୂଳ ସୋତା ହଜାଇଥିବା ଜଣାପଡିଛି। ଏଭଳି ସ୍ଥିତିରେ ଚଳିତ ବର୍ଷାଋତୁରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ସହରର ସାଗରପଡା, ରୁଗୁଡିପଡା, ଭଗବତୀନଗର, ତୁଳସୀନଗର, ମହାଲକ୍ଷ୍ମୀନଗର, ମାଳପଡା ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ଏ ଦିଗରେ ଆଗକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ୨୦୧୯ ମସିହାରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ହେବାରୁ ସହରରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅନେକ ଲକ୍ଷ୍ମୀଯୋର ପ୍ରକଳ୍ପର ତ୍ରୁଟିପୂର୍ଣ୍ଣ ନିର୍ମାଣକୁ ଦାୟୀ କରିଥିଲେ। ଏବେ ଏଭଳି ନାଳା ଗାଏବ୍ ହୋଇଯାଇଥିବାରୁ ସହରରେ ପୁଣି ଥରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ବୃଦ୍ଧି ପାଇଲାଣି।



ମହାରାଣୀ ସାଗର- ବିଷ୍ଣୁମୁଣ୍ଡା ନାଳ ଗାଏବ ହୋଇଯାଇଥିବା ସ୍ଥାନ।

# ଶେଷ ବଦଳି

ଡ. ବିଶ୍ୱଭାରତୀ

ନନା (ଆମେ ବାପାଙ୍କୁ ନନା ଡାକୁ) ଚାକିରି କରିବାର ପ୍ରାୟ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଆମଘରେ ଟିଭି, ଫ୍ରିଜ୍ ବା କୌଣସି ଆସବାବପତ୍ର ନ ଥିଲା। ଏସବୁ କିଣିବା ପାଇଁ ଇଚ୍ଛା ବା ଟଙ୍କା ପଇସାର ଅଭାବ ତ ଥିଲା। କାରଣ ଅଧିକାଂଶ ସମୟରେ ଦରମାର ଏକ ବଡ଼ ଭାଗ ଗାଁର ଗରିବପିଲାଙ୍କ ପାଠପଢ଼ା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବା କୌଣସି ରୋଗୀର ଡାକ୍ତରଖାନା ଖର୍ଚ୍ଚ ବାବଦରେ ବ୍ୟୟ କରିବାକୁ ନନା ବେଶି ଭଲ ପାଉଥିଲେ। କିନ୍ତୁ ଏସବୁ ସହିତ ଅନ୍ୟ ଏକ ବଡ଼ କାରଣ ଥିଲା ଯେ, ବଦଳି ଅର୍ଡର ବାହାରିବାର ଚବିଶଘଣ୍ଟା ଭିତରେ ନନା ସେ ସ୍ଥାନ ପରିତ୍ୟାଗ କରୁଥିଲେ। ଖୁବ୍ କମ୍ ସମୟ ଭିତରେ ଦୁଇଟି ବାକ୍ସରେ ଲୁଗାପଟା, ବାସନକୁସନ ଓ ବହିପତ୍ର ରଖି ଦିଆଯାଉଥିଲା ଏବଂ ଦୁଇଟି ସଅପରେ କନ୍ଥା ତକିଆ ବନ୍ଧା ହେଉଥିଲା। ଏସବୁ ବସ୍‌ରେ ଲଦି ଆମମାନଙ୍କୁ ନେଇ ନନା ନୂତନ କର୍ମସ୍ଥଳୀକୁ ଚାଲି ଯାଉଥିଲେ। ଏ ଘଟଣା ଏତେ ଅପ୍ରତ୍ୟାଶିତ ଭାବେ ଘଟୁଥିଲା ଯେ ସ୍ଥାନୀୟ ଲୋକେ ତଥା କର୍ମସଙ୍ଗୀମାନେ ବିଶ୍ୱାସ କରିପାରୁ ନ ଥିଲେ। ଯେ କୌଣସି ଜାଗାରେ ଯୋଉ କାମ ବି କରୁଥିଲେ, ଏତେ ନିଷ୍ଠାର ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ଉତ୍ସାହ ଉଦ୍ଦୀପନାର ସହିତ କରୁଥିଲେ ଯେ ଖୁବ୍ କମ୍ ଦିନ ଭିତରେ ଅନେକ କାଳର ଅସଜଡ଼ା କାମ ନୂଆରୂପରେ ନିଖୁଣ ଭାବରେ ହୋଇଯାଉଥିଲା। ତେଣୁ ଯେତେବେଳେ ତାଙ୍କର ବଦଳି ଅର୍ଡର ବାହାରୁ ଥିଲା ଲୋକେ ସ୍ତବ୍ଧ ହୋଇଯାଉଥିଲେ। ବ୍ୟାକୁଳ ହୋଇ କହୁଥିଲେ, ଏତେ ଶୃଙ୍ଖଳିତ ଭାବରେ ସଜାଡ଼ି ଦେଇଥିବା କାମ ସବୁ ଆପଣ ଏଠୁ ଚାଲିଗଲେ କେମିତି ହେବ? ଦୟାକରି ଆପଣ ଏଠୁ ଯାଆନ୍ତୁ ନାହିଁ। ଏ ବଦଳି ଅର୍ଡରକୁ ଗ୍ରହଣ କରନ୍ତୁ ନାହିଁ। ଅନେକ ସମୟରେ ଏମିତି ବି ହେଇଛି ଯେ, ସ୍ଥାନୀୟ ଲୋକେ ବା କାର୍ଯ୍ୟାଳୟର କର୍ମଚାରୀମାନେ ନିଜ ତରଫରୁ ଉପରିସ୍ଥ ଅଧିକାରୀମାନଙ୍କୁ ନନାଙ୍କ ବଦଳି ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ପ୍ରତ୍ୟେକ ଥର ବିନମ୍ରତାର ସହିତ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ନୂତନ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି ଏହା କହି ଦେଇ ଯେ 'ବାକି ଥିବା କାର୍ଯ୍ୟ ଆପଣମାନେ ଆଗେଇ ନେବେ।'

ଥରେ ପଚାରିଲି 'ନନା ଲୋକେ ତ ଏତେ ଚାହୁଁଛନ୍ତି, ତୁମେ ଏଠି ଆଉ କିଛି ଦିନ ରହିଯାଉନ?' ନନା ହସି ହସି ଉତ୍ତର ଦେଲେ, ମା'ରେ! ସବୁବେଳେ ମନେରଖିବୁ ପ୍ରଥମ କଥା ତ ବଦଳି ଡାକରା ଆସିଲା ମାତ୍ରେ ତାକୁ ସମ୍ମାନ ଦେଇ ତୁରନ୍ତ ଚାଲିଯିବା ଉଚିତ। ଦ୍ୱିତୀୟ କଥା ହେଲା, ଯେତେବେଳେ କୌଣସି ସ୍ଥାନରେ ଲୋକେ ତୁମର ଉପସ୍ଥିତି ଚାହୁଁଥିବେ, ସେହି ସମୟରେ ହିଁ ସେ ସ୍ଥାନ ପରିତ୍ୟାଗ କରିବାର ପ୍ରକୃଷ୍ଟ ସମୟ। ତା' ଠାରୁ ଅଧିକ ସମୟ ସେଠି ରହିଲେ, ନିଜର ଲୋକପ୍ରିୟତା କମିଯାଏ ଓ ଯୋଉ ଲୋକ ତୁମର ଉପସ୍ଥିତି ଆଜି ଚାହୁଁଛନ୍ତି, ସେହିମାନେ ହିଁ କହିବେ, ଏ ଲୋକଟା ଯାଉନି କାହିଁକି? କେତେଦିନ ଆଉ ଏଠି ରହିବ? ତେଣୁ, ଚାକିରିରେ କେବେ ବି ଏକ୍ସଟେନଶନ ନେବ ନାହିଁ। ଏକଥା ସେ ତାଙ୍କ ସମସ୍ତ ଚାକିରି କାଳରେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। କିନ୍ତୁ ଆମେ ଭାବି ନ ଥିଲୁ ଯେ ଚାକିରି କ୍ଷେତ୍ରରେ ପାଳନ କରୁଥିବା ନିୟମଟା ସେ ଜୀବନକ୍ଷେତ୍ରରେ ମଧ୍ୟ ଲାଗୁ କରିଦେବେ। ଏଇ ମହାମାରୀ ସମୟରେ ଆମେ ସମସ୍ତେ ଯେତେବେଳେ ଏକାଠି ଘରେ ଥିଲୁ ଏବଂ ତାଙ୍କର ଉପସ୍ଥିତି ବହୁତ ଚାହୁଁଥିଲୁ, ସେହି ସମୟରେ ହିଁ ସେ ହଠାତ୍ ଚାଲିଗଲେ। ସମାଜରେ ଯେତେବେଳେ ତାଙ୍କର ଲୋକପ୍ରିୟତା ଥିଲା, ସେଇ ସମୟକୁ ହିଁ ସେ ଯିବା ପାଇଁ ବାଛିଲେ। ବୋଧହୁଏ ଭାବିଲେ, ଯଦି ଆଉ ଅଧିକ ଦିନ ଏଠି ରହିବି, ତେବେ ହୁଏତ ଜରା, ରୋଗ କବଳିତ ହେବି ଓ ମୋ ଚାରିପଟର ଲୋକେ ମତେ କହିବେ, ଏ ଲୋକଟା ଯାଉନି କାହିଁକି? କେତେ ଦିନ ଆଉ ଏଠି ରହିବ? ତେଣୁ ସମ୍ପୂର୍ଣ୍ଣ ସୁସ୍ଥସବଳ ଥିବା ଅବସ୍ଥାରେ, ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ଥିବା ବେଳେ ଶେଷ ପର୍ଯ୍ୟନ୍ତ କର୍ମତତ୍ପର ରହି ଶେଷ ବଦଳି ଅର୍ଡର ଆସିବା କ୍ଷଣି ତୁରନ୍ତ ଚାଲିଗଲେ; ଆଉ ଏକ୍ସଟେନଶନ ନେଲେ ନାହିଁ। ସମାଜ ଓ ପ୍ରକୃତିର ସୁଧାର ପାଇଁ ଚିନ୍ତା କରିଥିବା ଅସୁମାରୀ ସ୍ୱପ୍ନକୁ ସାକାର କରିବାର ଉତ୍ତରଦାୟିତ୍ୱ ଆମ ସମସ୍ତଙ୍କୁ ହସ୍ତାନ୍ତର କରିଦେଇ ଶାନ୍ତିରେ ଶେଷ ବଦଳି ଗ୍ରହଣ କଲେ।


(ଦଶାହ ଉପଲକ୍ଷେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କୁ ଶ୍ରଦ୍ଧାଞ୍ଜଳି)

## ସଂକ୍ଷେପରେ

### ବନପାଳସ୍ତରରେ ଅଦଳବଦଳ

**ସୋନପୁର,୧୯।୬(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ ବନପାଳ ସ୍ତରରେ ଅଦଳବଦଳ କରାଯାଇଛି। ଗୋଟିଏ ସେକ୍ସନରେ ୩ ବର୍ଷରୁ ଅଧିକ ରହିଥିବା ଓ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ଏହି ବଦଳି କରିଛନ୍ତି। ବନପାଳ ଜୟକୃଷ୍ଣ ପଟ୍ଟନାୟକଙ୍କୁ ହାତିଲମୁଣ୍ଡା ସେକ୍ସନରୁ ନାରାୟଣପୁର, ଅଜୟ ବାରାଙ୍କୁ ନାରାୟଣପୁର ସେକ୍ସନରୁ ହାତିଲମୁଣ୍ଡା, ଜଗବନ୍ଧୁ ବାରିକଙ୍କୁ ବିନିକାରୁ କୌଡିଆମୁଣ୍ଡା ବଦଳି କରାଯାଇଛି। ସେହିପରି ଜନାର୍ଦ୍ଦନ ସ୍ୱାଇଁଙ୍କୁ କୌଡିଆମୁଣ୍ଡାରୁ ବିନିକା, କୃତିବାସ ସେଠ୍‌ଙ୍କୁ ଡୁଙ୍ଗୁରିପାଲିରୁ ଦୁରଦୁରା, ଲିଙ୍ଗରାଜ ନାଏକଙ୍କୁ ଦୁରଦୁରାରୁ ରାମପୁର, ପ୍ରସନ୍ନ କୁମାର ନାୟକଙ୍କୁ ଯାଲୋଏରୁ ଉଲୁଣ୍ଡା, ଦୀନେଶ ପ୍ରସାଦ ମାଝିଙ୍କୁ ଉଲୁଣ୍ଡାରୁ କୁମ୍ଭାରମୁଣ୍ଡା ଓ ଗୋପାଳ ପଣ୍ଡାଙ୍କୁ ଖରାପୁରାରୁ ସିଣ୍ଡୋଳ ସେକ୍ସନକୁ ବଦଳି କରାଯାଇଛି।

### ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୧୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ରିଲାଏନ୍ସ ଫାଉଣ୍ଡେଶନ ଓ ଜିଲା ମୃତ୍ତିକା ନମୁନା ପରୀକ୍ଷଣ କେନ୍ଦ୍ର ଆନୁକୂଲ୍ୟରେ ଶନିବାର ଭର୍ଚୁଆଲରେ ଖରିଫ ଫସଲରେ ସାରର ପରିଚାଳନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ମୃତ୍ତିକା ନମୁନା ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ବିମ୍ବାଧର ସାହୁ ଯୋଗଦେଇ ଖରିଫ ଧାନଫସଲରେ ସାରର ପରିଚାଳନା ଉପରେ ଚାଷୀମାନଙ୍କୁ ବୁଝାଇଥିଲେ। ଏଥିରେ ଅଂଶଗ୍ରହଣ ଚାଷୀମାନେ ମଧ୍ୟ ବିଭିନ୍ନ ସମସ୍ୟା ଉପରେ ପ୍ରଶ୍ନ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ଦେଓଗାଁ, ଗୁଡଭେଲା, ପୁଇଁତଲା ଓ ସଦର ବ୍ଲକର ୪୪ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ଶେଷରେ ରିଲାଏନ୍ସ ଫାଉଣ୍ଡେସନର ଟିମ୍ ଲିଡର ଅଭିଜ୍ଞତା ଦାଶ ଧନ୍ୟବାଦ ଦେଇଥିଲେ।

### ଦୁର୍ଘଟଣାଗ୍ରସ୍ତ ବାଇକ୍‌ରୁ ଗଞ୍ଜେଇ ଜବତ ଘଟଣା: ଜଣେ ଗିରଫ

**ଲୋଇସିଂହା,୧୯।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡାଠାରେ ଦୁର୍ଘଟଣାଗ୍ରସ୍ତ ଏକ ବାଇକ୍ (ଓଡି୦୩ଇ୧୦୧୫)ରୁ ଶୁକ୍ରବାର ପୋଲିସ ସାଢେ ୪ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ବରଗଡସହର ପଠାନପଡାର ସବୀର ହୁସେନ(୩୧)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ବରପାଲି ଥାନା ସତଲମା ଗ୍ରାମର ପିଣ୍ଟୁ କୁମାର ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କଣ୍ଟାବାଞ୍ଜି ଅଞ୍ଚଳର ଦୁଇ ଜଣ ଯୁବକ ଏକ ବାଇକ (ନଂ୧୯ଓଆର୦୩ଏଚ ୭୭୧୧)ରେ ବଲାଙ୍ଗୀର ପଟକୁ ଯାଉଥିଲେ। ଏହି ସମୟରେ ଲୋଇସିଂହା ପଟରୁ ଆସୁଥିବା ସବୀରଙ୍କ ବାଇକ୍ ସହ ସେମାନଙ୍କ ବାଇକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଆହତ ସବୀର ଓ ପିଣ୍ଟୁଙ୍କୁ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଥିବା ବେଳେ ସବୀର ଖସି ପଳାଇ ଯିବାକୁ ଉଦ୍ୟମ କରିବା ବେଳେ ବୁର୍ଡାରୁ ପୋଲିସ ଧରିଥିଲା। ଏହାପରେ ସବୀରଙ୍କ ବାଇକ୍ ଡିକି ଯାଞ୍ଚ ପରେ ଗଞ୍ଜେଇ ଜବତ ହୋଇଥିଲା।



# କମିଶନରଙ୍କ ଦ୍ୱାରସ୍ଥ ହେଲେ ଆବେଦନକାରୀ

**ତଥ୍ୟ ଦେଉନି ଗ୍ରାମ୍ୟ ଉନ୍ନୟନ ବିଭାଗ**

ସୋନପୁର,୧୯।୬(ନି.ପ୍ର.)

ସୁବର୍ଣ୍ଣପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଖଣ୍ଡ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ(ଆରଟିଆଇ)ର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ସୂଚନା ଅଧିକାର କର୍ମୀ ଅଭିଯୋଗ କରିଛନ୍ତି। ଆରଟିଆଇରେ ତଥ୍ୟ ମାଗିଲେ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉନି। ଏଭଳି ଅଭିଯୋଗ କରି ସୂଚନା ଅଧିକାର କର୍ମୀ ଶଙ୍କର୍ଷଣ ବେରିହା ରାଜ୍ୟ ସୂଚନା ଅଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋନପୁର ବ୍ଲକ ହଳଦୀପାଲି ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତାରେ ଜନମୁରା ଗ୍ରାମର ତେନ୍ତୁଳି ବନ୍ଧରୁ ମାଟି ନେଇ ପକାଯାଉଛି। ଏ ସମ୍ପର୍କିତ ସୂଚନା ଦେବା ପାଇଁ ଆରଟିଆଇରେ ବେରିହା ଗତ ମାର୍ଚ୍ଚ ୩୦ ତାରିଖରେ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କ ଜରିଆରେ ମାଗିଥିଲେ। କିନ୍ତୁ ଏହି ସୂଚନା କର୍ତ୍ତୃପକ୍ଷ ଦେଇ ନ ଥିଲେ। ପୁଣି ବେରିହା ଗତ ମେ ୧୩ ତାରିଖରେ ଡାକ ଯୋଗେ ତଥ୍ୟ ମାଗିଥିଲେ। ଏହାପରେ ମଧ୍ୟ କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକ ସୂଚନା ଦିଆ ଯାଇ ନ ଥଲା। ଅନିୟମିତତାକୁ ଲୁଚାଇବା ପାଇଁ ରାସ୍ତା କାମ ସରିବା ପର୍ଯ୍ୟନ୍ତ ତାଙ୍କୁ ତଥ୍ୟ ଦିଆ ଯାଇ ନ ଥିଲା ବୋଲି ବେରିହା ଦର୍ଶାଇଛନ୍ତି। ପ୍ରତିବାଦରେ ସୂଚନା କର୍ମୀ ଜଣକ ରାଜ୍ୟ ସୂଚନା ଅଧିକାର କମିଶନରଙ୍କ ନିକଟରେ ଗତ ୧୬ ତାରିଖରେ ଆବଶ୍ୟକ କାଗଜପତ୍ର ସହ ସୂଚନା ଅଧିକାର ଅଧିନିୟମ ମୁତାବକ ଅଭିଯୋଗ ଦାଖଲ କରିଛନ୍ତି। ଆଇନ ଅନୁଯାୟୀ ତଥ୍ୟ ନ ଦେବା ସୂଚନା ଅଧିକାର ଆଇନର ଉଲ୍ଲଂଘନ ବୋଲି ସୂଚନା ଅଧିକାର କର୍ମୀ ବେରିହା କ୍ଷୋଭର ସହ ପ୍ରକାଶ କରିଛନ୍ତି।

# ଡାକ୍ତରଖାନାରେ ଔଷଧୀୟ ଚାରା ରୋପଣ

ବରଗଡ଼ ଅଫିସ୍/ସରଣ୍ଡା,୧୯।୬

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଶନିବାର ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବିଧାନ ସୁରକ୍ଷା ମଞ୍ଚ, ସଂକଳ୍ପ ପରିବାର, ୱାଇଲ୍ଡ ହାର୍ଟ ଆଦି ଅନୁଷ୍ଠାନର ସ୍ୱେଚ୍ଛାସେବୀ ଡାକ୍ତରଖାନା ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଅଗ୍ରୱାଲ, ରମେଶ ମହାପାତ୍ର, ଭବାନୀ ସାହୁ, ରାଜକୁମାର ବନଛୋର, ଶିବାନନ୍ଦ ମଟାରୀ, ସ୍ୱାମୀ ଧ୍ୟାନ ଦୀପକ, ଚନ୍ଦ୍ରଭାନୁ ପ୍ରଧାନ, ଦିବାକର ମାଝି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଅତାବିରା ବ୍ଲକ ସିଂହପାଲି ଗ୍ରାମରେ ଅଖିଳ ଭାରତୀୟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ଅବସରରେ ବୃକ୍ଷରୋପଣ କରାଯାଇଥିଲା। କିଶୋର ମେହେର, ରୋହିତ ମେହେର, ରାଜେଶ ସୁନା, ସୁମନ ମେହେର, ଲବ ମେହେର, କାଳୀଦାସ ମେହେର ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।


ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଅନୁଷ୍ଠିତ ଔଷଧୀୟ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ।

# ବାଉଁଶୁଣୀରେ ଟ୍ରାଫିକ ସମସ୍ୟା

ବାଉଁଶୁଣୀ,୧୯।୬ (ଡି.ଏନ.ଏ)

ବୌଦ୍ଧ ଜିଲା ବାଉଁଶୁଣୀରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଜନସାଧାରଣ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଉଁଶୁଣୀ ବଜାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ। ଦିନକୁ ଦିନ ଦୋକାନ ବଜାର ସାଙ୍ଗକୁ ଯାନବାହାନ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି। ତେଣୁ ଅନେକ ସମୟରେ ବାଉଁଶୁଣୀ ସହର ଓ ବଜାର ରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଗୋଛାପଡା ଅଞ୍ଚଳରେ ୫ ଗୋଟି ବେଆଇନ କ୍ରସର ରହିଥିବାରୁ ସେଠାରୁ ପ୍ରତ୍ୟେକ ଦିନ ଭାରୀଯାନ ଯାତାୟାତ କରୁଥିବାରୁ ଛକରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ବାରମ୍ବାର ବାଉଁଶୁଣୀ ଛକ ଉପରେ ଗାଡି ଜାମ୍ ଘଟଣା ସାମନାକୁ ଆସୁଥିଲେ ହେଁ କୌଣସି ପ୍ରତିକାର କରାଯାଉନାହିଁ। ଏପରି କି ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। କିନ୍ତୁ ଏହି ସମସ୍ୟା ପ୍ରତି କାହାରି ନଜର ନାହିଁ। ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ୧ ଘଣ୍ଟା କାଳ ରାସ୍ତା ଜାମ ରହଥିଲେ ହେଁ ଯାନବାହାନ ନିୟନ୍ତ୍ରଣ କରିବା ପାଇଁ କୌଣସ ପୋଲିସ କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ବାଉଁଶୁଣୀ ଛକ ଉପରେ ନିକଟସ୍ଥ ୮ ଗୋଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ତେଣୁ ବାଉଁଶୁଣୀଠାରେ ବାଇପାସ ନିର୍ମାଣ କରାଗଲେ ଏହି ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ତୁରନ୍ତ ବାଇପାସ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରଥଯାତ୍ରା ପୂର୍ବରୁ ସଜେଇ ହେଉଛି ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର

ବୌଦ୍ଧ,୧୯।୬(ସ୍ୱ.ପ୍ର.)

ପଶ୍ଚିମ ଓଡ଼ିଶାରେ ବୌଦ୍ଧ ରଥଯାତ୍ରାର ପ୍ରସିଦ୍ଧି ରହିଛି। ରାଜା ରାଜୁଡା ଅମଳରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଉଛି। ଚଳିତବର୍ଷ ବୌଦ୍ଧରେ ତିନିଠାକୁରଙ୍କ ରଥଯାତ୍ରା ବନ୍ଦ କରାଯିବା ନେଇ ସ୍ପଷ୍ଟ ହୋଇଥିଲେ ମଧ୍ୟ ମନ୍ଦିର ପରିସରରେ ହିଁ ଏହି ପାରମ୍ପରିକ ଯାତ୍ରା ପାଳନ ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଆଉ ମାତ୍ର ଚାରିଦିନ ପରେ ଠାକୁରଙ୍କ ସ୍ନାନ ପୂର୍ଣ୍ଣିମା। ଏନେଇ ଜିଲା ପ୍ରଶାସନ,ବ୍ରାହ୍ମଣ ସମାଜ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ରାହ୍ମଣ ସମାଜ ପକ୍ଷରୁ ସ୍ନାନଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଠାକୁରଙ୍କ ରୀତିନିତି ପାଳନ ପାଇଁ ପଣ୍ଡିତମାନଙ୍କ ଦ୍ୱାରା ଶୁଭଲଗ୍ନ ଧାର୍ଯ୍ୟ ହୋଇ ସାରିଥିବା ଜଣାପଡିଛି। ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ସ୍ନାନଯାତ୍ରା ପୂର୍ବରୁ ମନ୍ଦିର ବେଢାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ବେଢା ମଧ୍ୟରେ ଲକ୍ଷ୍ମୀ, ଗଣେଶ, ବିମଳା, ଗଣେଶ ମନ୍ଦିରକୁ ନୂତନ ଭାବରେ ନିର୍ମାଣ କରାଯାଇ ୧୯ ତାରିଖ ଠାରୁ ତିନିଦିନ ଧରି ତାହାର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ପର୍ବ ଆରମ୍ଭ ହେବ ବୋଲି ଜଣାଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଉପଜିଲାପାଳ ଅଶ୍ୱିନୀ କୁମାର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ଉନ୍ନୟନ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ରଥଯାତ୍ରା ପୂର୍ବରୁ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ ମନ୍ଦିର ପାର୍ଶ୍ୱରେ ଥିବା ଐତିହାସିକ ଗଡଖାଇକୁ ପୁନରୁଦ୍ଧାର କରାଯାଇ ସେହିଠାରେ ପର୍ଯ୍ୟଟକଙ୍କ ପାଇଁ ବୋଟିଂ ବ୍ୟବସ୍ଥା କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ଜଣାପଡିଛି।

# ରୋଗୀଙ୍କୁ ରକ୍ତ ଯୋଗାଇଲେ ସାମାଜିକ କର୍ମୀ

**କର୍ଲାମୁଣ୍ଡା,୧୯।୬ (ଡି.ଏନ.ଏ.)::** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ ସିଲେଟପଡା ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସୁନାଙ୍କ ସ୍ତ୍ରୀ ସେବକି ସୁନାଙ୍କ ଗୋଡ ଅସ୍ତ୍ରୋପଚାର ପାଇଁ ଭବାନୀପାଟଣା ଏକ ନର୍ସିଂହୋମକୁ ଚିକିତ୍ସା ପାଇଁ ଯାଇଥିଲେ। ତାଙ୍କର ରକ୍ତହୀନତା ଥିବା ଡାକ୍ତର କହିଥିଲେ। ହେଲେ ପରିବାର ଲୋକେ ତାଙ୍କ ପାଇଁ ରକ୍ତ ଯୋଗାଡ କରି ପାରି ନ ଥିଲେ। ଏହି ଖବର ପାଇ ବିଜେଡି ନେତା ତଥା ସାମାଜିକ କର୍ମୀ ଚିତ୍ତରଞ୍ଜନ ମଣ୍ଡଳ ୩ ପ୍ୟାକେଟ ରକ୍ତ ଯୋଗଡ କରି ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଗାଁର ପୂର୍ଣ୍ଣଚନ୍ଦ୍ର ସୁନା ଗୁଜୁରାଟକୁ ଦାଦନ ଖଟିବାକୁ ଯାଇ କରୋନାରେ ଗତ ଏପ୍ରିଲରେ ମୃତ୍ୟୁ ମୁଖରେ ପଡିଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସ୍ତ୍ରୀ ସେବକି ନିକଟସ୍ଥ ଉତେଇନଦୀ ବ୍ରିଜରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେବକିଙ୍କ ଗୋଟିଏ ଗୋଡ ଭାଙ୍ଗି ଯାଇଥିଲା। ଦରିଦ୍ର ଯୋଗୁ ପରିବାର ଲୋକେ ଉପଯୁକ୍ତ ଚିକିତ୍ସା କରିପାରି ନ ଥିଲେ। ଶେଷରେ ଜମି ବନ୍ଧକ ରଖି ୪୦୦୦୦ ହଜାର ଟଙ୍କା ଯୋଗାଡ କରି ଗତ ୧୨ତାରିଖରେ ଭବାନୀପାଟଣା ସ୍ଥିତ ଏକ ନର୍ସିଂହୋମରେ ଭର୍ତ୍ତି ହୋଇଥିଲେ।


ରୋଗୀଙ୍କ ପାଖରେ ଉପସ୍ଥିତ ସାମାଜିକ କର୍ମୀ।

|| Sradhanjali ||




With fathomless grief and a heavy heart, we convey the heartbreaking message of sudden demise of our mother **Smt. Nirmala Dhir** (spouse of Sri Nrusingha Charan Dhir), who left for her heavenly abode, on Thursday, 17 June 2021 (Time : 7.36PM).

Aggrieved
Satyabrata Dhir, Debabrata Dhir, Priyabrata Dhir,
Nibedita Dhir & Madhusmita Dhir & Family

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍:** ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ସମ୍ବନ୍ୱିତ ସ୍ୱାସ୍ଥ୍ୟ ସର୍ଭେକ୍ଷଣ କାର୍ଯ୍ୟକ୍ରମ ଚାଲିଛି। ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡ଼ି ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ବୁଲି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରୁଛନ୍ତି। କୋଭିଡ୍-୧୯, ଯକ୍ଷ୍ମା, ଅଣସଂକ୍ରାମକ ରୋଗ, ମ୍ୟାଲେରିଆ, ଡେଙ୍ଗୁ, ଜଳବାହିତ ରୋଗ ଏବଂ କୁଷ୍ଠ ରୋଗ ଉପରେ ଲୋକଙ୍କୁ ପଚାରିବା ସହିତ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ବୋଲି ଜିଲା ସ୍ୱାସ୍ଥ୍ୟ ସମିତିର ଡିପିଏମ ଶଙ୍କର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଗାଁ କଲ୍ୟାଣ ସମିତି ସହଯୋଗରେ ସଚେତନତା ବୈଠକ ମଧ୍ୟ କରାଯାଉଛି। ଜିଲାର ୧୧୬୪ ଗାଁ କଲ୍ୟାଣ ସମିତି ଏବଂ ୧୫୦୦ ଆଶା କର୍ମୀ ଘରକୁ ଘର ବୁଲି ଏହି କାର୍ଯ୍ୟକ୍ରମରେ ନିୟୋଜିତ ଥିବା ସେ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୧୯।୬:** ବରଗଡ଼ ଜିଲା ବିଜେପୁର ବ୍ଲକ ବୁଡ଼ାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟରେ ହୋଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି କ୍ରମରେ ଶୁକ୍ରବାର ସେମାନେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ଅନୁସାରେ, ମୋ ସ୍କୁଲ ଅଭିଯାନରେ ବୁଡ଼ାପାଲି ସ୍କୁଲକୁ ୪୫ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ସେହି ଅନୁଦାନ ଟଙ୍କାରେ ସ୍କୁଲ କୋଠା ନିର୍ମାଣ ଚାଲିଛି। ମାତ୍ର ତାହା ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହାସହିତ ବୁଡ଼ାପାଲି ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ମଧ୍ୟ ଆହୁରି ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ଜହ୍ନାପଙ୍କ,୧୯।୬ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ପକ୍ଷରୁ ପଲସାଗୋରାଠାରେ ଶୁକ୍ରବାର ଅସହାୟ ବ୍ୟକ୍ତିଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ପଲସାଗୋରା ସରପଞ୍ଚ ସମୀର ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟଦେବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ କରୋନା ମୁକାବିଲା ପାଇଁ ସାବୁନରେ ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ରଖିବା, ଜରୁରୀ କାମ ବ୍ୟତୀତ ବାହାରକୁ ନ ବାହାରିବା, ବାହାର ଲୋକଙ୍କୁ ଘରକୁ ପ୍ରବେଶ ନ କରାଇବା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ପରେ ୩୨ ଜଣ ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ମାନସ ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ।

## ତହସିଲଦାରଙ୍କୁ ଧମକ, ମାମଲା ରୁଜୁ

**ଅତାବିରା,୧୯।୬ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇ ମନାପଡାକୁ ଏକ ଅନିୟମିତତାର ତଦନ୍ତ କରିବାକୁ ଯାଇଥିବା ବେଳେ ଜଣେ ଯୁବକ ତାଙ୍କୁ ଧମକ ଦେଇଛନ୍ତି। ଏ ନେଇ ଶୁକ୍ରବାର ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଏକ ମାମଲା (ନଂ.୧୪୮/୨୧) ରୁଜୁ କରିଛି। ସୂଚନା ଅନୁସାରେ, ଫସଲ ବୀମା ପାଇଁ ୨ଟି ପ୍ଲଟ ଚାଷ ଜମିରେ ଅନିୟମିତତା କରାଯାଇଥିବା ତହସିଲଦାରଙ୍କଠାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ତହସିଲଦାର ଭୋଇ କୃଷି ଅଧିକାରୀ ବିଜୟ ପଟ୍ଟନାୟକ ଓ ବୀମା କମ୍ପାନୀ ଅଧିକାରୀଙ୍କ ସହିତ ତଦନ୍ତ ପାଇଁ ଯାଇଥିଲେ। ଏହି ସମୟରେ ଜଣେ ଯୁବକ ତହସିଲଦାରଙ୍କୁ ଧମକ ଦେଇଥିଲେ। ଏ ନେଇ ଆଇଆଇସି ଦିଲୀପ କୁମାର ବେହେରାଙ୍କୁ ପଚରାଯିବାରୁ ଘଟଣାର ଅଧିକ ତଦନ୍ତ ଚାଲିଛି। ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇନାହିଁ ବୋଲି କହିଥିଲେ।

## ପୂର୍ବତନ ଫୁଟବଲ ଖେଳାଳିଙ୍କ ହୃଦ୍‌ଘାତରେ ମୃତ୍ୟୁ

**କେସିଙ୍ଗା, ୧୯।୬ (ଡି.ଏନ.ଏ.)** କଳାହାଣ୍ଡି ଜିଲା କେସିଙ୍ଗା ସହର ୮ ନଂ. ୱାର୍ଡବାସିନ୍ଦା ତଥା ପୂର୍ବତନ ରାଜ୍ୟସ୍ତରୀୟ



ଫୁଟବଲ ଖେଳାଳି ତ୍ରିଲୋଚନ ସ୍ୱାଇଁ(୬୩)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଶୁକ୍ରବାର ରାତ୍ରି ୧ଟାରେ ସ୍ୱାଇଁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅତି ସଙ୍କଟାପନ୍ନ ହେବାରୁ ଭବାନୀପାଟଣା ନେଉଥିବା ସମୟରେ ଚାଞ୍ଚେର ଗ୍ରାମ ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଫେରାଇ ଆଣି ପରିବାର ଲୋକେ ତେଲନଦୀ କୂଳରେ ଶବଦାହ କରିଥିଲେ। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ଜଣେ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳି ସହିତ ଗୋଲ କିପରି ମଧ ଥିଲେ। ଜିଲା, ରାଜ୍ୟ ଓ ଜାତୀୟସ୍ତରର ଫୁଟବଲ ଖେଳରେ ବହୁ ପୁରସ୍କୃତ ମଧ ହୋଇଛନ୍ତି। କେସିଙ୍ଗା ତଥା ଜିଲାର ଅଥେଲେଟିକ, ଫୁଟବଲ କ୍ରିଡା ପ୍ରେମୀ ତଥା ଅଟୋଚାଳକ ସଂଘ, ବହୁ ବ୍ୟକ୍ତି ବିଶେଷ ଦୁଃଖ ପ୍ରକାଶ କରି ତାଙ୍କର ଆତ୍ମାର ସଦଗତି କାମନା କରିଛନ୍ତି।

# ଗୋଖାଦ୍ୟ ଏବେ ଗଜାଧାନ

- ଲଘୁଚାପ ବର୍ଷାରେ ଭିଜିଗଲା
- ୩ ଲକ୍ଷ ବସ୍ତା ଧାନ ମଣ୍ଡିରେ ପଡିଛି

**ଅତାବିରା,୧୯।୬ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ଅଞ୍ଚଳରେ ଚଳିତ ଖରିଫ ଋତୁ ଧାନ ଫସଲ ଲଘୁଚାପ ଜନିତ ବର୍ଷାରେ ଉଜୁଡ଼ିଯାଇଛି। ଲକ୍ଷ ଲକ୍ଷ ଧାନବସ୍ତା ମଣ୍ଡି ଗୁଡିକରେ ବିକ୍ରି ନ ହୋଇ ପଡି ରହିଛି। ଏବେ ସେହି ଧାନରୁ ଗଜା ବାହାରିଲାଣି। କ୍ଷତି ହୋଇଥିବା ଧାନ ରାସ୍ତା, ଖଳା, ଜମିରେ ପଡିଛି। ଗଜା ଧାନ ମଣ୍ଡିରେ ବିକ୍ରି ସମ୍ଭାବନା କମ୍ ଥିବାରୁ ତାହା ବର୍ତ୍ତମାନ ବୁଲା ଗାଈ ଗୋରୁଙ୍କ ଖାଦ୍ୟ ହୋଇଛି। ଲସ୍ତଲା ଗ୍ରାମର ଅରୁଣ ପ୍ରଧାନଙ୍କ ୩ ଏକର ଜମିର ଧାନ କ୍ଷତି ହୋଇଥିବା ବେଳେ ଗୁଡିପାଲିର ଦୁର୍ଗାଚରଣ ପ୍ରଧାନଙ୍କ ୫, ପତ୍ରାପାଲି କମଳ ମହାକୁର



୫୩ ନଂ. ଜାତୀୟ ରାଜପଥରେ ଧାନ ଗଦାରେ ଗଜା ହୋଇଛି।

୨, ଖଲିଆପାଲି ଲଳିତ ଦେବତା ୨, ଜହ୍ନାପଡା ପଲଉ ମାଝୀ ୨, ସତିଯୋର ବନବିହାରୀ ପଣ୍ଡା ୧୦, ପତ୍ରାପାଲି ଶ୍ରୀରାମ କର୍ଣ୍ଣ ୨.୫, ଲୁକୁ କର୍ଣ୍ଣ ୧, ଜଗଦୀଶ କର୍ଣ୍ଣଙ୍କ ଅଧ ଏକର ଜମିର ଧାନ ନଷ୍ଟ ହୋଇଛି। ଚାଷୀ ରବି ଧାନ ଫସଲ ଅମଳ କରି ବିକ୍ରି କରି ପାରି ନ ଥିବା ବେଳେ ପୁଣି କେଉଁଠୁ ଟଙ୍କା ଆଣି ଖରିଫ ଧାନ ଫସଲ କରିବ ସେହି ଚିନ୍ତାରେ ପଡିଛି। ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ବିଭିନ୍ନ ମଣ୍ଡିରେ ଶନିବାର ସୁଦ୍ଧା ୩ ଲକ୍ଷ ଧାନ ପ୍ୟାକେଟ ବିକ୍ରି ହୋଇ ନ ପାରି ପଡିରହିଛି। ତୁରନ୍ତ ସର୍ଭେ କରି କ୍ଷତିଗ୍ରସ୍ତ ସହାୟତା ରାଶି ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚାଷୀମାନେ ଚେତାବନୀ ଦେଇଛନ୍ତି।

# ପେଟ୍ରୋଲ ପମ୍ପ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ

**ବୌଦ୍ଧ,୧୯।୬(ସ୍ୱ.ପ୍ର)**

ଦାଦାବଟି ପାଇଁ ବୌଦ୍ଧ ସହରରେ ଜଣେ ବ୍ୟବସାୟୀଙ୍କୁ ଶନିବାର ଦିନ ଦ୍ୱିପ୍ରହରରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବୌଦ୍ଧ ସହର ଗାନ୍ଧୀ ଛକର ବାସିନ୍ଦା ନଟବର ଅଗ୍ରୱାଲାଙ୍କ ଗମ୍ଭାରୀପଦର ଠାରେ ଏକ ପେଟ୍ରୋଲ ପମ୍ପ ରହିଛି। ଶୁକ୍ରବାର ଅପରାହ୍ନ ୪ଟା ସମୟରେ ନଟବର ସେଠାରେ ଥିବାବେଳେ ଦୁଇଟି ବାଇକ୍ ଯୋଗେ ୪ ଜଣ ଦୁର୍ବୃତ୍ତ ପେଟ୍ରୋଲ ପମ୍ପକୁ ଆସିଥିଲେ। ସେମାନେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଦାଦାବଟି ମାଗିବା ସହ ଦୁର୍ବ୍ୟବହାର କରିଥିଲେ। ଏହାଦେଖି ନଟବର ସେମାନଙ୍କ ପାଖକୁ ମାମଲାର ସମାଧାନ ପାଇଁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ନଟବରଙ୍କୁ ପଛରୁ ଅତର୍କିତ ଆକ୍ରମଣ କରିଥିଲେ। କୌଣସି ଧାରୁଆ ଅସ୍ତ୍ରରେ ବାରମ୍ବାର ଆକ୍ରମଣ ଦ୍ୱାରା



ନଟବର ଅଗ୍ରୱାଲା।

ନଟବରଙ୍କ ମୁଣ୍ଡ ଓ ଦେହରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା ଓ ସେ ସେଠାରେ ଅଚେତ ହୋଇ ପଡିଯାଇଥିଲେ। ପେଟ୍ରୋଲ ପମ୍ପ କର୍ମଚାରୀ ନଟବରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶନିବାର ଚେତା ଫେରିବା ପରେ ସେ ଏ ନେଇ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ ତଦନ୍ତ କରୁଥିବା ଥାନାଧିକାରୀ ତପସ୍ୱିନୀ କହଁର କହିଛନ୍ତି।

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ



ବରଗଡ଼ ଡେପୁଟି କଲେକ୍ଟର ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

**ବରଗଡ଼ ଅଫିସ୍,୧୯।୬**

### ଧାନବିକ୍ରି ସମସ୍ୟା ଜଟିଳ

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ଶନିବାର ଦେଢ଼ମାସ ପୂରିଛି। ମାତ୍ର ଧାନ କିଣାବିକା ସମସ୍ୟା ଅସମାହିତ ହୋଇ ରହିଛି। କ୍ଷେତ, ଖଳାଠାରୁ ଆରମ୍ଭ କରି ମଣ୍ଡି ପର୍ଯ୍ୟନ୍ତ ସବୁଠି ଖୋଲା ଆକାଶ ତଳେ ବିକ୍ରି ଅପେକ୍ଷାରେ ଧାନ ପଡ଼ି ରହିଛି। ଚାଷୀଙ୍କ ବାରମ୍ବାର ନିବେଦନ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଧାନ ଉଠାଇବା ଦିଗରେ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବର୍ଷାରେ ଭିଜି ଧାନ ନଷ୍ଟ ହେବାରେ ଲାଗିଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଧାନ ବିକ୍ରି ସମସ୍ୟାର ସମାଧାନ ଦିଗରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବା ପାଇଁ ଶୁକ୍ରବାର ବରଗଡ଼ ଜିଲା କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ୬ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ଜିଲା କିଶାନ କଂଗ୍ରେସ ସଭାପତି ଦୟାସାଗର ମେଣ୍ଡଲି, ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ପ୍ରଦୀପ ଦେବତା, ନିପନ କୁମାର ଦାଶ, ପାଣ୍ଡବ କର୍ଣ୍ଣ, ଗୌରବ ପତି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ୨୧ରୁ ପ୍ୟାକ୍ସ ଆଗରେ ଧାରଣା

### ୪୬ ଜଣ ଚାଷୀଙ୍କ ଟୋକନ ଆସିନି

**ଦେଓଗାଁ,୧୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପ୍ୟାକ୍ସରେ ରବିଧାନ କ୍ରୟକୁ ନେଇ ଅବ୍ୟବସ୍ଥା ପୁଣି ନଜରକୁ ଆସିଛି। ଏବେ ବି ୪୬ଜଣ ଚାଷୀଙ୍କ ପାଇଁ ଟୋକନ ଆସି ନ ଥିବାରୁ ବାଧ ହୋଇ ୨୧ ତାରିଖରୁ ପ୍ୟାକ୍ସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛି ନିଖିଳ ଗ୍ରାମୀଣ ଚାଷୀ ମୁଲିଆ ସଂଘ। ଏ ସଂକ୍ରାନ୍ତରେ ଜିଲାପାଳ, ସ୍ଥାନୀୟ ତହସିଲଦାର ଓ ବିଧାୟକଙ୍କୁ ଅବଗତ କରାଯାଇଥିବା ସଂଘ ବ୍ଲକ ସଭାପତି ପୁରନ୍ଦର ଭୋଇ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପ୍ୟାକ୍ସରେ ଚଳିତ ରବି ଧାନ ବିକ୍ରି ପାଇଁ ୧୯୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୪୬ ଜଣ ଚାଷୀ ବର୍ତ୍ତମାନ ସୁଦ୍ଧା ଟୋକନ ପାଇ ନ ଥିବାରୁ ଧାନ ବିକ୍ରି ଅପେକ୍ଷାରେ ଦିନ କାଟୁଛନ୍ତି। ଏ ନେଇ ଚାଷୀମାନେ ଗୁରୁବାର ପ୍ୟାକ୍ସକୁ ଆସି ଧାନ ବିକ୍ରୟ ପାଇଁ ଦାବି ଜଣାଇବା ସହ ଜିଲା ପ୍ରଶାସନକୁ ଅବଗତ କରିଥିଲେ।

## ପୁସ୍ତକ 'ଘାଟର୍ ପଖନ୍' ଉନ୍ମୋଚିତ



ଅତିଥିମାନେ ଗଳ୍ପ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ବରଗଡ଼ ଅଫିସ୍,୧୯।୬**

ବରଗଡ଼ ସାଇ ମନ୍ଦିର ପରିସରରେ ଶୁକ୍ରବାର ଏକ ସମ୍ବଲପୁରୀ ଗଳ୍ପ ପୁସ୍ତକ 'ଘାଟର୍ ପଖନ୍' ଉନ୍ମୋଚିତ ହୋଇଛି। କଥାକାର ନାଦିଆ ବିହାରୀ ଭୋଇଙ୍କ ରଚିତ ଏହି ପୁସ୍ତକ ଉନ୍ମୋଚନ ସମାରୋହରେ କଥାକାର ତେଜରୁ ବାରିକ ଅଧ୍ୟକ୍ଷତା କରିଥିଲେ। କଥାକାର ନରେନ୍ଦ୍ର ମହାନ୍ତି ମୁଖ୍ୟଅତିଥି, ଚତୁର୍ଭୁଜ ପ୍ରଧାନ, ତରଣୀସେନ ବୁଧିଆ, ମାମରାଜ ସ୍ୱାଇଁ, ସାନନ୍ଦ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାହିତ୍ୟିକ ଦାମୋଦର ସାହୁ, ଶିକ୍ଷାବିତ୍ କେଶବ ପ୍ରଧାନ ଆଲୋଚକ ଭାବେ ଯୋଗଦେଇ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ମହାପାତ୍ର, ଡା. ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ରହି ପାଠକୀୟ ଅଭିମତ ରଖିଥିଲେ। କବି ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କରୋନା ଭାଙ୍ଗିଛି କଳାକାରଙ୍କ ମନୋବଳ

**ସୋନପୁର,୧୯।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର କଳାକାରମାନଙ୍କୁ ନେଇ ସାହାରା ଟ୍ରଷ୍ଟ ହାଇସ୍କୁଲଠାରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜୁହାର ପରିବାର ଦିଲ୍ଲୀ ଓ ନାଟ୍ୟଚକ୍ର ଅନୁଷ୍ଠାନ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଏହି ଆଲୋଚନାଚକ୍ର ଅୟୋଜିତ ହୋଇଥିଲା। କରୋନା ମହାମାରୀ ସମୟରେ କଳାକାରମାନଙ୍କର ସ୍ଥିତି ଓ ପ୍ରୋତ୍ସାହନ ସମ୍ପର୍କରେ ଏଥିରେ ବିଶଦ ଆଲୋଚନା ହୋଇଥିଲା। ଜିଲାର ଶତାଧିକ କଳାକାର ଆଲୋଚନାରେ ଅଂଶଗ୍ରହଣ କରି ମହାମାରୀରେ ଦୋହଲି ଯାଇଥିବା ଆର୍ଥିକ ସ୍ଥିତି ଓ ସମସ୍ୟା ବିଷୟରେ କହିଥିଲେ। ରୋଜଗାର ପନ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଦ୍ୱାରା କଳାକାରମାନଙ୍କ ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି ବୋଲି ମତପ୍ରକାଶ ପାଇଥିଲା। ନାଟ୍ୟଶ୍ରୀ ଗଦାଧର ବାରିକ୍ ମୁଖ୍ୟଅତିଥି ଭାବରେ ଯୋଗଦେଇ କଳାକାରମାନଙ୍କର ମନୋବଳ ଦୃଢ କରିଥିଲେ। କଳାକାରମାନେ କିଭଳି



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଭାବରେ ଆର୍ଥିକ ସହାୟତା ପାଇ ପାରିବେ ସେ ବିଷୟରେ ବାରିକ୍ ଆଲୋକପାତ କରିଥିଲେ। ଏହି ସମୟରେ ପରସ୍ପର ମଧ୍ୟରେ ସହଯୋଗର ହାତ ବଢାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜୁହାର ପରିବାର ଦିଲ୍ଲୀର ସଭାପତି ବାସୁଦେବ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। କଳାକାରମାନେ କିପରି ଭାବରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରୁ ସରକାରୀ ପ୍ରୋତ୍ସାହନ ତଥା ଆର୍ଥିକ ସହଯୋଗ ପାଇ ପାରିବେ ତ୍ରିପାଠୀ ସେ ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ କଳାକାର ତଥା ପର୍ଏଁରୀ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଯୋଗ ଦେଇ ସରକାରୀ ସହାୟତାରୁ ବଞ୍ଚିତ ଥିବା କଳାକାରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ନାଟଚକ୍ରର ନିର୍ଦ୍ଦେଶକ ମନୋଜ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

## ଉଠାଦୋକାନୀଙ୍କୁ ଆର୍ଥିକ ସହାୟତା

**ଜାମଟିକ୍ରା,୧୯।୬ (ଡି.ଏନ.ଏ)**

କରୋନା କାଳରେ ଉଠା ଦୋକାନୀମାନେ ଜୀବିକା ହରାଇ ଦୟନୀୟ ଅବସ୍ଥାରେ ନିଜ ପରିବାର ଚଳାଉଥିଲେ। ଉଠାଦୋକାନୀଙ୍କ ଦୁଃଖ ବୁଝିପାରି ସରକାର ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଶନିବାର ଅତାବିରା ଏନଏସିରେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩୦ଜଣ ଉଠାଦୋକାନୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏନ୍ଏସି ଅଞ୍ଚଳର ୨୧୦ ଜଣଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ ଅତାବିରା ଏନ୍ଏସି ଚେୟାରମ୍ୟାନ ଦୀପାଞ୍ଜଳି ଭୋରାସାଗର, ଏନ୍ଏସି ଇଓ ସୌର୍ଯ୍ୟରଞ୍ଜନ ମିଶ୍ର, କାଉନସିଲର ବନମାଳି ବରିହାଙ୍କ ସମେତ ଅନ୍ୟ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ବରଗଡ଼ ବିଧାୟକ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

**ବରଗଡ଼ ଅଫିସ୍,୧୯।୬**

ବରଗଡ଼ ବ୍ଲକ ଖଲିଆପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ୪ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଭଗବାନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ଉମେଶ ପଣ୍ଡା, ପୂର୍ବତନ ସରପଞ୍ଚ ଚୈତନ୍ୟ ପାଇକ, ଦୁଃଖିଶ୍ୟାମ ସାହୁ, ରାଜେଶ ମୁଗ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

# ଅତିରିକ୍ତ ଜିଲା ଡାକ ନିରୀକ୍ଷକଙ୍କ ତଦନ୍ତ

### ଜମାକାରୀଙ୍କ ଟଙ୍କା ଆତ୍ମସାତ୍ ଘଟଣା

**ଲୋଇସିଂହା,୧୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବାଦିବାହାଲ ଗ୍ରାମର ଆଞ୍ଚଳିକ ଡାକଘର ଅଧୀନ ବିଭିନ୍ନ ଗ୍ରାମର ଶତାଧିକ ଜମାକାରୀଙ୍କ ଜମା ଖାତାରୁ ଲକ୍ଷାଧିକ ଟଙ୍କା ଆତ୍ମସାତ ଘଟଣାରେ ଲୋଇସିଂହା ପୋଲିସ ପୋଷ୍ଟମାଷ୍ଟର ମାଧବାନନ୍ଦ ବାରିକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ ଶନିବାର ଅତିରିକ୍ତ ଜିଲା ଡାକ ନିରୀକ୍ଷକ ଭାରତ ଜାଲ ଲୋଇସିଂହା ଥାନାକୁ ଆସି ପୋଷ୍ଟମାଷ୍ଟର ବାରିକଙ୍କୁ ପଚରାଉଚରା କରି ଫେରିଛନ୍ତି। ସୂଚନା ଅନୁଯାୟୀ, ଗତ ବୁଧବାର ବାଦିବାହାଲ ପଞ୍ଚାୟତ ଅଧୀନ ବିଶାଳପାଲି ଓ କଠାରପାଲି ଗ୍ରାମର ୧୦ଜଣ ସୁକନ୍ୟା ଯୋଜନା ଜମାକାରୀ ଲୋଇସିଂହା ସବ୍‌ପୋଷ୍ଟ ଅଫିସକୁ ଆସି ଖାତା ଅପଡେଟ କରିବା ପରେ ଖାତାରୁ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ଗତ ଗୁରୁବାର ଧରିତ୍ରୀରେ ସୁକନ୍ୟା ଯୋଜନା ଜମାଖାତାରୁ ଟଙ୍କା ଆତ୍ମସାତ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଅଞ୍ଚଳବାସୀ ଲୋଇସିଂହା ସବ୍‌ପୋଷ୍ଟ ଅଫିସକୁ ଯାଇ ବିଭିନ୍ନ ବର୍ଗର ଖାତା ଯାଞ୍ଚ କରିବାରୁ ଶତାଧିକ ହିତାଧିକାରୀଙ୍କ ଖାତାରୁ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଞ୍ଚଳିକ ଡାକ ଘରେ ପୋଷ୍ଟମାଷ୍ଟର ବାରିକଙ୍କୁ ଜମାକାରୀମାନେ ଘେରିଥିଲେ। ୫ ଘଣ୍ଟା ପରେ ଲୋଇସିଂହା ପୋଷ୍ଟମାଷ୍ଟରଙ୍କୁ ପୋଲିସ ଉଦ୍ଧାର କରିଥିଲା। ଅପରପକ୍ଷେ କ୍ଷତିଗ୍ରସ୍ତ ଜମାକାରୀ ଟଙ୍କା ଫେରି ପାଇବା ଓ ପୋଷ୍ଟମାଷ୍ଟରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲା ଡାକ ନିରୀକ୍ଷକ ଓ ଲୋଇସିଂହା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲା ଡାକ ନିରୀକ୍ଷକ ତଦନ୍ତ କରି ଫେରିଥିବା ଲୋଇସିଂହା ସବ୍‌ପୋଷ୍ଟମାଷ୍ଟର ସତ୍ୟବାନ ବିଶ୍ୱାଣୀ କହିଛନ୍ତି। ଏ ନେଇ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି କି ବୋଲି ତାଙ୍କୁ ପଚାରିବାରେ ଏହା ଉପରିସ୍ଥ କାମ ବୋଲି କହିଥିଲେ। ପୋଲିସ ମଧ ଏହି ଘଟଣାର ଅନୁସନ୍ଧାନ ଚଳାଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି।

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି

**କେସିଙ୍ଗା, ୧୯।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ଗ୍ରାମପଞ୍ଚାୟତ ନିକଟରେ ଥିବା ମୁଖ୍ୟ ରାସ୍ତାକୁ ଦୀର୍ଘ ୨୦ବର୍ଷ ହେଲା ଗ୍ରାମର କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଉକ୍ତ ଜମିରୁ ସେମାନଙ୍କୁ ଉଚ୍ଛେଦ ପାଇଁ ଉପଜିଲାପାଳଙ୍କ ନିକଟରେ ସରପଞ୍ଚ ଭଗବାନ ସାହୁ ଶୁକ୍ରବାର ଫେରାଦ ହୋଇ ଦାବି ଜଣାଇଛନ୍ତି। ସରକାରୀ ଜମିରେ ୩ଟି ଦୋକାନ ଗୃହ ନିର୍ମାଣ କରି ୩ଜଣ ଦୋକାନୀଙ୍କଠାରୁ ଜବରଦଖଲକାରୀମାନେ ମାସିକ ୨ ହଜାର ଓ ଅଗ୍ରୀମ ବାବଦକୁ ୩୦ ହଜାର ଟଙ୍କା ଲେଖାଏଁ ନେଇଛନ୍ତି। ସରକାରୀ ଜମି ଜବରଦଖଲ ଫଳରେ ତୁଣ୍ଡଲା ଗ୍ରାମର ଜଳ ନିଷ୍କାସନ ସୁବ୍ୟବସ୍ଥା ଓ ଡ୍ରେନ୍ ନିର୍ମାଣରେ ସମସ୍ୟା ଦେଖାଯାଉଛି। ଏ ନେଇ ୨୦୨୧ ଏପ୍ରିଲ ୨୯ରେ କେସିଙ୍ଗା ତହସିଲ ରାଜସ୍ୱ ନିରୀକ୍ଷକ, ପଲମ ଫାଣ୍ଡି ଅଧିକାରୀ, ଗ୍ରାମପଞ୍ଚାୟତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଜବର ଦଖଲକାରୀଙ୍କ ଜମି ଚିହ୍ନଟ



ସରକାରୀ ଜମିରେ ମାର୍କେଟ କମ୍ପ୍ଲେକ୍ସ କରାଯାଇଛି।

- ଉଚ୍ଛେଦ ପାଇଁ ଉପଜିଲାପାଳଙ୍କୁ ଫେରାଦ
- ଜମି ଛାଡୁ ନାହାନ୍ତି ଜବରଦଖଲକାରୀ

କରାଯାଇଥିଲା। ଗ୍ରାମପଞ୍ଚାୟତ ପକ୍ଷରୁ ଜମି ଛାଡିବା ପାଇଁ ଜବରଦଖଲକାରୀଙ୍କୁ ୩ ଥର ନୋଟିସ ପଠାଯାଇଛି। ତଥାପି ସେମାନେ ଜମି ନ ଛାଡିବାରୁ ତୁଣ୍ଡଲା ଗ୍ରାମପଞ୍ଚାୟତ ସରପଞ୍ଚ ସାହୁ କଳାହାଣ୍ଡି ଉପଜିଲାପାଳ, କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, କେସିଙ୍ଗା ତହସିଲଦାରଙ୍କ ନିକଟରେ ଜମି ଉଚ୍ଛେଦ ପାଇଁ ଲିଖିତ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ତୁଣ୍ଡଲା ସରପଞ୍ଚ ସାହୁଙ୍କୁ ପଚାରିବାରୁ ଏକ ମାସ ଭିତରେ ଜମି ନ ଛାଡିଲେ ଗ୍ରାମବାସୀଙ୍କ ସହଯୋଗ ଏବଂ ଜିଲା ପ୍ରଶାସନ ସହାୟତାରେ ନିର୍ମାଣ କରାଯାଇଥିବା କୋଠାକୁ ଭଙ୍ଗାଯିବ ବୋଲି କହିଥିଲେ। ଏ ନେଇ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କୁ ପଚାରିବାରୁ ଜବଦରଖଲକାରୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଜମି ଉଚ୍ଛେଦ କରାଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବକ୍ସିତୁଲସୀପାଲି ଗ୍ରାମରେ ଲାଗିଲା ଷ୍ଟ୍ରିଟ୍ ଲାଇଟ୍


ଷ୍ଟ୍ରିଟ ଲାଇଟ୍ ଆଲୋକରେ ବକ୍ସି ତୁଲସୀପାଲି ଝଲସୁଛି।

ଜୁନାଗଡ, ୧୯।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଲସୀପାଲି ଗ୍ରାମର ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଶୁକ୍ରବାର ଷ୍ଟ୍ରିଟ ଲାଇଟ ଲଗାଯାଇଛି। ଫଳରେ ଗ୍ରାମରେ ପ୍ରଥମ ଥର ପାଇଁ ଷ୍ଟ୍ରିଟ ଲାଇଟ ଆଲୋକରେ ଝଲସୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଗ୍ରାମର ମୁଖ୍ୟ ରାସ୍ତାଗୁଡିକ ଅନ୍ଧକାର ହେଉଥିବାବେଳେ ଯାତାୟାତ ସମୟରେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅସୁବିଧାକୁ ହୃଦୟଙ୍ଗମ କରି ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଗ୍ରାମରେ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ଉଦ୍ୟମ କରିଥିଲେ। ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଗ୍ରାମ ରାସ୍ତା କଡରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ଯାହାକୁ ନେଇ ଗ୍ରାମବାସୀ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### କୋଭିଡ୍ ଟିକା ନେଇ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୧୯।୬:** ନୂଆପଡା ଜିଲା ବୋଡେନ ବ୍ଲକ ସୁନାପୁର ଗ୍ରାମପଞ୍ଚାୟତ ସୁନାପୁର ଓ ପଦମପୁର ଗ୍ରାମରେ କୋଭିଡ୍ ଟିକାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ସୁନାପୁର ଗାଁରେ ପହଞ୍ଚି ତଦାରଖ କରିବା ସହ ସୁନାପୁର ଗ୍ରାମପଞ୍ଚାୟତ ସଭା ଗୃହଠାରେ କୋଭିଡ୍ ଟିକା ନେବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ଲୋକଙ୍କୁ ବୁଝାଇଥିଲେ। ପଞ୍ଚାୟତ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀଙ୍କ ମିଳିତ ଭାବେ ଗ୍ରାମାଞ୍ଚଳରେ ଘରକୁ ଘର ବୁଲି ପ୍ରଚାର ପ୍ରସାର କରୁଛନ୍ତି। ଟିକା ନେବା ଦ୍ୱାରା କୋଭିଡ୍ ସଂକ୍ରମଣକୁ ପ୍ରତିହତ କରିହେବ। ତେଣୁ ସମସ୍ତେ ମିଶି ଟିକା ନେବା ପାଇଁ ଆହ୍ୱାନ କରିଥିଲେ।

### ମୋର ନୂଆପଡା, ସେଲ୍ଫି ସ୍ପଟ୍ କାର୍ଯ୍ୟ ଆରମ୍ଭ

**ନୂଆପଡ଼ା ଅଫିସ,୧୯।୬:** ନୂଆପଡା ଜିଲା ସଦର ମହକୁମାଠାରେ ମୋର ନୂଆପଡା, ସେଲ୍ଫି ସ୍ପଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏକତା ଛକଠାରେ ନିର୍ମାଣ ହେଉଥିବା ଏହି ସେଲ୍ଫି ସ୍ପଟ ଜିଲାର ବିକାଶ କ୍ଷେତ୍ରରେ ସୌନ୍ଦର୍ଯ୍ୟକରଣ ବାର୍ତ୍ତା ନେଇ ଆସିବ। ସେହିପରି ଖଡିଆଳ ଓ ଖରିଆର ରୋଡଠାରେ ମଧ୍ୟ ସେଲ୍ଫି ସ୍ପଟ ନିର୍ମାଣ ନେଇ ଯୋଜନା ଥିବା ଜିଲାପାଳ ସ୍ୱାଧାଦେବ ସିଂ ଟୁଇଟ ଯୋଗେ ପ୍ରକାଶ କରିଛନ୍ତି। ଖଡିଆଳଠାରେ ଦୁଇଟି ସ୍ଥାନରେ ନିର୍ମାଣ ହେବା ନିଷ୍ପତ୍ତି ହୋଇଛି। ଖଡିଆଳ କଲେଜ ଓ ଆମ୍ବେଦକର ଛକଠାରେ ନିର୍ମାଣ ହେବ ବୋଲି ପ୍ରକାଶ କରିଛନ୍ତି।

### ଆବାସ ଯୋଜନାରୁ ବଞ୍ଚିତ ୨୨ ପରିବାର

ଖଡିଆଳ, ୧୯।୬ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଲା ଗ୍ରାମର କୁମ୍ଭାରପଡାର ୨୨ଟି ଦାରିଦ୍ର ସୀମାରେଖା ତଳେ ବାସ କରୁଥିବା ପରିବାର ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ତୁକଲା ଗ୍ରାମର କୁମ୍ଭାରପଡା କମଳା ରଣା, ଜେମାଦେଈ ରଣା, କଳାକୁଟୁ ରଣା, ଚକ୍ର ରଣା, ଅର୍ଣ୍ଣ ରଣା, ଭିକ ରଣା, ବାଳମତି ରଣା ଏପରି ଅନେକ ପରିବାର ଖବର ଘରେ ରହୁଛନ୍ତି। ଏହି ଦୁଇ ପରିବାରର ଘର ଦ୍ୱାରା ମୁହଁକୁ ଅନୁମାନ କଲେ ତାଙ୍କ ପାରିବାରିକ ଆର୍ଥିକ ସ୍ଥିତିର ଅବସ୍ଥା ସହଜରେ ଜଣାପଡିବ। ଘରୁ ବାହାରିବା କିମ୍ବା ପ୍ରବେଶ ପାଇଁ ଅଣ୍ଟା ନଇଁକି ଯିବାକୁ ପଡିଥାଏ। ଦିନକୁ ଦିନ ତାଙ୍କ ଘର ଭାଙ୍ଗିବାରେ ବସିଲାଣି। ପ୍ରତ୍ୟେକ ପରିବାରର ସ୍ୱପ୍ନ ପକ୍କା ଘର ଖଣ୍ଡେ କରିବାର। ହେଲେ ତାହା ପୂରଣ ହୋଇପାରୁ ନାହିଁ। ସ୍ୱତନ୍ତ୍ର ରୂପେ ଏହି କୁମ୍ଭାରପଡାକୁ ସାମିଲ କରି ପକ୍କା ଘର ଯୋଗାଇ ଦେବା ପାଇଁ ସେମାନେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ମଣ୍ଡି ଖୋଲିବା ପୂର୍ବରୁ ଟୋକନ ଲାପ୍ସ

ଜୁନାଗଡ, ୧୯।୬ (ଡି.ଏନ.ଏ.)


ଧାନ ବିକ୍ରି କରି ନ ପାରିଥିବା ଗୋଲାମୁଣ୍ଡା ଚାଷୀ।

■ ଧାନର ଅଭାବୀ ବିକ୍ରି, ଚିନ୍ତାରେ ଚାଷୀ
■ ମଣ୍ଡି ଖୋଲିବା ବିଳମ୍ବ, ବିକ୍ରି ହୋଇନି

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୋଲାମୁଣ୍ଡାରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। ଏଠାରେ କେତେକ ଚାଷୀଙ୍କ ମଣ୍ଡି ଖୋଲିବା ପୂର୍ବରୁ ଟୋକନ ଲାପ୍ସ ହୋଯାଇଥିବାବେଳେ ଆଉ କେତେକ ଚାଷୀଙ୍କ ଟୋକନ ଚଳିତବର୍ଷ ଆସି ନାହିଁ। ଫଳରେ ବର୍ତ୍ତମାନ ସୁଦ୍ଧା ମଧ୍ୟ ଏହି ଚାଷୀମାନେ ଧାନ ବିକ୍ରି କରି ପାରି ନାହାନ୍ତି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଜୁନାଗଡ ବ୍ଲକ କୁଲିହାରୀ ପ୍ୟାକ୍ସ ଅଧୀନ ଗୋଲାମୁଣ୍ଡା ଗ୍ରାମର କେତେକ ଚାଷୀ ଚଳିତ ରବିରେ ଅନଲାଇନ ପଞ୍ଜୀକରଣ କରିଥିଲେ ମଧ୍ୟ ସେମାନଙ୍କ ଟୋକନ ଆସି ନ ଥିଲା। ସେହିପରି ଆଉ କେତେକ ଚାଷୀ ଅନଲାଇନ କରିବା ପରେ ଟୋକନ ପାଇଥିଲେ ମଧ୍ୟ ମଣ୍ଡି ଖୋଲିବା ବିଳମ୍ବ ଯୋଗୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଧାନ ବିକ୍ରି କରି ନ ପାରିବାରୁ ଟୋକନ କଟି ଯାଇଥିଲା। ଫଳରେ ଚାଷୀମାନେ ଏବେ ଧାନ ବିକ୍ରି କରି ନ ପାରି ଚିନ୍ତାରେ ରହିଛନ୍ତି। ସେମାନେ ଏବେ ଧାନକୁ ଘରେ, ଖଳାରେ ରଖି ବିକ୍ରି ଆଶାରେ ରହିଛନ୍ତି। ଏହି ଚାଷୀମାନେ ପ୍ରାୟ ଗରିବ ଶ୍ରେଣୀ ହୋଇଥିବାରୁ ଧାନ ଚାଷ କରି ପରିବାର ଚଳାଇଥାନ୍ତି। ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରି କରି ପାରି ନ ଥିବାରୁ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ଏପଟେ ରବି ଧାନ ବିକ୍ରି ନ କଲେ ଖରିଫ ଧାନ କେମିତି ଚାଷ କରିବୁ ବୋଲି ଚାଷୀମାନେ ଅତି କ୍ଷୋଭର ସହ କହନ୍ତି। ଗୋଲାମୁଣ୍ଡା ଗ୍ରାମର ଗଙ୍ଗା ଠାକୁରଙ୍କ ୫୦ କୁଇଣ୍ଟାଲ, ବୁଟୁ ହରିଜନ ୨୪, ସୁଲୟା ବାଗ ୧୦୦, ସରା ହରିଜନ ୬୦, ଡମ୍ବରୁ ଶବର ୫୦, ଚମରୁ ଶବର ୪୦, ଜଲୟା ନିଆଳ ୮୦, ନୀଳକଣ୍ଠ ନାଗ ୫୦, ଚତୁର ଠାକୁର ୫୦, ସାଜନ ବାଗ ୪୦, କାହ୍ନୁ ଚରଣ ମେହେର ୭୦, ଅଭି ଠାକୁର ୪୦, ଧନେଶ୍ୱର ନାଗ ୪୦, ବୁଲୁ ମେହେର ୨୮, କଙ୍ଗାରୁ ୫୦, ଗୌରଚନ୍ଦ୍ର ଚାଷୀଙ୍କ ୫୦ କୁଇଣ୍ଟାଲ ଧାନ ବିକ୍ରି କରି ପାରି ନ ଥିବା କହନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ଧାନ ଉଠାଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ତୁକଲା ସମବାୟ ସମିତି ଘେରିଲେ ଚାଷୀ

ଖଡିଆଳ, ୧୯।୬ (ଡି.ଏନ.ଏ.)

■ ୨୭ ଚାଷୀଙ୍କୁ ଟୋକନ ମିଳିନି
■ ୩ ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି

ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଲା ସମବାୟ ସମିତିରେ ପଞ୍ଜୀକୃତ କରିଥିବା ପ୍ରାୟ ୨୭ଜଣ ଚାଷୀଙ୍କ ଟୋକନ ଆସି ନାହିଁ। ଫଳରେ ଏହି ଚାଷୀମାନେ ଧାନ ବିକ୍ରି କରି ପାରୁନାହାନ୍ତି। ମନୁଷ୍ୟକୃତ ଭୁଲ ଯୋଗୁ ଅନେକ ଚାଷୀ ଏବଂ କୃଷକ ସମସ୍ୟା ସମ୍ମୁଖିନ ହେଉଛନ୍ତି। ଏହାର ପ୍ରତିବାଦରେ ଶନିବାର ଖଡିଆଳ ବ୍ଲକ ତୁକଲା ସମବାୟ ସମିତି ଚାଷୀମାନେ ଘେରିଛନ୍ତି। ୨୭ଜଣ ଚାଷୀଙ୍କ ପ୍ରାୟ ୩ ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଧାନ ବିକ୍ରି ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଚାଷୀଙ୍କ ନାମରେ ଟୋକନ ଆସି ନ ଥିବା ବେଳେ ଚାଷୀ ନିଜ ଉତ୍ପାଦିତ ଜମିରେ ଧାନକୁ ଜଗି ବସିଛି। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ଅନେକ ଚାଷୀ ତାରପୋଲିନ ଦେଇ ଧାନକୁ ରକ୍ଷା କରୁଥିବା ବେଳେ ଅନେକ ଚାଷୀଙ୍କ ଧାନ ବର୍ଷାରେ ଭିଜି ଯାଉଛି। ଏହି ଚାଷୀମାନେ ଗତ ରବି ଧାନକୁ ଏ ପର୍ଯ୍ୟନ୍ତ ବିକ୍ରି କରି ପାରି ନ ଥିବା ବେଳେ ବର୍ତ୍ତମାନ ଖରିଫ ଧାନ କିପରି କରିବେ ସେ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁକଲା ଗ୍ରାମର ଚାଷୀଙ୍କ ଧାନ ବିକ୍ରି କରିବା ନେଇ ଅନୁରୋଧ କରିଛନ୍ତି।


ଚାଷୀମାନେ ତୁକଲା ସମବାୟ ସମିତି ଘେରାଉ କରିଛନ୍ତି।

# ଡୁମ୍ବେରବାହାଲ ବ୍ରିଜ୍‌ରେ ଫାଟ

ପାଇକମାଲ,୧୯।୬ (ଡି.ଏନ.ଏ)


ଫାଟ ସୃଷ୍ଟି ହୋଇଥିବା ବ୍ରିଜ୍ ।

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଗ୍ରାମପଞ୍ଚାୟତର ଡୁମ୍ବେରବାହାଲ ନଦୀ ବ୍ରିଜ୍‌ରେ ଏକ ଫାଟ ସୃଷ୍ଟି ହୋଇଥିବାରୁ ଗମନାଗମନରେ ବିପଦ ଆଶଙ୍କା ରହିଛି । ବହୁ ଦିନରୁ ଏହି ଫାଟ ସୃଷ୍ଟି ହୋଇଥିବା ବେଳେ ଧୀରେ ଧୀରେ ଏହା ବଡ ହେବାରେ ଲାଗିଛି। ମାଣ୍ଡୋସିଲ ଓ ଡୁମ୍ବେରବାହାଲ ମଧ୍ୟରେ ଥିବା ଏହି ବ୍ରିଜ୍ ଦେଇ ପ୍ରତିଦିନ ବହୁ ଜନସାଧାରଣ ଏବଂ ଯାନବାହନ ଯାତାୟାତ କରୁଥିବାରୁ ତୁରନ୍ତ ଏହାକୁ ମରାମତି କରିବା ପାଇଁ ଦାବି ହେଉଛି।

ସୂଚନା ଅନୁସାରେ, ଗତ ୧୫ ବର୍ଷ ତଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ ହୋଇଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ନଦୀରେ ବନ୍ୟା ଆସି ପୋଲର ଅଧା ଅଂଶ ଭାଙ୍ଗି ଯାଇଥିଲା। ଫଳରେ ଏଫ୍‌ଡିଆର ଫଣ୍ଡରୁ ଏହାର ପୁନଃ ନିର୍ମାଣ ଓ ମରାମତି କରାଯାଇଥିଲା। ବର୍ଷା ଋତୁ ଆସି ଯାଇଥିବାରୁ ଆଗାମୀ ଦିନରେ କୌଣସି ବଡ ବର୍ଷା ଓ ବନ୍ୟା ହେଲେ ପୋଲଟି ପୁଣି ଭାଙ୍ଗିଯିବା ଆଶଙ୍କା ରହିଛି।

# ଉଦ୍ଧାର ହରିଣ ଚିକିତ୍ସା ପରେ ଅଭୟାରଣ୍ୟରେ ଛଡ଼ାଗଲା

ନୂଆପଡ଼ା ଅଫିସ,୧୯।୬


ଉଦ୍ଧାର ହରିଣକୁ ଅଭୟାରଣ୍ୟରେ ଛାଡ଼ିବାକୁ ନିଆଯାଉଛି।

ନୂଆପଡା ଜିଲା କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଖଇରଭାଡି ଗାଁରୁ ଶନିବାର ଏକ ହରିଣକୁ ବନ ବିଭାଗ ପକ୍ଷରୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ସୁନାବେଡା ଅଭୟାରଣ୍ୟରେ ଛାଡାଯାଇଛି। ସୂଚନା ଯେ, ଖାଦ୍ୟ ଅନ୍ୱେଷଣରେ ହରିଣ ଗାଁକୁ ପଶି ଆସିଥିଲା। ଗାଁ ଲୋକେ ବନ ବିଭାଗକୁ ଖବର ଦେବାରୁ ବନ୍ୟ ପ୍ରାଣୀ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସୁନାବେଡା ଅଭୟାରଣ୍ୟରେ ଛାଡି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୋମନା ରେଞ୍ଜର ଜଗଦୀଶ ଚନ୍ଦ୍ର ଦୁରିଆଙ୍କ ନେତୃତ୍ୱରେ ଫରେଷ୍ଟର ଦୁର୍ଯ୍ୟୋଧନ ଦୀକ୍ଷିତ ଓ ଜୟଲାଲ ଶୁକ୍ଳା, ବନ୍ୟ ପ୍ରାଣୀ ୱାଡେନ ମାୟାଧର ସରାଫ ପ୍ରମୁଖଙ୍କ ଉପସ୍ଥିତରେ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସୁରକ୍ଷା ସହିତ ସୁନାବେଡା ଅଭୟାରଣ୍ୟରେ ଛାଡି ଦିଆଯାଇଛି ।

# ରବିଧାନ କିଣାବିକାରେ ସମସ୍ୟା

ବରଗଡ଼ ଅଫିସ,୧୯।୬


ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

### ୨୧ରେ ଚାଷୀଙ୍କ ସାଇକେଲ ଯାତ୍ରା

ବରଗଡ଼ ଜିଲାରେ ରବିଧାନ କିଣାବିକା ଜଟିଳ ହେବାରେ ଲାଗିଛି । ବିଭିନ୍ନ ଆଳ ଦେଖାଇ ମଣ୍ଡିରେ ପଡ଼ିଥିବା ଧାନକୁ ଉଠାଯାଉନାହିଁ। କ୍ରମାଗତ ବର୍ଷାରେ ଚାଷୀଙ୍କ ଧାନ ନଷ୍ଟ ହେଉଛି ଏବଂ ଏହାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ବରଗଡ଼ ଜିଲା ବିଜେପୁର ବ୍ଲକ ସାଇପାଲି ମଣ୍ଡି ଉପରେ ନିର୍ଭରଶୀଳ ଚାଷୀଙ୍କ କ୍ଷେତ୍ରରେ ଏଭଳି ଘଟିଛି। ଧାରଣାସ୍ଥଳରେ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଧାନ ଉଠା ନ ଯିବା ଏବଂ ଧାନକୁ ମଣ୍ଡିରୁ ଘରକୁ ନେଇଯିବାକୁ ବିଭାଗୀୟ ଅଧିକାରୀମାନେ କହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ଶନିବାର ଅଞ୍ଚଳର ଚାଷୀମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କ ଅନୁପସ୍ଥିତିରେ ଜଣେ ବିଭାଗୀୟ କର୍ମଚାରୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ପାଳନ କରି ନଥିବା ଏବଂ ଧାନ ଉଠାଣ ବଦଳରେ ଘରକୁ ନେଇଯିବା ପାଇଁ ଚାଷୀଙ୍କୁ କହିବା ପ୍ରତିବାଦରେ ଆସନ୍ତା ୨୧ତାରିଖରେ ଏକ ସାଇକେଲ ଯାତ୍ରା ସାଇପାଲିରୁ ବାହାରି ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେପହଞ୍ଚିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ।

# ଏଟିଏମ୍ ଅଚଳ: ବ୍ୟାଙ୍କରେ ଲମ୍ବା ଲାଇନ

ନୂଆପଡ଼ା ଅଫିସ,୧୯।୬



ଖଡିଆଳ ବ୍ଲକ ତୁକଲା ବସଷ୍ଟାଣ୍ଡସ୍ଥିତ ଏଟିଏମ ଅଚଳ ହୋଇ ପଡିଛି।

ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଲା ବସଷ୍ଟାଣ୍ଡସ୍ଥିତ ଭାରତୀୟ ଟେଷ୍ଟ ବ୍ୟାଙ୍କର ଏକ ଏଟିଏମ ଦୀର୍ଘ ଦିନରୁ ଅଚଳ ହୋଇ ପଡିଛି। ଏଟିଏମ ବନ୍ଦ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇ ବ୍ୟାଙ୍କରେ ବହୁ ସମୟ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡୁଛି। ସଜାଡିବା ପାଇଁ କୌଣସି ପଦକ୍ଷେପ ନିଆ ଯାଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଗ୍ରାହକ ସେବାକେନ୍ଦ୍ରକୁ ମୁନାଫା ଦେବାକୁ ଜାଣିଶୁଣି ଏଟିଏମ ମରାମତି କରାଯାଉ ନାହିଁ ବୋଲି ଲୋକେ କହୁଛନ୍ତି। ପୂର୍ବରୁ ୬ ମାସ ପର୍ଯ୍ୟନ୍ତ ଖରାପ ଥିବା ବେଳେ ସେପ୍ଟେମ୍ବର ଶେଷ ସପ୍ତାହରେ ଖୋଲାଯାଇଥିଲା। ଦୁଇ ମାସ ପରେ ପୁଣି ଥରେ ଖରାପ ହୋଇ ପଡିଛି। ତୁକଲା ଏକ ପ୍ରମୁକ ବ୍ୟବସାୟ ସ୍ଥଳ ହୋଇଥିବା ବେଳେ ବିଭିନ୍ନ କାର୍ଯ୍ୟ ପାଇଁ ଅଞ୍ଚଳର ଶତାଧିକ ଗାଁର ଲୋକମାନେ ଏହି ଏଟିଏମ ଉପରେ ନିର୍ଭର କରିଥାନ୍ତି। ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏଦିଗରେ ଶୀଘ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଜିଲା କଂଗ୍ରେସ ପକ୍ଷରୁ ରାଶନ, ଫଳ ବଣ୍ଟନ

ନୂଆପଡ଼ା ଅଫିସ,୧୯।୬

ନୂଆପଡା ଜିଲା କଂଗ୍ରେସ କମିଟି ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଶନିବାର କୋମନା ବ୍ଲକ ଅନ୍ତର୍ଗତ ଉଲଭା ଗାଁରେ କରୋନାରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଗାଁର ପୀଡ଼ିତା ଓ ଅସହାୟ ପରିବାରଙ୍କୁ ଫଳ ବଣ୍ଟନ କରି କରୋନା ସଚେତନତା କରାଯାଇଥିଲା। ଜିଲା ସଭାପତି ଘାସିରାମ ମାଝିଙ୍କ ତତ୍ତ୍ୱାବଧାନ ଏବଂ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ପାଳନ କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ରୋଗୀ, ମହିଳା ଚେତନା ଆଶ୍ରମର ଅସହାୟ, ପୋଲିସ କର୍ମଚାରୀ, ବଙ୍ଗଳାପଡାରେ ବାସ କରୁଥିବା ପରିବାରବର୍ଗଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ସମୟରେ ଜିଲା କଂଗ୍ରେସ କମିଟି ସଭାପତି ମାଝିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଦେବଦତ ଦିକ୍ଷିତ, ଜିଲା ଯୁବ କଂଗ୍ରେସ ଉପସଭାପତି ଅମିତ କୁମାର ଅହୀର, ନୂଆପଡା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, କୋମନା ବ୍ଲକ ସଭାପତି କୈଳାସ ଚନ୍ଦ୍ର ବାଗ, ଜିଲା ଯୁବ କଂଗ୍ରେସ ସମ୍ପାଦକ ଜୟଦେବ ମାଝି, ମହେଶ୍ୱର ପଟେଲ, ଶିବ ନିଆଲ, ଆଲୋକ କୁମାର ସାହୁ, ହେମନ୍ତ ନିଆଲ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।


କଂଗ୍ରେସ ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି।

# ପଞ୍ଜୀକରଣ କରିଥିଲେ, ଆସିନି ଟୋକନ

ଖପ୍ରାଖୋଲ, ୧୯।୬(ଡି.ଏନ.ଏ.)


ବିକ୍ରି ହୋଇ ପାରୁ ନ ଥିବା ଧାନ।

■ ଖରିଫ ଚାଷ କାମ ଆରମ୍ଭ ହେଲାଣି, ଉଠିନି ରବିଧାନ
■ ୫ଏକରରୁ ଊର୍ଦ୍ଧ୍ୱ ଜମିଥିବା ଚାଷୀଙ୍କ ଆସିନି ଟୋକନ
■ ଟାର୍ଗେଟ୍ ଆସି ନ ଥିବାରୁ ସମସ୍ୟା: ସମିତି ସମ୍ପାଦକ

ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିଲେ । ହେଲେ ଟୋକନ ନ ଅସିବାରୁ ଧାନ ବିକ୍ରି କରି ପାରୁ ନାହାନ୍ତି। ଏବେ ଖରିଫ୍ ଋତୁ ଆରମ୍ଭ ହୋଇଥିବାବେଳେ ରବି ଧାନ ବିକ୍ରି କରି ନ ପାରି କିଭଳି ଖରିଫ୍ ଚାଷ କରିବେ ସେହି ଚିନ୍ତାରେ ଘାରି ହେଉଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ଅତର୍ଗତ ଭାଲୁଡୁଙ୍ଗୁରି ଗାଁର ଚାଷୀ। ଗାଁରେ ଅପର ସୁକତେଲ ଡ୍ୟାମରୁ କେନାଲ ପାଣି ଲାଗୁଥିବାରୁ ଦୋଫସଲି ଧାନ ହୋଇଥାଏ। ପ୍ରତିବର୍ଷ ଚାଷୀ ରବି ଧାନ ଉତ୍ପାଦନ କରି ଖପ୍ରାଖୋଲ କୃଷି ସମବାୟ ସମିତି ମଣ୍ଡିରେ ଧାନ ବିକ୍ରି କରିଥାନ୍ତି। ହେଲେ ଚଳିତ ବର୍ଷ ଗାଁର ଜୟବର୍ଦ୍ଧନ ପଧାନ, ଡୋଳାମଣି ପଧାନ, ଲୋକନାଥ ବିଶ୍ୱାଳ, ଜଳନ୍ଧର ପଧାନ ପ୍ରମୁଖ ଚାଷୀଙ୍କ ଟୋକନ ଆସିନାହିଁ। ଚୂଡାମଣି ସାହୁ, ଘନଶ୍ୟାମ ସାହୁ ପ୍ରମୁଖ ଚାଷୀଙ୍କ ପଞ୍ଜିକରଣ ଅନୁସାରେ ଟାର୍ଗେଟ ନ ଆସି କେବଳ ୧୦ କୁଇଣ୍ଟାଲ ଲେଖାଏଁ ବିକ୍ରି ପାଇଁ ଟାର୍ଗେଟ ଆସିଛି। ମଣ୍ଡି, ତହସିଲଦାର, ଯୋଗାଣ ଅଧିକାରୀଙ୍କ ପାଖକୁ ଧାଇଁ ନୟାନ୍ତ ହେଲେ ସୁଦ୍ଧା ସମସ୍ୟାର ସମାଧାନ ହେଉନି । ଏହି ଚାଷୀମାନେ ବଡ ଚାଷୀ ହୋଇଥିବାରୁ ପଞ୍ଜିକରଣ ବେଳେ ଧାନ ବିକ୍ରି ପାଇଁ ୫ ଏକରରୁ ଅଧିକ ଜମି ଥିବା ଦର୍ଶାଇଥିଲେ । ଗାଁର ଅନ୍ୟ ଚାଷୀଙ୍କ ଟାର୍ଗେଟ ଆସି ଧାନ ବିକ୍ରି କରିସାରିଛନ୍ତି। ସରକାର ତୁରନ୍ତ ଧାନ ବିକ୍ରି ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଖପ୍ରାଖୋଲ କୃଷି ସମବାୟ ସମିତି ସମ୍ପାଦକ ଶ୍ରୀପତୀ ଭୋଇଙ୍କୁ ପଚାରିବାରୁ ଚାଷୀଙ୍କ ପଞ୍ଜିକରଣ ହୋଇଛି। ହେଲେ ଟାର୍ଗେଟ ଆସି ନ ଥିବାରୁ ଧାନ ବିକ୍ରି ହୋଇ ପାରି ନ ଥିବା କହିଛନ୍ତି। ତାଙ୍କ ମଣ୍ଡିରେ ୭୨ଜଣ ପଞ୍ଜିକରଣ କରିଥିବାବେଳେ ୬୮ଜଣଙ୍କ ଟୋକନ ଆସି ଥିବା କହିଛନ୍ତି। ଏ ନେଇ ଖପ୍ରାଖୋଲ ତହସିଲଦାର ଧିରୋଜ କୁମାର ପାତ୍ରଙ୍କୁ ପଚାରିବାରୁ ଭାଲୁଡୁଙ୍ଗୁରି ଗାଁର ଏହି ଚାଷୀମାନେ ଧାନ ଅମଳ କରିସାରିଛନ୍ତି ଏବଂ ତାଙ୍କ ଟୋକନ ଆସି ନ ଥିବା ଅଭିଯୋଗ ମଧ୍ୟ କରିଛନ୍ତି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ବୋଲି ସେ କହିଛନ୍ତି। ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁଙ୍କୁ ପଚାରିବାରୁ ୫ ଏକରରୁ ଅଧିକ ଜମି ଥିବା ଚାଷୀଙ୍କ ଟୋକନ ଆସି ନାହିଁ । ଏ ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଯାଇଥିବା କହିଛନ୍ତି।